ଧରିତ୍ରୀ
DHARITRI
ଭୁବନେଶ୍ୱର,ସୋମବାର, ସେପ୍ଟେମ୍ବର ୩୦/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, September 30/2024 | Page 16 | ₹ 7.00
୫୦ଶ ଭାଗ ୩୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 | ISSUE 307 | ମୂଲ୍ୟ ₹୭/-

DSPL-125





# ପୋଷଣ ମାସ ପାଳନ

## ସେପ୍ଟେମ୍ବର ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ

### ଉତ୍ତମ ପୋଷଣ - ସୁସ୍ଥ ଜୀବନ

- ରକ୍ତହୀନତା ବିଷୟରେ ସଚେତନ ହେବା, ଏହାର ପରୀକ୍ଷା, ଚିକିତ୍ସା ବିଷୟରେ ଆଲୋଚନା କରିବା
- ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ ଆଞ୍ଚଳିକ ତଥା ମିଲେଟ୍ ବା କ୍ଷୁଦ୍ର ଖାଦ୍ୟ ଶସ୍ୟ ସାମିଲ୍ କରିବା
- ଶିଶୁର ଅଭିବୃଦ୍ଧି ନିରୀକ୍ଷଣ କରିବା ସହିତ ଆଦ୍ୟ ଶୈଶବ ଏବଂ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଯତ୍ନବାନ୍ ହେବା
- ପାରିପାର୍ଶ୍ୱିକ ସୁରକ୍ଷା ପାଇଁ ମାଟି, ପାଣି ଓ ପରିବେଶର ଯତ୍ନ ନେବା
- ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖାଇବା ସହିତ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା

**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

OIPR-33001/13/0019/2425

**ପାକିସ୍ତାନରେ ୧.୫ ଲକ୍ଷ ଛଟେଇ, ୬ ମନ୍ତ୍ରଣାଳୟ ଉଚ୍ଛେଦ**

ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ଖର୍ଚ୍ଚକାଟ ପାଇଁ ଦେଶର ସରକାରୀ ଚାକିରିରେ ୧.୫ ଲକ୍ଷ ଛଟେଇ ସହ ୬ଟି ମନ୍ତ୍ରଣାଳୟ ଉଚ୍ଛେଦ କରିବା ନିମନ୍ତେ ନିଷ୍ପତ୍ତି ନେଇଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ୭ ବିଲିୟନ ଡଲାର ଋଣ ପ୍ରଦାନ ପାଇଁ ବାଢ଼ିଥିବା ସର୍ତ୍ତ ଅନୁଯାୟୀ ଶେହବାଜ ସରିଫ ସରକାର ଏହି ପଦକ୍ଷେପ ନେଇଥିବା କୁହାଯାଉଛି।

# ମୋଦି କ୍ଷମତାରୁ ନ ହଟିବା ଯାଏ ମରିବି ନାହିଁ



ସଭାମଞ୍ଚରେ ମଲ୍ଲିକାର୍ଜୁନ ଖାର୍ଗେଙ୍କ ମୁଣ୍ଡ ବୁଲାଇବାରୁ ଦଳୀୟ ନେତାମାନେ ତାଙ୍କୁ ଧରିଛନ୍ତି।

ଜମ୍ମୁ,୨୯।୯

ଜମ୍ମୁ-କଶ୍ମୀରର କଠୁଆ ଜିଲା ଅନ୍ତର୍ଗତ ଜସ୍ରୋତା ବେଲ୍ଟରେ ରବିବାର ଏକ ସଭାରେ ଭାଷଣ ଦେବାବେଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅସୁସ୍ଥ ହୋଇପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ହୋଇ ପୁଣିଥରେ ଭାଷଣ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାରୁ ନ ହଟିବା ପର୍ଯ୍ୟନ୍ତ ସେ ମରୁନାହାନ୍ତି ବୋଲି ଖାର୍ଗେ କହିଛନ୍ତି। ଭାଷଣ ଦେବା ପୂର୍ବରୁ କଠୁଆରେ ତଲାସୀ ଅଭିଯାନ ବେଳେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପୋଲିସ ହେଡ୍ କନ୍‌ଷ୍ଟେବଲଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେବାବେଳେ କଂଗ୍ରେସ ନେତା ଅସୁସ୍ଥ ହୋଇପଡ଼ିଥିଲେ। ସହକର୍ମୀମାନେ ତାଙ୍କୁ ଚେୟାରକୁ ନେଇଯାଇଥିଲେ। ସଭାମଞ୍ଚରେ ୮୩ ବର୍ଷୀୟ ଖାର୍ଗେଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଥିଲା।

**ଭାଷଣବେଳେ ଖାର୍ଗେ ଅସୁସ୍ଥ**

# ହମାସ୍, ହେଜ୍‌ବୋଲ୍ଲା ପରେ ହୁଟି

ଜେରୁଜେଲମ୍/ବେରୁଟ୍/ ତେହରାନ/,୨୯।୯

୨୦୨୩ ଅକ୍ଟୋବର ୭ରେ ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରି ପ୍ରାୟ ୧୨୦୦ ନିରୀହଙ୍କ ଜୀବନ ନେବା ପରେ ଅନେକଙ୍କୁ ପଣବନ୍ଦୀ କରିଥିଲା। ସେବେଠୁ ଇସ୍ରାଏଲୀ ସେନା ଓ ହମାସ୍ ପ୍ରତ୍ୟକ୍ଷ ଭାବେ ଯୁଦ୍ଧ ଚଳାଇଆସିଛନ୍ତି। ହମାସ୍‌କୁ ଲେବାନନ୍‌ର ହେଜ୍‌ବୋଲ୍ଲା ଓ ୟେମେନ୍‌ର ହୁଟି ସହଯୋଗ କରୁଥିବାରୁ ୨ ଆତଙ୍କବାଦୀ ସଙ୍ଗଠନ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍)ର ଟାର୍ଗେଟ୍‌କୁ ଆସିଥିଲେ। ଏଥିପାଇଁ ଆତଙ୍କବାଦୀମାନଙ୍କୁ ସମୂଳେ ନିପାତ କରିବା ପାଇଁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ପଣ କରିଛନ୍ତି। ଏହି କ୍ରମରେ ରବିବାର ୟେମେନ୍‌ସ୍ଥିତ ଲୋହିତ ସାଗରର ବନ୍ଦର ସହର ହୋଦେଇଦାକୁ ଆଇଡିଏଫ୍ ଆକ୍ରମଣ କରିଛି। ୨୦୨୧ ପରଠୁ ହୁଟି ନିୟନ୍ତ୍ରଣରେ ଥିବା ହୋଦେଇଦା ସହର ୟେମେନ୍‌ବାସୀଙ୍କୁ ଖାଦ୍ୟ ଓ ଅନ୍ୟ ଜରୁରୀ ସାମଗ୍ରୀ ଯୋଗାଇଥାଏ। ଇରାନ୍ ସମର୍ଥିତ ହୁଟି ଏହି ବନ୍ଦର ଦେଇ ଇସ୍ରାଏଲୀ ଜାହାଜଗୁଡ଼ିକୁ ଆକ୍ରମଣ କରିବା ସହ ବୈଶ୍ୱିକ ବାଣିଜ୍ୟିକ କାରବାରରେ ବାଧା ସୃଷ୍ଟି କରିଆସୁଥିଲା। ତେଣୁ ହମାସ୍, ହେଜ୍‌ବୋଲ୍ଲା ପରେ ଏବେ ହୁଟିକୁ ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରି ଏହାର ନେତାମାନଙ୍କୁ ନିପାତ କରିବାକୁ ଉଦ୍ୟମ ଆରମ୍ଭ କରିଛି।

ଇସ୍ରାଏଲୀ ସେନା ହେଜ୍‌ବୋଲ୍ଲା ମୁଖ୍ୟ ହାସନ୍ ନସ୍‌ରଲ୍ଲା ଓ ତାଙ୍କ ଝିଅ ଜୈନାନବଙ୍କୁ ଏୟାରଷ୍ଟ୍ରାଇକ୍‌ରେ ନିପାତ କରିବା ପରେ ମଧ୍ୟ ମିଶନ ଜାରି ରଖିଛି। ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଆକ୍ରମଣରେ ବେରୁଟ୍‌ରେ ହେଜ୍‌ବୋଲ୍ଲାର ସେଣ୍ଟ୍ରାଲ କାଉନ୍‌ସିଲ ଉପମୁଖ୍ୟ ନାବିଲ୍ କାଓଉକ୍ ନିହତ ହୋଇଛନ୍ତି। ପ୍ରାୟ ସପ୍ତାହେ ମଧ୍ୟରେ ନିଜ ସପ୍ତମ ବରିଷ୍ଠ ନେତାଙ୍କୁ ହରାଇବା ପରେ ହେଜ୍‌ବୋଲ୍ଲା ରକ୍ତମୁଖା ହୋଇଉଠିଛି। ହେଜ୍‌ବୋଲ୍ଲାକୁ ବଳ ଦେଇଆସିଥିବା ଇରାନ୍ ମଧ୍ୟ ଇସ୍ରାଏଲ୍‌କୁ ଆକ୍ରମଣ ଧମକ ଦେଇଛି। ଇରାନ୍‌ର ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଅରଘଚି ରବିବାର କହିଛନ୍ତି, ଜଣେ ବରିଷ୍ଠ ଇରାନୀୟ ଜେନେରାଲଙ୍କ ସମେତ ନସ୍‌ରଲ୍ଲାଙ୍କ ମୃତ୍ୟୁ ଅନୁତ୍ତରିତ ରହିବ ନାହିଁ। ଆକ୍ରମଣକାରୀ ଇହୁଦୀ ଶାସକଙ୍କ ଭୟଙ୍କର ଅପରାଧ ପାଇଁ ଇସ୍ରାଏଲ୍‌କୁ କଡ଼ା ଜବାବ ଦିଆଯିବ। ସେହିପରି ଇରାନର ରଣନୈତିକ ବ୍ୟାପାର ଉପମୁଖ୍ୟ ଜାଭେଦ ଜରିଫ୍ ମଧ୍ୟ ଉପଯୁକ୍ତ ସମୟରେ ତେହରାନ୍ କଡ଼ା ଜବାବ ଦେବ ବୋଲି ଧମକ ଦେଇଛନ୍ତି। ତେବେ ଏହା ଉପରେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମ୍‌ନେଇଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।

ଇସ୍ରାଏଲ ଆକ୍ରମଣରେ ଲେବାନନ୍‌ରେ ୧୫୬ ମହିଳା ଓ ୮୭ ଶିଶୁଙ୍କ ସମେତ ଅନ୍ୟୂନ ୧,୦୩୦ ନାଗରିକଙ୍କ ମୃତ୍ୟୁ ଘଟିଲାଣି। ଏଥିସହ ୨.୫ ଲକ୍ଷ ଲୋକ ବାସହରା ହୋଇ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ହେଜ୍‌ବୋଲ୍ଲା ମଧ୍ୟ ଏହାର ପ୍ରତିଶୋଧ ନେବାକୁ ଯାଇ ଇସ୍ରାଏଲ୍‌ର ଉତ୍ତର ଭାଗରେ ତୁହାକୁ ତୁହା ରକେଟ ଓ ମିଶାଇଲ ମାଡ଼ କରୁଛି। କିନ୍ତୁ ସେଥିରୁ ଅଧିକାଂଶକୁ ଇସ୍ରାଏଲ୍ ଇଣ୍ଟରସେପ୍ଟ କରି ଖସାଇଦେବାରେ ସକ୍ଷମ ହୋଇଛି। ସେପ୍ଟେମ୍ବର ୨୦ରେ ସଂଘର୍ଷ ଆରମ୍ଭ ହେବା ପରଠାରୁ କେହି ଜଣେ ହେଲେ ଇସ୍ରାଏଲୀ ମୃତାହତ ହୋଇ ନ ଥିବା ଆଇଡିଏଫ୍ ପକ୍ଷରୁ କୁହାଯାଇଛି।



ହୁଟି ନିୟନ୍ତ୍ରଣରେ ଥିବା ୟେମେନ୍‌ର ହୋଦେଇଦା ବନ୍ଦର ଉପରେ ରବିବାର ଇସ୍ରାଏଲୀ ସେନା ଏୟାରଷ୍ଟ୍ରାଇକ୍ କରିବା ପରେ ସେଠାରୁ ଧୂଆଁ ବାହାରୁଛି।

**ଇସ୍ରାଏଲ୍‌କୁ ଆକ୍ରମଣ ଧମକ ଦେଲା ଇରାନ୍**

## ପାକ୍ ସୀମାରେ ବୁଲେଟ୍‌ପ୍ରୁଫ୍ ଘାଟି ନିର୍ମାଣ କରିବ ଭାରତ

ନୂଆଦିଲ୍ଲୀ,୨୯।୯

ଜମ୍ମୁ ଅଞ୍ଚଳରେ ଆତଙ୍କବାଦୀ ହିଂସା ବଢ଼ିଥିବାରୁ କେନ୍ଦ୍ର ସରକାର ଭାରତ-ପାକ୍ ସୀମାରେ ଥିବା ତାରବାଡ଼ର ଉନ୍ନତୀକରଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନୁପ୍ରବେଶ ଉପରେ ନଜର ରଖିବା ପାଇଁ ସୀମାରେ ଅଧିକ ଘାଟି ନିର୍ମାଣ କରାଯିବା ସହ ସେଗୁଡ଼ିକୁ ବୁଲେଟ୍‌ପ୍ରୁଫ୍ କରିବା ନିମନ୍ତେ ସରକାର ଯୋଜନା କରୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଜମ୍ମୁ-କଶ୍ମୀର ସମେତ ରାଜସ୍ଥାନ, ଗୁଜରାଟ ଏବଂ ପଞ୍ଜାବର ବିଭିନ୍ନ ସୀମାନ୍ତ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଛି। ସୀମାନ୍ତ ଅଞ୍ଚଳରେ ତୁରନ୍ତ ପହଞ୍ଚିବା ପାଇଁ ବିଭିନ୍ନ ନଦୀରେ ବିକାଶମୂଳକ ପ୍ରକଳ୍ପକୁ ମଞ୍ଜୁରୀ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୧,୫୦୦ କୋଟି ଟଙ୍କା ବ୍ୟୟ ହେବ।

## ଆତଙ୍କବାଦୀ ନିହତ

ଜମ୍ମୁ, ୨୯।୯

ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ରବିବାର ସୁରକ୍ଷା ବାହିନୀଙ୍କ ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ସେ ଜୈଶ୍-ଏ-ମହମ୍ମଦ ସହ ଜଡ଼ିତ ଥିବା ଆଶଙ୍କା କରାଯାଉଛି। ୨ ଜଣ ଆତଙ୍କବାଦୀ ଲୁଚି ରହିଥିବା ଗୋଇନ୍ଦା ସୂଚନା ଆଧାରରେ ରଜୌରୀ ଜିଲା ଥାନାମଣ୍ଡି ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ରବିବାର ସନ୍ଧ୍ୟାରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଥାନାମଣ୍ଡିରେ ତଲାସି ଅଭିଯାନ ବେଳେ ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିବା ସୂଚନା ମିଳିଛି।

## ବଳାତ୍କାର ଅଭିଯୁକ୍ତଙ୍କ ଘର ଜାଳିଦେଲେ

ହାଇଦ୍ରାବାଦ, ୨୯।୯

ତେଲଙ୍ଗାନାର ସିଦ୍ଦିପେଟ ଜିଲାରେ ସପ୍ତମ ଶ୍ରେଣୀରେ ପଢ଼ୁଥିବା ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ତେବେ ପୀଡ଼ିତା ନାବାଳିକାଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ତାଙ୍କ ପରିବାର ଏବଂ ସମ୍ପର୍କୀୟମାନେ ରବିବାର ଅଭିଯୁକ୍ତଙ୍କ ଘର ଏବଂ କାର୍‌କୁ ଜାଳି ଦେଇଛନ୍ତି। ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣ କରିପାରି ନ ଥିଲା। ସିଦ୍ଦିପେଟ ପୋଲିସ କମିଶନର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ନେପାଳ ବନ୍ୟାରେ ଗଲାଣି ୨୦୦ରୁ ଊର୍ଦ୍ଧ୍ୱ ଜୀବନ



କାଠମାଣ୍ଡୁ,୨୯।୯

ନେପାଳର ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନରେ ରବିବାର ମୃତ୍ୟୁସଂଖ୍ୟା ୧୭୦ରେ ପହଞ୍ଚିଥିବାବେଳେ ଅନ୍ୟ ୪୨ ଜଣ ନିଖୋଜ ଅଛନ୍ତି। ବନ୍ୟା ବିପ୍ରାତଜନିତ କାରଣରୁ ୧୧୧ ଜଣ ଆହତ ହୋଇଥିବା ସେଠାର ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ପୂର୍ବ ଓ କେନ୍ଦ୍ରୀୟ ନେପାଳରେ ଶୁକ୍ରବାରଠାରୁ ଲଗାଣ ବର୍ଷା ଲୋକଙ୍କ ପାଇଁ କାଳ ସାଜିଛି। ନେପାଳୀ ସେନା ଅଦ୍ୟାବଧି ୧୬୨ ଜଣଙ୍କୁ ଏୟାରଲିଫ୍ଟ କରିଥିବାବେଳେ ନିଖୋଜମାନଙ୍କୁ ଠାବ ଓ ଅନ୍ୟ ବିପନ୍ନଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଉଦ୍ୟମ ଜାରି ରହିଛି। ସେନା, ପୋଲିସ, ସଶସ୍ତ୍ର ପୋଲିସ ବଳ ମୋଟ ୪,୦୦୦ ଲୋକଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି। ବନ୍ୟାରେ ୩୨୨ ଘର ଭାସିଯାଇଥିବାବେଳେ ୧୬ଟି ବ୍ରିଜ୍ ଭୁଶୁଡ଼ି ପଡ଼ିଛି। କାଠମାଣ୍ଡୁ ଉପତ୍ୟକାରେ ବିଗତ ୪୫ ବର୍ଷ ମଧ୍ୟରେ ବନ୍ୟାର ଏଭଳି ପ୍ରଳୟଙ୍କରୀ ରୂପ ଦେଖାଯାଇ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ସିରିଆରେ ଆମେରିକାର ଏୟାରଷ୍ଟ୍ରାଇକ୍: ୩୭ ଆତଙ୍କବାଦୀ ନିହତ

ବେରୁଟ୍,୨୯।୯

ସିରିଆରେ ଆମେରିକାର ଏୟାରଷ୍ଟ୍ରାଇକ୍‌ରେ ୩୭ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଏବଂ ଅଲ୍‌କାଏଦା ସହ ସମ୍ପୃକ୍ତ ଗ୍ରୁପ୍ ଦ୍ୱାରା ଆତଙ୍କବାଦୀ ଭାବେ ସ୍ୱୀକୃତି ପାଇଥିଲେ ବୋଲି ଆମେରିକା ସେନା କହିଛି। ମୃତକଙ୍କ ମଧ୍ୟରୁ ୨ ଜଣ ବରିଷ୍ଠ ଆତଙ୍କବାଦୀ। ଅଲ୍‌କାଏଦା ସହ ସମ୍ପୃକ୍ତ ହୁରାସ୍ ଅଲ୍-ଦିନ୍ ଗ୍ରୁପ୍‌ର ବରିଷ୍ଠ ଆତଙ୍କବାଦୀ ଓ ଅନ୍ୟ ୮ ଜଣଙ୍କୁ ଟାର୍ଗେଟ କରି ମଙ୍ଗଳବାର ଆମେରିକା ସେଣ୍ଟ୍ରାଲ କମାଣ୍ଡ ସିରିଆର ଉତ୍ତରପଶ୍ଚିମ ଭାଗରେ ବୋମାମାଡ଼ କରିଥିଲା। ସେପ୍ଟେମ୍ବର ୧୬ରେ କେନ୍ଦ୍ରୀୟ ସିରିଆର ଏକ ଅଜଣା ସ୍ଥାନରେ ରହିଥିବା ଆଇଏସ୍‌ର ପ୍ରଶିକ୍ଷଣ କ୍ୟାମ୍ପ୍‌କୁ ଟାର୍ଗେଟ କରି ଆମେରିକା ଜୋର୍‌ଦାର ଏୟାରଷ୍ଟ୍ରାଇକ୍ କରିବାରୁ ୨୮ ଜଣ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅନ୍ୟୂନ ୪ ଜଣ ସିରିଆ ନେତା ଥିଲେ।

## ଆୟୁଷ୍ମାନ ଭାରତରେ ସବୁ ବରିଷ୍ଠ ନାଗରିକଙ୍କୁ ସାମିଲ କର

ନୂଆଦିଲ୍ଲୀ,୨୯।୯

**ରାଜ୍ୟକୁ କେନ୍ଦ୍ରର ଚିଠି**

ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା ଯୋଜନାର ସୁବିଧା ପ୍ରଦାନ ପାଇଁ ୭୦ ଓ ତଦୂର୍ଦ୍ଧ୍ୱ ବୟସର ନାଗରିକଙ୍କ ନାମ ପଞ୍ଜୀକରଣ କରାଇବା ପାଇଁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ପତ୍ରରେ ଅତିରିକ୍ତ ସଚିବ ଏଲ୍.ଏସ୍. ଚଙ୍ଗସାନ ଲେଖିଛନ୍ତି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏବିପିଏମ୍‌ଜେଏୱାଇ) ପାଇଁ ୨ଟି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମୋବାଇଲ ଫୋନ୍ ଆପ୍ଲିକେଶନ (ଆୟୁଷ୍ମାନ ଆପ୍) ଏବଂ ୱେବ୍ ପୋର୍ଟାଲ beneficiary.nha.gov.in ଜରିଆରେ ବରିଷ୍ଠ ନାଗରିକମାନଙ୍କ ନାମ ପଞ୍ଜୀକରଣ କରାଯାଇପାରିବ। ସାମାଜିକ, ଅର୍ଥନୈତିକ ପୃଷ୍ଠଭୂମି ନିର୍ବିଶେଷରେ ୭୦ ଓ ତଦୂର୍ଦ୍ଧ୍ୱ ବୟସର ସମସ୍ତ ନାଗରିକ ଏହାର ସୁବିଧା ପାଇବେ। ଏଥିପାଇଁ ଆଧାର କାର୍ଡରେ ଥିବା ବୟସକୁ ଗ୍ରହଣ କରାଯିବ। ପ୍ରକାଶ ଯେ, ଏବିପିଏମ୍‌ଜେଏୱାଇ ହେଉଛି ବିଶ୍ୱର ସର୍ବବୃହତ୍ ସରକାରୀ ପାଣ୍ଠିରେ ପରିଚାଳିତ ସ୍ୱାସ୍ଥ୍ୟବୀମା ଯୋଜନା।

## କଶ୍ମୀରରେ ନିର୍ବାଚନ ପ୍ରଚାର ଶେଷ



ବାରାମୂଲା ଜିଲା ଗୁଲମାର୍ଗରେ ପିଡିପି ନେତ୍ରୀ ଇଲ୍‌ତିଜା ମୁଫ୍‌ତିଙ୍କ ରୋଡ୍ ଶୋ' ବେଳେ ସମର୍ଥକମାନେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ଶ୍ରୀନଗର,୨୯।୯

ଜମ୍ମୁ-କଶ୍ମୀର ବିଧାନସଭାର ତୃତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନ ମଙ୍ଗଳବାର ହେବାକୁ ଥିବାବେଳେ ଏଥିପାଇଁ ପ୍ରଚାର ରବିବାର ସନ୍ଧ୍ୟାରେ ଶେଷ ହୋଇଛି। ଶେଷ ପର୍ଯ୍ୟାୟର ଶେଷ ଦିନରେ ସମସ୍ତ ରାଜନୈତିକ ଦଳ ପକ୍ଷରୁ ଜୋର୍‌ଦାର ପ୍ରଚାର କରାଯାଇଥିଲା। ବିଶେଷ କରି ଭାଜପା, କଂଗ୍ରେସ, ନ୍ୟାଶନାଲ କନ୍‌ଫରେନ୍ସ ଏବଂ ପିଡିପି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ପରସ୍ପରକୁ ଟାର୍ଗେଟ କରିଥିଲେ। ପାକିସ୍ତାନ, ଅନୁଚ୍ଛେଦ ୩୭୦, ଆତଙ୍କବାଦ ଏବଂ ସଂରକ୍ଷଣ ଆଦି ପ୍ରଚାରରେ ମୁଖ୍ୟ ପ୍ରସଙ୍ଗ ହୋଇଥିଲା। ମଙ୍ଗଳବାର ଜମ୍ମୁ ଅଞ୍ଚଳର ଜମ୍ମୁ, ଉଧାମପୁର, ସାମ୍ବା ଓ କଠୁଆ ଏବଂ ଉତ୍ତର କଶ୍ମୀରର ବାରମୂଲ୍ଲା, ବନ୍ଦିପୋରା ଏବଂ କୁପ୍‌ୱାଡ଼ା ଜିଲାର ୪୦ଟି ଆସନରେ ମତଦାନ ହେବ। ଏହି ପର୍ଯ୍ୟାୟରେ ୪୧୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଏହା କଶ୍ମୀରରେ ପ୍ରଥମ ବିଧାନସଭା ନିର୍ବାଚନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପ୍ରଚାରରେ ଯାଇ କଶ୍ମୀରରୁ ବହୁ ଦଶନ୍ଧିର ଅନ୍ୟାୟ ଏବଂ ଅସମାନତା ଦୂର ପାଇଁ ତାଙ୍କର ୧୦ ବର୍ଷର ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। କଶ୍ମୀରକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ଏକ ସାମୟିକ ନିଷ୍ପତ୍ତି ଥିଲା ଏବଂ ଭାଜପା ନେତୃତ୍ୱରେ ଖୁବ୍‌ଶୀଘ୍ର ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ସକ୍ରିୟ ଭାବେ ପ୍ରଚାର କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଦଳର ପ୍ରଚାର ମଙ୍ଗ ଧରିଥିବାବେଳେ ଫାରୁକ୍ ଅବଦୁଲ୍ଲା, ଓମାର ଅବଦୁଲ୍ଲା ଏବଂ ମେହବୁବା ମୁଫ୍‌ତି ଯଥାକ୍ରମେ ଏନ୍‌ସି ଏବଂ ପିଡିପି ପ୍ରଚାରର ନେତୃତ୍ୱ ନେଇଥିଲେ।

## 'ଏକ ରାଷ୍ଟ୍ର, ଏକ ନିର୍ବାଚନ' କାର୍ଯ୍ୟକାରୀ କରିବାକୁ ୩ ବିଲ୍ ଆଣିବ କେନ୍ଦ୍ର

ନୂଆଦିଲ୍ଲୀ,୨୯।୯(ପି.ଟି.)

ଦେଶରେ ଏକସଙ୍ଗେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ କରାଇବା ପାଇଁ 'ୱାନ୍ ନେଶନ ୱାନ୍ ଇଲେକ୍‌ଶନ' ଯୋଜନା କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ୩ଟି ବିଲ୍ ଆଣିବା ନିମନ୍ତେ ବିଚାର କରୁଛନ୍ତି। ଏଥିପାଇଁ ୨ଟି ସମ୍ବିଧାନ ସଂଶୋଧନ ବିଲ୍ ଏବଂ ଗୋଟିଏ ସାଧାରଣ ସଂଶୋଧନ ବିଲ୍ ଗୃହୀତ କରାଇବାକୁ ହେବ। ଏକସଙ୍ଗେ ନିର୍ବାଚନ ପାଇଁ ଉଚ୍ଚସ୍ତରୀୟ କମିଟି ଚଳିତ ମାସ ଆରମ୍ଭରେ ସରକାରଙ୍କୁ ସୁପାରିସ କରିଥିଲା। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ଶେଷ ନେଇ ଅନୁଚ୍ଛେଦ ୮୨ଏରେ ସଂଶୋଧନ କରି ଏଥିରେ ଦୁଇଟି ଉପଅନୁଚ୍ଛେଦ ଯୋଡ଼ିବାକୁ ହେବ। ଲୋକ ସଭାର କାର୍ଯ୍ୟକାଳ ଓ ଭଙ୍ଗ ସମ୍ପର୍କିତ ଅନୁଚ୍ଛେଦ ୮୩(୨)ରେ ନୂଆ ଉପଅନୁଚ୍ଛେଦ (୩) ଏବଂ (୪) ଯୋଡ଼ିବାକୁ ହେବ। ସେହିପରି ଏକସଙ୍ଗେ ନିର୍ବାଚନ ଲାଗି ବିଧାନସଭାଗୁଡ଼ିକୁ ଭଙ୍ଗ ପାଇଁ ଅନୁଚ୍ଛେଦ ୩୨୭ରେ ସଂଶୋଧନ ଆଣିବାକୁ ପଡ଼ିବ। ଏହି ସଂଶୋଧନ ପାଇଁ ୫୦ ପ୍ରତିଶତ ରାଜ୍ୟର ସମର୍ଥନ ଆବଶ୍ୟକ ହେବନାହିଁ। ଅନ୍ୟପକ୍ଷରେ ରାଷ୍ଟ୍ର ବ୍ୟାପାର ସମ୍ପର୍କିତ ପ୍ରସଙ୍ଗ ଡିଲ୍ ପାଇଁ ଦ୍ୱିତୀୟ ସମ୍ବିଧାନ ସଂଶୋଧନରେ ଅନ୍ୟୂନ ୫୦% ରାଜ୍ୟର ସମର୍ଥନ ଆବଶ୍ୟକ ହେବ। ସେହିପରି ପୌରସଂସ୍ଥା ଓ ପଞ୍ଚାୟତଗୁଡ଼ିକର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସହ ପରାମର୍ଶ କରି ନିର୍ବାଚନ କମିଶନ ଭୋଟର ତାଲିକା ପ୍ରସ୍ତୁତ କରିବେ। ଏଥିପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ବ୍ୟବସ୍ଥାରେ ସଂଶୋଧନ ଆଣିବାକୁ ହେବ। ବିଧାନସଭା ଥିବା କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀ, ଦିଲ୍ଲୀ ଏବଂ ଜମ୍ମୁ-କଶ୍ମୀରରେ ଏହାକୁ ଡିଲ୍ କରୁଥିବା ୩ଟି ଆଇନର ବ୍ୟବସ୍ଥାରେ ସଂଶୋଧନ ପାଇଁ ତୃତୀୟ ବିଲ୍ ଆଣିବାକୁ ହେବ ବୋଲି କୁହାଯାଇଛି।

## ସୀତାରାମନ୍‌ଙ୍କ ଇସ୍ତଫା ଦାବି କଲା କଂଗ୍ରେସ

**ଇଲେକ୍ଟୋରାଲ ବଣ୍ଡ ମାମଲା**

ନୂଆଦିଲ୍ଲୀ,୨୯।୯

ନିର୍ବାଚନୀ ବଣ୍ଡ୍ ଜରିଆରେ ୮,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବଟି ଆଦାୟ ଅଭିଯୋଗରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ନାଁରେ ମାମଲା ରୁଜୁ ପରେ ରବିବାର କଂଗ୍ରେସ ତାଙ୍କ ଇସ୍ତଫା ଦାବି କରିଛି। ଇଲେକ୍ଟୋରାଲ ବଣ୍ଡ ଯୋଜନାର ସମ୍ପୂର୍ଣ୍ଣ ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା କରାଯିବା ପାଇଁ ବିରୋଧୀ ଦଳ ଏହାର ଦାବି ଦୋହରାଇଛି। ଇଲେକ୍ଟୋରାଲ ବଣ୍ଡ ଜରିଆରେ ଦୁର୍ନୀତି ପାଇଁ କଂଗ୍ରେସ ଶାସକ ଭାଜପାକୁ କଡ଼ା ସମାଲୋଚନା କରିବା ସହ ସୀତାରାମନ୍ ଗଣତନ୍ତ୍ରକୁ ଦୁର୍ବଳ କରିଥିବା ଅଭିଯୋଗ କରିଛି। ନିର୍ବାଚନୀ ବଣ୍ଡ ନାଁରେ ସୀତାରାମନ୍ ଓ ଅନ୍ୟମାନେ ଏକ ବଟି ଆଦାୟ ର୍‍ୟାକେଟ ଚଳାଇଥିବା ନେଇ ଜନଅଧିକାର ସଂଘର୍ଷ ସଂଗଠନର ସହଅଧ୍ୟକ୍ଷ ଆଦର୍ଶ ଆୟାର ଅଭିଯୋଗ ଦାଏର କରିଥିଲେ।

## କୋଲକାତାରେ ବନ୍ଦ ହେବ ୧୫୦ ବର୍ଷର ଟ୍ରାମ୍ ସେବା

କୋଲକାତା,୨୯।୯

 କୋଲକାତାରେ ୧୫୦ ବର୍ଷର ଟ୍ରାମ୍ ସେବା ବନ୍ଦ ହେବାକୁ ଯାଉଛି। ଟ୍ରାଫିକ୍ ଭିଡ଼ ହ୍ରାସ ଏବଂ ଦ୍ରୁତ ପରିବହନ ମାଧ୍ୟମ ପ୍ରଚଳନ ପାଇଁ ପଶ୍ଚିମବଙ୍ଗ ସରକାର କୋଲକାତାର ଟ୍ରାମ୍ ସେବାକୁ ବନ୍ଦ କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ, ଐତିହାସିକ ଟ୍ରାମ୍ ସେବା କେବଳ ଏସ୍‌ପ୍ଲାନେଡ୍‌ରୁ ମାଇଦାନ ରୁଟ୍ ବ୍ୟତୀତ କୋଲକାତାର ଅନ୍ୟ ସବୁ ରୁଟ୍‌ରେ ବନ୍ଦ ହେବ। ସରକାରଙ୍କ ଏଭଳି ନିଷ୍ପତ୍ତିରେ ଅନେକ ଯାତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଟ୍ରାଫିକ ଭିଡ଼ ପାଇଁ ଟ୍ରାମ୍‌କୁ ଦାୟୀ କରାଯାଇପାରିବ ନାହିଁ ବୋଲି ସେମାନେ କହିଛନ୍ତି। ଟ୍ରାମ୍ ଶସ୍ତା ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ହୋଇଥିବାରୁ ଏହାକୁ ବନ୍ଦ କରାଯିବା ଉଚିତ ନୁହେଁ। ଏହା କୋଲକାତା ଜନସାଧାରଣ ବିଶେଷକରି ଗରିବଙ୍କ ପାଇଁ ଜୀବନରେଖା ସଦୃଶ ବୋଲି ଯାତ୍ରୀମାନେ କହିଛନ୍ତି।



## 'ଯୌନକ୍ରିୟା ଦେଖିବାକୁ ବାଧ କରିଥିଲେ'

ଥିରୁଭାନନ୍ତପୁରମ, ୨୯।୯

**ଫିଲ୍ମ ନିର୍ମାତା ବାଲଚନ୍ଦ୍ର ମେନନ୍‌ଙ୍କ ବିରୋଧରେ ଅଭିନେତ୍ରୀ ମିନୁ ମୁନିରଙ୍କ ଅଭିଯୋଗ**

ମଲିଉଡ୍‌ର ବରିଷ୍ଠ ଫିଲ୍ମ ନିର୍ମାତା ବାଲଚନ୍ଦ୍ର ମେନନ୍‌ଙ୍କ ବିରୋଧରେ ରବିବାର ଅଭିନେତ୍ରୀ ମିନୁ ମୁନିର ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ୨୦୦୭ରେ ଅନ୍ୟମାନଙ୍କ ସହ ମିଶି ସେକ୍ସୁଆଲ ଆକ୍ଟ ଦେଖିବାକୁ ତାଙ୍କୁ ମେନନ୍ ବାଧ କରିଥିଲେ ବୋଲି ମିନୁ ଅଭିଯୋଗ ଆଣିଛନ୍ତି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ସେତେବେଳେ ମେନନ୍ ତାଙ୍କୁ ତାଙ୍କ ରୁମ୍‌କୁ ନେଇଥିଲେ। ସେଠାରେ ପୂର୍ବରୁ ଯୌନ କାର୍ଯ୍ୟକଳାପ ଚାଲୁଥିଲା। କେତେଜଣ ପୁରୁଷ ଓ ଯୁବତୀ ମଧ୍ୟ ଉକ୍ତ ରୁମ୍‌ରେ ଉପସ୍ଥିତ ଥିଲେ। ସେ ରୁମ୍ ମଧ୍ୟରେ ପହଞ୍ଚିବା ପରେ ମେନନ୍ ୩ ଜଣ ଯୁବତୀଙ୍କ ସହ ସେଠାରେ ଯୌନ କାର୍ଯ୍ୟକଳାପରେ ଲିପ୍ତ ରହିଲେ। ଏହାସହ ଅନ୍ୟ ପୁରୁଷଙ୍କ ସହ ଏକାଠି ବସି ତାଙ୍କର ଯୌନ କାର୍ଯ୍ୟକଳାପକୁ ଉପଭୋଗ କରିବାକୁ ମେନନ୍ ବାଧ କରିଥିବା ମିନୁ କହିଛନ୍ତି। ତେବେ ହେମା କମିଟି ରିପୋର୍ଟ ଆସିବା ପରେ ତାଙ୍କୁ ଦିଆଯାଇଥିବା ପୁରୁଣା ନିର୍ଯାତନାଗୁଡ଼ିକୁ ସେ ଲୋକଲୋଚନକୁ ଆଣିବାକୁ ସକ୍ଷମ ହୋଇପାରୁଛନ୍ତି ବୋଲି ଏହି ସାକ୍ଷାତ୍‌କାରରେ ଅଭିନେତ୍ରୀ ଜଣଙ୍କ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମିନୁ ପୂର୍ବରୁ ମାଲୟାଲମ ଅଭିନେତା ଜୟସୁରିୟାଙ୍କ ସମେତ ୭ ଜଣଙ୍କ ବିରୋଧରେ ଶାରୀରିକ ନିର୍ଯାତନାର ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲାରେ ଏଫ୍‌ଆଇଆର୍ ରୁଜୁ କରିଥିଲା।



ମିନୁ ମୁନିର



ବାଲଚନ୍ଦ୍ର ମେନନ୍

# ଧରିତ୍ରୀ
DHARITRI

ଭୁବନେଶ୍ୱର,ସୋମବାର, ସେପ୍ଟେମ୍ବର ୩୦/୨୦୨୪ | Bhubaneswar, Monday, September 30/2024





**'ସ୍ତ୍ରୀ ୨'ର ରେକର୍ଡ ଭାଙ୍ଗିଲା 'ଦେବରା ପାର୍ଟ ୧'**

ଜୁନିୟର ଏନ୍‌ଟିଆର୍‌ଙ୍କ 'ଦେବରା ପାର୍ଟ ୧' ଫିଲ୍ମ ରିଲିଜ୍ ହେବାର ୨ ଦିନ ମଧ୍ୟରେ ୨୧୨ କୋଟି ଟଙ୍କାର ବ୍ୟବସାୟ କରି 'ସ୍ତ୍ରୀ ୨' ଫିଲ୍ମର ରେକର୍ଡକୁ ଭାଙ୍ଗିପାରିଛି।

୧୦

୧୨

**କାମିନ୍ଦୁ ପ୍ଲେୟର ଅଫ୍ ଦ ମ୍ୟାଚ**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପ୍ଲେୟର ଅଫ୍ ଦ ମ୍ୟାଚ ବିବେଚିତ ହୋଇଛନ୍ତି ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ ।





ଦକ୍ଷିଣ ବେରୁଟ୍ ଉପକଣ୍ଠସ୍ଥିତ ଏକ କୋଠାର ଭଗ୍ନାବଶେଷରେ ରବିବାର ହେଜ୍‌ବୋଲ୍ଲା ମୁଖ୍ୟ ହାସନ୍ ନସ୍‌ରଲ୍ଲାଙ୍କ ମୃତଦେହ ଠାବ ହୋଇଛି। ଶୁକ୍ରବାର ଇସ୍ରାଏଲୀ ସେନାର ଆକ୍ରମଣରେ ନସ୍‌ରଲ୍ଲା ନିହତ ହୋଇଥିଲେ।

# ଦଶହରା ପୂର୍ବରୁ ସୁଭଦ୍ରା ଭେଟି

## ୯ରେ ମିଳିବ ୪୦ ଲକ୍ଷ ମହିଳାଙ୍କୁ ଟଙ୍କା

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)

ଦଶହରା ପୂର୍ବରୁ ମହିଳାମାନଙ୍କୁ ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ମିଳିବ। ଅକ୍ଟୋବର ୯ ତାରିଖରେ 'ସୁଭଦ୍ରା' ଟଙ୍କା ମହିଳାମାନଙ୍କ ଆକାଉଣ୍ଟକୁ ଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ସୂଚନା ଦେଇଛନ୍ତି। ବାରିପଦାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଟଙ୍କା ପ୍ରଦାନ କରିବେ। ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଆବେଦନ କରିଥିବା ଯୋଗ୍ୟ ମହିଳା ୯ ତାରିଖରେ ଟଙ୍କା ପାଇଯିବେ। ସୁଭଦ୍ରା ଯୋଜନାରେ ପ୍ରଥମ ଓ କୋଟିଏ ନମ୍ବରରେ ଥିବା ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ। ପ୍ରାୟ ୪୦ ଲକ୍ଷରୁ ଅଧିକ ମହିଳାଙ୍କୁ ଦ୍ୱିତୀୟ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା ଦିଆଯିବ। ବର୍ତ୍ତମାନ ସୁଦ୍ଧା ୯୭ ଲକ୍ଷ ମହିଳା 'ସୁଭଦ୍ରା' ପାଇଁ ଆବେଦନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୧୧ ଜଣ ମହିଳାଙ୍କୁ ଟଙ୍କା ମିଳିଛି। ମାର୍ଚ୍ଚ ୮ ପୂର୍ବରୁ ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ 'ସୁଭଦ୍ରା' ଟଙ୍କା ମିଳିଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରକାର ପ୍ରତି ବର୍ଷ ୨ଟି କିସ୍ତିରେ ୧ କୋଟି ଯୋଗ୍ୟ ମହିଳାଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିବେ। ଏହିପରି ୫ ବର୍ଷରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ଦେବେ। ଗତ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା।

**ଆଜିର ମନ୍ତବ୍ୟ**

"ବିଧାନସଭା ଜରିଆରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଫେରାଇଆଣିବା ସମ୍ଭବ ନୁହେଁ। ତେଣୁ ଜନସାଧାରଣ ରାଜନେତାମାନଙ୍କ ମିଛ ପ୍ରତିଶ୍ରୁତିରେ ବିଭ୍ରାନ୍ତ ନ ହୋଇ ଜମ୍ମୁ-କଶ୍ମୀରର ବିକାଶ ଓ ପ୍ରଗତି ପାଇଁ ଭୋଟ ଦିଅନ୍ତୁ।

-ଗୁଲାମ ନବୀ ଆଜାଦ, ଡିପିଏପି ଅଧ୍ୟକ୍ଷ






## ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ

**ଏସ୍. ଦେବଦତ୍ତ ପୋଲିସ କମିଶନର**

ଭୁବନେଶ୍ୱର, ୨୯।୯ (ସତ୍ୟଜିତ୍ ରାଉତ)

ରାଜ୍ୟ ସରକାର ଆଇପିଏସ୍ ଅଫିସରସ୍ତରରେ ରବିବାର ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏନେଇ ୨ଟି ପର୍ଯ୍ୟାୟରେ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ ବିଜ୍ଞପ୍ତିରେ ୨୭ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ବଦଳି କରାଯାଇଥିବାବେଳେ ୨ୟ ବିଜ୍ଞପ୍ତିରେ ଏସ୍‌ପିସ୍ତରରେ ୨୨ ଏବଂ ୫ଜଣ ଓପିଏସ୍‌ଙ୍କୁ ମଧ୍ୟ ଅଦଳବଦଳ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର-କଟକ ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କୁ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମି (ବିପିଏସ୍‌ପିଏ)ର ନିର୍ଦ୍ଦେଶକ ଓ ଏଡିଜି ଟ୍ରେନିଂ ଭାବେ ବଦଳି କରାଯାଇଛି। ଏଡିଜି (ଅପରେଶନ୍) ଦାୟିତ୍ୱରେ ଥିବା ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୁରେଶ ଦେବଦତ୍ତ ସିଂଙ୍କୁ ଦ୍ୱୈତନଗରୀର ପୋଲିସ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅନ୍ଧବିଶ୍ୱାସ କରିଦେଉଛି ଅନ୍ଧ**

# ସହରାଞ୍ଚଳ ଶାସନରେ ଓଡ଼ିଶା ଦ୍ୱିତୀୟ

ମୁମ୍ବାଇ,୨୯।୯

ସହରାଞ୍ଚଳ ଶାସନ କ୍ଷେତ୍ରରେ କେରଳ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଶା ଦ୍ୱିତୀୟରେ ରହିଛି। ସଦ୍ୟ ପ୍ରକାଶିତ ଅର୍ବାନ ଗଭର୍ନାନ୍ସ ଇଣ୍ଡେକ୍ସ (ୟୁଜିଆଇ) ୨୦୨୪ରୁ ଏହି ବିଷୟ ସ୍ପଷ୍ଟ ହୋଇଛି। ପ୍ରଜା ଫାଉଣ୍ଡେସନ୍ ପକ୍ଷରୁ ଭାରତର ବିଭିନ୍ନ ସହରରେ ଏନେଇ ୨ ବର୍ଷ ଧରି ଅଧ୍ୟୟନ ଚାଲିଥିଲା। ବିଭିନ୍ନ ମାପଦଣ୍ଡରେ ୧୦୦ରୁ କେରଳକୁ ୫୯.୩୧ ନମ୍ବର ମିଳିଥିବାବେଳେ ଓଡ଼ିଶା ୫୫.୧୦ ନମ୍ବର ରଖିଛି।

ଅଧ୍ୟୟନ ଅନୁଯାୟୀ, ଓଡ଼ିଶା ସଶକ୍ତ ନାଗରିକ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଥିବାବେଳେ ସହରାଞ୍ଚଳ ପ୍ରଶାସନର ସଶକ୍ତୀକରଣରେ ରାଜ୍ୟକୁ ଆହୁରି ଅନେକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ଉକ୍ତ ସୂଚକାଙ୍କ ରିପୋର୍ଟରେ କୁହାଯାଇଛି। ୟୁଜିଆଇ ୨୦୨୪ ଅଧ୍ୟୟନ ବେଳେ ସହରଗୁଡ଼ିକର ବିକାଶ, ଲୋକଙ୍କ ଉନ୍ନତି ଓ ନୀତିରେ ପରିବର୍ତ୍ତନ ସମେତ ମୋଟ ୪୨ଟି ସୂଚକାଙ୍କକୁ ମାପଦଣ୍ଡ ରୂପେ ଧରାଯାଇଥିଲା। ତାଲିକାର ପ୍ରଥମ ୫ ରାଜ୍ୟ ମଧ୍ୟରେ କେବଳ କେରଳ ଓଡ଼ିଶାଠାରୁ ଉନ୍ନତ ସ୍ଥିତିରେ ରହିଛି। ତଳଆଡୁ ଦେଖିଲେ ନାଗାଲାଣ୍ଡ, ମଣିପୁର, ମେଘାଳୟ, ଚଣ୍ଡିଗଡ଼ ଓ ପଞ୍ଜାବ ସବୁଠୁ ନିକୃଷ୍ଟ ପ୍ରଦର୍ଶନକାରୀ ରାଜ୍ୟ ବିବେଚିତ ହୋଇଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀ ୩୯.୭୦ ନମ୍ବର ପାଇଛି।

୨୦୨୦ରେ କରାଯାଇଥିବା ଅଧ୍ୟୟନରେ ଓଡ଼ିଶା ୫୬.୮୮ ନମ୍ବର ହାସଲ କରି ପ୍ରଥମ ସ୍ଥାନରେ ରହିଥିବାବେଳେ ନାଗାଲାଣ୍ଡ ସବା ତଳେ ରହିଥିଲା। ମହାରାଷ୍ଟ୍ର, ଛତିଶଗଡ଼, କେରଳ ଓ ମଧ୍ୟପ୍ରଦେଶର ସ୍ଥାନ ଦ୍ୱିତୀୟରୁ ପଞ୍ଚମରେ ରହିଥିଲା। ସଦ୍ୟ ରିପୋର୍ଟ ଆସିବା ପରେ ଓଡ଼ିଶାର ଗୃହନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଏହି ସ୍ୱୀକୃତି କ୍ଷମତା ବିକେନ୍ଦ୍ରୀକରଣ ପ୍ରତି ଆମର ନିରନ୍ତର ଉଦ୍ୟମକୁ ଦର୍ଶାଉଛି। ଆମ ସହର ଓ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ସ୍ୱଚ୍ଛତା ପ୍ରତି ପ୍ରାଥମିକତା ଏବଂ ନାଗରିକ କୈନ୍ଦ୍ରୀକ ଶାସନକୁ ଦର୍ଶାଉଛି।

କେରଳ ସବୁଠୁ ଗୁରୁତ୍ୱପୂର୍ଣ୍ଣ ୨ଟି ବିଷୟ ଏମ୍ପାୱାର୍ଡ ସିଟି ଇଲେକ୍ଟେଡ୍ ରିପ୍ରେଜେଣ୍ଟେଟିଭ୍ସ ଆଣ୍ଡ୍ ଲେଜିସ୍‌ଲେଟିଭ୍ ଷ୍ଟ୍ରକ୍ଚର (୧୮.୬୩/୩୦.୦୦) ଏବଂ ଫିସ୍କାଲ ଏମ୍ପାୱାରମେଣ୍ଟ (୨୩.୨୨/୩୦.୦୦)ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। କେରଳ ସହ ଛତିଶଗଡ଼, ମିଜୋରାମ ଓ ଓଡ଼ିଶା ନିଜର ପ୍ରତ୍ୟେକ କାଉନ୍‌ସିଲଙ୍କ ପାଇଁ ଅନ୍ୟୂନ ଗୋଟିଏ କମିଟିର ସଦସ୍ୟ ହେବା ଲାଗି ବାଧ୍ୟ କରିଛନ୍ତି। ସେହିପରି ସ୍ଥାନୀୟ ସରକାରଙ୍କୁ ନିଜ ମ୍ୟୁନିସିପାଲ ଆଇନ ଅନୁସାରେ ନୂଆ ଟିକସ ବ୍ୟବସ୍ଥା କରିବା ଉପରେ ସ୍ୱାଧୀନ କର୍ତ୍ତୃତ୍ୱ ରହିଥିବା ୯ ରାଜ୍ୟ ମଧ୍ୟରେ କେରଳ ରହିଛି। କିନ୍ତୁ ଓଡ଼ିଶା ଏଥିରେ ସ୍ଥାନ ପାଇ ନ ଥିବା ଉକ୍ତ ଅଧ୍ୟୟନରୁ ଜଣାପଡ଼ିଛି।

ମୁମ୍ବାଇରେ ମୁଖ୍ୟାଳୟ ଥିବା ପ୍ରଜା ଫାଉଣ୍ଡେଶନ୍ ଏକ ଅଣଲାଭକାରୀ ସଙ୍ଗଠନ। ୧୯୯୭ରେ ପ୍ରତିଷ୍ଠିତ ଏହି ସଂସ୍ଥା ପ୍ରତି ୨ ବର୍ଷରେ ସହରାଞ୍ଚଳ ଶାସନ ସମ୍ପର୍କିତ ଅଧ୍ୟୟନ ରିପୋର୍ଟ ପ୍ରକାଶ କରିଥାଏ। ଗତ ୨ ବର୍ଷ ମଧ୍ୟରେ ୨୮ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳର ୪୩ ସହରରେ ନିର୍ବାଚିତ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍, ନାଗରିକ ସମାଜ, ଗଣମାଧ୍ୟମ ଏବଂ ସହରାଞ୍ଚଳ ଶାସନ ତଥା ନୀତି ସମ୍ପର୍କିତ ବିଶେଷଜ୍ଞଙ୍କ ସମେତ ୨,୨୧୩ ଜଣଙ୍କୁ ଭେଟି ସେମାନଙ୍କ ମତାମତ ନେବା ପରେ ଉପରୋକ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବିଶେଷକରି ସଶକ୍ତ ସହରର ନିର୍ବାଚିତ ପ୍ରତିନିଧି, ପ୍ରଶାସନ, ନାଗରିକ ଓ ବିତ୍ତୀୟ ସଶକ୍ତୀକରଣ ଆଦି ଦିଗ ଉପରେ ଅନୁଧ୍ୟାନ କରାଯାଇଛି। ସହରାଞ୍ଚଳର ପ୍ରଶାସନକୁ ବାସ୍ତବରେ ସଶକ୍ତ କରିବା ପାଇଁ ୭୪ତମ ସମ୍ବିଧାନ ସଂଶୋଧନର ଦ୍ୱାଦଶ ପରିଚ୍ଛେଦରେ ସୂଚୀବଦ୍ଧ ସମସ୍ତ ୧୮ଟି କାର୍ଯ୍ୟକାରିତାକୁ ଜୋର୍ ଦେବାକୁ ପଡ଼ିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

## ସାନ୍ତାଳୀ ଭାଷାର ପ୍ରସାର ପାଇଁ ମୟୂରଭଞ୍ଜର ରାମଜିତ୍‌ଙ୍କୁ ମୋଦିଙ୍କ ପ୍ରଶଂସା

ନୂଆଦିଲ୍ଲୀ/ବାରିପଦା (ନୀଳାଦ୍ରି ବିହାରି ଦଣ୍ଡପାଟ)୨୯।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ମୟୂରଭଞ୍ଜର ରାମଜିତ ଟୁଡୁଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ସାନ୍ତାଳୀ ଭାଷାର ଅନ୍‌ଲାଇନ ପରିଚୟ ସୃଷ୍ଟି ପାଇଁ ୨୮ ବର୍ଷୀୟ ସାନ୍ତାଳୀ ଆଦିବାସୀ ଯୁବକ ଟୁଡୁ ଅଭିଯାନ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ, କେତେକ ଭାଷା ରହିଛି, ଯାହାକୁ ଖୁବ୍ କମ୍ ଲୋକ ବ୍ୟବହାର କରିଥାନ୍ତି। ତେବେ ଆପଣମାନେ ଜାଣି ଖୁସି ହେବେ ଯେ, ଏଭଳି ଭାଷାର ସଂରକ୍ଷଣ ପାଇଁ ଅନନ୍ୟ ଉଦ୍ୟମ ଜାରି ରହିଛି। ଏଭଳି ଏକ ଭାଷା ହେଲା ସାନ୍ତାଳୀ, ଯାହାକୁ ଡିଜିଟାଲ ଇନୋଭେଶନ ସହାୟତାରେ ନୂତନ ପରିଚୟ ଦେବା ନିମନ୍ତେ ଏକ ଅଭିଯାନ ଆରମ୍ଭ ହୋଇଛି। ରାମଜିତ୍ ଟୁଡୁ ଏହି ଅଭିଯାନ ଚଳାଇଛନ୍ତି। ସେ ଏକ ଡିଜିଟାଲ ପ୍ଲାଟ୍‌ଫର୍ମ କରିଛନ୍ତି, ଯେଉଁଠି ସାନ୍ତାଳୀ ଭାଷାର ସାହିତ୍ୟ ପଢ଼ାଯାଇପାରିବ ଓ ଉକ୍ତ ଭାଷାରେ ଲେଖାଯାଇପାରିବ ବୋଲି ମୋଦି କହିଛନ୍ତି।

ମନ୍ କୀ ବାତ୍ ୧୦ ବର୍ଷ ପୂରଣ କରିବାକୁ ଯାଉଥିବାରୁ ଆଜିର ଅଧ୍ୟାୟ ତାଙ୍କୁ ଭାବବିହ୍ୱଳ କରିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ୧୦ ବର୍ଷ ପୂର୍ବରୁ ଅକ୍ଟୋବର ୩ ବିଜୟାଦଶମୀରେ ପ୍ରଧାନମନ୍ତ୍ରୀ ଏହି ରେଡିଓ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ ପୁରୁଣା ସ୍ମୃତିଗୁଡ଼ିକ ତାଙ୍କ ମନକୁ ଆନ୍ଦୋଳିତ କରୁଥିବା ମୋଦି କହିଛନ୍ତି। କାର୍ଯ୍ୟକ୍ରମର ଶ୍ରୋତାମାନେ ହେଉଛନ୍ତି ଏହାର ପ୍ରକୃତ ଉପସ୍ଥାପକ। ଏଥିରେ ମସଲାଦାର କିମ୍ବା ନକାରାତ୍ମକ ଆଲୋଚନା ନ ଥିଲେ ମଧ୍ୟ ଦେଶର ସକାରାତ୍ମକ ତଥ୍ୟ ସମ୍ପର୍କରେ ଜାଣିବା ପାଇଁ ଲୋକେ ଖୁବ୍ ଆଗ୍ରହର ସହ ଅପେକ୍ଷା କରିଥାନ୍ତି। ଲୋକେ ସକାରାତ୍ମକ ବିଷୟ, ପ୍ରେରଣାଦାୟକ ଦୃଷ୍ଟାନ୍ତ ଏବଂ ଉତ୍ସାହ ପ୍ରଦାନକାରୀ କଥା ଶୁଣିବାକୁ ଭଲପାଉଥିବା ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ଅବସରରେ ସେଠାକାର ସରକାର ଭାରତକୁ ପାଖାପାଖି ୩୦୦ ପୁରୁଣା କଳାକୃତି ଫେରାଇ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ☞ପୃଷ୍ଠା-୨

# ଶାହରୁଖ୍ ଶ୍ରେଷ୍ଠ ଅଭିନେତା, 'ଆନିମଲ୍' ଶ୍ରେଷ୍ଠ ଚଳଚ୍ଚିତ୍ର

**ଆଇଆଇଏଫ୍‌ଏ ଆୱାର୍ଡ୍ସ ୨୦୨୪**

ଆବୁଧାବି, ୨୯।୯

ଭାରତୀୟ ଚଳଚ୍ଚିତ୍ର କ୍ଷେତ୍ରରେ ସର୍ବୋତ୍ତମ ପ୍ରତିଭାମାନଙ୍କୁ ସମ୍ମାନିତ କରିବା ପାଇଁ ଶନିବାର ରାତିରେ ଆବୁଧାବିର ୟସ୍ ଆଇଲାଣ୍ଡରେ ଇଣ୍ଟରନ୍ୟାଶ୍‌ନାଲ୍ ଇଣ୍ଡିଆନ୍ ଫିଲ୍ମ ଏକାଡେମୀ(ଆଇଆଇଏଫ୍‌ଏ) ୨୦୨୪ ଆୟୋଜିତ ହୋଇଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ବିଭିନ୍ନ ବର୍ଗରେ ଅଭିନେତ୍ରୀ ଏବଂ ଅଭିନେତାମାନଙ୍କୁ ସମ୍ମାନିତ କରାଯାଇଛି। 'ଜୱାନ' ଫିଲ୍ମରେ ଦମ୍‌ଦାର ଅଭିନୟ ପାଇଁ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କୁ ଏହି ସମାରୋହରେ ଶ୍ରେଷ୍ଠ ☞ପୃଷ୍ଠା-୨



# ୩ ପରିବାର ଯାଜପୁରକୁ ଲୁଟିଛନ୍ତି: ମୁଖ୍ୟମନ୍ତ୍ରୀ

- ବିକାଶ ନାମରେ ବିନାଶ ବେଶି
- ନଗଡ଼ା ଅପପୁଷ୍ଟି ପୂର୍ବ ସରକାରଙ୍କ ବଡ଼ ବିଫଳତା

ଯାଜପୁର/ଚଣ୍ଡିଖୋଲ/ଛତିଆ (ହର୍ଷବର୍ଦ୍ଧନ ବେହେରା/ପ୍ରଦୀପ୍ତକୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ),୨୯।୯

ଯାଜପୁର ଜିଲାରେ ବିକାଶ ନାମରେ ବିନାଶ ବେଶି ହୋଇଛି। ୩ ପରିବାରର ସଦସ୍ୟ ଯାଜପୁରକୁ ଲୁଟିଛନ୍ତି। ନିଜକୁ କ୍ରୀତଦାସ କହିବାକୁ ମଧ୍ୟ ସେମାନେ ପଛାଉ ନ ଥିଲେ। ଯାଜପୁରକୁ ସମୃଦ୍ଧ ଜିଲା ଭାବେ ପରିଗଣିତ କରିବାକୁ ସେମାନେ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁଆଡେ ଗଲା ସମୃଦ୍ଧ ଯାଜପୁର। ଖଣି ଓ ଶିଳ୍ପ ସମୃଦ୍ଧ ଏହି ଜିଲାରେ ଯେତିକି ଉନ୍ନତି ହେବା କଥା ସେତିକି ହୋଇପାରିନାହିଁ। ଖଣିଜ ସମ୍ପଦରେ ଭରପୂର ଅଞ୍ଚଳରେ ଥିବା ନଗଡ଼ା ଗ୍ରାମରେ ୧୫ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଅପପୁଷ୍ଟି ଯୋଗୁ ମୃତ୍ୟୁ ହେବା ଘଟଣା ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହା ହେଉଛି ପୂର୍ବ ସରକାରଙ୍କ ବଡ଼ ବିଫଳତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଯାଜପୁର ଜିଲା ବଡ଼ଚଣା ବ୍ଲକ



ମୋହନ ଚରଣ ମାଝୀ

ଅନ୍ତର୍ଗତ ବୁଢ଼ାକେନ୍ଦୁଆଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଓ ☞ପୃଷ୍ଠା-୨

## ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ମାମଲାର ତଦନ୍ତ ହେବ

ଯାଜପୁର,୨୯।୯ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ନାରୀଙ୍କୁ କେତେ ସମ୍ମାନ ମିଳେ ତାହା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରୁ ବାରି ହେଉଛି। ସ୍ମିତାରାଣୀଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏହାର ଉପଯୁକ୍ତ ତଦନ୍ତ ହେବ। ଯିଏ ବି ଦୋଷୀ ଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାଜପୁର ଜିଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ବୁଢ଼ାକେନ୍ଦୁଆଠାରେ ରବିବାର ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଓ ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୯ ଅକ୍ଟୋବର ୧୬ରେ ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ପିଇଓ ସ୍ମିତାରାଣୀଙ୍କ ରହସ୍ୟଜଣକ ଭାବେ ମୃତ୍ୟୁ ହୋଇଥିଲା। ସେ ଅଫିସ୍ କାର୍ଯ୍ୟରେ ହରିଦାସପୁର ଯାଇଥିବା ବେଳେ ସେହି ପଞ୍ଚାୟତର ତତ୍କାଳୀନ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ଗେଷ୍ଟ ହାଉସ୍‌କୁ ମଧ୍ୟାହ୍ନଭୋଜନ କରିବାକୁ ଯାଇଥିଲେ। ତେବେ ସେଠାରେ ଥିବା ଏକ କୋଠରିରେ ସ୍ମିତାରାଣୀଙ୍କୁ ମୁମୂର୍ଷୁ ଅବସ୍ଥାରେ ରୂପେଶ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ☞ପୃଷ୍ଠା-୨

ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ- ଯୋଗ୍ୟ ହୋଇଥାଏ। ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ। ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି। ଯାହା ଦିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା- ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି। **-ଶ୍ରୀମା**

# ଅନ୍ଧବିଶ୍ୱାସ କରିଦେଉଛି ଅନ୍ଧ

ଇଂଲିଶ ମିଡିୟମ ସ୍କୁଲରେ ପଢ଼ି ବଡ଼ ହେଇହେବ ଓ ତାଙ୍କ ପୂର୍ବ ପୁରୁଷଙ୍କଠାରୁ ଉତ୍ତମ ଶିକ୍ଷା ପାଇବା ଆଶା ରଖି ଉତ୍ତରପ୍ରଦେଶ ହାଥରାସ ଜିଲା ନିକଟବର୍ତ୍ତୀ ଡିଏଲ୍ ପବ୍ଲିକ୍ ସ୍କୁଲରେ ପୁଅକୁ ଭର୍ତ୍ତି କରିଥିଲେ ସ୍ଥାନୀୟ ବାସିନ୍ଦା କ୍ରିଷ୍ଣା କୁସଓ୍ୱା। ହେଲେ ତାଙ୍କ ସ୍ୱପ୍ନ ଚୂରମାର ହୋଇଗଲା ଯେତେବେଳେ ସେ ଜାଣିଲେ ତାଙ୍କ ପୁଅକୁ ପଢୁଥିବା ସ୍କୁଲ ପରିସରରେ ବଳି ଦିଆଯାଇଛି। ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିଛି ଯେ, ସ୍କୁଲର ମାଲିକ ଜଣେ ତାନ୍ତ୍ରିକ ହୋଇଥିବା ବେଳେ ତାଙ୍କୁ ଏହି କାର୍ଯ୍ୟରେ ଶିକ୍ଷକମାନେ ମଧ ସାହାଯ୍ୟ କରିଥିଲେ। ଏହି ୧୧ ବର୍ଷୀୟ ଛାତ୍ରଙ୍କୁ ସେପ୍ଟେମ୍ବର ୨୨ରେ ବଳି ଦିଆଯିବା ପୂର୍ବରୁ ଗତ ୬ ତାରିଖରେ ଆଉ ଜଣେ ଛାତ୍ରଙ୍କୁ ବଳି ପାଇଁ ନିଆଯାଉଥିବା ବେଳେ କର୍ତ୍ତୃପକ୍ଷ ବିଫଳ ହୋଇଥିଲେ। ଆହୁରି ଶୁଣିଲେ ସଭ୍ୟସମାଜର ମାନସିକତା ଦୋହଲିଯିବ ଯେ, ସ୍କୁଲର ସଫଳତା ଓ ସମୃଦ୍ଧି ପାଇଁ ଏଭଳି କାଣ୍ଡ କରାଯାଇଛି। ଅନ୍ଧବିଶ୍ୱାସ ମଣିଷକୁ କିଭଳି ଅନ୍ଧ କରିଦିଏ ଏହି ଘଟଣା ଦର୍ଶାଉଛି।

ଏଠାରେ ମନେପକାଇ ଦିଆଯାଇପାରେ ଯେ, ହାଥରାସ ହେଉଛି ଉତ୍ତରପ୍ରଦେଶର ସେହି କୁଖ୍ୟାତ ଅଞ୍ଚଳ, ଯେଉଁଠାରେ ୨୦୨୦ ସେପ୍ଟେମ୍ବର ୧୪ରେ ଖେତ ମଧ୍ୟରେ ଜଣେ ଦଳିତ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିଲା ଓ ତାହାର ବୀଭତ୍ସତା ସେତେବେଳେ ଦେଶର ବିବେକକୁ ଦୋହଲାଇ ଦେଇଥିଲା। ଏବେ ୧୧ ବର୍ଷୀୟ ଛାତ୍ରଙ୍କୁ ଯେଉଁ ଉଦ୍ଦେଶ୍ୟରେ ବଳି ଦିଆଯାଇଛି, ତାହା ସଭ୍ୟସମାଜରେ ଘୃଣା ସୃଷ୍ଟି କରିବା କଥା। ଯେଉଁ ଧର୍ମରେ ଏହିସବୁ ପ୍ରକାର ଅନ୍ଧବିଶ୍ୱାସ ଓ କୁସଂସ୍କାର ପ୍ରଭାବ ବିସ୍ତାର କରି ରହିଛି, ତାହା ମଣିଷ ଜାତିର ପ୍ରଗତିରେ ନିଶ୍ଚିତ ଭାବେ ବାଧା ସୃଷ୍ଟି କରୁଛି। ଏସବୁକୁ ହିନ୍ଦୁ, ମୁସଲମାନ କିମ୍ବା ଇସାଇର ଆଖ୍ୟା ଦେଇ ସାମାଜିକ ସ୍ୱୀକାରୋକ୍ତି କରିଦେଲେ ତାହା ଭବିଷ୍ୟତ ପାଇଁ ମାରାତ୍ମକ ହେବ ବୋଲି ସ୍ପଷ୍ଟ ଜଣାପଡୁଛି। ତେବେ ହାଥରାସର ଗ୍ରାମାଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ଉକ୍ତ ସ୍କୁଲର ସଫଳତା ହାର କମ୍ ରହିବା ସହ ତା'ର ଆର୍ଥିକ ଉନ୍ନତି ହେଉ ନ ଥିଲା। ତେଣୁ ମାଲିକ ତାନ୍ତ୍ରିକ ହୋଇଥିବାରୁ ଏଭଳି ସୁପରିକଳ୍ପିତ ଷଡ଼ଯନ୍ତ୍ର କରି ଅପରାଧ ଘଟାଇଲେ। ଏହି ଘଟଣା ପୂର୍ବରୁ ବଳି ଦେବା ନେଇ ହୋଇଥିବା ଅନ୍ୟ ଏକ ଉଦ୍ୟମ ବିଷୟରେ ସ୍ଥାନୀୟ ପୋଲିସ ଜାଣିଥିଲା। କିନ୍ତୁ ଏହାକୁ ଗୁରୁତ୍ୱ ନ ଦେବାରୁ ନିରୀହ ଛାତ୍ରଟିର ପ୍ରାଣ ନେଇଯିବା ସହଜ ହୋଇଗଲା। ଏଥିରୁ ବୁଝିବାକୁ ହେବ ଯେ, ହାଥରାସଠାରୁ ଆରମ୍ଭ କରି ଓଡ଼ିଶାର ଭରତପୁର ଥାନା ସମେତ ଦେଶର କୋଣଅନୁକୋଣରେ ଥିବା ଅଧିକାଂଶ ପୋଲିସ ସ୍ଥାନୀୟ ପ୍ରଭାବଶାଳୀ ଲୋକଙ୍କ ହାତବାରିସି ପାଲଟିଛନ୍ତି ଓ ବାରମ୍ବାର ଅନ୍ୟାୟ କରିଚାଲୁଛନ୍ତି। ଯଦି ଏଭଳି ଘଟଣାରେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ସନ୍ତାନଙ୍କୁ ବଳି ପକାଇ ଦିଆଯାଇଥାଆନ୍ତା, ତେବେ ତାଙ୍କର ପ୍ରତିକ୍ରିୟା ଦେଖିବାଯୋଗ୍ୟ ହୋଇଥାଆନ୍ତା। ଅବଶ୍ୟ ଏଠାରେ ମନେରଖିବାକୁ ହେବ ଯେ ଉତ୍ତର ପ୍ରଦେଶରେ ଅନେକ ଉଚ୍ଚପଦସ୍ଥ ପୋଲିସ ଅଫିସର କାର୍ଯ୍ୟରତ ଥିଲାବେଳେ ସେମାନଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି ଏବଂ ସେଥିପାଇଁ ସେହି ରାଜ୍ୟର ପୋଲିସ ବିଭାଗ ମଧ କୌଣସି ପଦକ୍ଷେପ ନେଇନାହିଁ।

ଆଜି ଭାରତବର୍ଷରେ ଶିକ୍ଷା ସ୍ତର ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ସରକାରୀ ସ୍କୁଲରେ ଭଲ ପାଠ ପଢ଼ାଯାଉ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଥିବାରୁ ଅନେକ ମାତାପିତା ଓ ଅଭିଭାବକ ସେମାନଙ୍କ ପିଲାଙ୍କୁ ଘରୋଇ ବିଶେଷକରି ଇଂଲିଶ ମାଧ୍ୟମ ସ୍କୁଲରେ ପଢ଼ାଇବାକୁ ଇଚ୍ଛୁକ ହେଉଛନ୍ତି। ପିଲାମାନଙ୍କୁ ଉତ୍ତମ ଶିକ୍ଷା ଦେବା ସହ ସ୍ମାର୍ଟ କରାଇବାରେ ଯଦିଓ ଇଂଲିଶ ମାଧମ ସ୍କୁଲର ପାଠ୍ୟକ୍ରମ ଅନ୍ୟ ମାଧ୍ୟମଠାରୁ ଅପେକ୍ଷାକୃତ ଉନ୍ନତ ରହିଥିବା କୁହାଯାଉଛି, ତଥାପି ସେଭଳି ଶିକ୍ଷାନୁଷ୍ଠାନ ବାଛିବା ହେଉଛି ବଡ଼ କଥା। ଅଧିକାଂଶ ଜାଣିବାକୁ ଚାହୁଁନାହାନ୍ତି ସ୍କୁଲ ପ୍ରତିଷ୍ଠା କରିଥିବା ବ୍ୟକ୍ତିର ପୃଷ୍ଠଭୂମି। ସେଥିପାଇଁ ଯିଏ ପାରେ ସିଏ ସମାଜର ମୌଳିକ ଭିତ୍ତିଭୂମି ଯଥା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ଆଧିପତ୍ୟ ବିସ୍ତାର ସହ ଲାଭ ଉଦ୍ଦେଶ୍ୟ ରଖି ଏସବୁ କ୍ଷେତ୍ରକୁ ଓହ୍ଲାଉଛନ୍ତି। ସେଥିପାଇଁ ଏହି ଦୁଇ କ୍ଷେତ୍ରରେ ଅନେକ ସମୟରେ ବିଭ୍ରାଟ ଦେଖାଦେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଣେ ଶିକ୍ଷାବିତ୍ ଶିକ୍ଷାନୁଷ୍ଠାନ ଗଢ଼ିଲେ କିମ୍ବା ଜଣେ ଡାକ୍ତର ହସ୍ପିଟାଲ ଖୋଲିଲେ ସେଠାରେ ଶିକ୍ଷା କିମ୍ବା ସେବା ଉଚ୍ଚକୋଟୀର ହେବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ସେଥିପାଇଁ ଉଦ୍ୟୋଗୀଙ୍କ ପୃଷ୍ଠଭୂମି ସମ୍ପର୍କରେ ସମସ୍ତେ ବୁଝିପାରିବେ ବୋଲି ଭାବିବା ମଧ ଅବାଞ୍ଛିତ।

ବଳି ଘଟଣା ଜଣାପଡ଼ିବା ପରେ ସ୍କୁଲର ମାଲିକ, ତାଙ୍କ ପୁଅ ତଥା ସ୍କୁଲ ନିର୍ଦ୍ଦେଶକ, ପ୍ରଧାନ ଶିକ୍ଷକ ଓ ଅନ୍ୟ ଦୁଇ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ଏଭଳି ବ୍ୟକ୍ତି କେତେ ଦିନ ଜେଲରେ ରହିବେ ଏବଂ ମୃତ ଛାତ୍ରଙ୍କ ପରିବାରକୁ କେବେ ନ୍ୟାୟ ମିଳିବ ତାହା କହିବା କଷ୍ଟକର। କାରଣ ଭାରତରେ ପୋଲିସ ବାହିନୀ ଓ ନ୍ୟାୟ ବ୍ୟବସ୍ଥା ସବୁବେଳେ ଧନୀ, ପ୍ରଭାବଶାଳୀ ବ୍ୟକ୍ତିଙ୍କ ସପକ୍ଷରେ ରହିଆସିଛି। ଏହାର ସଦ୍ୟ ଦୃଷ୍ଟାନ୍ତ ଗୁରଗାଓଁର ରାସ୍ତା ଦୁର୍ଘଟଣାରୁ ଜଣାପଡ଼ିଛି। ଘଟଣାଟି ଅତି ସହଜରେ ବୁଝି ହେବ। ଜଣେ ଯୁବକ ଦ୍ରୁତ ଗତିରେ ମୋଟର ସାଇକେଲ ଚଳାଇ ଯାଉଥିଲେ। ବିପରୀତ ଦିଗରୁ ଓ୍ୱାନ୍‌ୱେ ଆଇନକୁ ଅମାନ୍ୟ କରି ଜାତୀୟ ରାଜପଥର ଭୁଲ୍ ଦିଗରୁ ଏକ ଚାରିଚକିଆ ଏସ୍‌ୟୁଭି ଗାଡ଼ି ଦ୍ରୁତଗତିରେ ଆସୁଥିଲା। ଦୁର୍ଘଟଣା ଘଟିଲା ଓ ଯୁବକଙ୍କର ସେହି ସ୍ଥାନରେ ଜୀବନ ଚାଲିଗଲା। ଅନ୍ୟପଟେ ଭୁଲ୍ ରାସ୍ତାରେ ଆସୁଥିବା ଗାଡ଼ି ଚାଳକଙ୍କୁ ମାତ୍ର କେହି ଘଣ୍ଟା ମଧ୍ୟରେ ଜାମିନ ମିଳିଗଲା ବୋଲି ଜଣାପଡ଼ିଛି। ଏଥିରୁ ବୁଝିବାକୁ ହେବ ଯେ ଯେତେ ଆଧୁନିକ ଭିତ୍ତିଭୂମି ସୃଷ୍ଟି କଲେ ମଧ ତାହାର ଉଚିତ ଉପଯୋଗ ସମ୍ପର୍କିତ ଜ୍ଞାନ ଆରମ୍ଭରୁ ନାଗରିକଙ୍କୁ ଦିଆଯିବା ଦରକାର। ଅନୁରୂପ ଭାବେ ଇଂଲିଶ୍ ମିଡିୟମ ସ୍କୁଲଗୁଡ଼ିକୁ ସିବିଏସ୍‌ଇ ଦ୍ୱାରା ତାଲିକାଭୁକ୍ତ କରାଇବା ହେଉଛି ସରକାରଙ୍କ ଦାୟିତ୍ୱ। ପାଠ୍ୟକ୍ରମରେ ଧର୍ମ ଓ ଇତିହାସ ସମ୍ପର୍କରେ କୁହାଯାଉଥିବା ବେଳେ ଶିକ୍ଷା ଯୋଗାଉଥିବା ଶିକ୍ଷକଙ୍କୁ ମଧ ପ୍ରସ୍ତୁତ କରିବା ହେଉଛି ଏକ ଦୂରଦୃଷ୍ଟିସମ୍ପନ୍ନ ସରକାରର ଗୁରୁଦାୟିତ୍ୱ। ଆଜି ଭାରତବର୍ଷରେ ଏହିଭଳି ବିଷୟକୁ କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ପିଲାଙ୍କୁ ବଳି ପକାଇବାକୁ ସ୍କୁଲ ମାଲିକ ବଳ ପାଉଛି।



# ଆତ୍ମହତ୍ୟା: ସାମାଜିକ ଓ ସ୍ୱାସ୍ଥ୍ୟ ସମସ୍ୟା

ଡ. ସତ୍ୟକାମ ମହାପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ ମୁତାବକ ସାରା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି। ଅର୍ଥାତ ପ୍ରତି ଦିନ ୩,୦୦୦ ଲୋକ ଆତ୍ମହତ୍ୟା କରୁଛନ୍ତି। ଯେତେ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ, କରୁଛନ୍ତି ତାହାର କୋଡ଼ିଏ ଗୁଣ ଲୋକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଅର୍ଥାତ୍ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଥିଲା ବେଳେ ପ୍ରତି ୩ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରୁଛି। ଭାରତବର୍ଷରେ ଆତ୍ମହତ୍ୟା ଏକ ଗମ୍ଭୀର ସାମାଜିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ରୂପରେ ପରିଗଣିତ ହୋଇଛି। ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଭାରତରେ ଆତ୍ମହତ୍ୟାର ହାର ଅତି ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଫଳ ସ୍ୱରୂପ ଭାରତକୁ ଏବେ ବିଶ୍ୱର ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯାଉଛି।

ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ (୨୦୨୨) ରିପୋର୍ଟ ଅନୁସାରେ ଗତ ବର୍ଷ ପାଖାପାଖି ଏକ ଲକ୍ଷ ଏକସ୍ତରି ହଜାର ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ଭାରତରେ ସର୍ବାଧିକ ଆତ୍ମହତ୍ୟା କରୁଥିବା ରାଜ୍ୟଗୁଡ଼ିକ ହେଲା ମହାରାଷ୍ଟ୍ର (୧୩.୩%), ତାମିଲନାଡୁ (୧୧.୬%), ମଧ୍ୟପ୍ରଦେଶ (୯%), କର୍ନାଟକ(୮%) ଏବଂ ପଶ୍ଚିମ ବଙ୍ଗଳା (୭.୪%)। ଏହି ପାଞ୍ଚଟି ରାଜ୍ୟର ଆତ୍ମହତ୍ୟା ସଂଖ୍ୟା ଭାରତବର୍ଷର ମୋଟ ଆତ୍ମହତ୍ୟାର ଅର୍ଦ୍ଧାଧିକ। ଏଥିମଧ୍ୟରୁ ଓଡ଼ିଶାରେ ୨୦୨୨ରେ ମୋଟ ୬୧୪୦ ଜଣ ଲୋକ ଆତ୍ମହତ୍ୟା କରିଛନ୍ତି। ଆମ ରାଜ୍ୟର ଆତ୍ମହତ୍ୟା ହାର (୧୩.୩) ଜାତୀୟ ହାର (୧୨.୪) ଠାରୁ ଅଧିକ। ପୂର୍ବ ବର୍ଷ ତୁଳନାରେ ୨୦୨୨ ମସିହାରେ ଆମ ରାଜ୍ୟରେ ଆତ୍ମହତ୍ୟା ସଂଖ୍ୟା ୮.୭% ବୃଦ୍ଧି ପାଇଛି। ଏନ୍‌ସିଆର୍‌ବିର ଏହି ରିପୋର୍ଟ ଅନୁସାରେ ଭାରତରେ ଆତ୍ମହତ୍ୟାର ପ୍ରମୁଖ କାରଣ ଗୁଡିକ ହେଲା ପାରିବାରିକ କଳହ (୩୧.୭%), ବିଭିନ୍ନ ରୋଗ (ମାନସିକ ରୋଗ, ବିଭିନ୍ନ ଦୂରାରୋଗ୍ୟ) (୧୮.୪%), ବିଭିନ୍ନ ନିଶାଦ୍ରବ୍ୟ ସେବନ(୬.୮%), ବୈବାହିକ ସମ୍ପର୍କରେ ତିକ୍ତତା (୪.୮%), ପ୍ରେମ ସମ୍ପର୍କରେ ବିଫଳତା(୪.୫%), ଆର୍ଥିକ ସଙ୍କଟ(୪.୧%), ବେରୋଜଗାରୀ(୧.୯%), ପରୀକ୍ଷାରେ ଖରାପ ପ୍ରଦର୍ଶନ, ଚାକିରୀ ଜନିତ ସମସ୍ୟା ଓ ଆତ୍ମୀୟ ଲୋକର ହଠାତ ମୃତ୍ୟୁ ଆଦି।

ଆମ ଦେଶରେ ଯୁବବର୍ଗର (୧୮-୩୦ବର୍ଷ) ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟା ସର୍ବାଧିକ (୩୪.୬%) ଦେଖା ଦେଉଛି, ଏହା ସହିତ ମଧ୍ୟମ ବୟସ୍କ (୩୦-୪୫ ବର୍ଷ) ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟା (୩୧.୮%) ଦ୍ୱିତୀୟ ସର୍ବାଧିକ ଦେଖାଦେଉଛି। ପାଖାପାଖି ୧୧ ହଜାର ଅଠର ବର୍ଷରୁ କମ୍ ପିଲା ଏବଂ କିଶୋର ଓ କିଶୋରୀମାନେ ୨୦୨୨ରେ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି।



୧୫ରୁ ୨୪ ବର୍ଷ ବୟସ ଭିତରେ ଯୁବବର୍ଗର ମୃତ୍ୟୁର ସବୁଠାରୁ ପ୍ରମୁଖ କାରଣ ହେଲା ଆତ୍ମହତ୍ୟା। ସାରା ବିଶ୍ୱର ଯୁବକ ଓ ଯୁବତୀମାନଙ୍କ ମଧ୍ୟରୁ ଭାରତୀୟ ଯୁବକ ଓ ଯୁବତୀମାନେ ସର୍ବାଧିକ ସଂଖ୍ୟାରେ ଆତ୍ମହତ୍ୟା କରିଥାନ୍ତି, ଯାହାକି ଅତ୍ୟନ୍ତ ଚିନ୍ତାଜନକ।

ଏନ୍‌ସିଆର୍‌ବିର ରିପୋର୍ଟ ଅନୁସାରେ ୨୦୨୨ ମସିହାରେ ୧୩,୦୪୪ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରି ମୃତ୍ୟୁ ବରଣ କରିଛନ୍ତି। ଏହି ସଂଖ୍ୟା ଗତ କିଛି ବର୍ଷ ହେବ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ଅଭିଭାବକମାନଙ୍କର ଚାପ ଯୋଗୁଁ ପିଲାମାନେ ମାନସିକ ଦୁଶ୍ଚିନ୍ତାର ସମ୍ମୁଖୀନ ହେଉଛନ୍ତି। ଏହି ମାନସିକ ଦୁଶ୍ଚିନ୍ତାର ସଫଳତାର ସହିତ ମୁକାବିଲା କରି ପାରୁନାହାନ୍ତି। ସେଥିମଧ୍ୟରୁ କିଛି ଛାତ୍ରୀଛାତ୍ର ନିଜ ମନର ଭାବନା ଓ ଆବେଗକୁ ଠିକ୍ ଭାବରେ ନିୟନ୍ତ୍ରଣ କରିପାରୁନାହାନ୍ତି, ଯାହା ଫଳରେ ସେମାନେ ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟାର ଯେଉଁ ସଂଖ୍ୟା ଏନ୍‌ସିଆର୍‌ବି ଦ୍ୱାରା ପ୍ରକାଶିତ ହୋଇଛି, ପ୍ରକୃତ ଆତ୍ମହତ୍ୟା ସଂଖ୍ୟା ତାହାଠାରୁ ଢେର ଅଧିକ। ବାସ୍ତବରେ ଆମ ଦେଶରେ ଯେତେ ଲୋକ ଆତ୍ମହତ୍ୟା କରି ମୃତ୍ୟୁମୁଖରେ ପଡୁଛନ୍ତି ବା ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି, ସବୁ ଘଟଣା ସରକାରୀ ସ୍ତରରେ ପଞ୍ଜୀକୃତ ହେଉନାହିଁ। ଗତ କିଛି ମାସ ଧରି ଆମ ରାଜ୍ୟରେ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ହଠାତ୍ ବୃଦ୍ଧି ପାଇଛି। ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଉପାୟରେ ଅଳ୍ପ ଦିନ ଭିତରେ କିଛି ଲୋକ ଆତ୍ମହତ୍ୟା କରନ୍ତି ଓ ସେ ବିଷୟକୁ ଗଣମାଧ୍ୟମରେ ବେଶି ଆଲୋଚନା କରାଯାଏ, ସେତେବେଳେ ଆତ୍ମହତ୍ୟାପ୍ରବଣତା ଦେଖାଦେଉଥିବା ଲୋକମାନେ ସେହି ନିର୍ଦ୍ଦିଷ୍ଟ ଉପାୟରେ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରିଥାନ୍ତି। ଏହାକୁ କପି-କ୍ୟାଟ ସୁଇସାଇଡ୍ କୁହାଯାଏ।

ଆତ୍ମହତ୍ୟାର ସଂଖ୍ୟା ବୃଦ୍ଧି ପାଇବାର ଏକ କାରଣ ହେଲା ସାମାଜିକ ସ୍ଥିତିରେ ପରିବର୍ତ୍ତନ। ଗତ କିଛି ବର୍ଷ ହେଲା ସମାଜରେ ଯୌଥ ପରିବାରର ପରମ୍ପରା ହ୍ରାସ ପାଇବାରେ ଲାଗିଲାଣି। ପରିବାରର ସଦସ୍ୟମାନେ ପରସ୍ପରର ନିକଟତର ହୋଇ ପାରୁନାହାନ୍ତି। ନିଜ ମନର ଭାବର ଆଦାନପ୍ରଦାନ କରିପାରୁ ନାହାନ୍ତି। ଫଳରେ ଜୀବନରେ କୌଣସି ସମସ୍ୟା ଦେଖାଦେଲେ ବ୍ୟକ୍ତି ଯଦି ତାହାର ଏକୁଟିଆ ସମାଧାନ କରି ପାରୁନାହିଁ, ତେବେ ସେ ମାନସିକ ରୂପରେ ଚାପଗ୍ରସ୍ତ ହୋଇଯାଉଛି। ଯେଉଁମାନେ ଏହି ମାନସିକ ଚାପର ଠିକ ମୁକାବିଲା କରି ପାରୁନାହାନ୍ତି, ସେମାନେ ଆତ୍ମହତ୍ୟାର ଉଦ୍ୟମ କରୁଛନ୍ତି।

ଆତ୍ମହତ୍ୟା ରୋକିବାକୁ ହେଲେ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ପ୍ରତ୍ୟେକ ବ୍ୟକ୍ତି ନିଜ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମସଞ୍ଜମତା ବଢାଇବା ଉଚିତ। ଏହାଛଡ଼ା ସକାରାତ୍ମକ ମନୋଭାବ ନେଇ ସମସ୍ତ କାମ କରିବା ଉଚିତ। ଜୀବନରେ ଦେଖାଦେଉଥିବା ଅସୁବିଧାଗୁଡ଼ିକୁ ସମାଧାନ କରିବାର କୌଶଳ ଶିଖନ୍ତୁ। ସମାଜରେ ଅନ୍ୟମାନଙ୍କ ସହିତ ଖାପ ଖୁଆଇ ଚଳିବା ଶିଖନ୍ତୁ। ବର୍ତ୍ତମାନର ପରିସ୍ଥିତିରେ ପ୍ରତ୍ୟେକ ଅଭିଭାବକ ନିଜ ପିଲାର ମାନସିକ ସ୍ଥିତି ବିଷୟରେ ଅବଗତ ରହିବା ନିହାତି ଜରୁରୀ। ସେମାନଙ୍କ ଉପରେ ପାଠପଢ଼ା ପାଇଁ କିମ୍ବା ପରୀକ୍ଷାରେ ଅଧିକ ମାର୍କ ରଖିବା ଲାଗି ଅତ୍ୟଧିକ ଚାପ ପକାଇବା ଅନୁଚିତ। ନିଜ ପିଲା ସହିତ ଯଥେଷ୍ଟ ସମୟ ଅତିବାହିତ କରନ୍ତୁ, ସେମାନଙ୍କ ମନର କଥା ଜାଣିବା ପାଇଁ ଚେଷ୍ଟା କରନ୍ତୁ। ଛାତ୍ରୀଛାତ୍ରମାନେ ନିଜର ପାଠପଢ଼ାକୁ ଯୋଜନାବଦ୍ଧ ଭାବରେ କରିବା ଉଚିତ, ଯଦ୍ୱାରା ପରୀକ୍ଷାରେ ଭଲ କରିପାରିବେ ଓ ପାଠପଢ଼ାର ମାନସିକ ଚାପ ମଧ କମିପାରିବ।

ଆତ୍ମହତ୍ୟା କରିବାର ଯଥେଷ୍ଟ ପୂର୍ବରୁ ବ୍ୟକ୍ତି ଏହା ସମ୍ବନ୍ଧରେ ନିଜ ନିକଟତର ଲୋକଙ୍କୁ କିଛି ନା କିଛି ପ୍ରାକ୍ ସୂଚନା ଦେଇଥାଏ। ଯେଭଳି କି ବ୍ୟକ୍ତି ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ, ଏକୁଟିଆ ରହିବାକୁ ବେଶି ପସନ୍ଦ କରିଥାଏ, ନିଜର ଦୈନନ୍ଦିନ କାମ ଠିକ୍‌ସେ କରେ ନାହିଁ, ରାତିରେ ଅନିଦ୍ରା ରହେ, ଖାଦ୍ୟ ଖାଇବା କମିଯାଏ, ଅତି ଛୋଟ ଛୋଟ କଥାରେ ଭାବବିହ୍ୱଳ ହୋଇଯାଏ, କାନ୍ଦି ପକାଏ, ପରିବାରର ଲୋକଙ୍କ ସହିତ ଜୀବନ ଓ ମୃତ୍ୟୁ ବିଷୟରେ ଆଲୋଚନା କରେ ଓ ଇଣ୍ଟରନେଟ୍‌ରୁ ଆତ୍ମହତ୍ୟା ବିଷୟରେ ସର୍ଚ୍ଚ କରେ।

ଯଦି ନିଜ ପରିବାର କିମ୍ବା ନିଜର କୌଣସି ନିକଟତର ବ୍ୟକ୍ତିଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଉଥାଏ, ତେବେ ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ। ତାଙ୍କ ସହିତ କଥାବାର୍ତ୍ତା କରନ୍ତୁ, ତାଙ୍କ ମନର ଭାବନା ଓ ସମସ୍ୟା ସମ୍ବନ୍ଧରେ ଜାଣିବା ପାଇଁ ଚେଷ୍ଟା କରନ୍ତୁ। ତାଙ୍କୁ ଉତ୍ସାହ ଦିଅନ୍ତୁ। ତାଙ୍କ ବ୍ୟବହାର ଉପରେ ନଜର ରଖନ୍ତୁ। ତାଙ୍କୁ ଗୋଟିଏ ବି ମୁହୂର୍ତ୍ତ ପାଇଁ ଏକୁଟିଆ ଛାଡ଼ନ୍ତୁ ନାହିଁ। ଦରକାର ପଡ଼ିଲେ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାନ୍ତୁ। ନିଜ ମନରେ ଆତ୍ମହତ୍ୟାର ଚିନ୍ତା ଆସିଲେ ଆପଣ ନିଜ ମନର କଥା ନିକଟତର ଲୋକଙ୍କୁ ଜଣାନ୍ତୁ। ନିଜର ଅସୁବିଧା ସମ୍ବନ୍ଧରେ ଅନ୍ୟମାନଙ୍କ ସହିତ ବିଚାରବିମର୍ଶ କରନ୍ତୁ। ଏହି ସମୟରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ଭାବପ୍ରବଣ ହୋଇ ହଠାତ୍ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଏହି ସମୟରେ ଧୈର୍ଯ୍ୟର ସହିତ ସମସ୍ତ କାମ କରନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ**
**ମୋ: ୮୪୫୬୯୧୫୫୦୬**



# ପ୍ରଣାମ ମାହାତ୍ମ୍ୟ

ହରେକୃଷ୍ଣ ଦାସ

ପିତାମହ ଭୀଷ୍ମ ମନଯୋଗ ସହ ଯୁଦ୍ଧ କରୁ ନ ଥିବା ଅଭିଯୋଗ କରି ଦୁର୍ଯ୍ୟୋଧନ ତାଙ୍କ ପ୍ରତି କଟୁ ଶବ୍ଦ ପ୍ରୟୋଗ କଲା ପରେ ପିତାମହ ବଚନ ଦେଇଥିଲେ ଯେ, ସେ ପରଦିନ ଯୁଦ୍ଧରେ ପାଣ୍ଡବମାନଙ୍କ ବିନାଶ କରିବେ। ଏ କଥା ଜାଣିଥିବା ଚତୁର ଶ୍ରୀକୃଷ୍ଣଙ୍କ ପରାମର୍ଶକ୍ରମେ ଦ୍ରୌପଦୀ ସେହି ରାତିରେ ଭୀଷ୍ମଙ୍କୁ ପ୍ରଣାମ କରି ତାଙ୍କଠାରୁ ଅଖଣ୍ଡ ସୌଭାଗ୍ୟବତୀ ହେବାର ଆଶୀର୍ବାଦ ପ୍ରାପ୍ତ ହେବା ପରେ ଭୀଷ୍ମ ଜାଣିପାରିଲେ ଯେ, ସେ ଦ୍ରୌପଦୀଙ୍କୁ ଦେଇଥିବା ବଚନ ଯୋଗୁ ଦୁର୍ଯ୍ୟୋଧନଙ୍କୁ ଦେଇଥିବା ବଚନରୁ ବିଚ୍ୟୁତ ହେବାକୁ ବାଧ୍ୟ ହେବେ। ଆଶୀର୍ବାଦ ହାସଲ କରିଥିବା ଦ୍ରୌପଦୀଙ୍କୁ ସେ ରାତିରେ ଶ୍ରୀକୃଷ୍ଣ କହିଥିବା ମହତ୍ତ୍ୱପୂର୍ଣ୍ଣ କଥା ଏୟା ଥିଲା ,'' ତୁମେ ପିତାମହଙ୍କୁ ପ୍ରଣାମ କରିବା ଭଳି ଏକ ସରଳ କାର୍ଯ୍ୟ କରି ତା' ବଦଳରେ ତୁମ ସ୍ୱାମୀମାନଙ୍କ ପାଇଁ ଜୀବନଦାନର ଅଭୟ ବର ହାସଲ କରିନେଲ। ଯଦି ତୁମେ ସବୁଦିନ ପିତାମହ ଭୀଷ୍ମ, ରାଜା ଧୃତରାଷ୍ଟ୍ର ପ୍ରମୁଖ ଗୁରୁଜନମାନଙ୍କୁ ପ୍ରଣାମ କରିଥାନ୍ତ ଏବଂ ଦୁର୍ଯ୍ୟୋଧନ, ଦୁଃଶାସନ ଆଦିଙ୍କ ପତ୍ନୀମାନେ କୁନ୍ତୀ ଓ ପାଣ୍ଡବମାନଙ୍କୁ ପ୍ରଣାମ କରି ସେମାନଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇଥାନ୍ତେ ତା'ହେଲେ ଆଜିର ଏ ଯୁଦ୍ଧକୁ ଏଡ଼ାଇ ଦିଆଯାଇପାରିଥାନ୍ତା।''

ମହାଭାରତର ଏଇ ସଂକ୍ଷିପ୍ତ ପର୍ବରୁ ଅନ୍ତତଃ ଏଇ କଥାଟି ସ୍ପଷ୍ଟ ହୁଏ ଯେ, ଅନ୍ୟମାନଙ୍କୁ, ଅନ୍ତତଃ ଗୁରୁଜନମାନଙ୍କୁ ପ୍ରଣାମ କରିବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ଯାହା ଆଧ୍ୟାତ୍ମିକ ଓ ତାତ୍ତ୍ୱିକ ଦୃଷ୍ଟିକୋଣରୁ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ। ଗୁରୁଜନମାନଙ୍କୁ ପ୍ରଣାମ କଲେ ତାଙ୍କଠାରୁ ମିଳୁଥିବା ଆଶୀର୍ବାଦରେ ଆମ ଜୀବନ ଜିଇବାର ମାର୍ଗ ସୁଗମ ହୋଇଥାଏ। ସେଥିପାଇଁ ଗୁରୁଜନମାନଙ୍କୁ ପ୍ରଣାମ କଲାବେଳେ ଆମେ ଆମର ମୁଣ୍ଡ ନୁଆଁଇ ଦୁଇ ହାତକୁ ହୃଦୟ ପାଖରେ ସଂଯୁକ୍ତ କରି ଆମର ଶ୍ରଦ୍ଧା ଭକ୍ତି ନିବେଦନ କରୁ ଏବଂ ପ୍ରକାରାନ୍ତରେ ତାଙ୍କଠାରୁ ଆଶୀର୍ବାଦ ହାସଲ କରିନେଉ। ପ୍ରଣାମ କଲାବେଳେ ଏ ପ୍ରକାର ଭାବଭଙ୍ଗୀର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଏୟା ହୋଇପାରେ ଯେ, ଆମେ ନିଜ ମୁଣ୍ଡରେ ଥିବା ସବୁ ଜ୍ଞାନ-ଅଭିମାନକୁ ନୁଆଁଇ, ବାହୁର ସମସ୍ତ ଶକ୍ତିକୁ ନ୍ୟୂନ କରି ଓ ହୃଦୟର ସମସ୍ତ ଆବେଗ ଅହଂକାରକୁ ତ୍ୟାଗକରି ଅନ୍ୟ ଜଣକୁ ଅଭିବାଦନ ଜଣାଉ। ସଂସ୍କୃତ ଭାଷାରେ ଗୁରୁଜନଙ୍କ ଉଦ୍ଦେଶ୍ୟରେ 'ପ୍ରଣାମ' ଓ ଅନ୍ୟ ସମସ୍ତଙ୍କ ଉଦ୍ଦେଶ୍ୟରେ 'ନମସ୍ତେ' ବା 'ନମସ୍କାର' ଶବ୍ଦ ବ୍ୟବହାର କରିବାର ପରମ୍ପରା ଅଛି।

ଆମ ଅହଂକାରରହିତ ଆଭିମୁଖ୍ୟର ଏଇ ଆଙ୍ଗିକ ପ୍ରତିବେଦନ ଆମ ପ୍ରଣାମ-ପରମ୍ପରାର ଏକ ମୁଖ୍ୟ ଚରିତ୍ର। ଏଇ ଭାବ ଓ ବିଚାର ଅନ୍ୟ କୌଣସି ଶୈଳୀରେ ଅଭିବାଦନ ଜଣାଇବା ଦ୍ୱାରା ପ୍ରକଟିତ ହେଲାଭଳି ମନେ ହୁଏନାହିଁ। ଆମ ଗୁରୁଜନଙ୍କୁ 'ଗୁଡ୍ ମର୍ନିଂ' ଜଣାଇବା ଦ୍ୱାରା ସେମାନଙ୍କ ପାଇଁ ସକାଳଟି ଶୁଭଙ୍କର ହେଉ ବୋଲି ଆମେ ହୁଏତ କାମନା କରିପାରୁ, କିନ୍ତୁ ଏହାଦ୍ୱାରା ଆମେ ନିଜର ଅହଂକାର ତ୍ୟାଗ କରୁଥିବାର ସୂଚନା ନଥାଏ; ସୁତରାଂ ଆଶୀର୍ବାଦ ଦେବାନେବାର ଅବକାଶ ମଧ୍ୟ ନଥାଏ। କାହାକୁ ପ୍ରଣାମ ବା ନମସ୍କାର କରିଦେଲେ ନିଜର ଅହଂକାର କ୍ଷୁଣ୍ଣ ହେଲାଭଳି ବା ମର୍ଯ୍ୟାଦା ହାନି ହେଲାଭଳି ଅନେକେ ଅନୁଭବ କରନ୍ତି। ସେଥିପାଇଁ ସମ୍ମୁଖରେ ଆମଠାରୁ ସମ୍ମାନ ପାଇବାର ଯୋଗ୍ୟ ବ୍ୟକ୍ତି ଥିଲେ ମଧ୍ୟ ଆମେ ତାଙ୍କୁ ନମସ୍କାର ଜଣାଇବାକୁ କୁଣ୍ଠିତ ହୋଇ 'ଗୁଡ୍ ମର୍ନିଂ', 'ଗୁଡ୍ ଇଭିନିଂ' ଇତ୍ୟାଦି କହି ବା କୌଣସି ଦେବଦେବୀଙ୍କ ନାଁରେ ଜୟଜୟକାର କରି ତାଙ୍କୁ ଅଭିବାଦନ ଜଣାଉ। ଦେବଦେବୀଙ୍କ ଜୟଜୟକାର କରି ଆମେ ହୁଏତ ସେହି ଦେବଦେବୀଙ୍କ ପ୍ରତି ଆମର ଶ୍ରଦ୍ଧା, ଭକ୍ତି ଜ୍ଞାପନ କରୁଛେ, କିନ୍ତୁ ସମ୍ମୁଖରେ ଥିବା ବ୍ୟକ୍ତି ପ୍ରତି ଆମର ସମ୍ମାନ ଜଣାଇଲେ କୋଉଠି ? ଶାସ୍ତ୍ରରେ ମଧ୍ୟ 'ନମସ୍ତେ', 'ନମସ୍ତୁତଂ', 'ନମସ୍କାରଂ' ଇତ୍ୟାଦି ଶବ୍ଦରେ ଗୁରୁଜନମାନଙ୍କୁ ସମ୍ମାନ ଜଣାଇବାର ଦୃଷ୍ଟାନ୍ତ ଅଛି। ଶ୍ରୀମଦ୍ ଭଗବତ ଗୀତାରେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ବିଭିନ୍ନ ସ୍ତୁତି ଛଳରେ ଅର୍ଜୁନ ସହସ୍ର ବାର ନମସ୍କାର କରୁଥିବାର ଉଲ୍ଲେଖ ଅଛି। ନମସ୍କାରର ମାହାତ୍ମ୍ୟ ବୁଝାଇବାକୁ ଆଉ ପାଦେ ଆଗକୁ ଯାଇ ଅନେକେ ଏକଥା ମଧ୍ୟ କୁହନ୍ତି ଯେ, କାହାକୁ ନମସ୍କାର କଲାବେଳେ ତାଙ୍କ ଭିତରେ ନିତ୍ୟ ବିରାଜମାନ ଈଶ୍ୱରଙ୍କୁ ହିଁ ଆମେ ପ୍ରକୃତରେ ନମସ୍କାର କରିଥାଉ। ଦୁଇ ହାତକୁ ସଂଯୁକ୍ତ କରି ରଖିବା ଆମ ଯୋଗମୁଦ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହାର ଅନେକ ସକାରାତ୍ମକ ସ୍ନାୟବିକ ପ୍ରଭାବ ଅଛି ବୋଲି ମଧ୍ୟ ବିଜ୍ଞାନ କହେ।



ବିଡ଼ମ୍ବନାର କଥା ଏୟା ଯେ ବୈଜ୍ଞାନିକ, ଆଧ୍ୟାତ୍ମିକ ଓ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଆମର ପ୍ରଣାମ ପରମ୍ପରାକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଆଦୃତି ମିଳୁଥିବାବେଳେ ଆମ ଭିତରୁ ଅଧିକାଂଶ ଆମ ନିଜର ସମୃଦ୍ଧ ପରମ୍ପରାରୁ ବିଚ୍ୟୁତ ହୋଇଚାଲିଛେ। ଏଇ କଥାଟି ବର୍ତ୍ତମାନ ତଥା ଆମ ଉତ୍ତର ପିଢ଼ିକୁ ଆମେ ବୁଝାଇଦେବା ଆବଶ୍ୟକ, ନଚେତ ଆମ ସଂସ୍କୃତି ପରମ୍ପରାର ଏଇ ସୁନ୍ଦର ବିଭବଟି ସମ୍ପୂର୍ଣ୍ଣ ଲୋପ ପାଇଯିବାକୁ ଆଉ ବେଶିଦିନ ଲାଗିବନି।

ନମସ୍କାର ସମ୍ପର୍କିତ ଏମିତି ଏକ ଅନର୍ଗଳ ଭାଷଣ ଶୁଣେଇସାରି ଚା' ଆଣିବା ପାଇଁ ବନ୍ଧୁ ତାଙ୍କ ଝିଅକୁ ପାଟିକରି ଡାକିଲେ। କିଛି ସମୟ ପରେ ଚା' ଧରି ଆସି ଝିଅ ମତେ 'ଗୁଡ୍ ଇଭିନିଂ' ଜଣାଇବାରୁ କ୍ଷୁବ୍ଧ ହୋଇ ବନ୍ଧୁ ତାକୁ ଇସାରା କଲେ ମତେ ପାଦ ଛୁଇଁ ପ୍ରଣାମ କରିବାକୁ। ସୁନା ପିଲାଟେ ପରି ସେ କିଛି ଦୂରରେ ଥାଇ ଟିକେ ନଇଁପଡ଼ି ମୋ ଗୋଡ଼ ଆଡକୁ ତା' ବାଆଁ ହାତ ବଢ଼େଇ ଦେଇ ଆଉ ଥରେ 'ଗୁଡ୍ ଇଭିନିଂ' କହି ଫେରିଗଲା। ମୋ ଭିତରୁ ସ୍ୱତଃ ବାହାରି ଆସୁଥିବା 'ଭେରି ଗୁଡ୍ ଇଭନିଂ' କୁ ଅଟକେଇଦେଇ 'କଲ୍ୟାଣମସ୍ତୁ' କହିଲାବେଳେ ବନ୍ଧୁଙ୍କ ମୁହଁ ଲଜ୍ଜାରେ ଲାଲ୍ ପଡ଼ିଯାଇଥିଲା।

**ଅଧ୍ୟାପକ, ଇଂରାଜୀ ବିଭାଗ, ନିଆଳି କଲେଜ, ନିଆଳି, କଟକ**
**ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ଭୁଲ କାମ ପାଇଁ ପିଲାମାନଙ୍କୁ ମା'ବାପା ଦଣ୍ଡ ଦିଅନ୍ତି ସତ କିନ୍ତୁ ଦଣ୍ଡ ଦେବା ପରେ ନିଜେ ବହୁତ କଷ୍ଟ ପାଆନ୍ତି। ଏମିତିକି ଦଣ୍ଡ ଦେବା ପରେ ଲୁଚି ଲୁଚି କାନ୍ଦନ୍ତି ଓ ପିଲାମାନଙ୍କୁ ଗେଲ ବି କରନ୍ତି। ହେଲେ ଏମିତି ବି ବାପା ଅଛନ୍ତି ଯେଉଁମାନେ ମାତ୍ର ୫ଶହ ଟଙ୍କା ପାଇଁ ନିଜ ଜନ୍ମ କଲା ପୁଅକୁ ଜୀବନରୁ ମାରିବାକୁ ବି ପଛାନ୍ତି ନାହିଁ। ଏଭଳି ଏକ ଅତ୍ୟନ୍ତ ପୈଶାଚିକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ଗାଜିଆବାଦର ବିସ୍‌ବା ଗାଁରେ। ଏହି ଗାଁର ନୌଶାଦ ନାମକ ଜଣେ ବ୍ୟକ୍ତି ୫ ଶହ ଟଙ୍କା ଚୋରି କରିବା ଅଭିଯୋଗରେ ନିଜ ପୁଅକୁ ପିଟିପିଟି ମାରି ଦେଇଛନ୍ତି। ନୌଶାଦଙ୍କ କହିବା ଅନୁସାରେ ତାଙ୍କ ପକେଟ୍‌ରୁ ୫ଶହ ଟଙ୍କା ଚୋରି ହୋଇଥିଲା। ଏକଥା ଜଣାପଡ଼ିବା ପରେ ତାଙ୍କ ଦ୍ୱିତୀୟ ପତ୍ନୀ ରାଜିୟା କହିଥିଲେ କି ତାଙ୍କ ସାବତ ପୁଅ ହିଁ ଏହି ଚୋରି କରିଛି। ତେଣୁ ନୌଶାଦ ରାଗରେ ନିଜର ୧୦ ବର୍ଷର ପୁଅକୁ ନିର୍ଦ୍ଦୟ ଭାବରେ ମାଡ଼ ମାରିଚାଲିଲେ। ପିଲାଟି ଚୋରି କରିନାହିଁ ବୋଲି ଯେତେ କହିଥିଲେ ମଧ ନୌଶାଦ ସେକଥାକୁ ଆଦୌ କର୍ଣ୍ଣପାତ କରି ନ ଥିଲେ। ଶେଷରେ ମାଡ଼ ସହି ନ ପାରି ଘଟଣା ସ୍ଥଳରେ ହିଁ ପିଲାଟିର ଜୀବନ ଚାଲି ଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

**୩୦ ସେପ୍ଟେମ୍ବର ୧୯୭୫**

- ଉତ୍ତର ପ୍ରଦେଶରେ ହସ୍ତତନ୍ତ କାରିଗରମାନଙ୍କ ଉନ୍ନତି ନିମନ୍ତେ ୯ ଲକ୍ଷ ଟଙ୍କାର ଏକ ଉନ୍ନୟନ ପାଣ୍ଠି ଗଠନ କରାଯାଇଛି।
- ତ୍ରିଭେନ୍ଦ୍ରମ୍‌ସ୍ଥିତ ବିକ୍ରମ ସରାଭାଇ ମହାକାଶ ଗବେଷଣା କେନ୍ଦ୍ରରେ ପ୍ରସ୍ତୁତ ହୋଇଥିବା ରୋହିଣୀ-୩୦୦ ରକେଟକୁ ଥୁମ୍ବା ରକେଟ କ୍ଷେପଣ ଘାଟୀରେ ସଫଳତା ସହକାରେ ମହାଶୂନ୍ୟକୁ ଉତ୍କ୍ଷେପଣ କରାଯାଇଛି।
- ପ୍ରସିଦ୍ଧ ମରାଠି ଔପନ୍ୟାସିକ ବିଷ୍ଣୁ ସାଖାରାମ ଖଣ୍ଡେକରଙ୍କୁ ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ଭାବଇଁ ଚକିତେ କେତେ କାଳ ଏହି ମତି
ଶୂନ୍ୟ ଏ ଘରେ ଜାଳିବି ଏକା ମୋ ବତୀ
ରୂପ-ହୋମାନଳେ ସମିଧ କରିବି ଦେହ
ପୀରତି-ବେଦୀରେ ଜଣାଉଥିବି ମୋ ନିତି।
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 5 | 9 | | 6 | | |
| | | | | | 4 | | | 8 |
| | 2 | | | 6 | | 1 | | |
| | | | | 2 | 3 | 4 | | |
| | 4 | 2 | | | | 3 | | |
| 6 | 7 | | | | 9 | | 2 | |
| | | | | | 8 | | | 7 |
| | 8 | | 7 | 4 | | | | |
| 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 4 | 9 | 8 | 3 | 2 | 7 |
| 3 | 9 | 7 | 2 | 6 | 5 | 4 | 8 | 1 |
| 8 | 2 | 4 | 3 | 1 | 7 | 9 | 6 | 5 |
| 6 | 3 | 8 | 1 | 7 | 9 | 2 | 5 | 4 |
| 2 | 4 | 5 | 8 | 3 | 6 | 1 | 7 | 9 |
| 1 | 7 | 9 | 5 | 2 | 4 | 8 | 3 | 6 |
| 7 | 8 | 6 | 9 | 4 | 2 | 5 | 1 | 3 |
| 4 | 5 | 3 | 6 | 8 | 1 | 7 | 9 | 2 |
| 9 | 1 | 2 | 7 | 5 | 3 | 6 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯୁଦ୍ଧକୁ ତେଜୁଛି ଆମେରିକା

ମହାଶୟ,
ପ୍ରାୟ ପଚାଶ ବର୍ଷ ତଳେ ଆମେରିକା ଦୁଇ ମଣିଷ (ନିଲ୍ ଆର୍ମଷ୍ଟ୍ରଙ୍ଗ ଓ ଏଡ୍‌ଉଇନ ବର୍ଜ ଆଲ୍‌ଡ୍ରିନ୍)ଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇ ନିଜକୁ ପୃଥିବୀର ଶ୍ରେଷ୍ଠ ଦେଶ ଭାବେ ଗର୍ବ ଅନୁଭବ କରିଥିଲା। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ହିରୋସୀମା ଓ ନାଗାସାକି ଉପରେ ଲିଟିଲ୍‌ମ୍ୟାନ୍ ଓ ଫ୍ୟାଟ୍‌ବୟ ନାମକ ଦୁଇଟି ପରମାଣୁ ବୋମା ପକାଇ ଲକ୍ଷ ଲକ୍ଷ ଲୋକଙ୍କୁ ମାରିଦେଲା ଓ ଅନେକଙ୍କୁ ପଙ୍ଗୁ, ଅକର୍ମଣ୍ୟ କରିଦେଲା। ତା' ପ୍ରଭାବରେ ବର୍ତ୍ତମାନ ବି ଅନେକ ବିକଳାଙ୍ଗ ଶିଶୁ ଜନ୍ମ ହେଉଛନ୍ତି। ବର୍ତ୍ତମାନ ୟୁକ୍ରେନ୍-ରୁଷିଆ ଯୁଦ୍ଧ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି। ଯୁଦ୍ଧ ଥମିବାର ନାଁ ଧରୁନାହିଁ। ଆମେରିକା ନିଆଁରେ ଘିଅ ଢାଳିବା ପରି ୟୁକ୍ରେନ୍‌କୁ ଯୁଦ୍ଧାସ୍ତ୍ର ଯୋଗାଇ ଦେଉଛି। ଯୁଦ୍ଧରେ ଉଭୟ ଦେଶର ସୈନ୍ୟଙ୍କ ସହିତ ସାଧାରଣ ଲୋକ ମଧ ମୃତ୍ୟୁବରଣ କରୁଛନ୍ତି। ମୃତକଙ୍କ ପୁନଃ ଜୀବନ୍ୟାସ ହୋଇ ପାରିବ କି ? ଯେଉଁ ବୋମା ପଡ଼ି ବିସ୍ଫୋରଣ ହେଉଛି, ତାହାର ନିର୍ଗତ ବିଷାକ୍ତ ଧୂଆଁ ପରିବେଶକୁ ପ୍ରଦୂଷିତ କରୁନାହିଁ କି! ଯୁଦ୍ଧ ବନ୍ଦ ପାଇଁ ଗଠିତ ଜାତିସଂଘ ନିଷ୍କ୍ରୀୟ କହିଲେ ଚଳେ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜଳ ସଂରକ୍ଷଣରେ ଉଦାହରଣ ପାଲଟିଛି ପାରସତରାଇ

■ବଦଳାଇଲେ ଚାଷ ପଦ୍ଧତି, ନିୟମ ଭାଙ୍ଗିଲେ ଜରିମାନା

■ବର୍ଷା ଜଳ ଅମଳକୁ ଗୁରୁତ୍ୱ, ଗଛର ହେଲା ନମ୍ବରିଂ

ଭୁବନେଶ୍ୱର,୨୯।୯(ଅନୁରାଧା ମହାରଣା)



ଦିନକୁ ଦିନ ଭୂତଳ ଜଳସ୍ତର ହ୍ରାସ ପାଇ ଚାଲିଥିବାବେଳେ ଏହା ଏକ ବୈଶ୍ୱିକ ସମସ୍ୟାରେ ପରିଣତ ହୋଇଛି। ଏପରି ସ୍ଥିତିରେ ଛତିଶଗଡ଼ ଧାମତାରୀ ଜିଲାର ଏକ ଛୋଟ ଗାଁ ପାରସତରାଇ ଜଳ ସଂରକ୍ଷଣ କ୍ଷେତ୍ରରେ ଉଦାହରଣ ପାଲଟିଛି। ମରୁଡ଼ି ପ୍ରବଣ ଅଞ୍ଚଳ ହୋଇଥିଲେ ମଧ୍ୟ ଜଳ ସଂରକ୍ଷଣ ଦ୍ୱାରା କୃଷି କ୍ଷେତ୍ର ଶସ୍ୟ ଶ୍ୟାମଳା ହୋଇପାରୁଛି। ରାୟପୁରରୁ ୮୦ କିମି ଦକ୍ଷିଣରେ ଅବସ୍ଥିତ ଏହି ଗାଁର କୃଷକ କେବଳ ଜଳସଂରକ୍ଷଣ ନୁହେଁ, ବରଂ ବର୍ଷକରେ ଏକାଧିକ ଫସଲ ଉତ୍ପାଦନ କରି ସବୁଜ ବିପ୍ଳବ କ୍ଷେତ୍ରରେ ନୂଆ ପରିଚୟ ସୃଷ୍ଟି କରିଛନ୍ତି। ସ୍ଥାନୀୟ କୃଷକଙ୍କ କୃତିତ୍ୱକୁ ନେଇ ଅକ୍ଟୋବର ୫ ଓ ୬ ତାରିଖରେ ଛତିଶଗଡ଼ର ରବିଶଙ୍କର ସାଗର ବା ଗ୍ୟାଙ୍ଗରେଲ୍ ଡ୍ୟାମ୍ ଅଞ୍ଚଳରେ ୨ ଦିନିଆ ଅନ୍ତର୍ଜାତୀୟ ଜଳ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ୨୦୨୨ରେ ଜଳ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ଏକ ସର୍ଭେରେ ସମ୍ପୃକ୍ତ ଅଞ୍ଚଳରେ ଜଳ ଅଭାବ ଚିହ୍ନଟ ହୋଇଥିଲା। ୪ଟି ଡ୍ୟାମ୍ ଘେରି ରହିଥିଲେ ମଧ୍ୟ ସମ୍ପୃକ୍ତ ସ୍ଥାନରେ ଜଳସ୍ତର ହ୍ରାସ ପାଇବା ଚିନ୍ତାର କାରଣ ପାଲଟିଥିଲା। ତେଣୁ ଏହାକୁ ଦୃଷ୍ଟିରେ ରଖି ଉଭୟ ରବି ଓ ଖରିଫ ଋତୁରେ କେବଳ ଧାନ ଚାଷ ପରିବର୍ତ୍ତେ ଅନ୍ୟ ଫସଲ କରିବାକୁ ଧାମତରୀ ପ୍ରଶାସନ ଅଣ୍ଟା ଭିଡ଼ିଥିଲା। ଏଥିପାଇଁ କୃଷକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଫଳରେ କୃଷକମାନେ ଖରିଫ ଋତୁରେ ଧାନଚାଷ ଓ ରବି ଋତୁରେ ଡାଲି ଓ ତୈଳବୀଜ ଜାତୀୟ ଫସଲ ଚାଷ କରିବା ଆରମ୍ଭ କରିଥିଲେ। ଏହି ଚାଷରେ ଅପେକ୍ଷାକୃତ କମ୍ ଜଳର ଆବଶ୍ୟକତା ହେଉଥିବାରୁ ଜଳ ସଂରକ୍ଷଣର ଏହା ଅନ୍ୟତମ ମାଧ୍ୟମ ପାଲଟିଥିଲା। ଏହାସହ ନଳକୂପ ଖନନ ହ୍ରାସ କରାଯିବା ସହ ବର୍ଷାଜଳ ଅମଳକୁ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ବେଆଇନ ଗଛ କଟା ରୋକିବା ପାଇଁ ଗଛଗୁଡ଼ିକୁ ନମ୍ବରିଂ କରାଯିବା ସହ ପ୍ଲାଷ୍ଟିକ୍ ବ୍ୟବହାରକୁ ନିୟନ୍ତ୍ରଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କ ସରକାର ଜଳ ଜାଗର ଅଭିଯାନକୁ ତ୍ୱରାନ୍ୱିତ କରିଥିଲା। ସୂଚନାଥାଉ କି, ପରାସତରାଇ ଗ୍ରାମରେ ୩୦୦ ପରିବାରର ପ୍ରାୟ ୧୫୦୦ ଲୋକ ବସବାସ କରନ୍ତି। ସରକାରୀ ଯୋଜନା ଲାଭ ଉଠାଇବା ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ଦ୍ୱାରା ପ୍ରୋତ୍ସାହିତ କରାଯାଉଛି। ସେହିପରି ରବି ଋତୁରେ କୌଣସି କୃଷକ ଧାନ ଚାଷ କଲେ ତାଙ୍କୁ ଏକର ପିଛା ୨୭ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିଥାଏ। ସେହିପରି ରବି ଋତୁରେ ଧାନବିଲରୁ ପାଣି ଯାଇ କୌଣସି ଚାଷୀଙ୍କ ତୈଳବୀଜ କିମ୍ବା ଡାଲିଜାତୀୟ ଫସଲରେ ପ୍ରବେଶ କଲେ ଅତିରିକ୍ତ ୩୭ ହଜାର ଟଙ୍କା ଜରିମାନା ହୋଇଥାଏ। ପରାସତରାଇର ଏପରି ଜଳସଂରକ୍ଷଣ ଓ ଚାଷପ୍ରକ୍ରିୟାକୁ ଆଖପାଖର ରଣଓ୍ୱା, ଖରତୁଳି, ପୋଟିୟାଡିହ, ଲୋହର୍ସି, ବାଗତରାଇ ଆଦି ଗାଁ ଅନୁସରଣ କରୁଥିବା ସ୍ଥାନୀୟ ସରପଞ୍ଚ ପରମାନନ୍ଦ ଆଦିଲ କହିଛନ୍ତି। ପରାସତରାଇର ଏହି ସଫଳତା ଶ୍ରେୟ ସମ୍ପୂର୍ଣ୍ଣ ଭାବେ ଗ୍ରାମବାସୀଙ୍କର ବୋଲି ଧାମତରୀ ଜିଲାପାଳ ନମ୍ରତା ଗାନ୍ଧୀ କହିଛନ୍ତି। ବର୍ତ୍ତମାନ ଏହି ଗାଁରେ ମା' ପାଇଁ ଗଛଟିଏ ଅଭିଯାନରେ ଚାରାରୋପଣକୁ ବ୍ୟାପକ କରାଯାଇଛି।

## ମଣିପାଲ ହସ୍ପିଟାଲ ପକ୍ଷରୁ ବିଶ୍ୱ ହୃଦୟ ଦିବସ




ଭୁବନେଶ୍ୱର,୨୯।୯ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ମଣିପାଲ ହସ୍ପିଟାଲ ପରିସରରେ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଣିପାଲ ହସ୍ପିଟାଲ ପକ୍ଷରୁ ଏକ ମେଗା ୱାକାଥନ୍‌ର ଆୟୋଜନ କରାଯାଇଥିଲା। ମଣିପାଲ ହସ୍ପିଟାଲ ଦ୍ୱାରା ଆୟୋଜିତ ଏହି ବିଶାଳ ୱାକାଥନ୍‌କୁ ହସ୍ପିଟାଲ ଡାଇରେକ୍ଟର ଡା.ଶକ୍ତିମୟ ମହାପାତ୍ରଙ୍କ ସମେତ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡା. ଯଯାତି କେଶରୀ ପାଢ଼ୀ, ଡା. ଲିଙ୍ଗରାଜ ନାଥ, ଡା. ମହେଶ ପ୍ରସାଦ ଅଗ୍ରୱାଲ୍, ଡା. ଦିବ୍ୟରଞ୍ଜନ ବେହେରା, ଡା. ପ୍ରଦୀପ କୁମାର ଦାଶଙ୍କ ସମେତ ବରିଷ୍ଠ ହୃଦଶଲ୍ୟ ବିଶେଷଜ୍ଞ ଡା. ଜିତେନ୍ଦ୍ର ନାଥ ପଟ୍ଟନାୟକ, ଡା. ବିଶ୍ୱଜିତ ମହାପାତ୍ର ଏବଂ କାର୍ଡିଆ ଆନେସ୍ଥେସିଆ ଡା. ବିବେକ ଚୌଧୁରୀ ଫ୍ଲାଗ୍ ଅଫ୍ ସହ ୱାକଥନର ଉଦଘାଟନ କରିଥିଲେ। ଏପରିକି କଳିଙ୍ଗ ଷ୍ଟାଡିୟମର ଗେଟ୍ ନମ୍ବର ୩ ରୁ ପାଲ୍ ହାଇଟ୍ସ୍ ଛକ ପର୍ଯ୍ୟନ୍ତ ଏହି ରାଲି (ୱାକାଥନ) ରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଭାଗ ନେଇଥିଲେ। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଡାଇରେକ୍ଟର ଡା ଶକ୍ତିମୟ ମହାପାତ୍ର କହିଛନ୍ତି, ''ବିଶ୍ୱ ହୃଦୟ ଦିବସ ଅବସରରେ ଆମେ ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରକାର ହୃଦ୍‌ରୋଗ ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ 'ଏହି ବିଶାଳ ୱାକାଥନ୍' ଆରମ୍ଭ କରିଛୁ।

## ସନସାଇନ୍ ହସ୍ପିଟାଲ ପକ୍ଷରୁ ୱାକାଥନ




ଭୁବନେଶ୍ୱର,୨୯।୯ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ସନସାଇନ୍ ହସ୍ପିଟାଲ ପରିସରରେ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲ ପକ୍ଷରୁ ଏକ ମେଗା ୱାକାଥନର ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରା ଲକ୍ଷ୍ମୀ ସାଗର ମେଳଣ ପଡ଼ିଆରୁ ସନସାଇନ୍ ହସ୍ପିଟାଲ ପରିସର ପର୍ଯ୍ୟନ୍ତ ଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିଲାବେଳେ ହୃଦ୍ ରୋଗ ବିଶେଷଜ୍ଞ ଡା ରିତେଶ ଆଚାର୍ଯ୍ୟଙ୍କ ସମେତ ବିଶିଷ୍ଟ ଚିକିତ୍ସା ବିଶେଷଜ୍ଞମାନେ ଯୋଗ ଦେଇଥିଲେ। କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରିର ପରାମର୍ଶଦାତା ଡା ସ୍ୱେତଙ୍କ ଦାସ, ସନସାଇନ୍ ହସ୍ପିଟାଲର ସିଇଓ ଡ. ଆଲୋକ ଲୋଧ ଏବଂ ସନସାଇନ୍ ହସ୍ପିଟାଲର ନିର୍ଦ୍ଦେଶକ ଡ. ଆୟଶକାନ୍ତ ମହାନ୍ତି। ବ୍ରେନ୍ ଆଣ୍ଡ ସ୍ପାଇନ୍ ସର୍ଜରିର ମୁଖ୍ୟ ପରାମର୍ଶଦାତା ବ୍ରିଗେଡିୟର ପ୍ରଫେସର ଡାକ୍ତର ପିକେ ସାହୁ, ଡିଜିଏମ୍ ଗ୍ରୋଥ ଆଣ୍ଡ ଡେଭଲପମେଣ୍ଟ ସନ୍ଦୀପ ପୃଷ୍ଟି ଓ ଜିଏମ୍ ଅପରେଶନ୍ ଜଗତ ଜୀବନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଏମ୍ ପ୍ରଶାସନ କର୍ଣ୍ଣେଲ ତ୍ରିଲୋଚନ ଦାସ ପରିଚାଳନା କରିଥିଲାବେଳେ ସନସାଇନ୍ ହସ୍ପିଟାଲର ବ୍ରେନ୍ ଆଣ୍ଡ ସ୍ପାଇନ୍ ସର୍ଜରିର ମୁଖ୍ୟ ପରାମର୍ଶଦାତା ବ୍ରିଗେଡିୟର ପ୍ରଫେସରଡା ପିକେ ସାହୁ କାର୍ଯ୍ୟକ୍ରମର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ।

## ନାରୀ ଲେଖନୀରେ ପ୍ରତିଫଳିତ ହୁଏ ନାରୀର କଥା

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ନାରୀ ଲେଖିକାଟିଏ ନାରୀର ଅନୁଭବ, ଅସହାୟତା, ଅପ୍ରାପ୍ତିକୁ ଯେତେ ସୁନ୍ଦର ଭାବରେ ବର୍ଣ୍ଣନା କରିପାରିବ, ପୁରୁଷଟିଏ ତା'ର ଲେଖନୀରେ ସେତେ ପରିମାଣରେ ତାହାକୁ ଫୁଟାଇ ପାରିବ ନାହିଁ। ପ୍ରଥମ ଋତୁବତୀ ହୋଇଥିବା ନାରୀର ଭୟ, ସଙ୍କୋଚ ଓ ଗର୍ଭବତୀ ନାରୀର ସନ୍ତାନକୁ ନେଇ ସୁଖଦ ଅନୁଭବ ନାରୀର ଲେଖନୀରେ ହିଁ ବିଶ୍ୱସ୍ତ ଭାବେ ପ୍ରତିଫଳିତ ହୋଇଥାଏ ବୋଲି ଚଳିତ ବର୍ଷର ଶାରଳା ପୁରସ୍କାର ବିଜେତା ସାହିତ୍ୟିକା ସରୋଜିନୀ ସାହୁ କହିଛନ୍ତି। ରବିବାର 'ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ' ପକ୍ଷରୁ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। 'ନିତିଦିନ'ର ସମ୍ପାଦକ ତଥା ବରିଷ୍ଠ ସାହିତ୍ୟିକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ 'ମୋ ଜୀବନ ମୋ ସାହିତ୍ୟ' ଶୀର୍ଷକ ଆଲୋଚନାରେ ଲେଖିକା ସାହୁ ତାଙ୍କ ସାହିତ୍ୟିକା ଜୀବନରେ କିପରି ଅନେକ ସମୟରେ ନିଜ ଗଳ୍ପ ଓ ଉପନ୍ୟାସ ପ୍ରକାଶ ପରେ ବିବାଦ ସୃଷ୍ଟି ହୋଇଥିଲା ଓ ତା'ଭିତରେ ନିଜର ସାହିତ୍ୟିକ ମୂଲ୍ୟବୋଧକୁ ଜାହିର କରି ଆଗେଇ ଚାଲିଥିଲେ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ ଅନୁବାଦିକା ତଥା ଓଡ଼ିଶା ଲେଖିକା ସଂସଦ ସଭାପତି ଡ. ଶକୁନ୍ତଳା ବଳିୟାରସିଂହ ଲେଖିକା ସାହୁଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଡ. ହିରଣ୍ମୟୀ ମିଶ୍ର ଜଣେ ସାହିତ୍ୟିକର ରଚନା ହୃଦୟର ନିଭୃତ କୋଣରୁ ଝରିପଡ଼ିଲେ ତାହା ପାଠକଙ୍କ ହୃଦୟକୁ ଛୁଇଁପାରେ ବୋଲି କହିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ସମ୍ପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଆବାହକ ରମାକାନ୍ତ ମିଶ୍ର।



ମାଇଁ ପ୍ୟାରେଣ୍ଟ୍ସ ଟ୍ରଷ୍ଟ ପକ୍ଷରୁ ଜୟଦେବ ବିହାର ଇଭେଣ୍ଟ୍ସ ସ୍କୋୟାରଠାରେ ଅନୁଷ୍ଠିତ ନୂଆଖାଇ ଭେଟ୍‌ଘାଟ ଶିଳ୍ପୀମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

## ଶୋଭାଯାତ୍ରା ଜରିଆରେ ସଚେତନତା




ଭୁବନେଶ୍ୱର,୨୯।୯: (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ରବିବାର ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପକ୍ଷରୁ ଏକ ମେଗା ୱାକାଥନ (ସଚେତନତା ଶୋଭାଯାତ୍ରା)ର ଆୟୋଜନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ ଗୋଲକ ପ୍ରସାଦ ମହାପାତ୍ର ଏବଂ ଓଡ଼ିଆ ଅଭିନେତ୍ରୀ ବିଦୁସ୍ମିତା ଦାସ ମନ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ଗ୍ରୁପ ଅଫ ହସ୍ପିଟାଲ୍‌ସର ଅଧ୍ୟକ୍ଷ ଡା. ସୁବ୍ରତ ଜେନା ଏବଂ ଏମଡି ଡା. ମାୟା ଗନ୍ତାୟତ ପ୍ରମୁଖ ଯୋଗ ଦେଇ ସୁସ୍ଥ ରହିବା ପାଇଁ ସଚେତନତା ରହିବା ସାଙ୍ଗକୁ ନୀତି ନିୟମ ପାଳନ କରିବାକୁ ମତବ୍ୟକ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ରବିବାର ବିଶ୍ୱ ହୃଦୟ ଦିବସ ଉପଲକ୍ଷେ ଏକ ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଅଶ୍ୱିନୀ ଗ୍ରୁପ ଅଫ ହସ୍ପିଟାଲ୍‌ସର ଡାକ୍ତର, ନର୍ସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ହୃତ୍‌ପିଣ୍ଡର ଯତ୍ନ ନେଇ ସଚେତନ କଲା ଆଇଜିକେସି

ଭୁବନେଶ୍ୱର,୨୯।୯(ଅନୁରାଧା ମହାରଣା)

ଆଇଜିକେସି ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏଥିରେ ହସ୍ପିଟାଲର ଡାକ୍ତର, ନର୍ସ, କର୍ମଚାରୀଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଏହି ଅବସରରେ ଲୋକଙ୍କୁ ବିଭିନ୍ନ ପ୍ରକାରର ହୃଦ୍‌ରୋଗର କାରଣ, ଲକ୍ଷଣ ଏବଂ ଚିକିତ୍ସା ପଦ୍ଧତି ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିସହ ପ୍ଲା କାର୍ଡ ମାଧ୍ୟମରେ ସୁସ୍ଥ ହୃତ୍‌ପିଣ୍ଡ ସମ୍ପର୍କିତ ବାର୍ତ୍ତା ଦିଆଯାଇଥିଲା। ଏହି ଜନସଚେତନା ୱାକାଥନ୍‌ରେ ବରିଷ୍ଠ ନାଗରିକ କ୍ଲବ୍‌ର କାର୍ଯ୍ୟକାରୀ ସମ୍ପାଦକ ଯୁଗଳ କିଶୋର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ହୃଦ୍‌ରୋଗ ସମ୍ପର୍କରେ ସଚେତନ କରାଇବା ସହିତ ନିୟମିତ ହାର୍ଟ ଚେକ୍ ଓ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ହସ୍ପିଟାଲର ଚେୟାରମ୍ୟାନ୍ ଡା. ସୁବୋଧ ଦାଶ ବିଶ୍ୱ ହୃତ୍‌ପିଣ୍ଡ ଦିବସର ଗୁରୁତ୍ୱ ବିଷୟରେ ଅଲୋଚନା କରିବା ସହିତ ଆମେ କିଭଳି ନିଜ ହୃତ୍‌ପିଣ୍ଡର ଯତ୍ନ ନେଇ ପାରିବା ସେ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡା. ପ୍ରକାଶ ଚନ୍ଦ୍ର ଦଳେଇ ଯୋଗଦେଇ ଆମର ଖାଦ୍ୟପେୟ ଓ ଜୀବନଶୈଳୀ କିଭଳି ହୃଦ୍‌ରୋଗର କାରଣ ହେଉଛି ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. କୁମାର ଗୌରବ, ଡା. ଶିଳ୍ପା ଏବଂ ବରିଷ୍ଠ ହୃଦ୍‌ଶଲ୍ୟ ବିଶେଷଜ୍ଞ ବୈରିୟନ୍ ସ୍ୱାଇଁ ବିଭିନ୍ନ ପ୍ରକାର ହୃଦ୍‌ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ପଦ୍ଧତି ସମ୍ପର୍କରେ କହିଥିଲେ। ଏହାସହିତ ନିୟମିତ ବ୍ୟବଧାନରେ ଡାକ୍ତରୀ ପରୀକ୍ଷା ଓ ଡାକ୍ତରଙ୍କ ପରାମର୍ଶ ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଶ୍ରୀସନ୍ନ୍ୟାସୀ ଜୀଙ୍କୁ ରାଜ୍ୟସ୍ତରୀୟ ବ୍ୟାସପୁତ୍ର ସମ୍ମାନ

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)




ବ୍ୟାସ ଫାଉଣ୍ଡେଶନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବୁଦ୍ଧମନ୍ଦିରସ୍ଥିତ ସମ୍ମିଳନୀ କକ୍ଷରେ ରବିବାର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାହିତ୍ୟିକ ଦାଶ ବେନେହୁର, ପଦ୍ମବିଭୂଷଣ ସୁଦର୍ଶନ ସାହୁ, ହାସ୍ୟ ଅଭିନେତା ପପୁ ପମ୍‌ପମ୍, ଚଳଚ୍ଚିତ୍ର ପ୍ରଯୋଜକ ରମେଶ ବାରିକ, ଉପସ୍ଥାପକ ମୃତ୍ୟୁଞ୍ଜୟ ରଥ, ଅଭିନନ୍ଦନ ଦାସ, ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ସଭାପତି ପଣ୍ଡିତ ଡ. ସିଦ୍ଧେଶ୍ୱର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆଧ୍ୟାତ୍ମିକ ଗ୍ରନ୍ଥକାର ଶ୍ରୀସନ୍ନ୍ୟାସୀ ଜୀଙ୍କୁ ରାଜ୍ୟସ୍ତରୀୟ ବ୍ୟାସପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।

## କେୟାର ହସ୍ପିଟାଲରେ ବିଶ୍ୱ ହୃଦୟ ଦିବସ




ଭୁବନେଶ୍ୱର,୨୯।୯ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର କେୟାର ହସ୍ପିଟାଲ ପରିସରରେ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରକାର ହୃଦ୍‌ରୋଗର କାରଣ, ଲକ୍ଷଣ ଏବଂ ଚିକିତ୍ସା ପଦ୍ଧତି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ହସ୍ପିଟାଲ ପକ୍ଷରୁ ଏକ ବିଶାଳ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ସମସ୍ତେ ଆମ ହୃଦୟକୁ କିଭଳି ସୁସ୍ଥ ରଖିବା ସମ୍ପର୍କିତ ବାର୍ତ୍ତା ପ୍ଲା କାର୍ଡ ଧରି କେୟାର ହସ୍ପିଟାଲଠାରୁ ନାଲକୋ ଛକ ପର୍ଯ୍ୟନ୍ତ ଏକ ୱାକାଥନ୍‌ରେ ଯାଇଥିଲେ। ଏହି ଅବସରରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଆୟକର ବିଭାଗର ପ୍ରିନ୍ସିପାଲ୍ କମିଶନର୍ ସରୋଜ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଏବଂ ଆଥଲେଟ୍ ଦୂତୀ ଚାନ୍ଦ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ୱାକାଥନ୍‌ରେ କେୟାର ହସ୍ପିଟାଲର ମୁଖ୍ୟ ହୃଦ୍‌ରୋଗ ବିଶେଷଜ୍ଞ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ବିଶ୍ୱ ହୃଦୟ ଦିବସର ମହତ୍ତ୍ୱ ବିଷୟରେ ଅଲୋଚନା କରିବା ସହିତ ଆମେ କିଭଳି ନିଜ ହୃଦୟର ଯତ୍ନ ନେଇ ପାରିବା,ସେ ସମ୍ପର୍କରେ ବୁଝାଇଥିଲେ। କେୟାର ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ହୃଦଶଲ୍ୟ ବିଶେଷଜ୍ଞ ଡା ବିପିନ୍ ବିହାରୀ ମହାନ୍ତି ଯୋଗ ଦେଇ ଥରେ ହୃଦ୍‌ରୋଗରେ ଆକ୍ରାନ୍ତ ହେଲେ, ହୃଦୟକୁ ସୁସ୍ଥ ରଖିବା ପାଇଁ କେଉଁ ସବୁ ଦିଗପ୍ରତି ଧ୍ୟାନ ଦେବାକୁ ପଡିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କେୟାର ହସ୍ପିଟାଲର ଏଚ୍‌ସିଓଓ କିସଲେ ଆନନ୍ଦ କହିଥିଲେ, ବିଶ୍ୱ ହୃଦୟ ଦିବସ ଏମିତି ଏକ ଦିବସ ଯେତେବେଳେ ଆମେ ହୃଦ୍‌ରୋଗ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରି ପାରିବା। କେୟାର ହସ୍ପିଟାଲରେ କେବଳ ବିଭିନ୍ନ ପ୍ରକାର ହୃଦ୍‌ରୋଗର ସଫଳ ଚିକିତ୍ସା କରାଯାଏନି ବରଂ ଲୋକଙ୍କୁ ହୃଦ୍‌ରୋଗ ବାବଦରେ ସଚେତନ ମଧ୍ୟ କରାଯାଏ। ପରିଶେଷରେ କେୟାର ହସ୍ପିଟାଲ ଭୁବନେଶ୍ୱର ଏଭିପି ଲୋକନାଥ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱବିଦ୍ୟାଳୟ ଗବେଷଣା କେନ୍ଦ୍ର ଭାବେ ଘୋଷଣା ହେଲା ଏସ୍‌ସିବି ବାୟୋକେମେଷ୍ଟ୍ରି ବିଭାଗ

କଟକ,୨୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)ର ବାୟୋକେମେଷ୍ଟ୍ରି ବିଭାଗକୁ ବିଶ୍ୱବିଦ୍ୟାଳୟ ଗବେଷଣା କେନ୍ଦ୍ର ଭାବେ ଘୋଷଣା କରାଯାଇଛି। ଏଥିସହ ଅସ୍ଥିସଲ୍ୟ ବିଭାଗରେ ଫେଲୋସି ପାଠ୍ୟକ୍ରମ ଯୋଡ଼ାଯାଇଛି। ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ରାଜ୍ୟ ବାୟୋକେମେଷ୍ଟ୍ରି ସଂଘର ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ ଯୋଗଦେଇ ଏହି ଘୋଷଣା କରିଛନ୍ତି। ରାଜ୍ୟ ବାୟୋକେମେଷ୍ଟ୍ରି ସଂଘ ସଭାପତି ତଥା ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ପ୍ରତିମା ସାହୁ, ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର ବି. ଦାସ, ପ୍ରଫେସର ପି.କେ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଚିତ୍ରକରଙ୍କ ତୂଳୀରେ 'ସ୍ୱଚ୍ଛତା ହିଁ ସେବା ବାର୍ତ୍ତା'

### ବିଏମ୍‌ସିର ୱେଷ୍ଟ ଟୁ ଆର୍ଟ ପ୍ରତିଯୋଗିତା

ଭୁବନେଶ୍ୱର,୨୯।୯(ଅନୁରାଧା ମହାରଣା)




ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଆୟୋଜିତ ୱେଷ୍ଟ ଟୁ ଆର୍ଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସହରର ଚିତ୍ରକରମାନେ ସ୍ୱଚ୍ଛତା ହିଁ ସେବାର ବାର୍ତ୍ତା ଦେଇଛନ୍ତି। ରାମ ମନ୍ଦିର ନିକଟ ଖାଓ ଗଳି କାନ୍ଥରେ ୬୦ରୁ ଅଧିକ ଚିତ୍ରକର କଳାପ୍ରଦର୍ଶନ କରିବା ସହ ସ୍ୱଚ୍ଛତା ରକ୍ଷା ପାଇଁ ସହରବାସୀଙ୍କୁ ସଚେତନ କରାଇଛନ୍ତି। ପ୍ରତିଯୋଗିତାକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ବିଏମ୍‌ସି ପକ୍ଷରୁ ଅଂଶଗ୍ରହଣକାରୀଙ୍କୁ ରଙ୍ଗ, ବ୍ରଶ, ଆପ୍ରୋନ ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଇ ଦିଆଯାଇଥିଲା। ଶିଳ୍ପୀମାନେ ଚିତ୍ର ଆରମ୍ଭ କରିବା ପୂର୍ବରୁ, ସେମାନେ ସ୍ୱଚ୍ଛ ଭାରତ ମିଶନ, ସ୍ୱଚ୍ଛ ଖାଦ୍ୟ ଗଳି, ସ୍ୱଚ୍ଛତା ଏବଂ ପରିମଳ ଉପରେ ଧ୍ୟାନ ଦେଇଥିଲେ। ସେଠାରେ ଥିବା କାନ୍ଥରେ ନିଜ ନିଜର ସୃଜନଶୀଳତାକୁ ପ୍ରତିଫଳିତ କରିବାକୁ ୧୨ଟି ଦଳ ଗଠନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅକ୍ଟୋବର ୨ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ କରାଯିବ। ସୂଚନାଥାଉକି, ଏହି ପ୍ରତିଯୋଗିତାରେ ଧଉଳି ଆର୍ଟ କଲେଜ, ବି.କେ. ଆର୍ଟ କଲେଜ, ସହରର ୱାଲ୍ ପେଣ୍ଟିଂ ଶିଳ୍ପୀମାନେ ଅଂଶ ଗ୍ରହଣ କରିଥିଲେ। ବିଏମସି ପକ୍ଷରୁ ୧୪୦ଟି ଅଳିଆ ଆବର୍ଜନା ପୂର୍ଣ୍ଣ ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଯାଇଛି। ବର୍ଜ୍ୟବସ୍ତୁରୁ ଅତି ସୁନ୍ଦର ସୁନ୍ଦର ଚିତ୍ର କରି ସେହିସବୁ ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜୋନାଲ କମିଶନର ରାଜଲକ୍ଷ୍ମୀ ନାୟକ, ଗଣଯୋଗାଯୋଗ ଓ ଲୋକ ସଂପର୍କ ବିଭାଗର ସହକାରୀ କମିଶନର ଏନ୍. ଗଣେଶ ବାବୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବେଆଇନ ମୋରମ ଚାଲାଣ: ଜେସିବି, ହାଇୱା ଜବତ

ଚୌଦ୍ୱାର,୨୯।୯(ଆଶୁତୋଷ ଦାସ): ଚୌଦ୍ୱାର ଥାନା ଅଧୀନ ବଧି ପଡିଆରେ ଶନିବାର ବିଳମ୍ବିତ ରାତିରେ ବେଆଇନ ଭାବେ ମୋରମ ଖୋଳାଯାଇ ଚାଲାଣ ହେଉଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ଉକ୍ତ କାର୍ଯ୍ୟରେ ବ୍ୟବହାର ହେଉଥିବା ଗୋଟିଏ ଜେସିବି ଓ ୩ଟି ହାଇୱାକୁ ଜବତ କରି ଥାନାକୁ ଆଣିଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ କଟକସ୍ଥିତ ଖଣି ବିଭାଗକୁ ଜଣାଇ ଦିଆଯାଇଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି।

### ଭାଜପାର ମିଶ୍ରଣ ପର୍ବ

ସାଲେପୁର,୨୯।୯(ଅରବିନ୍ଦ ଭୂୟାଁ): ଭାଜପା ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ବହୁ ଲୋକ ଭାଜପାରେ ଯୋଗଦେଇଛନ୍ତି। ଏହି ଅବସରରେ ନରଦା ପଞ୍ଚାୟତର ଦିବାକର ମଲ୍ଲିକ, ବିକ୍ରମ କେଶରୀ ମଲ୍ଲିକ, ସୁବାସ ଚନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ବେହେରା, ଅରୁଣ ମଲ୍ଲିକ, କେଶବ ବେହେରା, ଜିତନ ସାମଲ, ସୁବାସ ସାମଲ, ଶିବରାମ ତରାଇ, କୈଳାସ ଚନ୍ଦ୍ର ବେହେରା, ପୀତବାସ ବେହେରା ପ୍ରମୁଖ ଭାଜପାରେ ଭାଜପାରେ ଯୋଗଦେଇଛନ୍ତି। ଏହି ଗ୍ରାମରେ ଜନସଂପର୍କ ପଦଯାତ୍ରାରେ ଭାଜପା ନେତା ମହାନ୍ତି ଘର ଘର ବୁଲିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟା ପୁଷ୍ପଲତା ମଲ୍ଲିକ ଓ ବହୁ ଦଳୀୟ ଯୁବ ଭାଜପା କର୍ମୀ ଉପସ୍ଥିତ ଥିଲେ।

### ଜନସମ୍ପର୍କ ପଦଯାତ୍ରା ପାଇଁ ବିଜେଡିର ପ୍ରସ୍ତୁତି

ସାଲେପୁର,୨୯।୯(ଅରବିନ୍ଦ ଭୂୟାଁ) ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ବିଜେଡି ପକ୍ଷରୁ ହେବାକୁ ଥିବା ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ବାଲିସାହି ପଞ୍ଚାୟତ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ପଦଯାତ୍ରା ମାଧ୍ୟମରେ ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କ ସମସ୍ୟା ବୁଝିବା ପାଇଁ ସ୍ଥିର କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଜିଲାପରିଷଦ ସଦସ୍ୟ ରଞ୍ଜିତା ସେଠୀ, ନବକିଶୋର କର, ଗୁଲରେଜ ଅଲ୍ଲି, ସରପଞ୍ଚ ପବିତ୍ର ସାମଲ, ଜୟୀରାମ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଆର୍ଥିକ କ୍ଷତି ସହୁଛନ୍ତି ଛତୁ ଚାଷୀ

■ ଆବଶ୍ୟକ ଅନୁଯାୟୀ ମିଳୁନି ସରକାରୀ ପ୍ରୋତ୍ସାହନ
■ ନଡ଼ାର କୃତ୍ରିମ ଅଭାବ, ବେସନ ଚୋକଡ,ଛତୁ ମଞ୍ଜିର ଦର ବୃଦ୍ଧି
■ ଅଧିକ ସହାୟତା ଯୋଗାଇଦେବାକୁ ଦାବି

ନିଶ୍ଚିନ୍ତକୋଇଲି, ୨୯।୯ (ଅଶୋକ କୁମାର ମହାପାତ୍ର): ଛତୁ ଏକ ଅର୍ଥକରୀ ଫସଲ ଭାବେ ପରିଗଣିତ ହୁଏ। ବହୁ ଶିକ୍ଷିତ ଯୁବକ ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି। ଗାଁଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଆଡେ ଛତୁର ଚାହିଦା ଦେଖିବାକୁ ମିଳେ। ବଟମ ଛତୁ ହେଉ, ପାଳ ଛତୁ ଅବା ଧିଙ୍ଗିରି ଛତୁ ଚାଷୀମାନେ ବିଭିନ୍ନ ପର୍ଯ୍ୟାୟରେ ଜଳବାୟୁକୁ ଦେଖି ଚାଷ କରିଥାନ୍ତି। ତେବେ ବଟମ ଛତୁ ଚାଷ ପାଇଁ ଅଧିକ ବ୍ୟୟ ହେଉଥିବାରୁ ଏହି ଚାଷ ପାଇଁ ବହୁ କମ୍ ଲୋକ ମନ ବଳାଇଥାନ୍ତି। ଗ୍ରାମାଞ୍ଚଳରେ ପାଳଛତୁ ଚାଷ ପାଇଁ ଶିକ୍ଷତ ଯୁବତୀ ଯୁବକମାନେ ଆଗ୍ରହ ପ୍ରକାଶ କରନ୍ତି। ତେବେ ଛତୁ ପାଇଁ ଆବଶ୍ୟକ ନଡ଼ାର କୃତ୍ରିମ ଅଭାବ ଓ ବେସନ ଚୋକଡ ଓ ଛତୁ ମଞ୍ଜିର ଦର ବୃଦ୍ଧି ଚାଷୀଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏମିତି ବି ସରକାର ଛତୁ ଚାଷୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଦେଉ ନ ଥିବାରୁ ବହୁ ଚାଷୀ ଏବେ ଏହି ଚାଷ ପ୍ରତି ବିମୁଖ ହେଉଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା ଛତୁ ଚାଷୀଙ୍କୁ ଆବଶ୍ୟକ ଅନୁଯାୟୀ ସରକାରୀ ପ୍ରୋତ୍ସାହନ ଠିକ୍‌ଭାବେ ମିଳୁ ନଥିବା ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକର ବଳରାମପୁର, ଗୋପିନାଥପୁର, ପାଟଣା, ଭଗବାନପୁର, ପାଳଦା, ଅରୋଇ, ବାବୁଜଙ୍ଗ, ନରୁଆ ମଙ୍ଗଳପୁର, ବାଲିଆପଦା ଆଦି ସ୍ଥାନରେ ବେକାର ଯୁବକମାନେ ଆତ୍ମ ନିର୍ଭରଶୀଳ ହେବା ନିମନ୍ତେ ଛତୁ ଚାଷ କରୁଛନ୍ତି। ଏହି ଛତୁ ଚାଷ ନିମନ୍ତେ ନିଶ୍ଚିନ୍ତକୋଇଲି ବ୍ଲକ ଉଦ୍ୟାନ ବିଭାଗ ତରଫରୁ ଛତୁ ଚାଷୀମାନଙ୍କୁ ପ୍ରେରଣା ଓ ସହାୟତା ପ୍ରଦାନ କରାଯାଉଛି। ସାମ୍ପ୍ରତିକ ପରିସ୍ଥିତିରେ ମୂଲ ମଜୁରି ବହୁ ପରିମାଣରେ ବଢିଯାଇଛି। ଛତୁ ଚାଷନିମନ୍ତେ ଆବଶ୍ୟକତା ହେଉଥିବା ବେସନ, ଚୋକଡ ଓ ଛଣର ମୂଲ୍ୟ ମଧ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି। ଏପରିସ୍ଥଳେ ଖୋଲା ବଜାରରେ ଛତୁ ଚାଷର ମୂଲ୍ୟ ବୃଦ୍ଧି ପାଉନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବତୀ ଯୁବକ ଛତୁ ଚାଷ କରି ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏଠାରେ ଛତୁର ଚାହିଦା ଅଧିକ ଥିଲେ ମଧ୍ୟ ଚାଷୀମାନେ ଛତୁ ଚାଷରେ ବିନିଯୋଗ କରୁଥିବା ଅର୍ଥ ଠିକ୍ ଭାବେ ପାଇପାରୁନାହାନ୍ତି।

ସରକାରଙ୍କ ତରଫରୁ ଏହି ଅଞ୍ଚଳର ଛତୁ ଚାଷୀମାନଙ୍କୁ ଅଧିକରୁ ଅଧିକ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି ହୋଇଛି।

ଏସମ୍ପର୍କରେ ବ୍ଲକ ଉଦ୍ୟାନ ଅଧିକାରୀ ସ୍ୱାଗତିକା ସାହୁ କୁହନ୍ତି, ସରକାର ଏସ୍‌ଏଚ୍‌ଜି ଗ୍ରୁପ୍ ମହିଳାମାନଙ୍କୁ ଛତୁ ଚାଷ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଅନ୍ୟ ଯେଉଁମାନେ ଛତୁ ଚାଷ କରୁଛନ୍ତି, ସେମାନେ ବିଭାଗ ସହ ଯୋଗାଯୋଗ କଲେ ସରକାରୀ ନିୟମ ଅନୁଯାୟୀ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଚଳିତ ବର୍ଷ ଅଧିକ ଛତୁ ଚାଷୀଙ୍କୁ ସବ୍‌ସିଡି ଦିଆଯିବା ପାଇଁ ପ୍ରସ୍ତବ ରହିଛି ।



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ରବିବାର ଥିଏଟର ଅଭିଯାନ କଟକ ପକ୍ଷରୁ ମଞ୍ଚସ୍ଥ ନାଟକ 'ରକ୍ତର ରଙ୍ଗ'ର ଏକ ଦୃଶ୍ୟ।

# ଜଗମୋହନ ଡିସିପି, ପ୍ରତୀକ୍ ଗ୍ରାମାଞ୍ଚଳ ଏସ୍‌ପି

## କଟକରେ ୨ ନୂଆ ପୋଲିସ ମୁଖିଆ

କଟକ,୨୯।୯ (କାର୍ତ୍ତିକ ସାହୁ) ରାଜ୍ୟ ସରକାରଙ୍କ ଗୃହ ବିଭାଗର ରବିବାର ବିଜ୍ଞପ୍ତି ଅନୁଯାୟୀ କଟକ ପୋଲିସର ୨ ନୂଆ ମୁଖିଆଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ କମିଶନରେଟ୍ ପୋଲିସର କଟକ ଡିସିପି ଭାବେ ଆଇପିଏସ୍ ଅଫିସର ଜଗମୋହନ ମୀନା ଓ କଟକ ଗ୍ରାମାଞ୍ଚଳ ଏସ୍‌ପି ଭାବେ ଆଇପିଏସ୍ ଅଫିସର ପ୍ରତୀକ୍ ସିଂ। କଟକରେ ଶାରଦୀୟ ଦୁର୍ଗାପୂଜାର ଅବ୍ୟବହିତ ପୂର୍ବରୁ ୨ ନୂଆ ଅଧିକାରୀଙ୍କ ନିଯୁକ୍ତି ପୋଲିସର ଆଇନଶୃଙ୍ଖଳା ପରିଚାଳନା ଉପରେ ଗୁରୁତ୍ୱ ବହନ କରୁଛି।

ସୂଚନାନୁଯାୟୀ, ଗଞ୍ଜାମ ଏସ୍‌ପି ଭାବେ କାର୍ଯ୍ୟରତ ୨୦୧୩ ବ୍ୟାଚ୍ ଆଇପିଏସ୍ ଅଫିସର ଜଗମୋହନ ମୀନା କଟକ ଡିସିପି ଭାବେ ନିଯୁକ୍ତି ପାଇଛନ୍ତି। ୧୯୮୯ ସେପ୍ଟେମ୍ବର ୨୫ରେ ରାଜସ୍ଥାନରେ ଜନ୍ମିତ ମୀନା ୨୦୨୩ ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟପାଳ ମେଡାଲ ହାସଲ କରିଥିଲେ। ଜୁନିୟର ଆଡ୍‌ମିନିଷ୍ଟ୍ରେଟିଭ ଗ୍ରେଡ୍‌ର ଏସପି ମୀନା ୨୦୨୨ ଡିସେମ୍ବର ୩୦ ତାରିଖରୁ ଗଞ୍ଜାମ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସେହିପରି ଭୁବନେଶ୍ୱର ଡିସିପି ଭାବେ କାର୍ଯ୍ୟରତ ୨୦୧୪ ବ୍ୟାଚ୍ ଆଇପିଏସ୍ ଜୁନିୟର ଆଡମିନିଷ୍ଟ୍ରେଟିଭ ଗ୍ରେଡ୍ ଅଫିସର ପ୍ରତୀକ ସିଂଙ୍କୁ କଟକ ଗ୍ରାମାଞ୍ଚଳ ଏସ୍‌ପି ଭାବେ ନୂତନ ନିଯୁକ୍ତି ମିଳିଛି। ୧୯୮୮ ଅଗଷ୍ଟ ୧୮ରେ ହରିୟାଣାରେ ଜନ୍ମିତ ସିଂ ୨୦୨୦ ଜୁଲାଇ ୧୪ରେ କଟକ ଡିସିପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କଟକ ଡିସିପି ଭାବେ ସେ ୧ ବର୍ଷ ୯ ମାସ କାର୍ଯ୍ୟ କରିବା ପରେ ୨୦୨୨ ମେ' ୪ରେ ଭୁବନେଶ୍ୱର ଡିସିପି ଭାବେ ବଦଳି ହୋଇଥିଲେ। କଟକ ଗ୍ରାମାଞ୍ଚଳ ଏସ୍‌ପି ଭାବେ ନୂତନ ନିଯୁକ୍ତି ସିଂଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ରହିବ।

# ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ବିଶ୍ୱ ହୃଦୟ ଦିବସ ପାଳିତ




ବିଶ୍ୱ ହୃଦୟ ଦିବସ ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାରେ ସାମିଲ ପ୍ରତିଯୋଗୀ ଓ ଅନ୍ୟମାନେ।

କଟକ,୨୯।୯: (ଅଭୟ ଦାଶ) ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସଦଗୁରୁ ହସ୍ପିଟାଲ ପରିସରରେ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଜନସଚେତନତା ରାଲି (ୱାକଥନ) ହସ୍ପିଟାଲ କ୍ୟାମ୍ପସରୁ ଜଗତପୁର ଛକ ପର୍ଯ୍ୟନ୍ତ ଏବଂ ପୁଣି ହସ୍ପିଟାଲ ପରିସରକୁ ଫେରି ଆସିଥିଲା। ଏହି ରାଲିରେ ହସ୍ପିଟାଲର କର୍ମଚାରୀ, ହୃଦ ବିଭାଗର ଡାକ୍ତର ଏବଂ ରୋଟାରି କ୍ଲବ ଅଫ କଟକ ଗୋଲଡେନ ଷ୍ଟାରର ସଦସ୍ୟମାନେ ଯୋଗ ଦେଇଥିଲେ। ସେହିଭଳି ହସ୍ପିଟାଲ କର୍ମଚାରୀ ଏବଂ ନର୍ସିଙ୍ଗ କଲେଜର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ପଥପ୍ରାନ୍ତ ନାଟକ ଓ ସଚେତନଧର୍ମୀ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଯାଇଛି। ଏପରିକି ହସ୍ପିଟାଲ ସମ୍ମିଳନୀ କକ୍ଷରେ ବିଶ୍ୱ ହୃଦୟ ଦିବସ ଉପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡା. ଶ୍ରୀକ୍ଷେତ୍ର ନାଥ ନନ୍ଦ ଏବଂ ହସ୍ପିଟାଲର ନିର୍ଦ୍ଦେଶକ ଡା ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଯାଇଛି। ଡା ଅଶୋକ କୁମାର ମହାନ୍ତି ଓ ରୋଟାରିଆନ ବିପିନ ବିହାରୀ ପଣ୍ଡା ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ଓ ଏହାର ସଦୁପଯୋଗ କରି ଦୈନନ୍ଦିନ ଜୀବନଶୈଳୀକୁ ଠିକ ଭାବେ ଗଠନ କରିବା ଆମ ମାନଙ୍କର ଦାୟିତ୍ୱ ବୋଲି ସୁଚାଇଥିଲେ। କାର୍ଯ୍ୟକ୍ରମରେ କାଡ଼ିଓ ଥୋରାସିକ ସର୍ଜନ ଡା ଅନନ୍ତ ବରଦା ହୃଦରୋଗରେ ଅସ୍ତ୍ରୋପଚାରର ଭୂମିକା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ରୋଟାରୀଆନ ଡା ଶଶୀ ଭୂଷଣ ରାଉତ କିଡନୀ ରୋଗ କିଭଳି ହୃଦ ରୋଗ ସହ ଜଡିତ ସେ ବିଷୟରେ ଜନସାଧାରଣାଙ୍କୁ ଅବଗତ କରାଇଥିଲେ। ଡା ସୌମ୍ୟ ରଞ୍ଜନ ମିଶ୍ର କର୍କଟ ରୋଗ କିଭଳି ବିଭିନ୍ନ ପ୍ରକାରର ହୃଦରୋଗ ସହିତ ଜଡିତ ହୋଇପାରେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଜରୁରୀକାଳୀନ କାର୍ଯ୍ୟ ହେତୁ ଡା. ସତ୍ୟ ନାରାୟଣ ରାଉତରାୟ (ମୁଖ୍ୟ ଅତିଥି) ଙ୍କର ଅନୁପସ୍ଥିତିରେ ସଦଗୁରୁ ହସ୍ପିଟାଲ ପକ୍ଷରୁ ତାଙ୍କର ମାନପତ୍ର ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରି କ୍ଲବ ଅଫ କଟକ ଗୋଲଡେନ ଷ୍ଟାରର ପ୍ରେସିଡେଣ୍ଟ ରୋଟାରୀଆନ ବିପିନ ବିହାରୀ ପଣ୍ଡା, ରୋଟାରୀଆନ ଡା. ଶସୀ ଭୂଷଣ ରାଉତ ଓ ଅନ୍ୟମାନେ ସହଯୋଗ ପ୍ରଦାନ କରିଥିଲେ।

ସଦଗୁରୁ ନର୍ସିଙ୍ଗ କଲେଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସୁନ୍ଦର ପୋଷ୍ଟର ମାଧ୍ୟମରେ ,ସମାଜକୁ ଉତ୍ତମ ବାର୍ତ୍ତା ପ୍ରଦାନ କରାଯାଇଥିଲା। ପରିଶେଷରେ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ ଡା ସମିତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମକୁ ଡା ସୁଲଗ୍ନା ମହାନ୍ତି, ଡା ସୌମ୍ୟ ରଞ୍ଜନ ମିଶ୍ର,ଶ୍ରୀଧର ବେହେରା, ସିପ୍ରା ପାତ୍ର, ମନୋରଞ୍ଜନ ମିଶ୍ର, ରାଜକୁମାର ମେନନ, ପ୍ରଶାନ୍ତ ମହାନ୍ତି ଏବଂ ସୁଭାଶିଷ ପ୍ରସାଦ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ପଦଯାତ୍ରାରେ ସାମିଲ ହେବେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନତା

### ଗାନ୍ଧୀ ଜୟନ୍ତୀ ପାଇଁ ପ୍ରସ୍ତୁତି

ମାହାଙ୍ଗା,୨୯।୯(ଯଯାତି ସିଂ) ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅକ୍ଟୋବର ୨ରେ ପାଳନ କରାଯିବା ସହ ଏକ ପଦଯାତ୍ରା କରିବା ପାଇଁ କୁଆଁପାଳସ୍ଥିତ ବୈଷ୍ଣବ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଏଥିରେ ଯୋଗଦେଇ କଳା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟର ଭୂମି ମାହାଙ୍ଗାରେ ହିଂସା ପରିବର୍ତ୍ତେ ଶାନ୍ତି, ମୈତ୍ରୀ ଓ ଭାଇଚାରା ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ। ଗାନ୍ଧୀ ସ୍ମାରକୀ ପୀଠ କଇଥା ଚମ୍ପାପୁର ଠାରୁ ଯଶରାଜପୁର ଅତିକ୍ରମ କରି ଐତିହାସିକ ସଂଗ୍ରାମୀ ମାଟି ଭେଡା ପର୍ଯ୍ୟନ୍ତ ୧୦ ହଜାରରୁ ଊର୍ଦ୍ଧ୍ୱ ଗାନ୍ଧୀପ୍ରେମୀ, ପୁରୁଷ, ମହିଳା, ଛାତ୍ର, ଯୁବକ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏହି ପଦଯାତ୍ରା ଆୟୋଜନ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଥିଲା। ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ କୃଷକ ନେତା ବିଶ୍ୱନାଥ ଜେନା, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ, ସମିତି ସଭ୍ୟ ମନୋରଞ୍ଜନ ନାୟକ, ଦେବେନ୍ଦ୍ର ସାହୁ, ରମେଶ ସ୍ୱାଇଁ, ନିର୍ମଳ ରାଉତ, ପୂର୍ବତନ ସରପଞ୍ଚ କିଶୋର କୁମାର ରାଉତ, ଅଜୟ ନାୟକ, ଅଖିଳେଶ ମହାନ୍ତି, ଶରତ ସାମଲ, ପ୍ରାକ୍ତନ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୀତାମ୍ବର ମହାନ୍ତି, ଅଶୋକ ସାହୁ, ଅରୁଣ ସେଠୀ, ମନୋରଞ୍ଜନ ବିଶ୍ୱାଳ, ସମିତି ସଭ୍ୟ ସୁରେନ୍ଦ୍ର ମହାନ୍ତି, ମୃତ୍ୟୁଞ୍ଜୟ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ପଲିଥିନମୁକ୍ତ ହେବ ପୂଜାମଣ୍ଡପ




ବୈଠକରେ ପୂଜର କମିଟିର କର୍ମକର୍ତ୍ତା।

## ହରପାର୍ବତୀ ପୂଜା ମହୋତ୍ସବ ପ୍ରସ୍ତୁତି ବୈଠକ

ଫୁଲନଖରା,୨୯।୯ (ସତ୍ୟରଞ୍ଜନ ଦାସମହାପାତ୍ର) କଟକ ସଦର ଥାନା ଅନ୍ତର୍ଗତ ଡାହାଳିଆବାଗସ୍ଥିତ ହରପାର୍ବତୀ ପୂଜା ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ହରପାର୍ବତୀ ପୂଜା କମିଟି ସମ୍ପାଦକ ତଥା ପୂର୍ବତନ କର୍ପୋରେଟର କୌଶିକ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସମ୍ପାଦକ ଭିକାରି ଚରଣ ଦାସ, ନଳିନୀକାନ୍ତ ସେନାପତି, ଖବରଦାତା ଲଳିତ କୁମାର ଦାଶ ଯୋଗଦେଇ ଆସନ୍ତା ପୂଜାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ପାଇଁ ଆଲୋଚନା କରିଥିଲେ। ଏଥିସହ ନିଶାମୁକ୍ତ ଭସାଣି ଓ ଡିଜେମୁକ୍ତ ରୋଶଣି ସହ ପୂଜା ମଣ୍ଡପକୁ ପଲିଥିନ ମୁକ୍ତ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକରେ ପୂଜା କମିଟି ସଭାପତି ବଦ୍ରିନାରାୟଣ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଶଶିକାନ୍ତ ମହାନ୍ତି, ଦୀନକୃଷ୍ଣ ମହାନ୍ତି, ମହେନ୍ଦ୍ର କୁଅଁର, ପ୍ରଦୀପ ଜେନା, ସୁମନ୍ତ ରାଉତ, ସୁଶାନ୍ତ ମହାନ୍ତି, ପୁଲିନ ମହାପାତ୍ର, ତୋଫାନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଓଟିଡିସି ତରଫରୁ ଅଂଶୁପା ରେଷ୍ଟୁରାଣ୍ଟ ଉଦ୍‌ଘାଟିତ

ବାଙ୍କୀ,୨୯।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତର ଅଂଶୁପା ହ୍ରଦ ନିକଟରେ ଓଟିଡିସି ତରଫରୁ ଏକ ରେଷ୍ଟୁରାଣ୍ଟକୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଛନ୍ତି। ଏହି ରେଷ୍ଟୁରାଣ୍ଟ ପ୍ରତିଷ୍ଠା ହେବା ଦ୍ୱାରା ଅଂଶୁପା ହ୍ରଦକୁ ବୁଲି ଆସୁଥିବା ପର୍ଯ୍ୟଟକମାନେ ସୁଷମ ଖାଦ୍ୟପେୟର ସୁବିଧା ପାଇବା ସହ ପାଖରେ ରାତ୍ରିଯାପନ କରିବା ପାଇଁ ସୁବିଧା ପାଇପାରିବେ। ଏହାକୁ ସ୍ଥାନୀୟ ମା'ମଙ୍ଗଳା ସ୍ୱୟଂସହାୟକ ଗୋଷ୍ଠୀ ପରିଚାଳନା କରିଥିବା ବେଳେ ବିଶିଷ୍ଟ ବ୍ୟବସାୟୀ ରାଜେଶ କୁମାର ପଣ୍ଡା ଏହାର ଦାୟିତ୍ୱରେ ଅଛନ୍ତି। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ରେଷ୍ଟୁରାଣ୍ଟ ଦ୍ୱାରା ପର୍ଯ୍ୟଟକମାନଙ୍କର ବହୁ ସୁବିଧା ହୋଇପାରିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟା ରଶ୍ମିରେଖା ପଣ୍ଡା, ସଞ୍ଜୟ ପାତ୍ର, ସମରେନ୍ଦ୍ର ମହାପାତ୍ର, ସରଣ୍ଡା ଉନ୍ନୟନ ପରିଷଦର ସଭାପତି ଗତିକୃଷ୍ଣ ସ୍ୱାଇଁ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢୀ, ସ୍ଥାନୀୟ ସରପଞ୍ଚ ହିରଣ୍ମୟୀ ଦଳେଇ, ପୂର୍ବତନ ସରପଞ୍ଚ ତରୁଣକାନ୍ତ ମହାପାତ୍ର, ବେଣୁଧର ଦାସ, ସାନ୍ତନୁ ପଣ୍ଡା, ସୁପ୍ରିୟା ପ୍ରିୟଦର୍ଶିନୀ, ମାନସ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।




ଓଟିଡିସି ତରଫରୁ ଖୋଲାଯାଇଥିବା ରେଷ୍ଟୁରାଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ।

# ବାଙ୍କୀ ମହୋତ୍ସବ ପାଇଁ ଉପଖଣ୍ଡସ୍ତରୀୟ ନୃତ୍ୟ ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗନେଇଥିବା ନୃତ୍ୟଶିଳ୍ପୀମାନେ।

ବାଙ୍କୀ,୨୯।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ବାଙ୍କୀ ମହୋତ୍ସବ ଉପଖଣ୍ଡସ୍ତରୀୟ ନୃତ୍ୟ ପ୍ରତିଯୋଗିତା ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରି ଓ ସମ୍ବଲପୁରୀ, ଭଜନ, ଦେଶାତ୍ମକ ବୋଧ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଏହି ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ବିଶ୍ୱନାଥ ଶ୍ରୀଚନ୍ଦନ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ପ୍ରଥମ ଅଧିକାର କରିଛନ୍ତି। ପ୍ରତିଯୋଗିତାର ଉଦ୍‌ଯାପନୀ ସଭାରେ ମହୋତ୍ସବର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସଭାପତିତ୍ୱ କରିଥିଲେ। ବାଙ୍କୀ ଓକିଲ ସଂଘ ସମ୍ପାଦକ ସୁଭାଶିଷ ମହାପାତ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ପ୍ରଜାପିତା ବ୍ରହ୍ମକୁମାରୀ ରୀନା, ପ୍ରଜାପିତା ବ୍ରହ୍ମାକୁମାରୀ ସୌଦାମିନୀ, ବରିଷ୍ଠ ଶିକ୍ଷକ ବି.କେ.ବିଦ୍ୟାପୀଠ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ। ବିଚାରକ ଭାବେ ନୃତ୍ୟ ବିଶାରଦ ରମେଶ ଚନ୍ଦ୍ର ସାହୁ, ମୁରଲୀଧର ବେହେରା ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ମାନସ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ବିଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବ ସଂଯୋଜକ ବଳଭଦ୍ର ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବାଙ୍କୀ,୨୯।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ) ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଶିଶୁଆ ଗ୍ରାମର ନେହ୍ରୁ ନଗରଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାହାରା କ୍ଲବ ଓ ନେହ୍ରୁ ଯୁବକେନ୍ଦ୍ର ସଂଗଠନ କଟକର ମିଳିତ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଦର୍ଶ ଯୁବପରିଷଦ ସଭାପତି ଅକ୍ଷୟ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।ଏହି ଅବସରରେ ଗ୍ରାମର ରଘୁନାଥ ମନ୍ଦିର ପରିସରରେ ବର୍ଜ୍ୟବସ୍ତୁ ସଫା କରି ପରିଷ୍କାର କରାଯାଇଥିଲା। ନେହେରୁ ଯୁବକେନ୍ଦ୍ର ସଙ୍ଗଠନ କଟକର ନିର୍ଦ୍ଦେଶକ ଅଶୋକ କୁମାର ଦାଶଙ୍କ ଆହ୍ୱାନକ୍ରମେ ସାହାରା କ୍ଲବର ସମ୍ପାଦକ ଚରଣ କୁମାର ରାଉତ ଓ ସଭାପତି ଦିନେଶ କୁମାର ରାଉତ ଏହାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶଶିଭୂଷଣ ତ୍ରିପାଠୀ, ପ୍ରତାପ କୁମାର ବେହେରା, ସୁଶାନ୍ତ କୁମାର ପ୍ରଧାନ, ବିକ୍ରମ କୁମାର ରାଉତ, ଚନ୍ଦନ ସାମଲ, ଅନିରୁଦ୍ଧ ରାଉତ, ସୁରେଶ କୁମାର ରାଉତ , ଇନ୍ଦ୍ରଜିତ ସାମଲ, ଅମୀତ କୁମାର ରାଉତ, ଶୁଭେନ୍ଦୁ କୁମାର ମହାପାତ୍ର ଓ ସୌମ୍ୟରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶଶିଭୂଷଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କଟକ ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୯।୯ (ଅନୁରାଧା ମହାରଣା): କଟକ ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନର ୨୭ତମ ବାର୍ଷିକ ଉତ୍ସବ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ପାଳିତ ହୋଇଯାଇଛି। ସଂଘର ମିଡିଆ ପ୍ରଭାରୀ ଶୈଳେଶ କୁମାର ବର୍ମା ଅତିଥିଙ୍କ ସ୍ୱାଗତ କରିଥିଲେ। ଆସୋସିଏଶନ ସଭାପତି ଜୟ ଅଗ୍ରୱାଲ ଅନୁଷ୍ଠାନର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବାଶିଷ ମିତ୍ର ହାଭେଲ୍ସ ଇଣ୍ଡିଆର ବିଭିନ୍ନ ସାମଗ୍ରୀ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଲଲାଟେନ୍ଦୁ ବଡୁ ଅନୁଷ୍ଠାନ ଦ୍ୱାରା କରାଯାଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟର ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ବିଭିନ୍ନ ଜନହିତ କାର୍ଯ୍ୟ କରୁଥିବା ଏହି ଅନୁଷ୍ଠାନ ସହ ସବୁ ବେଳେ ଯୋଡ଼ି ହୋଇ ରହିବେ ବୋଲି କହିଥିଲେ। ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ର ଆର୍ଯ୍ୟାନ ଗୁପ୍ତା, ଆଲେଖ କୁମାର ବର୍ମା, ଭାଭ୍ୟା ଫୁଲଫଗର, ପ୍ରଭାସିନୀ ଦେ, ଇସିତା ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସତ୍ୟନାରାୟଣ ଗୋୟଲ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାଜ କୁମାର ଖେମକା, ପୀତବାସ ସାହୁ, ରାଜେନ୍ଦ୍ର କୁମାର ନନ୍ଦୀ, ଜଗବନ୍ଧୁ ସାହୁ, ଶଙ୍କର ଲାଲ ପାରିଖ ଅମିତ୍ ମୁନ୍ଦଡା, କୃଷ୍ଣଚନ୍ଦ୍ର ସାହୁ, ଅଶୋକ ରଞ୍ଜନ ଦେ, ଗୋବିନ୍ଦଲାଲ ଶର୍ମା, ମୋହନ ଲାଲ ଶର୍ମା, ମହାବୀର ପାରିଖ, ବିନୟ ମନ୍ତ୍ରୀ, ବିଜୟ କୃଷ୍ଣ ଆଚାର୍ଯ୍ୟ, ନକୁଳ କୁମାର ସାହୁ, ଦେବବ୍ରତ ପଲେଇ, ହରିରାମ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମ୍ପାଦକ ସଞ୍ଜୟ ସେଠିଆ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସଂକ୍ଷେପରେ

### ଦେଶୀମଦ ସହ ୨ ବାଇକ୍ ଜବତ: ୩ ଗିରଫ

ବୋଲଗଡ଼,୨୯।୯(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅନ୍ତର୍ଗତ ଦୁଇଟି ସ୍ଥାନରେ ଖୋର୍ଦ୍ଧା ରେଞ୍ଜ ଅବକାରୀ ନିରୀକ୍ଷକା ତପସ୍ୱିନୀ ବରାଳ ଶନିବାର ସଦଳବଳ ଚଢ଼ାଉ କରି ୧୦୫ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତି ନେଇ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ମଦ କାରବାର ପାଇଁ ବ୍ୟବହୃତ ଦୁଇଟି ବାଇକ୍‌କୁ ଜବତ କରାଯାଇଛି। ସୂଚନା ଅନୁଯାୟୀ ରଣପୁର ଥାନା କାସନ୍ଦା ଗ୍ରାମର କାଳନ୍ଦୀ ସାହୁ(୩୫) ବୋଲଗଡ଼ ଥାନାଞ୍ଚଳ ମରଦାବାଡି ଗ୍ରାମ୍ୟ ରାସ୍ତାରେ ଏକ ବାଇକରେ ୪୫ ଲିଟର ଦେଶୀ ମଦ ନେଇ ଯାଉଥିବା ବେଳେ ଧରାପଡ଼ିଥିଲେ। ସେହିପରି ବୋଲଗଡ଼ ଥାନା ଭୀମପଡ଼ା ଗ୍ରାମର ସୁଶାନ୍ତ ନାୟକ(୨୮) ଓ ଗୁନା ନାୟକ(୩୮) ଏକ ବାଇକରେ ୬୦ ଲିଟର ଦେଶୀ ମଦ ନେଇ ଯାଉଥିବା ବେଳେ ୫୭ନମ୍ବର ଜାତୀୟ ରାଜପଥରେ ଧରାପଡ଼ିଥିଲେ। ଉଭୟ ଘଟଣାରେ ଅବକାରୀ ଥାନାରେ ଦୁଇଟି ମାମଲା (ନଂ.୬୨/୨୪, ୬୩/୨୪) ରୁଜୁହୋଇଛି।

### ସ୍ୱଚ୍ଛ ଭାରତ ଅଭିଯାନ

କୃଷ୍ଣପ୍ରସାଦ,୨୯।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛ ଭରତ ଅଭିଯାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟକିଷାନ ୟୁଥ୍ କ୍ଲବ ପୁରୀ ଜଙ୍ଗିଆ ଗଡ଼ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ବୃଦ୍ଧାଶ୍ରମ, ନିଶାମୁକ୍ତି ଚିକିତ୍ସା ଓ ଥଇଥାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏକ ସଚେତନତା ସଭା ହୋଇଥିଲା। ସ୍ୱଚ୍ଛ ଭାରତ, ନିଶାମୁକ୍ତି ଉପରେ ସଚେତନତା ପ୍ଲା କାର୍ଡ ଧରି ସ୍ଲୋଗାନ ମାଧ୍ୟମରେ ଶିକ୍ଷାର୍ଥୀମାନେ ଗ୍ରାମ ପରିକ୍ରମା କରିଥିଲେ। ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ। ଆଶ୍ରୟ ନିଶାମୁକ୍ତି କେନ୍ଦ୍ରର ପ୍ରକଳ୍ପ ସଂଯୋଜକ ଅଜୟ କୁମାର ସୁନ୍ଦରାୟ ପରିଚାଳନା କରିଥିଲେ। ବୃଦ୍ଧାଶ୍ରମ ପରିଚାଳକ ସୁବାସ ଚନ୍ଦ୍ର ଦେବତା ସହଯୋଗ କରିଥିଲେ।

### ଧର୍ମରକ୍ଷା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ

ବୋଲଗଡ଼,୨୯।୯(ଦେବବ୍ରତ ହୋତା)

ବୋଲଗଡ଼ ମା'ଭୂଇଁଆଣୀଙ୍କ ପୀଠରେ ବିଶ୍ୱ ହିନ୍ଦୁ ପରିଷଦର ବଜରଙ୍ଗ ଦଳ ବୋଲଗଡ଼ ପ୍ରଖଣ୍ଡ ବୈଠକ ଏବଂ ଆଗାମୀ ଶସ୍ତ୍ର ପୂଜନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ସହ ସଂଯୋଜକ ଦିବ୍ୟ ପ୍ରକାଶ ଏବଂ ଜିଲା ଗୋରକ୍ଷା ପ୍ରମୁଖ ମୁକେଶ ସମନ୍ତରାୟଙ୍କ ଉପସ୍ଥିତିରେ ଏହି ପ୍ରଖଣ୍ଡ ପାଇଁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଏଥିରେ ଇତେଶ କୁମାର ବେହେରାଙ୍କୁ ପ୍ରଖଣ୍ଡ ସଂଯୋଜକ, ଲୋକଜିତ ପରିଡ଼ା ସହସଂଯୋଜକ, ସରୋଜ ଜେନା ସୁରକ୍ଷା, ତରୁଣ ସାହୁ ଗୋ ରକ୍ଷା, ସତ୍ୟନାରାୟଣ ସାହୁଙ୍କୁ ମହାବିଦ୍ୟାଳୟ, ରାଜୀବ ଲୋଚନ ବଳଙ୍କୁ ଉପାସନା, ମନମୋହନ ପ୍ରଧାନଙ୍କୁ ସାପ୍ତାହିକ ମିଳନ ଭଳି ପ୍ରମୁଖ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ବୋଲଗଡ଼ ବ୍ଲକ ଅଞ୍ଚଳର ଶତାଧିକ ଯୁବକ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ଅଞ୍ଚଳର ଯୁବକମାନଙ୍କୁ ଏକତ୍ରିତ କରି ଧର୍ମରକ୍ଷା ଦିଗରେ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବାକୁ ଉପସ୍ଥିତ ସଦସ୍ୟମାନେ ଶପଥ ନେଇଥିଲେ। ଶେଷରେ ଶ୍ରୀତମ୍ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଆଇନଜୀବୀ ଶ୍ରୀକାନ୍ତ ସାହୁଙ୍କ ପରଲୋକ

ଖୋର୍ଦ୍ଧା,୨୯।୯(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ରନେତା ତଥା ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଶ୍ରୀକାନ୍ତ ସାହୁଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ତାଙ୍କ ଘର ଖୋର୍ଦ୍ଧା ରାମଚନ୍ଦ୍ରପୁର ଅଞ୍ଚଳରେ। ସେ ଜଣେ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ସାମିଲ ହୋଇ ସେ ବହୁ ଜନହିତକର କାର୍ଯ୍ୟ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ସପ୍ନାରାଣୀ, ପୁଅ ସୌମିଲ, ଝିଅ ସିଲି, ଜ୍ୱାଇଁ ତାପସ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଓଡ଼ିଶା କ୍ରଶର ଫେଡେରେଶନ ସଭାପତି ରମଜାନ ଖାଁ, ବାର୍ ଆସୋସିଏଶନର ପୂର୍ବତନ ସଭାପତି ଶିଶିର ପରିଡ଼ା, ଡ. ପିପିନ ପଟ୍ଟନାୟକ, ଇଂ. ହବିବୁଲ ରହମାନଙ୍କ ସମେତ ବହୁ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

# ଭଗବଦ୍ ଗୀତା ପଠନ ପାଇଁ ବିଦ୍ୟାଳୟରେ ବ୍ୟବସ୍ଥା ହେଉ

ବେଗୁନିଆ,୨୯।୯(ହର ପ୍ରସନ୍ନ ପଣ୍ଡା)



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ବେଗୁନିଆ ସଦର ମହକୁମା ସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ୨୫ଟି ବିଦ୍ୟାଳୟର ୧୩୪ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା, ପରିଚାଳନା କମିଟିର ସଭାପତି ଶିବ ମୁନି ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରୁ କ- ବିଭାଗରେ ୨୦ ଜଣ, ଖ- ବିଭାଗରେ ୫୦ ଜଣ, ଗ- ବିଭାଗରେ ୬୦ ଜଣ ଏବଂ ଘ- ବିଭାଗରେ ୪ ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗନେଇଥିଲେ। ଗୀତା ହେଉଛି ଭଗବାନ୍ ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ବାଣୀ। ଏହା ହେଉଛି ବିଶ୍ୱର ପ୍ରଥମ ବ୍ରହ୍ମଜ୍ଞାନ ଶାସ୍ତ୍ର ତଥା ସନାତନ ଆର୍ଯ୍ୟଧର୍ମର ସର୍ବ ଶ୍ରେଷ୍ଠ ଗ୍ରନ୍ଥ ଭାବେ ବିଶ୍ୱବିଦିତ। ସମସ୍ତ ଉପନିଷଦର ସାରତତ୍ତ୍ୱ ଶ୍ରୀମଦ୍ ଭଗବଦ୍ ଗୀତାରେ ଉପଲବ୍ଧ । ସଂସ୍କୃତ ଭାଷା ଶିକ୍ଷାଲାଭ କରିବାରେ ଏହା ସମ୍ପୂର୍ଣ୍ଣ ସହାୟକ ହୋଇଥାଏ। ତେବେ ଦୈନିକ ଘରେ ଘରେ ଗୀତା ପଠନ କରିବାର ଆବଶ୍ୟକତା ରହିଛି। ଏହା ସହ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶ୍ରୀମଦ୍ ଭଗବଦ୍ ଗୀତା ପଠନ କରିବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ଅନୁମତି ଦେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

**ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା**

ଶ୍ରୀଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ଆଭିମୁଖ୍ୟରେ ଗତ ୬ ବର୍ଷ ହେବ ରାଜ୍ୟରେ ଅନୁଷ୍ଠିତ ହୋଇଆସୁଥିବା ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ୪ର୍ଥ ଅଧ୍ୟାୟର ଜ୍ଞାନଯୋଗ ବିଷୟରେ ଆବୃତ୍ତି କରିଥିଲେ। ବିଚାରକମାନଙ୍କ ଦ୍ୱାରା ଚୟନ କରାଯାଇଥିବା କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରକୁ ମନୋନୀତ କରାଯିବା ସହ ମାନପତ୍ର ଏବଂ ପୁରସ୍କାର ବଣ୍ଟନ କରାଯାଇଥିଲା। ଚିନ୍ମୟୀ ପରିଡା, ବିଷ୍ଣୁପ୍ରିୟା ବେହେରା, ପ୍ରତିଭା ରଣସିଂହ, ପ୍ରଭାକର ଦାସ, ଭାଗୀରଥି ପରିଡା, ଦୀନବନ୍ଧୁ ଦାଶ, ପ୍ରକାଶ କୁମାର ବେହେରା, ବନ୍ଦନା ମାନ୍ଧାତା, ମିହିର ଭୂୟାଁ ପ୍ରମୁଖ ବିଚାରକଭାବେ ଯୋଗଦେଇଥିଲେ। ଜିଲା ସଂଯୋଜକ ସନ୍ତୋଷ କୁମାର ଦଳାଇ ଏବଂ ବ୍ରହ୍ମଚାରୀ ତୃଷ୍ଣାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଜଟଣୀ,୨୯।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତରେ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଣାପାଞ୍ଜରୀ ଗ୍ରାମର ମେଳନ ପଡ଼ିଆରେ ଶତାଧିକ ଯୁବକ, ମହିଳା ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ସଫେଇ ଅଭିଯାନ ମେଳନ ପଡିଆରୁ ଆରମ୍ଭ ହୋଇ ପୁରୁଣା ମଦରସା ପର୍ଯ୍ୟନ୍ତ ଚାଲିଥିଲା। ସଫେଇ ପରେ ଅଳିଆକୁ ପଞ୍ଚାୟତର ଅଳିଆ ପୃଥକୀକରଣ ୟୁନିଟକୁ ନିଆଯାଇ ସେଠାରୁ ଜଟଣୀ ଏମ୍ଆର୍ଏଫ୍‌କୁ ପଠାଯିବ। ପ୍ରକାଶ ଯେ, ବେଣାପଞ୍ଜରୀ ପଞ୍ଚାୟତରେ ଦୈନିକ ୪ ଟି ବ୍ୟାଟେରୀ ଗାଡି ଗ୍ରାମରେ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଛି। ଏହି ସଫେଇ ଅଭିଯାନ ସରପଞ୍ଚ ଆରଜୁ ପରବିନଙ୍କ ନେତୃତ୍ୱରେ ହୋଇଥିଲା। ବ୍ଲକର ବିଆର୍‌ସି ପ୍ରିୟ ରଞ୍ଜନ ସାମନ୍ତରାୟ, ପଞ୍ଚାୟତ ପିଇଓ ଶ୍ୱେତା ନାୟକ, ମହମ୍ମଦ କୌଶର, ଶାହା ଜାଫର ଅଲ୍ଲୀ, ମନୋଜ ପାହାନ୍ତାସିଂହଙ୍କ ସମେତ ୱାର୍ଡସଭ୍ୟ ଓ ପଞ୍ଚାୟତବାସୀ ସାମିଲ ହୋଇଥିଲେ। ପରେ ମା' ପାଇଁ ଗଛଟିଏ ଅଭିଯାନରେ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଚାରାରୋପଣ କରାଯାଇଥିଲା। ଗାଁ ସ୍ୱଚ୍ଛତା ପାଇଁ ସମସ୍ତେ ଏକତ୍ରିତ ହୋଇ ଶପଥ ପାଠ କରିଥିଲେ। ସୋମବାର ପଞ୍ଚାୟତରେ ଥିବା ଦୋକାନୀଙ୍କୁ ଡଷ୍ଟବିନ ପ୍ରଦାନ କରାଯିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି।



ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଚାରାରୋପଣ କରାଯାଉଛି।




ସ୍ୱଚ୍ଛ ଭାରତ ଅଭିଯାନ ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଉଚ୍ଚ ବିଦ୍ୟାଳୟରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

### ଅବ୍ୟକ୍ତ ୟୁଜେଏ ନୂତନ ଜିଲା ସଭାପତି

ଖୋର୍ଦ୍ଧା,୨୯।୯(ପ୍ରଭାତ ପାଣିଗ୍ରାହୀ)

ଉତ୍କଳ ସାମ୍ବାଦିକ ସଂଘ(ୟୁଜେଏ) ଖୋର୍ଦ୍ଧା ଜିଲାସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ବୋଲଗଡ଼ ବ୍ଲକ କୋଶଳାଶୁଣୀ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ପ୍ରଦୀପ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ଭୁବନେଶ୍ୱର ସଭାପତି ପ୍ରତାପ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ନାରାୟଣ ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଜିଲା ସମ୍ପାଦକ ଅଜିତ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ, ନୂତନ ସଦସ୍ୟତା, ବ୍ଲକ ସ୍ତରରେ ସଂଘ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କହିଥିଲେ।



ଏହି ଅବସରରେ ସର୍ବସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କୁ ନୂତନ ସଭାପତି ମନୋନୀତ କରାଯାଇଛି। ପରେ ସମସ୍ତ ସଦସ୍ୟ ନୂତନ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତଙ୍କ ସହଭାଗିତାରେ ଜିଲାରେ ସଂଘର କାର୍ଯ୍ୟକୁ କ୍ରିୟାଶୀଳ କରାଯିବ ବୋଲି ଖାଡଙ୍ଗା କହିଛନ୍ତି। ଏକ ପ୍ରେସବାର୍ତ୍ତାରେ ରାଜ୍ୟ ସଭାପତି ବିଭୂତି ଭୂଷଣ କର ନୂତନ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜିଲାର ବିଭିନ୍ନ ବ୍ଲକରୁ ୫୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ। ଅବ୍ୟକ୍ତ ପୂର୍ବରୁ ସଂଘ ଜିଲା କୋଷାଧ୍ୟକ୍ଷ ଥିଲେ। ସେ ଜଣେ ଯୁବ ସଙ୍ଗଠକ, ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଅଛନ୍ତି। ଜିଲାର ଜଣେ ସଫଳ ରକ୍ତଦାନ ଶିବିର ଆୟୋଜକ ଭାବେ ତାଙ୍କୁ ଖୋର୍ଦ୍ଧା ସମେତ ବିଭିନ୍ନ ଜିଲା ସ୍ୱାସ୍ଥ୍ୟ ବିଭାଗ ରକ୍ତଭଣ୍ଡାର ପକ୍ଷରୁ ସମ୍ମାନିତ କରାଯାଇଛି।

# ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ରାଜ୍ୟ ସମ୍ମିଳନୀ

ପୁରୀ,୨୯।୯(ଅଜିତ୍ କୁମାର ମହାନ୍ତି)

ଶ୍ରମିକ ସଙ୍ଗଠନ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ଚତୁର୍ଥ ରାଜ୍ୟ ସମ୍ମିଳନୀ ରବିବାର ସ୍ଥାନୀୟ ରାଣୀସତୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ରୋଷେଇ କରୁଥିବା ପାଚିକା ସହାୟିକାମାନଙ୍କୁ ସରକାରୀ ମାନ୍ୟତା, ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କା ସହ ପେନ୍‌ସନ୍ ଓ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଦାବି କରାଯାଇଛି। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଶୀତ ଅଧିବେଶନରେ ପାଚିକା ସହାୟିକାମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସମ୍ମିଳନୀରେ ରାଜ୍ୟ କର୍ମକର୍ତ୍ତା ଭାବେ ସଭାପତି ଅକ୍ଷୟ କୁମାର ମେହେର, ସାଧାରଣ ସମ୍ପାଦିକା ମାଧବୀ କୁଇତା, ସୁବାସ ମହାପାତ୍ର, ରାଜେନ୍ଦ୍ର ଦାସ, ପାଣ୍ଡବ ଭୋଇ, ଉପସଭାପତି ବଉଳ ରାଉତ, ସୁନିତା ବାରିକ୍, ଉପସାଧାରଣ ସମ୍ପାଦକ ସୁହାନା ବେଗମ୍, ସହସମ୍ପାଦିକା ରଶ୍ମିତା ବେଉରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

# ରାଜ୍ୟରେ ନାଟକର ସ୍ଥିତି ସୁଧାର ପାଇଁ ଦାବି

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

- ରାଜଧାନୀରେ ଖୋଲିବ ଏନ୍‌ଏସ୍‌ଡି ଶାଖା
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନା

ନାଟକ ପରିବେଷଣ କରିବାକୁ ରାଜ୍ୟରେ ଭଲ ପ୍ରେକ୍ଷାଳୟଟିଏ ନାହିଁ। ରାଜଧାନୀ ଭୁବନେଶ୍ୱରରେ ଗୋଟିଏ ଦୁଇଟି ରହିଥିବାବେଳେ ଜିଲାର ସ୍ଥିତି ନ କହିବା ଭଲ। ଓଡ଼ିଶାରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଥିଏଟର ଗ୍ରୁପ୍ ଅଛି। ନାଟକ କରିବା ବ୍ୟୟସାପେକ୍ଷ ହୋଇଯାଇଛି। ତଥାପି ବହୁ କଷ୍ଟରେ ଗ୍ରୁପ୍‌ଗୁଡ଼ିକ ନାଟକ କରୁଛନ୍ତି। ଏପରିକି ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ନାଟକ ମହୋତ୍ସବ ବି କରୁଛନ୍ତି। କିନ୍ତୁ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଏଠାରେ ନାଟକକୁ ପ୍ରୋତ୍ସାହନ ବହୁତ କମ୍ ରହିଛି ବୋଲି କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ କୁହାଯାଇଛି। ରବିବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ଦାବି କରିଛି ଯେ, ପ୍ରେକ୍ଷାଳୟ ସମସ୍ୟା ଦୂର କରିବା ପାଇଁ ୧୪୭ ବିଧାନସଭା କ୍ଷେତ୍ରର ସଦର ମହାକୁମାରେ ୧୪୭ଟି ଅସ୍ମିତା ଭବନ ନିର୍ମାଣ କରାଯାଉ। ଏଥିରେ ପାଠାଗାର ଓ ପଠନ କକ୍ଷ ସଂଲଗ୍ନ ରହିବା ସହ ଅନ୍ତତଃ ହଜାରେ ଲୋକ ବସିବା ଭଳି ବ୍ୟବସ୍ଥା କରାଯାଉ। ନାଟ୍ୟଧାରା ପକ୍ଷରୁ ବର୍ତ୍ତମାନ ଭୁବନେଶ୍ୱରରେ ମାସକୁ ୪ଦିନ ଓ କଟକରେ ଗୋଟିଏ ଦିନ ନାଟକ ମଞ୍ଚସ୍ଥ ହେଉଛି। ଏହାକୁ ଆହୁରି ବ୍ୟାପକ କରାଯାଉ। ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପ ଓ ଭଞ୍ଜକଳା ମଣ୍ଡପ ଭଡ଼ାରେ ୫୦ ପ୍ରତିଶତ ରିହାତି ଦିଆଯାଉ। ଖଣ୍ଡଗିରି ଓ ଧଉଳିଠାରେ ପ୍ରେକ୍ଷାଳୟ ହେଲେ ସେହି ଅଞ୍ଚଳର ବାସିନ୍ଦାମାନେ ଓଡ଼ିଶାର ପ୍ରଦର୍ଶିତ କଳାକୁ ଉପଭୋଗ କରିପାରିବେ। ସେହିଭଳି ରେପେରେଟୋରି ଗ୍ରୁପ୍ ଗଠନ କରାଯାଉ। ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା(ଏନ୍‌ଏସ୍‌ଡି)ର ଏକ ଶାଖା ଭୁବନେଶ୍ୱରରେ ଖୋଲିବାକୁ ଯାଉଛି। ରାଜ୍ୟ ସରକାର ସେଥିପାଇଁ ୫ ଏକର ଜମି ଯୋଗାଇଦେବେ। ସମ୍ପୂର୍ଣ୍ଣ ସିଟ୍‌ର ୫୦% ଓଡ଼ିଆ ପିଲାଙ୍କ ପାଇଁ ସଂରକ୍ଷଣ ରହିବା ଦରକାର। ସେହିପରି ଟ୍ରେନ୍ ଯାତ୍ରାରେ କଳାକାରଙ୍କ ପାଇଁ ସ୍ଥାନ ସଂରକ୍ଷଣରେ ରିହାତି ହେଉ। ଏମାନଙ୍କ ପାଇଁ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ୭୫% ସଂରକ୍ଷଣ ଥିଲା। ହେଲେ ପରେ ଏହାକୁ ଉଠାଇ ଦିଆଗଲା। ପୁନଃ ଏ ନେଇ ବିଚାର ହେବା ଆବଶ୍ୟକ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ସମ୍ମିଳନୀରେ ସଂଘ ସଭାପତି ଧୀରେନ୍ଦ୍ର ମଲ୍ଲିକ, ଉପସଭାପତି ଡ. ପ୍ରସନ୍ନ ମିଶ୍ର, ଉପଦେଷ୍ଟା ହରେଣ ସାହୁ, ସମ୍ପାଦକ ସତ୍ୟନାରାୟଣ ଜେନା, ସଂଗଠକ ଅନିଲ ପାତ୍ର, ନାଟ୍ୟ ନିର୍ଦ୍ଦେଶକ ରମେଶ ମହାରଣା ଓ ନରେନ୍ଦ୍ର ମିଶ୍ର ଉପସ୍ଥିତ ରହି ଏନେଇ ଆଲୋଚନା ବେଳେ ଏସବୁ ଦାବି କରିଛନ୍ତି।

# ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୨ଦିନିଆ ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଉଛି। ସଂଘ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାନ୍ତି, ସଭାପତି ନନ୍ଦ ନନ୍ଦନ ଶତପଥୀ ଓ ସାଧାରଣ ସମ୍ପାଦକ ସଞ୍ଜିତ କୁମାର ପାଣିଗ୍ରାହୀ କହିଲେ, ସଂଘର ଏକତ୍ରୀକରଣ ପାଇଁ ରାଜ୍ୟ ବାର୍ କାଉନ୍‌ସିଲ ନେଇଥିବା ପଦକ୍ଷେପ ଯଥାର୍ଥ। ଚଳିତ ବର୍ଷର ୫୩ତମ ବାର୍ଷିକ ଉତ୍ସବ ସମ୍ପର୍କିତ ମାମଲା ବାର୍ କାଉନ୍‌ସିଲର ବିଚାରଧୀନ ଥିବାରୁ ପଶ୍ଚିମ ଓଡିଶାର ବରଗଡ଼ ବାର୍ ଆସୋସିଏଶନ, ଅନୁଗୋଳ ବାର ଆସୋସିଏଶନ ଓ ମାଲକାନଗିରି ବାର୍ ଆସୋସିଏଶନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆସିଥିବା ପ୍ରସ୍ତାବ ଉପରେ ନିଷ୍ପତି ଗ୍ରହଣ କରାଯାଇପାରି ନ ଥିଲା। ରାଜ୍ୟ ବାର୍ କାଉନସିଲ ଚଳିତ ବର୍ଷ ଆଇନଜୀବୀଙ୍କ ଏକତା ଓ ମର୍ଯ୍ୟାଦା ରକ୍ଷା ଲାଗି ଉଦ୍ୟମ କରି ଯେଉଁ ସ୍ଥାନରେ ଏହି କାର୍ଯ୍ୟକ୍ରମ କରିବା ଲାଗି ନିଷ୍ପତି ନେବେ, ତାହାକୁ ସଂଘ ଗ୍ରହଣ କରିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ରାଜ୍ୟରେ ଆଇନଜୀବୀଙ୍କ ପାଇଁ ଆଡ୍‌ଭୋକେଟ ଏକାଡେମୀ, ଉଚ୍ଚ ନ୍ୟାୟାଳୟ ଓ ନିମ୍ନ ଅଦାଲତରେ ବିଚାରପତି ନିଯୁକ୍ତି, ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଓ ଆଡ୍‌ଭୋକେଟ ୱେଲ୍‌ଫେୟାର ଟ୍ରଷ୍ଟକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦ କୋଟି ଟଙ୍କାର ସହାୟତା ରାଶି ବୃଦ୍ଧି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏନେଇ ସଂଘର ପ୍ରତିନିଧିଦଳ ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଆଇନ ମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି ନିଷ୍ପତ୍ତି ହୋଇଛି।

# ଭଏସ୍ ଅଫ ମିଡିଆର ରାଜ୍ୟସ୍ତରୀୟ ସମାରୋହ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୨୯।୯(ପ୍ରଭାତ ପାଣିଗ୍ରାହୀ)

ଭଏସ୍ ଅଫ ମିଡିଆର ରାଜ୍ୟସ୍ତରୀୟ ସମାରୋହ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ବୈଠକର ଆଭିମୁଖ୍ୟ ବିଷୟରେ ଉପସ୍ଥାପନ କରିଥିଲେ। ଜାତୀୟ ସମ୍ପାଦକ ମହମ୍ମଦ ଇଫତାର ଅଲ୍ଲୀ ରାଜ୍ୟ ସମାରୋହ ସୁଚାରୁରୂପେ ସମ୍ପନ୍ନ ପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲେ। ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ଜିତେନ୍ଦ୍ର ସାହୁ, ଇଫତାର ଅଲ୍ଲୀ, ଧନେଶ୍ୱର ବିଧାର, ରଘୁନାଥ ସେଠୀ, ପ୍ରଦ୍ୟୁମ୍ନ ମହାନ୍ତି, ସରୋଜ ମୁଦୁଲି, ବିଜୟ କୁମାର ଦାଶ, ସୂର୍ଯ୍ୟ ନାରାୟଣ ମହାନ୍ତି, ଲୋହିତ ନାରାୟଣ ମହାପାତ୍ର, ଶୁଭ୍ର ରଞ୍ଜନ ଦାସ, ପି ତ୍ରିପତି ବାଲାଜି ପାତ୍ର, କେଦାର ନାଥ ସାହୁ, ଯୋଗେଶ୍ୱର ଛୋଟରାୟ, ସୁବାସ ଚନ୍ଦ୍ର ଦାଶ, କାଳନ୍ଦୀ ବ୍ରହ୍ମା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ମରଣୀୟ ପାଇଁ ଏକ ମୁଖପତ୍ର ପ୍ରକାଶ କରାଯିବ। ଉମାଶଙ୍କର ପ୍ରସାଦ, ଯୋଗେଶ ଛୋଟରାୟ ଏବଂ ଧନେଶ୍ୱର ବିଧାରଙ୍କୁ ଏହି ମୁଖପତ୍ର ପ୍ରକାଶନର ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ବିଭିନ୍ନ ସ୍ଥାନରୁ ୫୦ରୁ ଉର୍ଦ୍ଧ୍ୱ ଖବରଦାତା ଯୋଗଦେଇଥିଲେ। ଶେଷରେ ସରୋଜ କୁମାର ମୁଦୁଲି ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଭଏସ୍ ଅଫ ମିଡିଆର କର୍ମକର୍ତ୍ତା।

# ହର୍ବାଲ୍ ଜୁସ୍ ପାଇଁ ବଢୁଛି ଗ୍ରାହକଙ୍କ ଆଦର

ଖୋର୍ଦ୍ଧା,୨୯।୯(ପ୍ରଭାତ ପାଣିଗ୍ରାହୀ)

ଦୈନିକ ଜୀବନଚର୍ଯ୍ୟା ଏବଂ ଅସନ୍ତୁଳିତ ଖାଦ୍ୟପେୟ ଯୋଗୁ ମନୁଷ୍ୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଛି। ମଧୁମେହ, ରକ୍ତଚାପ, ଅଧକପାଳି, କୋଷ୍ଠକାଠିନ୍ୟ, ଅଜୀର୍ଣ୍ଣ ଭଳି ବହୁ ରୋଗରେ ଆକ୍ରାନ୍ତ ହେଉଛି। ଏହାର ନିରାକରଣ ପାଇଁ ସବୁଜ ତଟକା ପରିବା ସହ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ଜଡିବୁଟି, ଔଷଧୀୟ ଉପରେ ନିର୍ଭର କରୁଛନ୍ତି। ଖୋର୍ଦ୍ଧା ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ନିକଟରେ ଖୋଲିଛି ପୃଷ୍ଟି ହର୍ବାଲ୍ ଜୁସ୍ କେନ୍ଦ୍ର। ସ୍ଥାନୀୟ ଶ୍ରୀବିହାର ଅଞ୍ଚଳର ରଞ୍ଜନ କୁମାର ପୃଷ୍ଟି ଏହି କେନ୍ଦ୍ର ଖୋଲିଛନ୍ତି। ବିଭିନ୍ନ ସବୁଜପତ୍ର, ତଟକା କଞ୍ଚାପରିବା ତାଜା ପାନୀୟ(ଜୁସ) ମିଳିଥାଏ। ବିଭିନ୍ନ ରୋଗ ପାଇଁ ଅଲଗା ଜଡିବୁଟି ମିଶାଇ ସେ ପାନୀୟ ପ୍ରସ୍ତୁତ କରନ୍ତି। ଜାମୁ, ନିମ୍ବ, ପୁଦିନା, ଧନିଆ ପତ୍ର, ଗହମ ଘାସ ସମେତ କଲରା, କାକୁଡି, ଘିକୁଆଁରୀ, ଅଶ୍ୱଗନ୍ଧା, ଗୁଳୁଚି, ବିଟ୍, ଗାଜର, ଲେମ୍ବୁ, ଅଁଳା, ଚିରେଇତା, ହଳଦୀ, ଅର୍ଜୁନଛେଲି, ଅଦା, ଭୃଙ୍ଗରାଜପତ୍ର ଆଦି ବ୍ୟବହାର କରି ସେ ଏହି ଜୁସ୍ ପ୍ରସ୍ତୁତ କରିଥାନ୍ତି। ରାତି ପାହିଲେ ଏଠାରେ ହର୍ବାଲ୍ ଜୁସ୍ ପାଇଁ ଲୋକଙ୍କ ଭିଡ଼ ଜମିଥାଏ।



ଏନେଇ ରଞ୍ଜନ କୁହନ୍ତି, ପୂର୍ବରୁ ଏଠାରେ ଫଳଜୁସ୍ ସେଣ୍ଟର ଖୋଲିଥିଲି। ୨୦୨୦ରେ ଦିଲ୍ଲୀ ବୁଲିବାକୁ ଯାଇଥିବା ବେଳେ ବିଭିନ୍ନ ଛକରେ ହର୍ବାଲ ଜୁସ୍ ସେଣ୍ଟର ଖୋଲିଥିବା ଦେଖିବାକୁ ପାଇଥିଲି। ହର୍ବାଲ ଜୁସ୍ ସେଣ୍ଟରରେ ଲୋକଙ୍କ ଭିଡ ରହୁଥିବା ଦେଖି ଜଣେ ବ୍ୟବସାୟୀଙ୍କୁ ଏ ସମ୍ପର୍କରେ ପଚାରି ବୁଝିଥିଲି। ସହରାଞ୍ଚଳରେ ଲୋକେ କାର୍ଯ୍ୟବ୍ୟସ୍ତତା ଯୋଗୁ ଠିକ୍ ସମୟରେ ଖାଦ୍ୟପାନୀୟ ଗ୍ରହଣ କରିପାରୁନାହାନ୍ତି। ପୁଣି ଅଫିସ କାମ ବୋଝ ଯୋଗୁ ମାନସିକ ସ୍ତରରେ ଚାପଗ୍ରସ୍ତ ରହୁଛନ୍ତି। ସକାଳୁ ସକାଳୁ ତଟକା ପନିପରିବା, ଜୁସ୍ ସେବନ କଲେ ମନହାଲୁକା ରହିବା ସହ ପେଟଗତ ଯାବତୀୟ ରୋଗରୁ ଉପଶମ ମିଳିଥାଏ। ସେଠାରୁ ପ୍ରେରଣା ପାଇବା ପରେ ଖୋର୍ଦ୍ଧାରେ ହର୍ବାଲ ଜୁସ୍ କେନ୍ଦ୍ର ଖୋଲିବା ପାଇଁ ମନସ୍ଥ କରିଥିଲି। ସୋସିଆଲ ମିଡିଆରେ ଏହାର ପ୍ରସ୍ତୁତି ଏବଂ ପାଠ୍ୟ ପୁସ୍ତକ ଅଧ୍ୟୟନ କରି ଏହାକୁ କିପରି ପ୍ରସ୍ତୁତ କରାଯାଏ ଘରେ ରହି ପ୍ରଶିକ୍ଷଣ ପ୍ରାପ୍ତ କରିଥିଲି। ହର୍ବାଲ ଜୁସ୍ ବିକ୍ରି କରୁଥିବା କେତେଜଣ ଲୋକଙ୍କ ସହ ଯୋଗାଯୋଗ କରି ଏ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲି। ଏଠାରେ ଦେଢ଼ ବର୍ଷ ହେବ ହର୍ବାଲ ଜୁସ୍ କେନ୍ଦ୍ର ଖୋଲିଛି। ବିଶେଷକରି ମଧୁମେହ, ଉଚ୍ଚ ଓ ନିମ୍ନ ରକ୍ତଚାପ ଆକ୍ରାନ୍ତ ଏଠାକୁ ଆସି ଜୁସ୍ ପିଉଛନ୍ତି। ଯେଉଁମାନଙ୍କ ଅଜୀର୍ଣ୍ଣ ଭଳି ସମସ୍ୟା ରହୁଛି ସେମାନେ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି।

ଯୁବ ବ୍ୟବସାୟୀ ବଦ୍ରିନାରାୟଣ ଶତପଥୀ କୁହନ୍ତି, ମଧୁମେହ ପାଇଁ ହର୍ବାଲ୍ ଜୁସ୍ ଭଲ ବୋଲି ଜାଣିବା ପରେ ଗତ ଏକ ମାସ ହେବ କଲରା, ଗାଜର, କାକୁଡି, ନିମ୍ବ, ଅଁଳା ଜୁସ୍ ସେବନ କରୁଛି। ଭାଲିଆବାଡିର ଦିଲୀପ ପଟ୍ଟନାୟକ କୁହନ୍ତି, ଏହି ଜୁସ୍ ଶରୀର ପାଇଁ ଉତ୍ତମ। ଖବରଦାତା ପ୍ରକାଶ ହାତୀ କୁହନ୍ତି, ମଧୁମେହରୁ ଉପଶମ ପାଇଁ ହର୍ବାଲ୍ ଜୁସ୍ ପିଉଛି। ସେହିପରି ରଞ୍ଜିତ ସାମନ୍ତରାୟ ଓ ହରିହର ଖାଡଙ୍ଗା କୁହନ୍ତି, ଅଧିକ ତେଲ ମସଲା ଏବଂ ରାସାୟନିକ ସାରଦିଆ ଖାଦ୍ୟଗ୍ରହଣ ଯୋଗୁ ପେଟ ରୋଗ ଦେଖାଦେଉଛି। ତେଣୁ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହର୍ବାଲ ଜୁସ୍ ଶରୀରକୁ ସନ୍ତୁଳନ ରଖିବାରେ ସହାୟକ ହୋଇପାରିବ। ଆଇନଜୀବୀ ଲୋତକ ବିନ୍ଦୁ ପଟ୍ଟନାୟକ କହିଛନ୍ତି, ମଧୁମେହ ରୋଗରେ ଆକ୍ରାନ୍ତ ହେବା ପରଠାରୁ ହର୍ବାଲ୍ ଜୁସ୍ ପିଇବା ଆରମ୍ଭ କରିଛି। ଏହା ମୋର ଦୈନିକ ଜୀବନ ଚର୍ଯ୍ୟାରେ ପରିଣତ ହୋଇଛି।

## ସଂକ୍ଷେପରେ

### ମାଛ ଧରିବାକୁ ଯାଇ ଧୀବରଙ୍କ ମୃତ୍ୟୁ

ଅସ୍ତରଙ୍ଗ,୨୯।୯
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସମୁଦ୍ରକୁ ମାଛ ଧରିବାକୁ ଯାଇ ଜଣେ ଧୀବରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଞ୍ଚାୟତ ଅଧୀନ କାଳିଆକଣ ଗ୍ରାମର ଗାଣ୍ଡୁ ଚରଣ ବେହେରା (୫୦)। ଏନେଇ ତାଙ୍କ ପୁତୁରା ପ୍ରକାଶ ବେହେରାଙ୍କ ଅଭିଯୋଗ କ୍ରମେ ନୂଆଗଡ଼ ସାମୁଦ୍ରିକ ଥାନା ପୋଲିସ ୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗାଣ୍ଡୁ ତାଙ୍କ ସହଯୋଗୀଙ୍କ ସହିତ ସେପ୍ଟେମ୍ବର ୨୭ ରାତି ୩ଟାରୁ ସମୁଦ୍ରକୁ ମାଛ ଧରିବାକୁ ଇଞ୍ଜିନ ଟାପାରେ ଯାଇଥିଲେ। ଝଡ଼ ତୋଫାନ ହେତୁ ସମୁଦ୍ର ମଝିରେ ଇଞ୍ଜିନ ଟାପା ଭାରସାମ୍ୟ ହରାଇବାରୁ ଗାଣ୍ଡୁ ସମୁଦ୍ରକୁ ଖସି ପଡ଼ିଥିଲେ। ଅନ୍ୟ ମତ୍ସ୍ୟଜୀବୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଗାଣ୍ଡୁଙ୍କ ମୃତଦେହ ଭାସି ଆସି ଦେବୀ ନଦୀ ପଠା ନୂଆଗଡ଼ ଜେଠିର ଅପରପାର୍ଶ୍ୱ ବାଲିଅରାରେ ରବିବାର ଭୋର ୪ଟାରୁ ଲାଗିଥିଲା। ଖବର ପାଇ ସମ୍ପର୍କୀୟମାନେ ପହଞ୍ଚି ମୃତଦେହ ଜବତ କରିଥିଲେ।

### ବ୍ୟବସାୟୀଙ୍କ ପରଲୋକ

ଅସ୍ତରଙ୍ଗ,୨୯।୯(ମମତା ଜେନା)

କାକଟପୁର ବ୍ଲକ ଅଧୀନ ବାଜପୁର ଗ୍ରାମର ବାବାଜୀ ଚରଣ ପୃଷ୍ଟି (୮୨)ଙ୍କ ନିଜ ବାସ ଭବନରେ ପରଲୋକ ହୋଇଛି। ସେ କାକଟପୁର ବଜାରରେ ପ୍ରଥମ ଦର୍ଜୀ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବ୍ୟବସାୟୀ ବନ୍ଧୁମାନେ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରିଛନ୍ତି। ତାଙ୍କ ମୃତ୍ୟୁ ନିକଟରେ ପୁତ୍ର ସଞ୍ଜୟ, ବିଜୟ, ଅକ୍ଷୟ, ଅଭୟ, ଶୁଭୟ ଓ ପୁତ୍ରବଧୂ, ନାତିନାତୁଣୀ, ପରିବାର ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା।

### ବରିଷ୍ଠ ନାଗରିକଙ୍କ ପରଲୋକ

ଯୋଗେଶ୍ୱରପୁର,୨୯।୯(ରଶ୍ମିରଞ୍ଜନ ସାହୁ)

ନୟାହାଟ ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚର ନୀଳମାଧବ ଦଳାଇ (୬୨)ଙ୍କ ଗତ ଶନିବାର ମୃତ୍ୟୁ ଘଟିଛି। ସେ ଜଣେ ମେଳାପି, ପରୋପକାରୀ, ଧାର୍ମିକ ବ୍ୟକ୍ତି ଥିଲେ। ସେ ନୟାହାଟ ବ୍ୟବସାୟୀ ସଂଘର ଜଣେ ସଦସ୍ୟ ଥିଲେ। ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ସୁରେନ୍ଦ୍ର ମୋହନ ବୀଟି, ପ୍ରହ୍ଲାଦ ସାହୁ, କୃଷ୍ଣଚନ୍ଦ୍ର ବାରିକ୍ ପ୍ରମୁଖ ପୁଷ୍ପମାଳ ଦେଇ ଶେଷ ଦର୍ଶନ କରି ତାଙ୍କ ଅମରଆତ୍ମାର ପ୍ରତି ସଦ୍‌ଗତି କାମନା କରିଥିଲେ। ନିଜ ଗ୍ରାମ ମହଦେବସ୍ତଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଶୁଖୁଆରେ ମିଶାଯାଉଛି ଫର୍ମାଲିନ୍

ଅସ୍ତରଙ୍ଗ,୨୯।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)



## ସ୍ୱାସ୍ଥ୍ୟ ପାଇଁ ବିପଦକୁ ନେଇ ଗ୍ରାହକ ଚିନ୍ତାରେ: ଚୁପ୍ ବସିଛି ପ୍ରଶାସନ

ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ହାଟବଜାରରେ ବିକ୍ରି ହେଉଥିବା ଶୁଖୁଆର ମାନକୁ ନେଇ ପ୍ରଶ୍ନ ଉଠିଲାଣି। ଏଠାକାର ଶୁଖୁଆ ପ୍ରସ୍ତୁତିରେ କ୍ଷତିକାରକ ଫର୍ମାଲିନ ବ୍ୟବହାର କରାଯାଉଛି। ଏହି ଶୁଖୁଆ ଆଣି ବେପାରୀମାନେ ସ୍ଥାନୀୟ ହାଟବଜାରରେ ବିକ୍ରି କରୁଛନ୍ତି। ଏହାକୁ ଲୋକେ କିଣିନେଉଛନ୍ତି। ତେବେ ଏହି ଶୁଖୁଆ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥାଏ। ତେଣୁ ଏ ଦିଗରେ ପ୍ରଶାସନ ଅଙ୍କୁଶ ଲଗାଇବା ସହ ସଚେତନ କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଅସ୍ତରଙ୍ଗ ବଜାର ସମେତ ନୂଆଗଡ଼, ବାଲିଡିଆ, କାଳିଆକଣ, ସହନ, ଡାଲୁଅକଣି, ପାଟସୁନ୍ଦରପୁର ଅଞ୍ଚଳରେ ଏବେ ଶୁଖୁଆ ବେପାର ଜମୁଛି। ବେପାରୀମାନେ ମାସକୁ କୁଇଣ୍ଟାଲ କୁଇଣ୍ଟାଲ ଶୁଖୁଆ ଏହି ସବୁ ଅଞ୍ଚଳରୁ ଖାଉଟିଙ୍କୁ ବିକ୍ରୟ କରୁଛନ୍ତି। ପୂର୍ବରୁ ଏଠାକାର ଶୁଖୁଆର ମାନ ବହୁତ ଭଲ ଥିଲା। ତେବେ ଗତକିଛି ବର୍ଷ ଭିତରେ ଶୁଖୁଆର ମାନ ବିଗିଡି ଯାଇଛି। ପୂର୍ବରୁ ପ୍ରାକୃତିକ ଉପାୟରେ ଶୁଖୁଆ ଖଳାରେ ଶୁଖୁଆ ପ୍ରସ୍ତୁତ ହେଉଥିଲା। ଏଥିପାଇଁ କିଛି ଦିନ ସମୟ ଲାଗୁଥିଲା। ଦିନ ଦିନ ଧରି ଖରାରେ ଶୁଖାଇବାକୁ ପଡୁଥିଲା। ହେଲେ ଏବେ ଶୁଖୁଆର ପ୍ରସ୍ତୁତ ତରିକା ବଦଳିଯାଇଛି। ରାସାୟନିକ ଉପାୟରେ ଶୁଖୁଆ ପ୍ରସ୍ତୁତ କରାଯାଉଛି। ଶୁଖୁଆକୁ ଶୁଖେଇବା ଓ ସତେଜ ରଖିବା ପାଇଁ ଫର୍ମାଲିନ ନାମକ କେମିକାଲ ବ୍ୟବହାର କରାଯାଉଛି। ମାଛ ଧରା ଯିବା ପରେ କଞ୍ଚାମାଛକୁ କାଟି ଫର୍ମାଲିନ ଦିଆଯାଉଛି। ସମୁଦ୍ର ମଝିରେ ନ ହେଲେ ଶୁଖୁଆ ଖଳାରେ ଏହି କେମିକାଲ ବ୍ୟବହାର କରାଯାଉଛି। ଏହା ମଣିଷର ଫୁସ୍‌ଫୁସ୍, ଖାଦ୍ୟନଳୀ, ପାକସ୍ଥଳୀ ଏପରିକି କିଡନୀ ଉପରେ ପ୍ରଭାବ ପକାଇଥାଏ। ଖଳାରୁ ବୋରେଇ, କଣ୍ଟିଆ, ଚିଙ୍ଗୁଡ଼ି, ଖଇଙ୍ଗା, ଫାସି ଓ ଅନ୍ୟ ପ୍ରକାର ଶୁଖୁଆ ଚାରିଚକିଆ ଓ ତିନିଚକିଆରେ ଅସ୍ତରଙ୍ଗ ବଜାରକୁ ଆସୁଛି। ଖଇଙ୍ଗା ଶୁଖୁଆର ବିଶେଷ ଆଦର ରହିଛି, ଯାହା ୩ଶହରୁ ୫ଶହ ଟଙ୍କା ଓ କଣ୍ଟିଆ କିଲୋ ୮୦ ଟଙ୍କାରୁ ୨ଶହ ଟଙ୍କାରେ ବିକ୍ରି ହେଉଛି। କିଛି ବର୍ଷ ତଳେ ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ସଚେତନତା ପାଇଁ ଜେଟିରେ ବ୍ୟାନର ଓ ପୋଷ୍ଟର ଲଗାଯାଇଥିଲା। ଶୁଖୁଆ ପ୍ରସ୍ତୁତିରେ କୌଣସି ପ୍ରକାର ରାସାୟନିକ ବ୍ୟବହାର ନ କରିବା ପାଇଁ ସଚେତନ କରାଯାଇଥିଲା। କଟକଣା ସତ୍ତ୍ୱେ ଶୁଖୁଆରେ ଫର୍ମାଲିନ ବ୍ୟବହାରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଜିଲା ମତ୍ସ୍ୟ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ବଜାରକୁ ଶୁଖୁଆ ଆସିବା ପୂର୍ବରୁ ଖାଦ୍ୟ ନିରାପତ୍ତା ଅଧିକାରୀ ମାନ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି।

# କବି ହରିହର ମିଶ୍ରଙ୍କ ସ୍ମୃତିସଭା


ସ୍ମୃତି ସଭାରେ ଯୋଗ ଦେଇଥିବା ଅତିଥିମାନେ ।

ପୁରୀ,୨୯।୯(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଶନିବାର କବି ହରିହର ମିଶ୍ରଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ସଭାପତି ପ୍ରତିମା ମିଶ୍ର ସଭାପତିତ୍ୱ କରିଥିଲେ। ସାରସ୍ୱତ ପ୍ରତିଭାର ବିଭିନ୍ନ ଦିଗ ଉପରେ ଆଲୋକପାତ ସହ କବି ହରିହରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଭିନ୍ନ ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ହରିହରଙ୍କ ସାରସ୍ୱତ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ହରିହର ପୁନର୍ବାର ଶ୍ରୀକ୍ଷେତ୍ର ମାଟିରେ ଜନ୍ମହୋଇ ସମସ୍ତଙ୍କୁ ଆଲୋକିତ କରନ୍ତୁ ବୋଲି ସାହିତ୍ୟିକମାନେ ମତବ୍ୟକ୍ତ କରିଥିଲେ। ସଭାରେ ଡ. ପ୍ରଫେସର ଅଦ୍ୱୈତ ଚରଣ ଧଳ, ସୁବାସିନୀ ଧଳ, କାଶୀନାଥ ଖୁଣ୍ଟିଆ, ଆର୍ତ୍ତତ୍ରାଣ ମାନସିଂହ, ମୀନକେତନ ମିଶ୍ର, ପ୍ରଭାତ ଚନ୍ଦ୍ର ରଥ, ଉମାକାନ୍ତ ମହାପାତ୍ର, ବିଜୟଲକ୍ଷ୍ମୀ ଦାଶ, ବିପିନୀ ବିହାରୀ ଦଳାଇ, ହେମାଙ୍ଗିନି ମହାନ୍ତି, କ୍ରିଷ୍ଣା ମହାପାତ୍ର, ଯୋଗେଶ୍ୱର ପ୍ରହରାଜ, କୁମାର ବାଳକୃଷ୍ଣ , ସୁଶ୍ରୀ ହରପ୍ରିୟା ସାହୁ, ବିଜୟ କୁମାର ପଣ୍ଡା, ସୌମ୍ୟରଞ୍ଜନ ମଲ୍ଲିକ, ସହଦେବ ସାହୁ, ପୀତାମ୍ବର ମହାପାତ୍ର, ସୁବ୍ରତ ଜେନା, ଡ. ଲକ୍ଷ୍ମୀଧର ଦାଶ, ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସମ୍ପାଦକ ସତ୍ୟନାରାୟଣ ମିଶ୍ର ସଭାକୁ ସଞ୍ଚାଳନ କରିବା ସହ ପରିଚାଳନା କରିଥିଲେ।



ସାକ୍ଷୀଗୋପାଳଠାରେ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ହାନା ଟାଏକୋଣ୍ଡୋର ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ଧରିତ୍ରୀମାତା ପାଇଁ ରବିବାର'

ପିପିଲି,୨୯।୯(ଦୁର୍ଗା ମାଧବ ମିଶ୍ର)

ଓଡ଼ିଶାର ଏକ ସ୍ୱେଚ୍ଛାସେବୀ ସଂଗଠନ ବ୍ରହ୍ମ ଚେତନା ପରିଷଦ ଆନୁକୂଲ୍ୟରେ 'ଧରିତ୍ରୀ ମାତା ପାଇଁ ରବିବାର' ନାମରେ ସମୟୋପଯୋଗୀ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ନିକଟ ବାରମାଣପାଟଣା ଜାଗୁଳାଇପଡ଼ାସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ବିଭିନ୍ନ ସ୍ଥାନରେ ଆମ୍ବ, ବଉଳ, ପିଜୁଳି, ହରିଡ଼ା, ନିମ୍ବ ଆଦି ଚାରାରୋପଣ କରାଯାଇଥିଲା। ଏହାସହିତ ମନ୍ଦିର ବେଢ଼ା ଚତୁଃପାର୍ଶ୍ୱକୁ ସଫେଇ କରାଯାଇଥିଲା। ପରେ ଆଖପାଖ ଗ୍ରାମର ପରିବେଶବିତ୍‌ଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରିଷଦ ସଭାପତି ପ୍ରଦୀପ ମିଶ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଞ୍ଚଳର ୨ ଜଣ ବୃକ୍ଷପ୍ରେମୀ ରାଜକିଶୋର ସାହୁ ଓ ବିଶ୍ୱନାଥ ପ୍ରଧାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପଣ୍ଡିତ ମନୋଜ କୁମାର ପଣ୍ଡା ଭଜନ ପରିବେଷଣ କରିଥିଲେ। ପରିଷଦ ସମ୍ପାଦକ କବି ସୁକାନ୍ତ କୁମାର ନନ୍ଦ ଏଯାବତ୍ ୧୬୦୦ ବୃକ୍ଷର ଚାରା ରୋପଣ କରାଯାଇଥିବା କହିଥିଲେ। କୋଷାଧ୍ୟକ୍ଷ ହୃଷୀକେଶ ନନ୍ଦ, ସଭ୍ୟ ନୀହାର ରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ନାଥ, କୁଳମଣି ସାହୁ, ଶିବବ୍ରତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଧରିତ୍ରୀ ମାତା ପାଇ ରବବାର କାର୍ଯ୍ୟକ୍ରମରେ ଅତଥି ଓ ଅନ୍ୟମାନେ ।

# ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗୀ ସମ୍ବର୍ଦ୍ଧିତ

ସାକ୍ଷୀଗୋପାଳ,୨୯।୯(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ୍)

ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ହାନା ଟାଏକୋଣ୍ଡୋର ପ୍ରତିଯୋଗୀଙ୍କୁ ରବିବାର ଏକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପ୍ରତିଯୋଗୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ଅବସରରେ ନିୟମିତ ଅଭ୍ୟାସ ଓ କଠିନ ପରିଶ୍ରମ ବଳରେ ସଫଳତା ମିଳିଥାଏ ବୋଲି କହିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ଓ କୋଚ୍‌ଙ୍କୁ ବିଧାୟକ ଧନ୍ୟବାଦ ଜଣାଇଥିଲେ। ଅଗଷ୍ଟ ୭, ୮, ୯ ଓ ୧୦ ତାରିଖରେ ଦିଲ୍ଲୀର ଆଗ୍ରାଠାରେ ଆୟୋଜିତ ଏହି ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେଇ ଆୟୁଷ୍ମାନ ମିଶ୍ର, ଆରାଧ୍ୟା ସତାକ୍ଷୀ ମିଶ୍ର, ଆୟୁଷ ଗୌଡ୍ର, ରୁଦ୍ରଦିତ୍ୟ ନାୟକ, ଆୟୁଧ ନାରାୟଣ ଗୌଡ୍ର ପଦକ ହାସଲ କରିଥିଲେ। ସେହିପରି ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ଅମ୍ଳାନଜ୍ୟୋତି ବରାଳ, ଆର୍ଯ୍ୟ ଅଭିଜ୍ଞାନ ମିଶ୍ର, ପ୍ରାଞ୍ଜଳ ରଥ, ପ୍ରିନ୍ସ ମହାରଣା, ବେଦବ୍ୟାସ ରଥ, ସ୍ମୃତିରେଖା ନାୟକ, ରୁଦ୍ରଦିତ୍ୟ ନାୟକ, ତୃପ୍ତିଲଗ୍ନା ପଣ୍ଡା, ଓମ୍ ପ୍ରକାଶ ସହୁ, ରୀତିକ ରଞ୍ଜନ ଦାଶଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଧାୟକ ମିଶ୍ରଙ୍କ ସହିତ ନମିତା ଦାଶ, ଧିରେନ ସେନାପତି ଯୋଗଦେଇଥିଲେ। ସାକ୍ଷୀଗୋପାଳ ହାନା ଟାଏକୋଣ୍ଡୋ ଏକାଡେମୀ କୋଚ ଦୀପକ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହରମୋହନ ମହାନ୍ତି, ଉମାକାନ୍ତ ମିଶ୍ର, ସତ୍ୟନାରାୟଣ ମିଶ୍ର, ସୀତାକାନ୍ତ ମିଶ୍ର ଓ ମନମୋହନ ଭଞ୍ଜ ଉପସ୍ଥିତ ରହିଥିଲେ।

### ଶତାୟୁ ବୃଦ୍ଧାଙ୍କ ପରଲୋକ

କଣାସ,୨୯।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ କଣାସ ଗ୍ରାମରେ ଶତାୟୁ ମହିଳା ଚଞ୍ଚଳା ଦାସଙ୍କର ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୫ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ରବିନ୍ଦ୍ର ଦାସ ମୁଖାଗ୍ନି ଦେଇଥିବା ବେଳେ ସାନପୁଅ ନାରାୟଣ ଦାସ ଏବଂ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

# ଚିତ୍ର ଆଙ୍କିଲେ, କଲାମଙ୍କ କୃତି ବଖାଣିଲେ ପିଲା

ପୁରୀ,୨୯।୯(ଅଜିତ କୁମାର ମହାନ୍ତି)

ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପୂର୍ବତନ ରାଷ୍ଟ୍ରପତି ତଥା ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଅବଦୁଲ କଲାମଙ୍କ ଜନ୍ମ ଦିବସ ଉପଲକ୍ଷେ ଶିଶୁ ସମାଚାର ପକ୍ଷରୁ ବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ପୁରୀ ସଦର ଓ ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୧୨୦ ଜଣ ଛାତ୍ରୀଛାତ୍ର ଭାଗନେଇ କଲାମଙ୍କ କଳାକୃତି ଆଙ୍କିଥିଲେ। ସେହିପରି ବକ୍ତୃତା କନିଷ୍ଠ ବିଭାଗରେ ମଦର୍ସ ପବ୍ଲିକ ସ୍କୁଲର ଶିବାଙ୍ଗୀ ମହାପାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦିବ୍ୟାଂଶୀ ମହାପାତ୍ର ମଦର୍ସ ପବ୍ଲିକ ସ୍କୁଲର ସଦ୍ୟାନ୍ତ ଶତପଥି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିଲେ। ବରିଷ୍ଠ ବିଭାଗରେ ଡିଏଭି ପବ୍ଲିକ ସ୍କୁଲର ସ୍ମୃତିରେଖା ସାହୁ ଓ ସ୍ମୃତି ମିଶ୍ର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ପାଇଥିବାବେଳେ ସରକାରୀ ଉଚ୍ଚ ବିଦ୍ୟାଳୟର ଅନୁଷ୍କା ମହାନ୍ତି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚିତ୍ରାଙ୍କନ ବରିଷ୍ଠ ବିଭାଗରେ କେନ୍ଦ୍ରୀୟ ବିଦ୍ୟାଳୟର ଅନିଶା ପଟ୍ଟନାୟକ, ସେଣ୍ଟ ଜାଭିୟର ହାଇସ୍କୁଲର ଶ୍ରେୟା ମହାନ୍ତି, ଡିଏଭି ପବ୍ଲିକ ସ୍କୁଲର ପ୍ରୟାଗ ମିଶ୍ର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କନିଷ୍ଠ ବିଭାଗରେ ଡିଏଭି ପବ୍ଲିକ ସ୍କୁଲର ଅରଶିଖା ରଥ ଓ ସ୍ୱୀକୃତି ମହାପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ପୁରୀ ଜିଲା ସ୍କୁଲର ଶୁଭଶ୍ରୀ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଶିବସୁନ୍ଦର ମିଶ୍ର, ବିଜୟ ପଣ୍ଡା, ପ୍ରଦୀପ ରାୟ, କରୁଣାକର ଭୋଳ, ବକ୍ତୃତା ବିଭାଗର ବିଚାରକ ରୂପେ ଯୋଗ ଦେଇଥିଲେ। ଚିତ୍ରାଙ୍କନରେ ଚନ୍ଦ୍ର ମହାରଣା, ଦୁର୍ଗାମାଧବ କର, ସତ୍ୟ ପାଢୀ, ସସ୍ମିତା ମହାରଣା ବିଚାରକ ଭାବେ ଯୋଗ ଦେଇଥିଲେ। ଶୁଭଲକ୍ଷ୍ମୀ ଦାସ, ବନିତା ଦୀକ୍ଷିତ, ଶୁଭଜିତ ପଣ୍ଡା, ଅନ୍ନପୂର୍ଣ୍ଣା ରଥ, ଅମର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଆସନ୍ତା ୧୫ ତାରିଖ ବିଶ୍ୱ ବିଦ୍ୟାର୍ଥୀ ଦିବସରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।


ପ୍ରତିଯୋଗୀମାନେ ସେମାନଙ୍କ ଚିତ୍ର ପ୍ରଦର୍ଶନ କରୁଛନ୍ତି ।

# ଥାଇଲାଣ୍ଡର ବୁଦ୍ଧ ମନ୍ଦିର ତୋରଣରେ ପୂଜା ପାଇବେ ମା'



## ୫୬ ବର୍ଷରେ ଅସ୍ତରଙ୍ଗ ଦୁର୍ଗା ପୂଜା

ଅସ୍ତରଙ୍ଗ,୨୯।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ଦୁର୍ଗାପୂଜା ୫୬ ବର୍ଷରେ ପହଞ୍ଚିଛି। ପ୍ରତିବର୍ଷ ଭଳି ଏଥର ମଧ୍ୟ ମା'ଙ୍କ ଆଗମନ ପାଇଁ ଅସ୍ତରଙ୍ଗ ଦୁର୍ଗା କ୍ଲବ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତବର୍ଷ ଥାଇଲାଣ୍ଡର ବୁଦ୍ଧ ମନ୍ଦିର ତୋରଣରେ ପୂଜା ପାଇବେ ମା'। କୋଲକାତା କାରିଗରମାନେ ସେପ୍ଟେମ୍ବର ୬ରୁ ମା'ଙ୍କ ମୂର୍ତ୍ତି ତିଆରି କାମରେ ଲାଗିପଡ଼ିଛନ୍ତି। ମୂର୍ତ୍ତିର ଉଚ୍ଚତା ୧୧ ଫୁଟ ଓ ମେଢ଼ର ଉଚ୍ଚତା ପ୍ରାୟ ୧୫ରୁ ୨୦ ଫୁଟ ରହିବ। ଥାଇଲାଣ୍ଡ ବୁଦ୍ଧ ମନ୍ଦିର ଆକୃତି ତୋରଣର ଦୈର୍ଘ୍ୟ ୭୦ ଫୁଟ ଓ ଉଚ୍ଚତା ୬୦ ଫୁଟ ପାଖାପାଖି ରହିବ। ଏଥର ବଜେଟ ପ୍ରାୟ ୨୫ରୁ ୩୦ ଲକ୍ଷ ଟଙ୍କାରୁ ଅଧିକ ରହିଛି। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମା'ଙ୍କ ନିକଟରେ ପ୍ରତ୍ୟେକ ଦିନ ଖେଚୁଡ଼ି ଭୋଗ ଓ ନବମୀରେ ସ୍ୱତନ୍ତ୍ର ଭୋଗ ଲାଗି ହେବ। ଭିଡ଼କୁ ଦୃଷ୍ଟିରେ ରଖି ଦୁର୍ଗା କ୍ଲବ ପକ୍ଷରୁ ୪୦ରୁ ୫୦ ଜଣ ସ୍ୱେଚ୍ଛାସେବୀ ଓ ୧୦ ଜଣ ସୁରକ୍ଷା କର୍ମୀ ନିୟୋଜିତ କରାଯିବ। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ। ସେହିପରି ପାରମ୍ପରିକ ବାଦ୍ୟ ଯନ୍ତ୍ର ସହ ଭସାଣି ଶୋଭାଯାତ୍ରା ଦୁର୍ଗା କ୍ଲବ ନିକଟରୁ ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା କରି ଭଉଁରିଆ ସେତୁ ନିକଟକୁ ଯିବ। ଭଉଁରିଆ ନଦୀରେ ମା'ଙ୍କ ବିସର୍ଜନ କରାଯିବ। ତୋରଣ କାର୍ଯ୍ୟରେ କଲିକତା ଗଙ୍ଗାସାଗର ଅଞ୍ଚଳର କାରିଗର ତନ୍ମୟ ଯାନ, ସୁଭାଷ, ସୁପ୍ରିୟ, ଅନୁପ, କିଙ୍କର ମଣ୍ଡଳ ଓ ପଦ୍ମଚରଣ ମୁଦୁଲି ଲାଗି ପଡ଼ିଛନ୍ତି।

## ଏମାନେ ଯାହା କୁହନ୍ତି...

### ସମାଜକୁ ସଚେତନତା ବାର୍ତ୍ତା ଦେବ ତୋରଣ

ସମାଜକୁ ବାର୍ତ୍ତା ଦେବା ଭଳି ଥିମ୍ ରଖିଛୁ। ତୋରଣ ତିଆରିରେ ବଙ୍ଗୀୟ କାରିଗର ମିଳିମିଶି କାମରେ ଲାଗିଛନ୍ତି। ପାଖାପାଖି ୬୦ ପ୍ରତିଶତ କାମ ସରିଲାଣି। ଆଶା କରିଛୁ ପୂର୍ବଥର ଭଳି ଅନେକ ଲୋକଙ୍କ ସମାଗମ ରହିବ।

**–ଦିବ୍ୟଦର୍ଶୀ ବିଶ୍ୱାଳ, ସଭାପତି, ମା' ଦୁର୍ଗା କ୍ଲବ**

### ସାଇବର ସଚେତନତା ପ୍ରତି ଧ୍ୟାନ ରଖିଛୁ

ଚଳିତବର୍ଷର ଥିମ୍ ରହିଛି ସାଇବର ସଚେତନ, କନ୍ୟାଭ୍ରୂଣ ସଚେତନ, ତାଳଗଛ ରୋପଣ। ସାମାଜିକ ଗଣମାଧ୍ୟମ ବ୍ୟବହାର ସତର୍କତା, ପିଲାମାନଙ୍କୁ ସାଇବର ଅପରାଧ ସୁରକ୍ଷିତ ରଖିବା, ବିଭିନ୍ନ ଅର୍ଥ କାରବାରରେ ସତର୍କତା, ଅନ୍‌ଲାଇନ ଶପିଂ, ମିଥ୍ୟା ନିଯୁକ୍ତି ଭଳି ଅନେକ ସାଇବର ଠକେଇ ନେଇ ସଚେତନ ବାର୍ତ୍ତା ରହିଛି। ଏହାସହ ତାଳଗଛ ଜରିଆରେ ବଜ୍ରପାତ ମୁକାବିଲା ଥିମ୍ ମଣ୍ଡପରେ ପ୍ରଦର୍ଶିତ ହେବ।

**–ପ୍ରକାଶ କୁମାର ବେହେରା, ଉପସଭାପତି, ମା' ଦୁର୍ଗା କ୍ଲବ**

### ନକଲି ଘିଅ ନ ଲଗାଇବାକୁ ଅନୁରୋଧ

ବିଧି ଅନୁସାରେ ଷଷ୍ଠୀ ତିଥିରେ ଘଟସ୍ଥାପନ ପୂର୍ବକ ପୂଜା କାର୍ଯ୍ୟ ଆରମ୍ଭ ହେବ। ପ୍ରତିବର୍ଷ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏବର୍ଷ ମଧ୍ୟ ଭକ୍ତ ଆସିବେ। ସେଥିପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି। ନକଲି ଘିଅରେ ମା'ଙ୍କ ପାଖରେ ଦୀପ ବା ଅନ୍ୟ ଭୋଗରାଗ ଲଗାଇବାକୁ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରାଯିବ।

**–ଦୁଷ୍ମନ୍ତ କୁମାର ପରିଡ଼ା, ଉପଦେଷ୍ଟା, ମା' ଦୁର୍ଗା କ୍ଲବ**

### ପ୍ଲାଷ୍ଟିକ ବ୍ୟବହାରକୁ ବାରଣ

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେଉଥିବାବେଳେ ଲୋକଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିବାକୁ ଚଳିତବର୍ଷ ନିଷ୍ପତ୍ତି ନିଆଯାଇଛି। ମଣ୍ଡପକୁ ପଲିଥିନ ବା ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସ୍ୱଚ୍ଛତା ରକ୍ଷା ପାଇଁ ମଧ୍ୟ ପରିଷଦର ସଦସ୍ୟ ଦୃଷ୍ଟି ଦେବେ। ମା'ଙ୍କ କୃପାରେ ପୂଜା ଭଲରେ ସମାପ୍ତ ହେବ ଏଥିରେ ସନ୍ଦେହ ନାହିଁ।

**–ରବୀନ୍ଦ୍ର ପରିଡ଼ା, କୋଷାଧ୍ୟକ୍ଷ, ମା' ଦୁର୍ଗା କ୍ଲବ**

## ସଂକ୍ଷେପରେ

### ଗୀତା ଆବୃତ୍ତି ପ୍ରତିଯୋଗିତା

ବାଲିପାଟଣା,୨୯।୯(ଅଭିମନ୍ୟୁ ନାୟକ): ପ୍ରଜ୍ଞାନ ମିଶନ ପକ୍ଷରୁ ବାଗ୍‌ଦେବୀ ବିଦ୍ୟା ମନ୍ଦିର ପରିସରରେ ବାଲିପାଟଣା ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଶ୍ରେଣୀରୁ ଯୁକ୍ତ ୨ ପର୍ଯ୍ୟନ୍ତ ପ୍ରାୟ ୧୨୦ ଜଣ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ। ୧୨ଜଣଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ରାଜ୍ୟସ୍ତରୀୟ ପ୍ରତିଯୋଗିତା ପରେ କୃତୀ ପ୍ରତିଯୋଗୀଙ୍କୁ ବୃତ୍ତି ପ୍ରଦାନ ବ୍ୟବସ୍ଥା ରହିଛି। ମିଶନର ଅନିଲ ଦାସ, ପ୍ରଭାକର ସାହୁ, ପ୍ରଦୀପ୍ତ ମହାନ୍ତି, ରାମନାରାୟଣ ଶତପଥୀ, ପ୍ରଦୀପ୍ତ ସ୍ୱାଇଁ, ବିକାଶ ଓଝା, ଦେବବ୍ରତ ଓଝା, କୃଷ୍ଣ ଓଝାଙ୍କ ସମେତ ବିଚାରକ ମଣ୍ଡଳୀରେ ଉଷାରାଣୀ ଷଡ଼ଙ୍ଗୀ, ସଲିଳ ସେଠୀ, ଉମା ସାହୁ, ଜ୍ୟୋସ୍ନାରାଣୀ ଦାଶ, ଗୋପାଳ ବେହେରା, ସୌମ୍ୟରଞ୍ଜନ ଶତପଥୀ, ସୁକାନ୍ତି ଷଡ଼ଙ୍ଗୀ, ଛବିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦିଲୀପ କୁମାର ଓଝା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗଙ୍ଗାଧର ଓଝା ଓ ଅନ୍ୟମାନେ ସହଯୋଗ କରିଥିଲେ।

### ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଷ୍ଟିୟରିଂ କମିଟି ଗଠିତ

ପୁରୁଣା ଭୁବନେଶ୍ୱର,୨୯।୯(ସୁବାସ ଚନ୍ଦ୍ର ପ୍ରଧାନ): ଡ୍ରେନେଜ୍ ସୁବିଧା ନ ଥିବାରୁ ବର୍ଷା ହେଲେ ୨୦ରୁ ଉର୍ଦ୍ଧ୍ୱ କଲୋନୀ ଏବଂ ୪ପଞ୍ଚାୟତର ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ରାସ୍ତା ସମ୍ପ୍ରସାରଣ, ଡ୍ରେନେଜ ନିର୍ମାଣ ଓ ରକ୍ଷଣାବେକ୍ଷଣ, ପଲ୍ଲୀକେନାଲର ପୁନରୁଦ୍ଧାର ଆଦି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ ଏବଂ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ ନିମନ୍ତେ ଆଞ୍ଚଳିକ ବିକାଶ ପରିଷଦ (ଏବିପି) ନେତୃତ୍ୱରେ ରବିବାର ଏକ ଷ୍ଟିଅରିଂ କମିଟି ଗଠନ କରାଯାଇଛି। ସିଦ୍ଧି ମଣ୍ଡପ ନାଥପୁରରେ ଅନୁଷ୍ଠିତ ସଭାରେ ତିନିଶହରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ ଯୋଗଦେଇ ସମସ୍ୟାର ସମାଧାନ ନିମନ୍ତେ ମତଦେଇଥିଲେ। ପରେ ପରିଷଦ ସଭାପତି ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ୩୦ଜଣିଆ ଷ୍ଟିଅରିଂ କମିଟି ଗଠନ କରିଛନ୍ତି। ଉପଯୁକ୍ତ ଡ୍ରେନେଜ ସୁବିଧା ନ ଥିବାରୁ ଲିଙ୍ଗିପୁର, ଇଟିପୁର, ଟିକରପଡା ପଞ୍ଚାୟତ ସମେତ ନୂଆଗାଁ ମ୍ୟୁନିସପାଲିଟି ଅଞ୍ଚଳ, ଇନ୍ଦିରା କଲୋନି, ବିଜୟ ବିହାର, ବଳରାମ ବିହାର, ମୃତ୍ୟୁଞ୍ଜୟ ବିହାର, ଶ୍ରୀଗୁରୁ କଲୋନୀ, ଦିବ୍ୟବିହାର, ଆନନ୍ଦ ବିହାର, ରାଧାକୃଷ୍ଣ ବିହାର, ଲକ୍ଷ୍ମୀବିହାର, ଆନନ୍ଦ ବିହାର ଆଦି ୨୦ରୁ ଉର୍ଦ୍ଧ୍ୱ କଲୋନୀର ବାସିନ୍ଦା ବର୍ଷା ହେଲେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ରାଜ୍ୟରେ ନାଟକର ସ୍ଥିତି ସୁଧାର ପାଇଁ ଦାବି

## ରାଜଧାନୀରେ ଖୋଲିବ ଏନ୍‌ଏସ୍‌ଡି ଶାଖା

### କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନା

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)



ସମ୍ମିଳନୀରେ କଳିଙ୍ଗ ନାଟ୍ୟ ସଂଘ ସଭାପତି ଧୀରେନ୍ଦ୍ର ମଲ୍ଲିକଙ୍କ ସହ ଅନ୍ୟମାନେ।

ନାଟକ ପରିବେଷଣ କରିବାକୁ ରାଜ୍ୟରେ ଭଲ ପ୍ରେକ୍ଷାଳୟଟିଏ ନାହିଁ। ରାଜଧାନୀ ଭୁବନେଶ୍ୱରରେ ଗୋଟିଏ ଦୁଇଟି ରହିଥିବାବେଳେ ଜିଲାର ସ୍ଥିତି ନ କହିବା ଭଲ। ଓଡ଼ିଶାରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଥିଏଟର ଗ୍ରୁପ୍ ଅଛି। ନାଟକ କରିବା ବ୍ୟୟସାପେକ୍ଷ ହୋଇଯାଇଛି। ତଥାପି ବହୁ କଷ୍ଟରେ ଗ୍ରୁପ୍‌ଗୁଡ଼ିକ ନାଟକ କରୁଛନ୍ତି। ଏପରିକି ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ନାଟକ ମହୋତ୍ସବ ବି କରୁଛନ୍ତି। କିନ୍ତୁ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଏଠାରେ ନାଟକକୁ ପ୍ରୋତ୍ସାହନ ବହୁତ କମ୍ ରହିଛି ବୋଲି କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ କୁହାଯାଇଛି। ରବିବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ଦାବି କରିଛି ଯେ, ପ୍ରେକ୍ଷାଳୟ ସମସ୍ୟା ଦୂର କରିବା ପାଇଁ ୧୪୭ ବିଧାନସଭା କ୍ଷେତ୍ରର ସଦର ମହାକୁମାରେ ୧୪୭ଟି ଅସ୍ମିତା ଭବନ ନିର୍ମାଣ କରାଯାଉ। ଏଥିରେ ପାଠାଗାର ଓ ପଠନ କକ୍ଷ ସଂଲଗ୍ନ ରହିବା ସହ ଅନ୍ତତଃ ହଜାରେ ଲୋକ ବସିବା ଭଳି ବ୍ୟବସ୍ଥା କରାଯାଉ। ନାଟ୍ୟଧାରା ପକ୍ଷରୁ ବର୍ତ୍ତମାନ ଭୁବନେଶ୍ୱରରେ ମାସକୁ ୪ଦିନ ଓ କଟକରେ ଗୋଟିଏ ଦିନ ନାଟକ ମଞ୍ଚସ୍ଥ ହେଉଛି। ଏହାକୁ ଆହୁରି ବ୍ୟାପକ କରାଯାଉ। ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପ ଓ ଭଞ୍ଜକଳା ମଣ୍ଡପ ଭଡ଼ାରେ ୫୦ ପ୍ରତିଶତ ରିହାତିଦିଆଯାଉ। ଖଣ୍ଡଗିରି ଓ ଧଉଳିଠାରେ ପ୍ରେକ୍ଷାଳୟ ହେଲେ ସେହି ଅଞ୍ଚଳର ବାସିନ୍ଦାମାନେ ଓଡ଼ିଶାର ପ୍ରଦର୍ଶିତ କଳାକୁ ଉପଭୋଗ କରିପାରିବେ। ସେହିଭଳି ରେପେରେଟୋରି ଗ୍ରୁପ୍ ଗଠନ କରାଯାଉ। ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା(ଏନ୍‌ଏସ୍‌ଡି)ର ଏକ ଶାଖା ଭୁବନେଶ୍ୱରରେ ଖୋଲିବାକୁ ଯାଉଛି। ରାଜ୍ୟ ସରକାର ସେଥିପାଇଁ ୫ ଏକର ଜମି ଯୋଗାଇଦେବେ। ସମ୍ପୂର୍ଣ୍ଣ ସିଟ୍‌ର ୫୦% ଓଡ଼ିଆ ପିଲାଙ୍କ ପାଇଁ ସଂରକ୍ଷଣ ରହିବା ଦରକାର। ସେହିପରି ଟ୍ରେନ୍ ଯାତ୍ରାରେ କଳାକାରଙ୍କ ପାଇଁ ସ୍ଥାନ ସଂରକ୍ଷଣରେ ରିହାତି ହେଉ। ଏମାନଙ୍କ ପାଇଁ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ୭୫% ସଂରକ୍ଷଣ ଥିଲା। ହେଲେ ପରେ ଏହାକୁ ଉଠାଇ ଦିଆଗଲା। ପୁନଃ ଏ ନେଇ ବିଚାର ହେବା ଆବଶ୍ୟକ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ସମ୍ମିଳନୀରେ ସଂଘ ସଭାପତି ଧୀରେନ୍ଦ୍ର ମଲ୍ଲିକ, ଉପସଭାପତି ଡ. ପ୍ରସନ୍ନ ମିଶ୍ର, ଉପଦେଷ୍ଟା ହରେଣ ସାହୁ, ସମ୍ପାଦକ ସତ୍ୟନାରାୟଣ ଜେନା, ସଂଗଠକ ଅନିଲ ପାତ୍ର, ନାଟ୍ୟ ନିର୍ଦ୍ଦେଶକ ରମେଶ ମହାରଣା ଓ ନରେନ୍ଦ୍ର ମିଶ୍ର ଉପସ୍ଥିତ ରହି ଏନେଇ ଆଲୋଚନା ବେଳେ ଏସବୁ ଦାବି କରିଛନ୍ତି।

# ମଧୁସୂଦନ ପାର୍କରେ ବିଶ୍ୱ ହୃତ୍‌ପିଣ୍ଡ ଦିବସ




ଭୁବନେଶ୍ୱର,୨୯।୯(ଅନୁରାଧା ମହାରଣା)

ଭୁବନେଶ୍ୱର ପୋଖରୀପୁଟସ୍ଥିତ ମଧୁସୂଦନ ଦାସ ପାର୍କ ପରିସରରେ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଯାଇଛି। ବାଲ୍ମୀକି ପାତ୍ର ଓ ଲଳିତ ନାରାୟଣ ରାଉତଙ୍କ ଉଦ୍ୟମକ୍ରମେ ଏସ୍‌ଏଲ୍‌ଆର୍ ଏବଂ ୱାର୍କର୍ସ କ୍ଲବ୍ ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସ୍ୱତନ୍ତ୍ର ଦିବସ ପାଳନର ମହତ୍ତ୍ୱ ଉପରେ କହିବା ସହ ନିୟମିତ ବ୍ୟାୟାମ ଓ ଯୋଗ ଦ୍ୱାରା କିପରି ସ୍ୱାସ୍ଥ୍ୟର ଯତ୍ନ ନିଆଯାଇପାରିବ ସେସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କିଛି ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ପତଞ୍ଜଳି ଯୋଗ ପରିବାର ପକ୍ଷରୁ ଗୁରୁ ପିତାମ୍ବର ସାହୁଙ୍କ ଦ୍ୱାରା ଯୋଗ ଶିକ୍ଷା ଦିଆଯାଇଥିଲା। ଆବାହକ ତଥା ଉପଦେଷ୍ଟା ବାଲ୍ମୀକି ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଲଳିତ ନାରାୟଣ ରାଉତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।



ପଶ୍ଚିମ ଓଡ଼ିଶା ଯୁବ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଉତ୍କଳ ମଣ୍ଡପଠାରେ ରବିବାର ଅନୁଷ୍ଠିତ ନୂଆଖାଇ ଭେଟ୍‌ଘାଟ୍‌ରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ସହ ଅତିଥିମାନେ। (ଫଟୋ – ବିକାଶ ନାୟକ)



ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ବୟୋଜ୍ୟେଷ୍ଠଙ୍କ ଆଶୀର୍ବାଦ ପିଲାଙ୍କୁ ସହାୟକ ହେବ

## ଡିଏଭି ୟୁନିଟ୍–୮ର ଗ୍ରାଣ୍ଡ୍‌ପ୍ୟାରେଣ୍ଟସ ଡେ'

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଡିଏଭି ପବ୍ଲିକ ସ୍କୁଲ ୟୁନିଟ–୮ର କୁନି କୁନି ଛାତ୍ରୀଛାତ୍ର ଗ୍ରାଣ୍ଡ୍‌ପ୍ୟାରେଣ୍ଟସ ଡେ' ପାଳନ କରିଛନ୍ତି। ଭଗବାନ ବିଷ୍ଣୁ ବିଭିନ୍ନ ଅବତାରରେ ଅଧର୍ମର ବିନାଶ କରି ଧର୍ମର ସ୍ଥାପନା କରିଥାନ୍ତି। ଏହି ବାଣୀକୁ ଆଧାର କରି ପିଲାମାନେ ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ଯୁଗର ମାହାତ୍ମ୍ୟକୁ 'ଯୁଗ ଅବତାର' ଶୀର୍ଷକ ନୃତ୍ୟନାଟିକା ମାଧ୍ୟମରେ ଅତି ଚମତ୍କାର ଭାବେ ଉପସ୍ଥାପନା କରିବା ସହିତ ଭଗବାନଙ୍କ ନାମ ସଙ୍କୀର୍ତ୍ତନ କରି ସର୍ବଦା ଧର୍ମ ଓ ନ୍ୟାୟ ପଥରେ ଆଗେଇଯିବାକୁ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ଜେଜେ, ଜେଜେମା, ଅଜା ଓ ଆଈଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର ଓ ବର୍ଜ୍ୟବସ୍ତୁରୁ ସୁନ୍ଦର ଉପକରଣ ନିର୍ମାଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଚାଳନା ସମିତି ସଭାପତି ସନ୍ତୋଷ ଉପାଧ୍ୟାୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିଥିବା ବୟୋଜ୍ୟେଷ୍ଠ ଓ ବିଦ୍ୟାଳୟର ଶ୍ରେଷ୍ଠ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରତ୍ୟେକ ପରିବାରରେ ଥିବା ବୟୋଜ୍ୟେଷ୍ଠଙ୍କ ସ୍ନେହ, ଯତ୍ନ ଓ ଆଶୀର୍ବାଦ ଏହି କୁନିକୁନି ପିଲାଙ୍କୁ ଜୀବନ ପଥରେ ଆଗେଇ ଯିବାକୁ ସହାୟକ ହେବ ବୋଲି ବିଦ୍ୟାଳୟ ଅଧ୍ୟକ୍ଷା ଇପ୍‌ସିତା ଦାସ କହିଥିଲେ। ବିଦ୍ୟାଳୟର ତତ୍ତ୍ୱାବଧାରିକା ରୀତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଗ୍ରାଣ୍ଡ୍‌ପ୍ୟାରେଣ୍ଟସ ଡେ' ପାଳନ ଅବସରରେ ଡିଏଭି ପବ୍ଲିକ ସ୍କୁଲ ୟୁନିଟ–୮ର ଛାତ୍ରୀଛାତ୍ରମାନେ ନୃତ୍ୟ ନାଟିକା 'ଯୁଗ ଅବତାର' ପରିବେଷଣ କରୁଛନ୍ତି।

# ମରଣଯନ୍ତା ପାଲଟିଛି ନରଣପୁର ନୂଆସାହି ରାସ୍ତା

ତ୍ରିଶୂଳିଆ,୨୯।୯(ତୁଷାରକାନ୍ତ ବେହେରା)



ବାରଙ୍ଗ ବ୍ଲକ ଅଧୀନ ବେଲଗଛିଆ ଗ୍ରାମପଞ୍ଚାୟତ ଅଧୀନ ବାରଙ୍ଗ ତହସିଲ ନିକଟ ନରଣପୁର ଗ୍ରାମ ଗଡ଼ା ସମ୍ମୁଖ ମୁଖ୍ୟରାସ୍ତାର ଅପରପାର୍ଶ୍ୱ ଗଡ଼ାଠାରୁ କାଠଯୋଡ଼ି ନଦୀବନ୍ଧ ପର୍ଯ୍ୟନ୍ତ ଥିବା ସାହି ରାସ୍ତା ମରଣଯନ୍ତା ପାଲଟିଛି। ବର୍ଷା ହେଲେ ରାସ୍ତା ପାଣିରେ ବୁଡ଼ିରହୁଛି, ବର୍ଷା ଛାଡିଲେ କାଦୁଅ ପଙ୍କରେ ପରିଣତ ହେଉଛି। ସାହିରେ ରହୁଥିବା ୩୦ ପରିବାରର ଜନସାଧାରଣଙ୍କ ଯିବା ଆସିବା ଲାଗି ଅନ୍ୟ ରାସ୍ତା ନ ଥିବାରୁ ବାଧହୋଇ ସେମାନେ ଏହି ରାସ୍ତା ବ୍ୟବହାର କରୁଛନ୍ତି। ସାହିଟି ବାରଙ୍ଗ ବ୍ଲକ ଅଞ୍ଚଳର ସରକାରୀ କାଗଜପତ୍ର ରହିଛି, ହେଲେ କାଗଜପତ୍ରରେ କଟକ ମ୍ୟୁନିସିପାଲିଟି ଅଧୀନରେ ରଖାଯାଇଛି। ଫଳରେ ବ୍ଲକ ପ୍ରଶାସନ ନା ମ୍ୟୁନିସିପାଲିଟି ପ୍ରଶାସନ କାହାରି ମାଧ୍ୟମରେ ରାସ୍ତା କରାଯାଇପାରୁନାହିଁ। ସାହିର ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ରାସ୍ତାଟିକୁ ଢଳେଇ କରାଇ ସ୍ଥାୟୀ ସମାଧନ କରିବା ଲାଗି ସୁଶାନ୍ତ କୁମାର ପ୍ରଧାନ, ଅଶୋକ କୁମାର ଅଗ୍ରୱାଲ, ଅନ୍ନପୂର୍ଣ୍ଣା ଦାସ ଦାବି କରିଛନ୍ତି।

# ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୨ଦିନିଆ ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଉଛି। ସଂଘ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାନ୍ତି, ସଭାପତି ନନ୍ଦ ନନ୍ଦନ ଶତପଥୀ ଓ ସାଧାରଣ ସମ୍ପାଦକ ସଞ୍ଜିତ କୁମାର ପାଣିଗ୍ରାହୀ କହିଲେ, ସଂଘର ଏକତ୍ରୀକରଣ ପାଇଁ ରାଜ୍ୟ ବାର୍ କାଉନ୍‌ସିଲ ନେଇଥିବା ପଦକ୍ଷେପ ଯଥାର୍ଥ। ଚଳିତ ବର୍ଷର ୫୩ତମ ବାର୍ଷିକ ଉତ୍ସବ ସମ୍ପର୍କିତ ମାମଲା ବାର୍ କାଉନ୍‌ସିଲର ବିଚାରଧୀନ ଥିବାରୁ ପଶ୍ଚିମ ଓଡିଶାର ବରଗଡ଼ ବାର୍ ଆସୋସିଏଶନ, ଅନୁଗୋଳ ବାର ଆସୋସିଏଶନ ଓ ମାଲକାନଗିରି ବାର୍ ଆସୋସିଏଶନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆସିଥିବା ପ୍ରସ୍ତାବ ଉପରେ ନିଷ୍ପତି ଗ୍ରହଣ କରାଯାଇପାରି ନ ଥିଲା। ରାଜ୍ୟ ବାର୍ କାଉନସିଲ ଚଳିତ ବର୍ଷ ଆଇନଜୀବୀଙ୍କ ଏକତା ଓ ମର୍ଯ୍ୟାଦା ରକ୍ଷା ଲାଗି ଉଦ୍ୟମ କରି ଯେଉଁ ସ୍ଥାନରେ ଏହି କାର୍ଯ୍ୟକ୍ରମ କରିବା ଲାଗି ନିଷ୍ପତି ନେବେ, ତାହାକୁ ସଂଘ ଗ୍ରହଣ କରିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ରାଜ୍ୟରେ ଆଇନଜୀବୀଙ୍କ ପାଇଁ ଆଡ୍‌ଭୋକେଟ ଏକାଡେମୀ, ଉଚ୍ଚ ନ୍ୟାୟାଳୟ ଓ ନିମ୍ନ ଅଦାଲତରେ ବିଚାରପତି ନିଯୁକ୍ତି, ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଓ ଆଡ୍‌ଭୋକେଟ ୱେଲ୍‌ଫେୟାର ଟ୍ରଷ୍ଟକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦ କୋଟି ଟଙ୍କାର ସହାୟତା ରାଶି ବୃଦ୍ଧି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏନେଇ ସଂଘର ପ୍ରତିନିଧିଦଳ ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଆଇନ ମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଆଲୋଚନାରେ ବରିଷ୍ଠ ଉପଦେଷ୍ଟା ସୁଜିତ କୁମାର, ଅନ୍ୟତମ ଉପଦେଷ୍ଟା ସୁବାଷ ଚନ୍ଦ୍ର ମିଶ୍ର, ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ବସନ୍ତ ପଣ୍ଡା, ସାଧାରଣ ସମ୍ପାଦକ ସଞ୍ଜିତ କୁମାର ପାଣିଗ୍ରାହୀ, ସାଂଗଠନିକ ସମ୍ପାଦକ ସଞ୍ଜୀବ କୁମାର ମହାନ୍ତି, ବରିଷ୍ଠ ଉପସଭାପତି ଜୀବନ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାନ୍ତି, ସଭାପତି ନନ୍ଦ ନନ୍ଦନ ଶତପଥୀ, ସାଧାରଣ ସମ୍ପାଦକ ସଞ୍ଜିତ କୁମାର ପାଣିଗ୍ରାହୀ ଓ ଅନ୍ୟମାନେ।

## ଝାରପଡ଼ା ଦୁର୍ଗାପୂଜା ସମିତି

# ଏଥର ଇମ୍ପେରିଆଲ ପ୍ୟାଲେସ




ଭୁବନେଶର, ୨୯।୯(ବନ୍ଦନା ସେଠୀ)




ମା'ଙ୍କ ଆଗମନ ପାଇଁ ହସି ଉଠିଲାଣି ଧରାପୃଷ୍ଠ। କାଶତଣ୍ଡୀ ଫୁଲର ସମ୍ଭାର ସାଙ୍ଗକୁ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କୁ ଆବାହନ ଲାଗି ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ରାଜଧାନୀର ଅନ୍ୟତମ ପ୍ରମୁଖ ଝାରପଡା ଦୁର୍ଗାପୂଜା ସମିତି ମଧ୍ୟ ପୂଜା ପ୍ରସ୍ତୁତିକୁ ଆଗେଇ ନେଇଛି। ଚଳିତ ବର୍ଷ ସମିତି ଚତୁର୍ଦ୍ଦଶ ବର୍ଷରେ ପଦାର୍ପଣ କରୁଛି। ଏଥର ପୂଜା ପାଇଁ ୪୦–୪୫ ଲକ୍ଷ ଟଙ୍କା ବଜେଟ ରହିଛି। ପ୍ରତିବର୍ଷ ନିଆରା ଢଙ୍ଗରେ ତୋରଣ ପ୍ରସ୍ତୁତ କରି ଚର୍ଚ୍ଚାରେ ରହୁଥିବା ଝାରପଡ଼ା ପୂଜା ସମିତି ଏଥର ନିଜସ୍ୱ ପରିକଳ୍ପନାରେ ଆକର୍ଷଣୀୟ 'ଇମ୍ପେରିଆଲ ପ୍ୟାଲେସ' ନିର୍ମାଣ କରୁଛି। ରବିବାର ସମିତି ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ପଶ୍ଚିମବଙ୍ଗର କାରିଗର ସପନ ମାନାଙ୍କ ନେତୃତ୍ୱରେ ୫୦ଜଣ ସହଯୋଗୀ କାରିଗର ଦେଢ଼ମାସ ହେଲାଣି ତୋରଣ ନିର୍ମାଣରେ ଲାଗି ପଡିଛନ୍ତି। ବାଉଁଶ, କାଠ ବିଟ, ପ୍ଲାଏ, ଫାଇବର, ସନ୍‌ପ୍ୟାକ୍, ୟୁନିଫୋମ୍, ରଙ୍ଗିନ କାଚ ଆଦିରେ ତୋରଣ ନିର୍ମାଣ ହେବ। ଉଚ୍ଚତା ୮୫ ଫୁଟ୍ ଓ ଚଉଡା ୧୫୦ ଫୁଟ ରହିବ। ତୋରଣକୁ ଅଧିକ ଆକର୍ଷଣୀୟ କରିବା ପାଇଁ କୋଲକାତାର କାରିଗର ଦେବାଶିଷ ପାଲ ଓ ଭୁବନେଶର ପବିତ୍ର ସ୍ୱାଇଁ ଆଲୋକ ସଜ୍ଜା ଦାୟିତ୍ୱରେ ରହିଛନ୍ତି। ୩ ମୁଖ୍ୟ ଫାଟକ ସମେତ ୫ ଫାଟକ ମାଧ୍ୟମରେ ବିଭିନ୍ନ ପୌରାଣିକ, ଆଧୁନିକ ଓ ଆଦିବାସୀଙ୍କ କଥାବସ୍ତୁକୁ ରୂପଦେବ ଏଲ୍‌ଇଡି ଓ ମେକାନିକାଲ ଷ୍ଟ୍ରକଚ୍‌ର। ସୁରକ୍ଷିତ ଦର୍ଶନ ପାଇଁ ଗୋଟିଏ ପ୍ରବେଶ ଓ ଭିତରେ ୪ ପ୍ରସ୍ଥାନ ପଥ ରଖାଯାଇଛି। ତୋରଣ ଭିତରେ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ହେଉଛି। ସେହିପରି କଟକ କାରିଗର ମାନସ ରଞ୍ଜନ ବେହେରାଙ୍କ ଦ୍ୱାରା ୧୨ ଫୁଟ ଉଚ୍ଚତାର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ଭଗବାନ ବେହେରାଙ୍କ ଦ୍ୱାରା ୨୦ ଫୁଟ ଉଚ୍ଚତାର ବୁଲେନ ଓ ସୁନେଲି ମେଢ଼ ତିଆରି କରାଯାଉଛି। ଚଳିତବର୍ଷ ମା'ଙ୍କ ପାଇଁ ରୁପା ମୁକୁଟ ସହ ପାର୍ଶ୍ୱ ଦେବଦେବୀଙ୍କ ଲାଗି ରୁପା ଅଳଙ୍କାରର ବ୍ୟବସ୍ଥା କରାଯାଇଛି। ବଙ୍ଗୀୟ ପୂଜା ନୀତିରେ ମା'ଙ୍କୁ ଆବାହନ କରାଯିବ। ସପ୍ତମୀ, ନବମୀ ଓ ଦଶମୀ ତିଥିରେ ଭକ୍ତଙ୍କ ପାଇଁ ଖେଚୁଡ଼ି ଭୋଗର ବ୍ୟବସ୍ଥା ଥିବାବେଳେ ଅଷ୍ଟମୀ ଦିନ ହାଲୁଆ ଭୋଗ ବଣ୍ଟନ କରାଯିବ। ଝାରପଡ଼ା ଗ୍ରାମସ୍ଥିତ ଦୋଳମେଳଣ ପଡ଼ିଆରେ ଦଶମୀ ସନ୍ଧ୍ୟାରେ ୪୦ ଫୁଟ ଉଚ୍ଚତାର ରାବଣ ପୋଡ଼ି ସାଙ୍ଗକୁ ବିଭିନ୍ନ ପ୍ରକାର ଆତସବାଜି କାର୍ଯ୍ୟକ୍ରମ ଆୟୋଜନ ହେବ।

### ଭାଇଚାରା, ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ



ଝାରପଡା ପୂଜା ସମିତି ସର୍ବଦା ଏକତା ଓ ଭାଇଚାରା ସହିତ ପୂଜା କରିଥାଏ। ଏଥର ମଧ୍ୟ ସେପରି ହେବ। ସେହିପରି ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷାକୁ ସୁବ୍ୟବସ୍ଥିତ କରିବାକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ କମିଶନରେଟ ପୋଲିସ ସହାୟତାରେ ପୂଜା କମିଟିର ୩୦୦ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ୨୦ ସିସିଟିଭି କ୍ୟାମେରା, ୨୦ ୱାକିଟକି, ୩ ଭିଡିଓ କ୍ୟାମେରା ଓ ଜିମି କ୍ୟାମେରା ମାଧ୍ୟମରେ ପ୍ଲାଜ୍‌ମା ଏବଂ ୨ଟି ଏଲ୍‌ଇଡି ପ୍ୟାନେଲ ଦ୍ୱାରା ମଣ୍ଡପର ସମସ୍ତ ଦୃଶ୍ୟକୁ ପ୍ରସାରିତ କରାଯିବ। ପାର୍କିଂ ପାଇଁ ୪ଟି ସ୍ଥାନ ଚିହ୍ନଟ ହୋଇଛି। ସେହିପରି ଆଶୁ ଚିକିତ୍ସା, ସୂଚନା କେନ୍ଦ୍ର ସମେତ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

–ଶିଖର ଚନ୍ଦ୍ର ଜେନା, ସଭାପତି

### ଆକର୍ଷଣ ସାଜିବ ସାଂସ୍କୃତିକ କାର୍ଯ୍ୟକ୍ରମ



ଷଷ୍ଠୀଠାରୁ ଦଶମୀ ତିଥି ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଭଜନ ସନ୍ଧ୍ୟାରେ ବିଷ୍ଣୁମୋହନ କବି, ଅସୀମା ପଣ୍ଡା, ମନ୍ଟୁ ଛୁରିଆ, କୁଳଦୀପ ପଟ୍ଟନାୟକଙ୍କ ପରି ପ୍ରମୁଖ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିବେ। ଭସାଣି ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପାରମ୍ପରିକ ତଥା ଆଧୁନିକ ବାଦ୍ୟଯନ୍ତ୍ର, କେରଳ ପାରମ୍ପରିକ ବାଜା, ସମ୍ବଲପୁରର ଅଘୋରୀ ଗ୍ରୁପ୍, ରାଉରକେଲାର ଷ୍ଟାର୍ ବ୍ରାସ୍ ବ୍ୟାଣ୍ଡ ସାମିଲ ହେବ। ମିନାବଜାର ସହ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଦୋଳିର ବ୍ୟବସ୍ଥା କରାଯାଇଛି।

–ଧରଣୀଧର ଜେନା, ସାଧାରଣ ସମ୍ପାଦକ

ସମ୍ମିଳନୀରେ ସଭାପତି ଶିଖର ଚନ୍ଦ୍ର ଜେନା, ସମ୍ପାଦକ ଧରଣୀଧର ଜେନା, ଆବାହକ ଶ୍ରୀଧର ଜେନା, ଉପଦେଷ୍ଟା ରଞ୍ଜିତ ରାୟ, ଉଗ୍ରସେନ ମଙ୍ଗରାଜ, ବୁଲେଇ ଜେନା, ପ୍ରଫୁଲ୍ଲ ସାମନ୍ତରାୟ, ଫର୍ଜନ ଅଲ୍ଲୀଖାନ, କଲିମୁଦ୍ଦିନ ଖାନ୍ ପ୍ରମୁଖ ଉପସ୍ଥିତ ରହି ସମସ୍ତ ତଥ୍ୟ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### କାତ୍ୟାୟନୀ ବେଶରେ ମା’ବନଦୁର୍ଗା



ନିରାକାରପୁର,୨୯।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଶାରଦୀୟ ପୂଜା ଅବସରରେ ରବିବାର ରାମେଶ୍ୱର ପଞ୍ଚାୟତ ସ୍ଥିତ ମା’ବନଦୁର୍ଗା କାତ୍ୟାୟନୀ ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା’ଙ୍କର ମଙ୍ଗଳଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା ଏବଂ ପରେ ମା’ଙ୍କର ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା’ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ.କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଖବରଦାତା ହିମାଂଶୁ ଭୂଷଣ ଚମ୍ପତିରାୟ, ସ୍ୱାଗତିକା ଚମ୍ପତିରାୟ, ସାଇଶ୍ରୀ ଚମ୍ପତିରାୟ, ସମାଜସେବୀ ରଶ୍ମିରଞ୍ଜନ ପଟ୍ଟନାୟକ, ଦେବାଶିଷ ମହାନ୍ତି, ସ୍ୱାଗତିକା ପାଲ, ବିଶ୍ୱପ୍ରଭା ପଟ୍ଟନାୟକଙ୍କ ପରିବାର ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା’ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

### ମାତୃ ସମ୍ମିଳନୀ

କଳାପଥର,୨୯।୯(ଗଙ୍ଗାଧର ସାହୁ)

କଳାପଥର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ୫୦ଜଣ ମା’ଙ୍କୁ ନେଇ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଜଗନ୍ନାଥ ପରିଡ଼ା, ସମ୍ମାନିତ ଅତିଥିଭାବେ ବିନୋଦ କୁମାର ଦାସ, ଭାଜପାର ଜିଲା ସମ୍ପାଦକ ମୁଖ୍ୟ ବକ୍ତା ପ୍ରଫୁଲ୍ଲ କୁମାର ସାହୁ, ବିଦ୍ୟାଳୟର ସମ୍ପାଦକ ପ୍ରଦୀପ୍ତ କୁମାର ପଟ୍ଟନାୟକ, ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ମୁଖ୍ୟ ବକ୍ତା ସାହୁ ଶିଶୁମାନଙ୍କର ବୌଦ୍ଧିକ ବିକାଶ, ମାନସିକ ଦକ୍ଷତା, ସାହସିକତା ଓ ସେବା ପରାୟଣ ମନୋଭାବରେ ମା’ମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଶିଶୁମାନଙ୍କ ଶିକ୍ଷାର ବିକାଶ ଓ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ସୃଜନଶୀଳତା ଏବଂ ଚାରିତ୍ରିକ ଅଭିବୃଦ୍ଧିର ବିକାଶ ନିମନ୍ତେ ମାତାପିତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ମିନତି ଦାସ, ତିଳୋତ୍ତମା ଦାଶ, ମଧୁମିତା ମହାପାତ୍ର ଏବଂ ସମସ୍ତ ଗୁରୁମା’ ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ଖୋର୍ଦ୍ଧା,୨୯।୯(ପ୍ରଭାତ ପାଣିଗ୍ରାହୀ):

ରକ୍ତତୀର୍ଥ ଇରମ୍ ଠାରେ ଶହୀଦ୍ ହୋଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଅଲ୍ ଇଣ୍ଡିଆ ଡିଏସ୍ଓ ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ବାଜପୁରର ରାୟରଙ୍ଗଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଣନାଥ ମହାବିଦ୍ୟାଳୟର ଛାତ୍ରନେତା ରାକେଶ କାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡିଏସ୍ଓ ଲୋକାଲ କମିଟିର ସଭାପତି ଶ୍ରୀକାନ୍ତ ନାୟକ ଇରମ୍ ଶହୀଦ୍ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବାଲେଶ୍ୱର ଜିଲା ବାସୁଦେବପୁର ଇରମ୍ ପଡ଼ିଆଠାରେ ବ୍ରିଟିଶ୍‌ମାନେ ଯେଉଁଭଳି ଅମାନୁଷିକ ଗୁଳିଚାଳନା କରି ୨୯ଜଣ ଶହୀଦ୍ ଓ ଶତାଧିକ ଆହତ ହୋଇଥିଲେ ଏହା ଦେଶର ଦ୍ୱିତୀୟ ଜାଲିଓ୍ୱାନାବାଗ୍। ଆଜିର ଦିନରେ ଦେଶ ସେବାରେ ସାମିଲ ହେବା ପାଇଁ ଶପଥ ନେବାକୁ ସଭାପତି ନାୟକ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

ବେଗୁନିଆ,୨୯।୯ (ହର ପ୍ରସନ୍ନ ପଣ୍ଡା)

**ବେଗୁନିଆ ବ୍ଲକ**
- ଉପସ୍ଥାନ ପକାଇ ଘରୋଇ କ୍ଲିନିକ୍‌ମୁହାଁ ଡାକ୍ତର
- ସେବା ନ ପାଇ ଫେରୁଛନ୍ତି ରୋଗୀ
- ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ନେଇ ଗ୍ରାମାଞ୍ଚଳରେ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ଏଥିସହ ସେଠାରେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। ତେବେ ଗ୍ରାମାଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନାହିଁ। ଅନ୍ୟପଟେ ସ୍ୱାସ୍ଥ୍ୟକେନ୍ଦ୍ରରେ ଅପରାହ୍ନରେ ଡାକ୍ତରମାନେ ଅନୁପସ୍ଥିତ ରହୁଛନ୍ତି। ଏପରିକି କେତେଜଣ ଡାକ୍ତର ଉପସ୍ଥାନ ପକାଇ ଅଧିକ ରୋଜଗାର ଆଶାରେ ଘରୋଇ କ୍ଲିନିକକୁ ଯାଉଛନ୍ତି ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଅପରାହ୍ନରେ ଡାକ୍ତର ରହୁନାହାନ୍ତି ଏବଂ ଡାକ୍ତର ପାଳିରେ ଆସୁଛନ୍ତି ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଛି। ଅଭିଯୋଗ ପରେ ଏବେ ପୁଣି ଡାକ୍ତରମାନେ ଉପସ୍ଥାନ ପକାଇ ଘରୋଇ କ୍ଲିନିକକୁ ଯାଉଥିବା ଅଭିଯୋଗ ହେଉଛି। ରୋଗୀମାନେ ସାସ୍ଥ୍ୟକେନ୍ଦ୍ରକୁ ଆସି ଅପେକ୍ଷା କରି ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଗୁରୁତର ରୋଗୀଙ୍କୁ କର୍ମଚାରୀମାନେ ଅନ୍ୟତ୍ର ପଠାଇ ଦେଉଛନ୍ତି। ଯେଉଁମାନେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ରହୁଛନ୍ତି ଉପଯୁକ୍ତ ଚିକିତ୍ସା ସୁବିଧା ପାଇପାରୁ ନାହାନ୍ତି। ସେହିପରି ବର୍ଷବର୍ଷ ଧରି ତଦନ୍ତ ମନିଟରିଂ କମିଟି ପକ୍ଷରୁ ସମୀକ୍ଷା ବୈଠକ କରାଯାଉ ନ ଥିବା ଜଣାପଡିଛି। ପୋଡାଡିହ, କଣ୍ଟାବାଡ଼, ସିକୋ, ଡିଙ୍ଗର, ହଜ୍ ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ସମୟରେ ଡାକ୍ତରମାନେ ଅନୁପସ୍ଥିତ ରହୁଥିବା ନେଇ ସାମାଜିକ କର୍ମୀ ଅକ୍ଷୟ ରଥ, ଶିବ କୁମାର ମୁନି, ମାୟାଧର ବେହେରା ପ୍ରମୁଖ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହ ବେଗୁନିଆ ବ୍ଲକ ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତି ନଜର ଦେବାକୁ ଖୋର୍ଦ୍ଧା ଜିଲାପାଳ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ସାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ନିବେଦନ କରାଯାଇଛି। ଏ ସମ୍ପର୍କରେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟ କହିଛନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ରହୁନଥିବା ଏବଂ ଘରୋଇ କ୍ଲିନିକକୁ ଯାଉଥିବା ଅଭିଯୋଗ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼,୨୯।୯(ଦେବବ୍ରତ ହୋତା)

ବୋଲଗଡ଼ ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମ ଶନିବାର ବ୍ଲକ ସମ୍ମିଳନୀ କକ୍ଷରେ ଶୁଭାରମ୍ଭ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଏବିଡିଓ ରତିକାନ୍ତ ମିଶ୍ର, ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ କୈଳାସ ନାଥ ସ୍ୱାଇଁ, ଏବିଇଓ ଅମିତ ମିଶ୍ର, ଜିଲାପରିଷଦ ସଦସ୍ୟା ସୁନନ୍ଦିତ ସାହୁ ଓ ସଦସ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ନିପୁଣ ଓଡ଼ିଶା ମିଶନର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିବା ବେଳେ ଏହାକୁ ବିଦ୍ୟାଳୟଗୁଡ଼ିକରେ ପ୍ରୟୋଗ କରାଯିବ ପାଇଁ ମାର୍ଗଦର୍ଶିକା ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ, ସରପଞ୍ଚ, ବହୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

ବାଲୁଗାଁ,୨୯।୯(ସଂଗ୍ରାମ ପାଇକରାୟ)

**୧୮ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମାନିତ**

ବାଣପୁର-ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ରବିବାର ସ୍ଥାନୀୟ ଅଶୋକ ନଗର ସ୍ଥିତ ବଣିକ ସଂଘ ସଭାଗୃହରେ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଖଲିକୋଟ, ଚିଲିକା, ବାଣପୁର ଓ ଟାଙ୍ଗୀ ବ୍ଲକର ମୋଟ୍ ୧୮ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜାତିର ନିର୍ମାତା ଭାବେ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥିଭାବେ ରୋଟାରିଆନ ଡ.ଶ୍ରୀନିବାସ ମହାପାତ୍ର, ମୁଖ୍ୟ ବକ୍ତା ଶିକ୍ଷାବିତ୍ ଭିକାରୀ ଚରଣ ମହାପାତ୍ର ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଗଞ୍ଜାମ ଜିଲା ଖଲିକୋଟ ବ୍ଲକର ତ୍ରିନାଥ ବେହେରା, ଲିପନ ପଣ୍ଡା, ସାଗରିକା ବୈଦ୍ୟ, ପ୍ରସନ୍ନ କୁମାର ନାୟକ ଓ ହେମନ୍ତ ବେହେରା, ଚିଲିକା ବ୍ଲକର ଶୁଭକାନ୍ତ ପଟ୍ଟନାୟକ, ପୁଷ୍ପାଞ୍ଜଳି ନାଥ, ଅଶୋକ କୁମାର ମାନସିଂହ ଓ ଜ୍ୟୋସ୍ନାରାଣୀ ହୋତା, ଟାଙ୍ଗୀ ବ୍ଲକର ରମେଶ ଚନ୍ଦ୍ର ପଲାଇ, ଲଳିତ ନାରାୟଣ ମହାପାତ୍ର, କୁନ୍ତଳା ସାହୁ ଓ ଭାରତୀ ଦାସ ଏବଂ ବାଣପୁର ବ୍ଲକର କବିତା ବରାଳ, ଛବି ନନ୍ଦ, ପ୍ରଦୀପ ଜେନା, ବିଭୂତି ଭୂଷଣ ସ୍ୱାଇଁ ଓ ସୁଜାତା ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସଭ୍ୟ ଡ.ସୁନୀଲ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କ୍ଲବ ସଭାପତି ଶ୍ୟାମସୁନ୍ଦର ପୃଷ୍ଟି ସଭାପତିତ୍ୱ କରିଥିଲେ। ସଭ୍ୟ ସୁରେଶ ଚନ୍ଦ୍ର ବେହେରା ଓ ଧୀରେନ୍ଦ୍ରନାଥ ପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅଶୋକ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ବିଜୟ କୁମାର ନନ୍ଦ, ଓମ୍ ପ୍ରକାଶ ଅଗ୍ରୱାଲ, ରବିନାରାୟଣ ନାୟକ, ଡ.ଚିନ୍ତାମଣି ମିଶ୍ର, ମନୋରଞ୍ଜନ ବାରିକ, ଗଗନ ବିହାରୀ ବେହେରା, ରବିନାରାୟଣ ପାଲ, ସୋମନାଥ ସୁବୁଦ୍ଧି, ପ୍ରମୋଦ କୁମାର ପୃଷ୍ଟି, ପ୍ରସନ୍ନ ସାମନ୍ତରାୟ, ସୁନୀଲ କୁମାର ପାତ୍ର, ନନ୍ଦ କିଶୋର ମିଶ୍ର ପ୍ରମୁଖ ସଭା ପରିଚଳନାରେ ସହଯୋଗ କରିଥିଲେ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଅଟକ

ଜଟଣୀ,୨୯।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳର ଜଣେ ନାବାଳିକାଙ୍କୁ ଶନିବାର ରାତିରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ନାବାଳିକାଙ୍କ ଭାଇଙ୍କ ଅଭିଯୋଗକ୍ରମେ ଜଟଣୀ ଥାନା ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଡାକ୍ତରୀମାଇନା ପରେ ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପୀଡ଼ିତା ମାନସିକ ବିକାରଗ୍ରସ୍ତ ଥିବାରୁ ଆଇନମୁତାବକ ସୁଧାର ଗୃହରେ ନ ରଖାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ବୋଲି ଘଟଣାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସସ୍ମିତା ସାହୁ ସୂଚନା ଦେଇଛନ୍ତି।

# ବୋଲଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଗଠିତ



ବୋଲଗଡ଼,୨୯।୯(ଦେବବ୍ରତ ହୋତା)

**ମଳୟ ସଭାପତି, ଅପର୍ତ୍ତି ସମ୍ପାଦକ**

ବୋଲଗଡ଼ ବ୍ଲକର ୯୭ଟି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ବୋଲଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଗଠନ କରାଯାଇଛି। ପର୍ଯ୍ୟଟନସ୍ଥଳୀ ମା’ଭୂୟାଁଣି ପୀଠ ଠାରେ ରବିବାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ ମଳୟ କୁମାର ପଣ୍ଡା, ଉପସଭାପତି ଶୈଳବାଳା ସାହୁ, ସମ୍ପାଦକ ଅପର୍ତ୍ତି ଅଚ୍ଚ, ସହସମ୍ପାଦକ ସୁକାନ୍ତ କୁମାର ଜେନା, କୋଷାଧ୍ୟକ୍ଷ ଭାବେ ବାଙ୍କନିଧି ସାହୁ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ବାନାମ୍ବର ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ମହାପାତ୍ର, ଚୈତନ୍ୟ ମହାରଣା ଓ ହରଷ ଦେଇ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ଭିକାରୀ ପୁଷ୍ଟି ଗଣମାଧ୍ୟମ ମୁଖପାତ୍ର ଭାବେ ମନୋନୀତ ହୋଇଥିଲେ। ଶିକ୍ଷକ, ଶିକ୍ଷାୟତନ ଓ ଶିକ୍ଷାର୍ଥୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ବ୍ରତୀ ହେବା ପାଇଁ ନବନିର୍ବାଚିତ ସଦସ୍ୟମାନେ ଶପଥ ଗ୍ରହଣ କରିଥିଲେ। ମୁସ୍ଲେହୁତଦିନ ଖାଁ ଧନ୍ୟବାଦ ଦେଇଥିଲେ।

### ସ୍ୱତନ୍ତ୍ର ଅଭିଭାବକ, ଶିକ୍ଷକ ବୈଠକ ଆଜି

ଟାଙ୍ଗୀ,୨୯।୯(ରଘୁନାଥ ସାହୁ)

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଅଭିଭାବକ ଶିକ୍ଷକ ବୈଠକ ସୋମବାର ଅନୁଷ୍ଠିତ ହେବ। ସମସ୍ତ ଛାତ୍ରୀଛାତ୍ରଙ୍କ ମାତାପିତା ତଥା ଆଇନଗତ ଅଭିଭାବକଙ୍କଠାରୁ ସେମାନଙ୍କ ପିଲାମାନଙ୍କ ପାଇଁ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ନିୟମାବଳୀ ଅନୁଯାୟୀ ଅପାର ଆଇଡି ସୃଷ୍ଟି କରିବା ନିମିତ୍ତ ସମ୍ମତି ସ୍ୱାକ୍ଷର କରିବା ଏହି ବୈଠକର ମୂଳ ଲକ୍ଷ୍ୟ ରହିଛି। ସମ୍ମତି ପତ୍ରକୁ ପ୍ରଧାନ ଶିକ୍ଷକ ସଂଗ୍ରହ କରି ଜିଲା, ରାଜ୍ୟ କାର୍ଯ୍ୟାଳୟକୁ ପଠାଇବେ।

# ଆଧ୍ୟାତ୍ମିକତା ସୃଷ୍ଟି କରିଥାଏ ସଂକୀର୍ତ୍ତନ

ଖୋର୍ଦ୍ଧା,୨୯।୯(ପ୍ରଭାତ ପାଣିଗ୍ରାହୀ)



ନିଖିଳ ଉତ୍କଳ ଆଞ୍ଚଳିକ ସଂକୀର୍ତ୍ତନ ସଂଘ ହଟ୍ଟକେଶ୍ୱର ମଣ୍ଡଳ ପକ୍ଷରୁ ଜରିପୁଟ ବାଲୁଙ୍କେଶ୍ୱର ଦେବ ପୀଠରେ ମାସିକ ଭ୍ରାମ୍ୟମାଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା, ବେଗୁନିଆ ଓ ବୋଲଗଡ଼ ବ୍ଲକର ୨୪ଟି ସଂକୀର୍ତ୍ତନ ମଣ୍ଡଳୀକୁ ନେଇ ଏହି ସଂଘ ଗଠନ କରାଯାଇଛି। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ସଭାପତିତ୍ୱ କରିଥିଲେ। ବୈଠକରେ ବିଶିଷ୍ଟ ପାଲା ଗାୟକ ହାଡ଼ିବନ୍ଧୁ ପଣ୍ଡା, ହଟ୍ଟକେଶ୍ୱର ମଣ୍ଡଳର ସଭାପତି ମାଧବ ଚନ୍ଦ୍ର ବେହେରା, ସାମାଜିକ କର୍ମୀ କବିରାଜ ସାମନ୍ତରାୟ, ନୟାଗଡ଼ ମଣ୍ଡଳ ସଭାପତି ତ୍ରିଲୋଚନ ପରିଡ଼ା, ଉପେନ୍ଦ୍ର ଶ୍ରୀଚନ୍ଦନ, ଜରିପୁଟ ସଭାପତି ବେଣୁଧର ରାଉତରାୟ ଅତିଥି ଭାବେ ଯୋଗଦେଇଥିଲେ। ନୈତିକ ଚେତନା ଜାଗ୍ରତ ଓ ଧର୍ମ ଜାଗରଣ ସୃଷ୍ଟି ପାଇଁ ସଂକୀର୍ତ୍ତନ ଏକ ବଳିଷ୍ଠ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। ସଂକୀର୍ତ୍ତନ ଆଧ୍ୟାତ୍ମିକତା ସୃଷ୍ଟି କରିଥାଏ। ପ୍ରାରମ୍ଭରେ ୩ଟି ଦଳର ସଂକୀର୍ତ୍ତନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଜରିପୁଟ ଶାଖା ପକ୍ଷରୁ ଲକ୍ଷ୍ମଣ ମାର୍ଥା, ନୀଳାଦ୍ରିନାଥ ଜଗଦ୍ଦେବ, ଦୈତାରୀ ସେନାପତି, ତ୍ରିଲୋଚନ ମହାପାତ୍ର, ଦୁର୍ଗାଚରଣ ବଳିୟାରସିଂହ, ବଂଶୀଧର ସୁନ୍ଦରାୟ, ନନ୍ଦପୁର ସରପଞ୍ଚ ବିକଳ୍ପ କେଶରୀ ବଳିୟାରସିଂ, ଦୁର୍ଗାପୁର ସରପଞ୍ଚ ଦେବାଶିଷ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ ହରିଚନ୍ଦନ ସଂଯୋଜନା କରିଥିଲେ।

### ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

ଟାଙ୍ଗୀ,୨୯।୯(ରଘୁନାଥ ସାହୁ)

ରାଜ୍ୟରେ ଭାରତୀୟ ଜନତା ପାର୍ଟି (ଭାଜପା)ର ସଦସ୍ୟତା ଗ୍ରହଣ ଅଭିଯାନ ଚାଲିଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରାଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ୱାର୍ଡ ବୁଲି ଭାଜପା ସଦସ୍ୟତା ଅଭିଯାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନହିତକର ଯୋଜନାରେ ଆକୃଷ୍ଟ ହୋଇ ଲୋକେ ଭାଜପା ସଦସ୍ୟତ ଗ୍ରହଣ କରୁଥିବା ଦେଖାଯାଉଛି। ବିନାୟକ ବେହେରା, କୃଷ୍ଣ ଚନ୍ଦ୍ର ସାହୁ, ପଠାଣି ମହାରଣା, ରମେଶ କୁମାର ବେହେରା, ସମର ମାଝି, ଲକ୍ଷ୍ମଣ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ତୈଳିକ ବୈଶ୍ୟ ସାଧବ ସମାଜର ବାର୍ଷିକ ସମ୍ମିଳନୀ



ଟାଙ୍ଗୀ,୨୯।୯(ରଘୁନାଥ ସାହୁ)

ବାଣପୁର ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ବାର୍ଷିକ ସମ୍ମିଳନୀ ବିଷରପାଟଣା ସ୍ଥିତ ଶ୍ରୀ ଭଗବତ୍ ଦେବ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଅଷ୍ଟମ ରାଜ୍ୟ ସଭାପତି ରଘୁନାଥ ସାହୁ, ସମ୍ମାନିତ ଅତିଥି ଭାବେ ସମ୍ପାଦକ ଭାଗୀରଥି ସାମନ୍ତରାୟ, ସହ ସମ୍ପାଦକ ଭିକାରୀ ଚରଣ ସାହୁ, ମଙ୍ଗଳାଯୋଡ଼ି ରାଜ୍ୟ ସଭାପତି ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗଠନ ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପ୍ରଫୁଲ୍ଲ କୁମାର ସୁବୁଦ୍ଧି ସଭାପତି, ପ୍ରଶାନ୍ତ କୁମାର ସାହୁ ଉପସଭାପତି, ଜଗବନ୍ଧୁ ସାହୁ ସମ୍ପାଦକ, ଲକ୍ଷ୍ମୀ ଧର ସାହୁ ସହ ସମ୍ପାଦକ, ସୁଶାନ୍ତ କୁମାର ସାହୁ ଯୁଗ୍ମ ସମ୍ପାଦକ, ନେତ୍ରାନନ୍ଦ ବେହେରା କୋଷାଧ୍ୟକ୍ଷ, ସୁଦର୍ଶନ ସାହୁ ଓ ଭଗବାନ ସାହୁ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ବୃନ୍ଦାବନ ସାହୁ, ନାରାୟଣ ବେହେରା, ପହଲି ସାହୁ, ଅଇଁଠା ସାହୁ ପ୍ରମୁଖ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ଆସନ୍ତା ଅକ୍ଟୋବର ୨୦ ତାରିଖରେ ବାଣପୁର ସ୍ଥିତ ବାବା ବୁଖାରୀ କଲ୍ୟାଣ ମଣ୍ଡପ ଠାରେ ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ମହାସଭା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି।

# ଦଳର ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ



ବାଣପୁର,୨୯।୯(ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ନନ୍ଦପୁର ସ୍ଥିତ ମା’ମେଘାମ୍ବରୀ କଲ୍ୟାଣ ମଣ୍ଡପ ଠାରେ ଖୋର୍ଦ୍ଧା ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣାଙ୍କ ସଭାପତିତ୍ୱରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର କର୍ମକର୍ତ୍ତାମାନେ ଯୋଗଦେଇ ସାଧାରଣ ନିର୍ବାଚନରେ ଦଳର ପରାଜୟ ଉପରେ ସମୀକ୍ଷା କରିବା ସହ ଆଗାମୀ ଦିନରେ ଦଳକୁ ସୁସଙ୍ଗଠିତ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଭାଜପା ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି। ଏବେ ବିଜେଡିର କର୍ମୀମାନଙ୍କୁ ବ୍ଲକ ଏବଂ ଥାନାସ୍ତରରେ ହଇରାଣ କରାଯାଉଛି। ଆଗାମୀ ଦିନରେ ବ୍ଲକ କିମ୍ବା ପୋଲିସ ପ୍ରଶାସନ ନିରପକ୍ଷତା ଅବଲମ୍ବନ ନ କରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଜିଲାପରିଷଦ ଉପାଧ୍ୟକ୍ଷ ମହାରଣା ଚେତାବନୀ ଦେଇଛନ୍ତି। ପ୍ରତ୍ୟେକ କର୍ମକର୍ତ୍ତା ପରସ୍ପରକୁ ଶାରଦୀୟ ଅଭିନନ୍ଦନ ଜଣାଇବା ସହ ଦଳର ସଙ୍ଗଠନକୁ ଆଗେଇ ନେବା ପାଇଁ ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୁଇ ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତାଙ୍କ ସହ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ପ୍ରଧାନ, ସରପଞ୍ଚ ଆକାଶ ପ୍ରଧାନ, ଚିତ୍ତରଞ୍ଜନ ସାମନ୍ତରାୟ, ଚିନ୍ମୟ ପଟ୍ଟନାୟକ, ଯଦୁ ପ୍ରଧାନ, ଅଜୟ ରାଉଳ, ରମେଶ ପାଢ଼ି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମିକୁନ ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ବୋଲଗଡ଼/ ବେଗୁନିଆ,୨୯।୯
(ଦେବବ୍ରତ ହୋତା/ ସନ୍ଧ୍ୟାରାଣୀ ମିଶ୍ର)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଶଙ୍କରପୁର କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ ଭ୍ରମରବର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସିଆର୍‌ସିସି ଚିନ୍ତାମଣି ସାହୁଙ୍କ ପୌରୋହିତ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ୮ଟି ବିଦ୍ୟାଳୟର ୮୦ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକକଳା ଉପରେ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ସରକାରୀ ଉ.ପ୍ରା. ବିଦ୍ୟାଳୟ ଶଙ୍କରପୁରର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବିଆର୍‌ସିସି କୈଳାସ ନାଥ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଧାରମଣ ହୋତା, ପ୍ରଫୁଲ୍ଲ କୁମାର ହୋତା, ବାସୁଦେବ ଦାସ, ଶୈଳେନ ପଟ୍ଟନାୟକ, ହୃଷୀକେଶ ଚମ୍ପତି, ଅଞ୍ଜନ କୁମାର ଜୟସିଂହ, ଲିଜା ପ୍ରଧାନଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେଇ ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସେହିପରି ସିନ୍ଦୁରମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବେଗୁନିଆ ବ୍ଲକ ଅନ୍ତର୍ଗତ ଲୋକିପୁର କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିଧର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୯ଟି ବିଦ୍ୟାଳୟର ୧୩୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ଏସ୍‌ଏମ୍‌ସି ସଭାପତି ଯୁଧିଷ୍ଠିର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଗୁରୁବାରି ସାହୁ, ରମେଶ ଚନ୍ଦ୍ର ସାହୁ, ଜନ୍ମେଶ୍ୱର ମଙ୍ଗରାଜ, ଦାଶରଥି ବେହେରା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କମିଟି ସଭ୍ୟ ଏବଂ ଶିକ୍ଷକମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସହକାରୀ ଶିକ୍ଷକ ମାନସ କୁମାର ବେହେରା ଧନ୍ୟବାଦ ଦେଇଥିଲେ।




୨୯।୯।୨୦୨୪

| | |
|---|---|
| ୮,୩୧,୭୩୦ ଟଙ୍କା | |
| ସୁନା | ୯.୩୫୦ ଗ୍ରାମ୍ |
| ରୁପା | ୨୫୭ ଗ୍ରାମ୍ |

# ନିମ୍ନମାନର କାର୍ଯ୍ୟ ଅଭିଯୋଗ: ଭିଜିଲାନ୍ସ ତଦନ୍ତ ଦାବି

ଗୋପ,୨୯।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାମରେ ବ୍ୟାପକ ଅନିୟମିତତା ସହିତ ଦୁର୍ନୀତି ହେଉଥିବା ଭଳି ଅଭିଯୋଗ ହୋଇଥିଲା। ଏହାପରେ ବାଙ୍କିପୁର-ଗଳଦଳୀ ଓ ସୁବର୍ଣ୍ଣପୁର-ଗବକୁଣ୍ଡ ଭାୟା କୋଶଳଦା-ତିଲୁପଦାଗଡ଼ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତାର ୨ ପାର୍ଶ୍ୱରେ ଲାଗିଥିବା ଭୁଲ୍ ସାଇନ ବୋର୍ଡକୁ ବିଭାଗ ପକ୍ଷରୁ କଢ଼ାଯାଇଛି। ସାଇନ୍ ବୋର୍ଡରେ ଲଗାଯାଇଥିବା ରାସ୍ତା ନିର୍ମାଣର ଅଟକଳ ମୂଲ୍ୟ ସହ ଅନ୍ୟ ଭୁଲ ତଥ୍ୟ ଥିବା ନେଇ ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଏପରି ଅଭିଯୋଗ ଉପରେ ବିଭାଗ ଦୃଷ୍ଟି ଦେଇଥିବା ଜଣାପଡ଼ିଛି। ହେଲେ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ପିଚୁ ରାସ୍ତା ଠାଏ ଠାଏ ଦବିଯାଇଥିବାବେଳେ ଫେବର ବ୍ଲକ



ରାସ୍ତାରେ ଘାସ ଉଠିଗଲାଣି। ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ଏହି ଯୋଜନା ବାଟବଣା ହେଉଥିବା ଗ୍ରାମବାସୀ କହିଥିବାବେଳେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି।

ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାମରେ ସାଢ଼େ ୪ କି.ମି. ରାସ୍ତା କାର୍ଯ୍ୟ ଲାଗି ଚୁକ୍ତିନାମା ଅନୁଯାୟୀ ୨ କୋଟି

## ହଟାଗଲା ଭୁଲ୍ ସାଇନ ବୋର୍ଡ

୮୫ ଲକ୍ଷ ଅର୍ଥରୁ ଅଧିକ ଥିବାବେଳେ ଆଉ ଗୋଟିଏ ସାଇନ୍ ବୋର୍ଡରେ ବିଭ୍ରାନ୍ତିକର ତଥ୍ୟ ଲେଖାଯାଇଥିଲା। ଏହାକୁ ନେଇ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ସାଇନ୍ ବୋର୍ଡ ହଟାଯାଇଛି। ଏ ସମ୍ପର୍କରେ ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଆଶୁତୋଷ ସ୍ୱାଇଁଙ୍କୁ ପଚାରିବାରେ, କାର୍ଯ୍ୟର ମରାମତି ଅବଧି ୫ ବର୍ଷ ରହିଛି। କାର୍ଯ୍ୟ କରାଯିବ ବୋଲି କହିଥିବାବେଳେ ସାଇନ୍ ବୋର୍ଡ ସମ୍ପର୍କରେ କିଛି କହି ନ ଥିଲେ।

ସୂଚନାଯୋଗ୍ୟ, ୨୦୨୩ ଜୁନ ୨୬ରେ କାର୍ଯ୍ୟ ଆରମ୍ଭ ଏବଂ ୨୦୨୪ ମାର୍ଚ୍ଚ ୨୫ରେ କାର୍ଯ୍ୟ ଶେଷ ତାରିଖ ରହିଥିବାବେଳେ ତାହା ଜୁଲାଇରେ ଶେଷ ହୋଇଥିବା ଜଣାପଡ଼ିଛି।

# ଭାଗନେବେ ବର୍ଷାରାଣୀ, ଜ୍ୟୋତ୍ସ୍ନାରାଣୀ



ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ରଙ୍କ ସହ ବର୍ଷାରାଣୀ ମହାରଣା ଓ ଜ୍ୟୋତ୍ସ୍ନାରାଣୀ ଶତପଥୀ।

ପୁରୀ,୨୯।୯(ଅଜିତ କୁମାର ମହାନ୍ତି)

ପୁରୀ ଲୋକନାଥ ରୋଡ୍ ନିକଟସ୍ଥ ସାରସ୍ୱତ ବିଦ୍ୟା ନିକେତନର ବର୍ଷାରାଣୀ ମହାରଣା ଓ ଜ୍ୟୋତ୍ସ୍ନାରାଣୀ ଶତପଥୀ ୩୪ତମ ଜାତୀୟ ଜୁନିୟର୍ ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ନିମନ୍ତେ ମନୋନୀତ ହୋଇଛନ୍ତି। ଆସନ୍ତା ମାସ ୩ରୁ ୫ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦରେ ୩୪ତମ ଜାତୀୟ ଜୁନିୟର୍ ଥ୍ରୋ ବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି।

## ୩୪ତମ ଜାତୀୟ ଜୁନିୟର୍ ଥ୍ରୋ ବଲ୍ ଚାମ୍ପିୟନଶିପ୍

ଓଡ଼ିଶା ଦଳରେ ପୁରୀ ବର୍ଷାରାଣୀ ଓ ଜ୍ୟୋତ୍ସ୍ନାରାଣୀ ଭାଗନେବାକୁ ମନୋନୀତ ହୋଇଥିବାରୁ ଉଭୟଙ୍କୁ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ରଙ୍କ ସମେତ ବହୁ କ୍ରୀଡ଼ାବିତ୍ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ନେଇ ଯୁବକ ଫେରାର ହାଇଦ୍ରାବାଦରେ ଖୋଜି ପୋଲିସ ନିରାଶ

ଯୋଗେଶ୍ୱରପୁର,୨୯।୯(ରଶ୍ମି ରଞ୍ଜନ ସାହୁ)

ଜଣେ ନାବାଳିକା କଲେଜ ଛାତ୍ରୀ ଘରୁ କଲେଜକୁ ପାଠ ପଢିବାକୁ ଆସି ଆଉ ଫେରି ନ ଥିଲେ। ଏଥିନେଇ ତାଙ୍କ ବାପା ଝିଅ କୁଆଡେ ପଳାଇ ଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକା ଜଣେ ହରିଜନ ଯୁବକଙ୍କୁ ଭଲ ପାଇ ତାଙ୍କ ସହ ହାଇଦ୍ରାବାଦ ଫେରାର ହୋଇଯାଇଥିବା ଜାଣିବା ପରେ ପୋଲିସ ହାଇଦ୍ରାବାଦ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ନିରାଶରେ ଫେରିଛି।

### କୃତ୍ରିମ ବୁଦ୍ଧିମତ୍ତା ପ୍ରତିଯୋଗିତା: ଓମ୍ ରାଜ୍ୟସ୍ତରକୁ ଉନ୍ନୀତ

ପୁରୀ,୨୯।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ କୃତ୍ରିମ ବୁଦ୍ଧିମତା, ସାମର୍ଥ୍ୟ ଓ ସମ୍ଭାବନା ପ୍ରତିଯୋଗିତାରେ ବିଶ୍ୱମ୍ଭର ବିଦ୍ୟାପୀଠର ନବମ ଶ୍ରେଣୀର ଛାତ୍ର ଓମ୍ ସତ୍ୟପ୍ରକାଶ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି। ପୁରୀ ପୋଲିସ ହାଇସ୍କୁଲରେ ଅନୁଷ୍ଠିତ ଉକ୍ତ ବିଦ୍ୟାଳୟସ୍ତରୀୟ କୃତ୍ରିମ ବୁଦ୍ଧିମତା ସାମର୍ଥ୍ୟ ଓ ସମ୍ଭାବନା ପ୍ରତିଯୋଗିତାରେ ଓମ୍ ଅନ୍ୟ ୧୦ ବ୍ଲକର ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଓମ୍‌ଙ୍କ ଉପସ୍ଥାପନା ଓ ବିଷୟ ଆଧାରିତ ଶୈଳୀ ବିଚାରକ ମାନଙ୍କୁ ପ୍ରଭାବିତ କରିଥିଲା। ପ୍ରତିଯୋଗିତାରେ ଏସ୍‌ସିଏସ୍ ମହାବିଦ୍ୟାଳୟର ପ୍ରଫେସର ଡ. ଅନିରୁଦ୍ଧ ଜେନା, ସହକାରୀ ପ୍ରଫେସର ଡ. ପଲ୍ଲବୀ ମିଶ୍ର, ବିଜ୍ଞାନ ଶିକ୍ଷକ ମିଥୁନ ହରିଚନ୍ଦନ, ଶିକ୍ଷୟିତ୍ରୀ ବିଶ୍ୱଜିତା ପ୍ରିୟଦର୍ଶିନୀ ପ୍ରମୁଖ ଓମ୍‌ଙ୍କୁ ଧନ୍ୟବାଦ ଜଣାଇଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭୁବନେଶ୍ୱରରେ ଅକ୍ଟୋବରରେ ହେବାର ସୂଚନା ରହିଛି। ଓମ୍‌ଙ୍କ ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶୁଭେଚ୍ଛା ଜଣାଇଛନ୍ତି।

### ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ

ପିପିଲି,୨୯।୯(ଦୁର୍ଗା ମାଧବ ମିଶ୍ର)

ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ଏମ୍ସ ଭୁବନେଶ୍ୱରର ପ୍ରାକ୍ତନ ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଭୁବନେଶ୍ୱର ରାଜୀବ ଭବନ ନିକଟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଭକ୍ତ ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମା' ବିମଳାଙ୍କ ପୀଠରେ ଅକ୍ଟୋବର ୯ରୁ ୧୧ ପର୍ଯ୍ୟନ୍ତ ଚଣ୍ଡୀ ପାଠର ଆୟୋଜନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରତ୍ୟହ ମା'ଙ୍କ ଦୈନନ୍ଦିନ ନୀତି ସହିତ ଅନ୍ୟାନ୍ୟ ନୀତିକାନ୍ତି କିପରି ସୁଚାରୁରୂପେ କରାଯିବ ସେ ନେଇ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ସରୋଜ କୁମାର ସାହୁଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ଜାତୀୟ ରାଜପଥ ଠାରୁ ଭକ୍ତ ଦାସିଆ ପୀଠ ପର୍ଯ୍ୟନ୍ତ ମୋଟ ୩ କିଲୋମିଟର ରାସ୍ତା ଯଥାସମ୍ଭବ ପୂର୍ଣ୍ଣ କରାଗଲେ ପର୍ଯ୍ୟଟକଙ୍କ ଯାତାୟାତରେ ସୁବିଧା ହୋଇପାରିବ ବୋଲି ଆଲୋଚନା କରାଯାଇଥିଲା। ବୈଠକରେ ଅନୁଷ୍ଠାନର ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ, ବିଶିଷ୍ଟ ଶିକ୍ଷାବିତ ଡ. ଚିତ୍ତରଞ୍ଜନ ମିଶ୍ର, ଇଂ. ବସନ୍ତ କୁମାର ମିଶ୍ର, ବୃନ୍ଦାବନ ମହାପାତ୍ର, ସାମାଜିକ କର୍ମୀ ଜୟପ୍ରକାଶ ମିଶ୍ର, ଅଭୟ ଦାସ, ଗୋପାଳ ବଳ, ମନୋରଞ୍ଜନ ମହାନ୍ତି, ଶିଶିର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ରାଜ୍ୟ ସମ୍ମିଳନୀ




ରାଣୀସତୀ ମଣ୍ଡପରେ ଅନୁଷ୍ଠିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ଚତୁର୍ଥ ରାଜ୍ୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

ପୁରୀ,୨୯।୯(ଅଜିତ୍ କୁମାର ମହାନ୍ତି)

ଶ୍ରମିକ ସଂଗଠନ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ଚତୁର୍ଥ ରାଜ୍ୟ ସମ୍ମିଳନୀ ରବିବାର ସ୍ଥାନୀୟ ରାଣୀସତୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ରୋଷେଇ କରୁଥିବା ପାଚିକା ସହାୟିକାମାନଙ୍କୁ ସରକାରୀ ମାନ୍ୟତା, ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କା ସହ ପେନ୍‌ସନ୍ ଓ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଦାବି କରାଯାଇଛି। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଶୀତ ଅଧିବେଶନରେ ପାଚିକା ସହାୟିକାମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସମ୍ମିଳନୀରେ ରାଜ୍ୟ କର୍ମକର୍ତ୍ତା ଭାବେ ସଭାପତି ଅକ୍ଷୟ କୁମାର ମେହେର, ସାଧାରଣ ସମ୍ପାଦିକା ମାଧବୀ କୁଇତା, ସୁବାସ ମହାପାତ୍ର, ରାଜେନ୍ଦ୍ର ଦାସ, ପାଣ୍ଡବ ଭୋଇ, ଉପସଭାପତି ବଉଳ ରାଉତ, ସୁନିତା ବାରିକ୍, ଉପସାଧାରଣ ସମ୍ପାଦକ ସୁହାନା ବେଗମ୍, ସହସମ୍ପାଦିକା ରଶ୍ମିତା ବେଉରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ବସିପାରୁନି କଣାସ ପଞ୍ଚାୟତ ସମିତି ବୈଠକ

କଣାସ,୨୯।୯(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ପଞ୍ଚାୟତ ସମିତିର ବୈଠକ ବସିପାରୁନାହିଁ। ପ୍ରତିନିଧିମାନଙ୍କ ଅସହଯୋଗ ଏହାର କାରଣ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ସମିତିର ବୈଠକ ଡକାଯାଇଥିଲା। ତେବେ ଅନେକ ସଦସ୍ୟ ଏହି ବୈଠକରେ ଅନୁପସ୍ଥିତ ରହିଥିଲେ। ଫଳରେ କୋରମ ଅଭାବରୁ ବୈଠକ ବାତିଲ ହୋଇଯାଇଥିଲା। ୨୮ ସରପଞ୍ଚ ଓ ୨୮ ସମିତି ସଭ୍ୟଙ୍କ ମଧ୍ୟରୁ ମାତ୍ର ୧୧ଜଣ ସଭ୍ୟାସଭ୍ୟ ବୈଠକରେ ଯୋଗଦେଇଥିଲେ। କୋରମ ପାଇଁ ଅତିକମ୍‌ରେ ୨୦ଜଣ ପ୍ରତିନିଧି ବୈଠକରେ ଯୋଗଦେବା ଆବଶ୍ୟକ ଥିଲା। ଅନେକ ପଞ୍ଚାୟତ ପ୍ରତିନିଧି ଅସନ୍ତୁଷ୍ଟ ହୋଇ ବୈଠକରୁ ଦୂରେଇ ରହିଥିଲେ। ଆଗାମୀ ବୈଠକରେ ଏମାନେ ବିଧାୟକଙ୍କୁ ବିରୋଧ କରିବେ ବୋଲି ମସୁଧା କରୁଥିବା ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ବିରୋଧ କଥା ସେ ଜାଣି ନ ଥିବା ଏବଂ ତାଙ୍କୁ ୧୬ଜଣ ପଞ୍ଚାୟତ ପ୍ରତିନିଧି ସମର୍ଥନ କରୁଥିବା ବିଧାୟକ ଓମ୍‌ପ୍ରକାଶ ମିଶ୍ର କହିଛନ୍ତି। ବିଜେଡି ସରକାର ଅମଳରେ କଣାସ ବ୍ଲକରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଅର୍ଥ ମଞ୍ଜୁର ହୋଇଥିଲା। ସେଗୁଡ଼ିକର ଭାଗ୍ୟ ଏବେ ଅନିଶ୍ଚିତତା ଭିତରକୁ ଠେଲିହୋଇଯାଇଛି।

# ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ତଦନ୍ତ ନିର୍ଦ୍ଦେଶ

## ବଡଓରା ଗାଁର ୪ ପରିବାରଙ୍କୁ ସାମାଜିକ ବାସନ୍ଦ ଘଟଣା

କଣାସ,୨୯।୯(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ ବଡାଲ ପଞ୍ଚାୟତର ବଡଓରା ଗାଁରେ ୪ ପରିବାରଙ୍କୁ ଦୀର୍ଘ ୧୨ବର୍ଷ ହେଲା ସାମାଜିକ ବାସନ୍ଦ କରି ରଖାଯାଇଛି। ଗାଁ ପୋଖରୀ ଓ ନଳକୂପରୁ ପାଣି ନେବା, ସ୍କୁଲରେ ପିଲାଙ୍କୁ ପାଠ ପଢାଇବା, ଦୋକାନରୁ ସଉଦା କିଣିବା, ମନ୍ଦିରରେ ପୂଜା କରିବା ଆଦି ବାରଣ କରାଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ପରିବାରଗୁଡ଼ିକ ପୋଲିସ ଓ ଜିଲା ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ ନ୍ୟାୟ ନ ପାଇବାରୁ ଶେଷରେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ କମିଶନ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ଥିବା ବେଳେ ଏହି ତାରିଖ ମଧ୍ୟରେ କ'ଣ ସବୁ ପଦକ୍ଷେପ ନିଆଯାଇଛି, ତାହାର ରିପୋର୍ଟ ଦେବାକୁ ଜିଲାପାଳଙ୍କୁ କୁହାଯାଇଛି। ଅଭିଯୋଗ ଅନୁଯାୟୀ, ବଡଓରା ଗ୍ରାମର ବିରଞ୍ଚି ସାହୁ, ବିଦୁର ସାହୁ, ଗୁଣ୍ଡିଚା ସାହୁ ଏବଂ ସୁଷମା ସାହୁଙ୍କ ପରିବାରଙ୍କୁ ଦୀର୍ଘ ୧୨ବର୍ଷ ହେଲା ଗାଁରେ କଙ୍ଗାରୁ କୋର୍ଟ ବସାଇ ବାସନ୍ଦ କରାଯିବା ସହ ମୌଳିକ ଅଧିକାରୁ ବଞ୍ଚିତ କରାଯାଇଛି। ଏ ସମ୍ପର୍କରେ ୪ ପରିବାର ଗଡ଼ିଶାଗୋଦା ଥାନା, ତହସିଲଦାର, ଏସ୍‌ପି ଏବଂ ଜିଲାପାଳଙ୍କୁ ବାରମ୍ବାର ଗୁହାରି କରି କୌଣସି ନ୍ୟାୟ ପାଇପାରିନାହାନ୍ତି।

# ବିଜେଡିର ନଗର କାର୍ଯ୍ୟକର୍ତ୍ତା ସମ୍ମିଳନୀ, ସମ୍ବର୍ଦ୍ଧନା ସମାରୋହ




ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୨୯।୯
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଏନ୍‌ଏସି ବିଜେଡି ପକ୍ଷରୁ ନଗର କାର୍ଯ୍ୟକର୍ତ୍ତା ସମ୍ମିଳନୀ ନକ୍ଷତ୍ର କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ କାଉନସିଲର ଅରୁଣ ପ୍ରସାଦ ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବିଜେଡି ପୁରୀ ଜିଲା ସଭାପତି ଦିବାକର ପାତ୍ର, ନିମାପଡ଼ାର ବିଧାୟକ ପ୍ରାର୍ଥୀ ବରିଷ୍ଠ ଯୁବନେତା ଦିଲୀପ ନାୟକ, ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ଜିଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ବରିଷ୍ଠ କାଉନସିଲର ଧନୁର୍ଦ୍ଧର ଦାସ, ଟିକିନା ପଣ୍ଡା, ମାଧବ ବେହେରା ପ୍ରମୁଖ ଯୋଗଦେଇଥିଲେ। ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ମଜଭୁତ ଶକ୍ତିଶାଳୀ, କ୍ରିୟାଶୀଳ କରିବା, ଦଳ ପକ୍ଷରୁ ଆୟୋଜିତ ହେବାକୁ ଥିବା ଜନସମ୍ପର୍କ ପଦଯାତ୍ରା, ସଭ୍ୟ ସଂଗ୍ରହ ଅଭିଯାନ, ବୈଠକକୁ ସଫଳ ଭାବେ ତ୍ୱରାନ୍ୱିତ କରାଯିବା ସମ୍ପର୍କରେ ଅତିଥିମାନେ ଆହ୍ୱାନ ଦେଇଥିଲେ। ନିର୍ବାଚନବେଳେ ଦେଇଥିବା ପ୍ରତିଶ୍ରୁତି ପାଳନରେ ଭାଜପା ସରକାର ବ୍ୟର୍ଥ ହୋଇଥିବା, ନିମାପଡ଼ାରେ ଅନ୍ୟାୟ, ଦୁର୍ନୀତି, ଅତ୍ୟାଚାର, ବ୍ୟଭିଚାରକୁ ବରଦାସ୍ତ କରାଯିବ ନାହିଁ। ସାଧାରଣ ଜନତାଙ୍କ ବୃହତ୍ତର ସ୍ୱାର୍ଥ ଓ ନ୍ୟାଯ୍ୟ ଦାବି ପାଇଁ ବିଜେଡି ଅହରହ ସଂଗ୍ରାମ କରିବ ବୋଲି ବିଜେଡି ନେତୃବୃନ୍ଦମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। ଦଳର ବରିଷ୍ଠ ନେତା ଦିଲୀପ ପାତ୍ର, ଅଜୟ ଭୋଇ, ଅକ୍ଷୟ ନାୟକ, ନିତ୍ୟ ରଞ୍ଜନ ମହାନ୍ତି, ଶୁଭ୍ରଜିତ୍ ବାରିକ୍ ପ୍ରମୁଖ ଏହି ସମାରୋହ ଓ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କୁ ଦଳୀୟ ନେତୃବୃନ୍ଦମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ମିଳନୀରେ ଅନେକ ମହିଳାଙ୍କ ସମେତ ପ୍ରାୟ ୫ଶହ କାର୍ଯ୍ୟକର୍ତ୍ତା ଏନ୍‌ଏସିର ୧୧ଟି ୱାର୍ଡରୁ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଯୋଗଦେଇଥିଲେ।

## ପ୍ରୟାସ ପକ୍ଷରୁ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

ପୁରୀ,୨୯।୮(ଅଜିତ କୁମାର ମହାନ୍ତି):

ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ ଶୁଣିବା ପାଇଁ ସାମାଜିକ ଅନୁଷ୍ଠାନ ପ୍ରୟାସ ପକ୍ଷରୁ ଭବ୍ୟ ଜନସମାଗମର ଆୟୋଜନ କରାଯାଇଥିଲା। ମହାବୀର ଦେବ ପୀଠରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣଙ୍କ ସହିତ ବହୁସଂଖ୍ୟକ ମହିଳା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣିଥିଲେ । ମହିଳାମାନଙ୍କ ବିକାଶ ଉପରେ ପ୍ରଧାନମନ୍ତ୍ରୀ ପ୍ରାଧାନ୍ୟ ଦେଇଥିବାରୁ ମହିଳାମାନେ ଖୁସି ବ୍ୟକ୍ତ କରିଥିଲେ। ପ୍ରୟାସ ଏବଂ ପୂଜ୍ୟପୂଜା ସଂସଦର ସଭାପତି କୃଷ୍ଣ ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଜପାର ସଦସ୍ୟତା ଅଭିଯାନ ପରିପେକ୍ଷୀରେ ୩୦ଜଣ ବ୍ୟକ୍ତି ସଦସ୍ୟତା ଗ୍ରହଣ କରିଥିଲେ ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ



ଚାରିଛକ,୨୯।୯(ଶିଶିର ସ୍ୱାଇଁ)

ଚାରିଛକ ଥାନା ଅଧୀନ ବାହାରଣା ପଞ୍ଚାୟତ ବିଶିରିସାହି ଗ୍ରାମର ମାନଗୋବିନ୍ଦ ବିଶ୍ୱାଳଙ୍କ ନିଜ ବାସଭବନରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଋତ୍ୱିକ ଅଭିଜିତ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସତ୍‌ସଙ୍ଗରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ନୀତିବାଣୀ ଓ ଭାବଧାରା ବିଷୟରେ ଆସିଥିବା ଗୁରୁଭାଇମାନେ କହିଥିଲେ। ସତ୍‌ସଙ୍ଗରେ ଗୁରୁଭାଇ ପବିତ୍ର ପାତ୍ର, ପ୍ରମୋଦ ସ୍ୱାଇଁ, କୃଷ୍ଣଚନ୍ଦ୍ର ମଲ୍ଲିକ, ଚକ୍ରଧର ସ୍ୱାଇଁ, ଲକ୍ଷ୍ମୀଧର ବାରିକ୍, ଶରତ ସାହୁଙ୍କ ସମେତ ଶତାଧିକ ଗୁରୁଭାଇ ଓ ମା'ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରେ ବାହାରଣା ପଞ୍ଚାୟତ ଭାଜପା ପୂର୍ବତନ ସଭାପତି ସ୍ୱର୍ଗତ ରବୀନ୍ଦ୍ରନାଥ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସଭାରେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶ୍ୟାମସୁନ୍ଦର ନାୟକ ଉପସ୍ଥିତ ଥିଲେ। ସଭାରେ ପୂର୍ବତନ ଜିଲାପରିଷଦ ପୂର୍ଣ୍ଣଚନ୍ଦ୍ର ଓଝା, ଚାରିଛକ ମଣ୍ଡଳ ଭାଜପା ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ଗୁଣନିଧି ମୁଦୁଲି, ତୁଷାର ରାଉତ, ଅବନୀ ଜେନା, ସୁରେନ୍ଦ୍ରନାଥ ପଡ଼ିଆରୀ, କରୁଣାକର ମଲ୍ଲ, ବର୍ତ୍ତମାନ ପଞ୍ଚାୟତ ଭାଜପା ସଭାପତି ବ୍ରଜକିଶୋର ନାୟକ, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସତ୍‌ସଙ୍ଗ ଓ ଶ୍ରଦ୍ଧାଞ୍ଜଳି ସଭାରେ ବିଶ୍ୱାଳଙ୍କ ପରିବାରର ଭାଇ ମାନଗୋବିନ୍ଦ ବିଶ୍ୱାଳ, ପୁତ୍ର ପଦ୍ମଚରଣ ବିଶ୍ୱାଳ, ନରେଶ ବିଶ୍ୱାଳ, ରାଜେନ୍ଦ୍ର ବିଶ୍ୱାଳଙ୍କ ସମେତ ସମସ୍ତ ପରିବାରବର୍ଗ, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

# ପ୍ରତ୍ୟେକ ବ୍ୟକ୍ତି ଟାଏକୋଣ୍ଡୋ ଶିଖିବା ଆବଶ୍ୟକ

ପୁରୀ,୨୯।୯(ଅଜିତ କୁମାର ମହାନ୍ତି)

ପୁରୀ ଗ୍ରାଣ୍ଡରୋଡ୍ ନିକଟସ୍ଥ ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଟ୍ରେନିଂ ହଲ୍‌ରେ ଗତ ଅଗଷ୍ଟ ୧୮ରେ ୨୪ତମ କଲର୍ ବେଲଟ୍ ପ୍ରମୋସନ୍ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ରୁ ଊର୍ଦ୍ଧ୍ୱ ବାଳିକା ବାଳକ ଭାଗନେଇ କୃତିତ୍ୱ ପ୍ରଦର୍ଶନ କରି ଉଚ୍ଚସ୍ତରୀୟ ବେଲ୍ଟ ହାସଲ କରିଥିଲେ। ସେହିପରି ଗତ ଜୁଲାଇ ୨୭ ଓ ୨୮ରେ ପୁରୀ ରେଲୱେ କଲ୍ୟାଣ ମଣ୍ଡପରେ ୧୭ତମ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ବାଳିକା ବାଳକ ଭାଗନେଇ ପୁମ୍-ସେ ଇଭେଣ୍ଟରେ ଚାମ୍ପିୟନ ହେବା ସହ କିରୋଗିରେ ରନର୍ ଅପ୍ ହୋଇଥିଲେ। ରବିବାର ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁମ୍ଭାରପଡ଼ା ଥାନା ଅଧିକାରୀ ଜୟଦୀପ ମହାନ୍ତି ମୁଖ୍ୟ ଅତିଥି, ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ୍ ସଭାପତି ବ୍ୟୋମକେଶ ଅଭିଳାଷ ପ୍ରସାଦ ଏବଂ ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ମାଷ୍ଟର ମନମୋହନ ଭଞ୍ଜ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଚଳିତ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଆଗ୍ରାରେ ଅନୁଷ୍ଠିତ ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସବ୍‌ଜୁନିୟର ବାଳକରେ ସାଇକୃପା ମହାପାତ୍ର ସ୍ୱର୍ଣ୍ଣପଦକ ଏବଂ ସବ୍‌ଜୁନିୟର ବାଳିକାରେ ସୁଶ୍ରୀ ସମର୍ପିତା ପୃଷ୍ଟି କାଂସ୍ୟ ପଦକ ହାସଲ କରିଥିଲେ। ଉଭୟଙ୍କୁ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶାରୀରିକ ଓ ମାନସିକ କ୍ଷମତା ବୃଦ୍ଧି କରିବା ସହ ଆତ୍ମରକ୍ଷା କୌଶଳ ଜାଣିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଟାଏକୋଣ୍ଡୋ ଶିଖିବା ଆବଶ୍ୟକ ବୋଲି ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ବିଶ୍ୱନାଥ ନାୟକ କହିଥିଲେ।

# 'ଶ୍ରୀକ୍ଷେତ୍ରରେ ଦୁର୍ଗାମାଧବ ଉପାସନା ଅନନ୍ୟ'

ପୁରୀ,୨୯।୯(ଅଜିତ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ରବିବାର କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିବାସ୍ତୁ ଟ୍ରଷ୍ଟ ଆନୁକୂଲ୍ୟରେ 'ଶ୍ରୀକ୍ଷେତ୍ରରେ ଦୁର୍ଗାମାଧବ ଉପାସନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ଡ. ବଳରାମ ଦାଶ ସଭାପତିତ୍ୱ କରି କହିଲେ ଯେ, ଶ୍ରୀକ୍ଷେତ୍ର ଶାକ୍ତମାନଙ୍କର ପ୍ରାଚୀନପୀଠ ଏବଂ ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନା ସମଗ୍ର ଭାରତରେ ଅନନ୍ୟ। ଏହା ଶାକ୍ତପୀଠ ରୂପେ ପ୍ରସିଦ୍ଧି ଅର୍ଜନ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ୱୟଂ ଶକ୍ତି ଉପାସନାର ସ୍ୱରୂପ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଅଧ୍ୟାପକ ଦୟାନିଧି ପଣ୍ଡା ଶାକ୍ତଧର୍ମ ଏବଂ




ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକ ଓ ଅନ୍ୟମାନେ ।

ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନାର ବ୍ୟାଖ୍ୟା କରିଥିଲେ। ଅଧ୍ୟକ୍ଷ ଡ. କମଳାକାନ୍ତ ମିଶ୍ର, ଗବେଷକ ନାରାୟଣ ନନ୍ଦ, ପ୍ରବଚକ ଦଣ୍ଡପାଣି ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ବେଦ, ଉପନିଷଦ ଓ ପୁରାଣ ଶାସ୍ତ୍ରରେ ଶାକ୍ତ ପରମ୍ପରାର ସ୍ୱରୂପ ଓ ଗୁପ୍ତ ଗୁଣ୍ଡିଚା ଯାତ୍ରା, ବିମଳା ମନ୍ଦିର ଓ ନାରାୟଣୀ ମନ୍ଦିରରେ ପୂଜାର୍ଚ୍ଚନା ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରରେ ପୂର୍ଣ୍ଣଚନ୍ଦ୍ର ସାହୁ, ସଞ୍ଜୟ କୁମାର ନନ୍ଦ, ଅଶୋକ କୁମାର ଆଢ୍ୟ, କୋଟେଶ୍ୱର ପାତ୍ର, ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଡ. ଐଶ୍ୱର୍ଯ୍ୟା କର ଧନ୍ୟବାଦ ଦେଇଥିଲେ।


ଷୋଳପୂଜା ଅବସରରେ କଟକ ଚଣ୍ଡୀଙ୍କ ସିଦ୍ଧେଶ୍ୱରୀ ବେଶ।


ମା' ଗଡ଼ଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ।


ମା' ଝାଞ୍ଜିରୀ ମଙ୍ଗଳାଙ୍କ ଅନ୍ନପୂର୍ଣ୍ଣା ବେଶ।


ବାସନ୍ତୀ ଦୁର୍ଗାଙ୍କ ମାତଙ୍ଗୀ ବେଶ।


ତେଲେଙ୍ଗା ବଜାର ମା' ବିମଳାଙ୍କ ଚାମୁଣ୍ଡା ବେଶ।


ବାଙ୍କୀର ମା' ଚର୍ଚ୍ଚିକାଙ୍କ ସ୍ୱତନ୍ତ୍ର ବେଶ।


ତିଗିରିଆ ନୂଆପାଟଣାସ୍ଥିତ କଳାପାଟ ଠାକୁରାଣୀଙ୍କ ଶୀତଳା ବେଶ।

## କଟକ ଚଣ୍ଡୀରୋଡ୍ ଶେଖ୍‌ବଜାର ପୂଜା କମିଟି

# ଦଶମୀରେ ଦହିପଖାଳ ଭୋଗ



### ବିରାଜିବେ ମା'

କଟକ,୨୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ମଣ୍ଡପରେ ମୂର୍ତ୍ତି ସହ ତୋରଣ ନିର୍ମାଣ କାର୍ଯ୍ୟ ଜାରି ରହିଛି। ପୂଜା ପାଇଁ ବିଭିନ୍ନ କମିଟି କର୍ମକର୍ତ୍ତା ଉତ୍ସାହିତ ଅଛନ୍ତି। ଏହି ପୂଜା ଦୌଡରେ ସାମିଲ ହୋଇଛି କଟକ ଚଣ୍ଡୀରୋଡ ଶେଖ୍‌ବଜାର ପୂଜା କମିଟି। ୧୮୭୫ରେ ପ୍ରଥମେ ହରପାର୍ବତୀଙ୍କ ପୂଜାର୍ଚ୍ଚନା କରାଯାଉଥିଲା। ୧୯୦୨ରୁ ଦୁର୍ଗାପୂଜା ପାଳନ କରାଯାଉଛି। ମା'ଙ୍କ ମୂର୍ତ୍ତି ଉଚ୍ଚତା ୭ ଫୁଟ୍ ଓ ମେଢ଼ର ଉଚ୍ଚତା ୧୮ଫୁଟ୍ ରହିଛି। ୧୯୯୧ରେ ପୂଜା କମିଟି ପକ୍ଷରୁ ୩ କୁଇଣ୍ଟାଲ ୫୦ କେଜି ଓଜନର ଚାନ୍ଦିରେ ମେଢ଼ ତିଆରି କରାଯାଇଥିଲା।



କଟକର ଦ୍ୱିତୀୟ ଚାନ୍ଦିମେଢ଼ ଭାବେ ଏହି ପୂଜା କମିଟି ନିଜ ପରିଚୟ ସୃଷ୍ଟି କରିଛି। ମେଢ଼ରେ ୬୦୦ ଗ୍ରାମ୍ ଓଜନର ସୁନାର ମୟୂର ଚନ୍ଦ୍ରିକା ଲଗାଯାଇଛି। ୨୦୦୫ରେ ୬କେଜି ଓଜନର ସୁନାରେ ମା'ଙ୍କ ମୁକୁଟ ନିର୍ମାଣ କରାଯାଇଥିଲା। ଏଥିସହ ୪୦କେଜି ଓଜନର ଚାନ୍ଦି ଅଳଙ୍କାର ରହିଛି। ଚଳିତବର୍ଷ କମିଟି ପକ୍ଷରୁ ୧୦ଲକ୍ଷ ଟଙ୍କାର ପୂଜା ବଜେଟ୍ ରହିଛି। ମହାନବମୀରେ ପ୍ରସାଦ ଭୋଗ କରାଯାଇ ୫୦୦ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ସେହିପରି ଦଶମୀରେ ମା'ଙ୍କ ପାଖରେ ଦହିପଖାଳ ଭୋଗ କରାଯାଇ ୨୦୦୦ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଏଥିସହ ଦଶମୀରେ ମହିଳାମାନେ ସିନ୍ଦୂର ଖେଳିବା ପରମ୍ପରା ରହିଛି। ଭସାଣିରେ ଘଣ୍ଟ ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ



"ଏଠାରେ ଦଶମୀ ଦିନ ସିନ୍ଦୂର ଖେଳର ସ୍ୱତନ୍ତ୍ରତା ରହିଛି। ଏହି ଦିନ ମହିଳାମାନେ ଏକଜୁଟ ହୋଇ ପ୍ରଥମେ ମା'ଙ୍କୁ ସିନ୍ଦୂର ଲଗାଇବେ। ପରେ ପରସ୍ପର ମଧ୍ୟରେ ସିନ୍ଦୁର ଖେଳିବେ। ସିନ୍ଦୂର ଖେଳି ବିଦାୟ ଦେଲେ ମା' ଖୁସିରେ ଧରାପୃଷ୍ଠରୁ ବିଦାୟ ନେଇଥାନ୍ତି ବୋଲି ବିଶ୍ୱାସ ରହିଛି।

**ଦିଲୀପ କୁମାର ବେହେରା, ସଭାପତି**

### ନିରାଡ଼ମ୍ବରରେ ପୂଜା କରାଯିବ



"କମିଟିର ପୂର୍ବତନ ସଭାପତି ରାଜକିଶୋର ନାୟକଙ୍କ ପରଲୋକ ହୋଇଥିବାରୁ ଚଳିତବର୍ଷ ନିରାଡମ୍ବର ଭାବେ ପୂଜା କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଘଣ୍ଟବାଦ୍ୟରେ ମା'ଙ୍କ ଭସାଣି ଯାତ୍ରା କରାଯିବ।

**କିଶୋର ବେହେରା, ସମ୍ପାଦକ**

## 'ସାହିତ୍ୟ, ସଂସ୍କୃତିକୁ ବଞ୍ଚାଇବା ରୋଟାରିଆନ୍‌ଙ୍କ କର୍ତ୍ତବ୍ୟ'

କଟକ,୨୯।୯ (କାର୍ତ୍ତିକ ସାହୁ)

କଟକ ସାରଳା ଭବନରେ ରୋଟାରୀ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ସାହିତ୍ୟାୟନ–୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଗଭର୍ନର ଯଜ୍ଞାଶିଷ ମହାପାତ୍ର ଯୋଗଦେଇ କହିଛନ୍ତି, ଚଳିତବର୍ଷଠାରୁ ପ୍ରଥମଥର ପାଇଁ ରୋଟାରୀ ସାରସ୍ୱତ ସମ୍ମାନ ପ୍ରଦାନ ଆରମ୍ଭ ହୋଇଛି। ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ରୋଟାରୀ ପ୍ରତିଶ୍ରୁତିବଦ୍ଧ। ସାହିତ୍ୟ, ମାତୃଭାଷା, କଳା, ସଂସ୍କୃତିକୁ ବଞ୍ଚାଇ ରଖିବା ମଧ ରୋଟାରିଆନ୍‌ଙ୍କ କର୍ତ୍ତବ୍ୟ। ରୋଟାରୀ ଇଣ୍ଟର ନ୍ୟାଶନାଲ ସମାଜର ବିଭିନ୍ନ କ୍ଷେତ୍ରରେ କାମ କରିଥାଏ। ସେଥିମଧ୍ୟରୁ ଆମ କଳା, ସଂସ୍କୃତି ଓ ସାହିତ୍ୟର ରକ୍ଷା ଅନ୍ୟତମ। ମୁଖ୍ୟବକ୍ତା ସାହିତ୍ୟିକ ଦାଶ ବେନହୁର ଯୋଗଦେଇ କହିଛନ୍ତି, ଆମ ମାତୃଭାଷା ଆମର ଅସ୍ମିତା। ମାତୃଭାଷା ଶିଖିଲେ ଯାଇ ଶିଶୁ ଅନ୍ୟ ଭାଷା ଶିଖିବାରେ ଆଗ୍ରହ ପ୍ରକାଶ କରେ। ଏହି ଅବସରରେ ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂ, ଇନ୍ଦିରା ଦାଶ, ଆର୍ଯ୍ୟ ଯଜ୍ଞଦତ୍ତ, ଅସିତ୍ ମହାନ୍ତି, ପିନାକୀ ମିଶ୍ର ଓ ଡ. ଅଜୟ କୁମାର ମିଶ୍ରଙ୍କୁ ରୋଟାରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ରୋଟାରୀ ଜିଲା ୩୨୬୨ର ସାହିତ୍ୟ ସଚିବ ସୁଜାତା ମହାପାତ୍ର ପ୍ରାରମ୍ଭିକ ସୂଚନା, ପୂର୍ବତନ ରୋଟାରୀ ଗଭର୍ନର ଅଶୋକ ବିହାରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ସୁମିତ୍ରା ପ୍ରସାଦ ଧନ୍ୟବାଦ ଦେଇଥିଲେ।

## 'ମଣିଷର ଅନ୍ତର୍ନିହିତ ଶକ୍ତିକୁ ସମାଜ ଗ୍ରହଣ କରିବା ଉଚିତ'

କଟକ ସଦର,୨୯।୯(ସୁଶାନ୍ତ କୁମାର ଜେନା)

ପାର୍ଲାମେଣ୍ଟ ଅର୍ଥନୈତିକ ବ୍ୟାପାର କମିଟିର ଅଧ୍ୟକ୍ଷ ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମନୋନୀତ ହୋଇଛନ୍ତି। କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତ ପାଟଣା ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସଭାରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ କଟକ ସଦର ବ୍ଲକର ପୂର୍ବତନ ଅଧ୍ୟକ୍ଷ ସାଧୁ ଜେନା ଯୋଗଦେଇ ଏମ୍‌ପି ମହତାବଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମହତାବ କହିଥିଲେ, ମଣିଷର ଅନ୍ତର୍ନିହିତ ଶକ୍ତିକୁ ସମାଜ ଗ୍ରହଣ କରିବା ଉଚିତ୍। ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ହୃଷୀକେଶ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିଭା ଶତପଥୀ, ସଦସ୍ୟ ସଂଗ୍ରହ ଅଭିଯାନର ପ୍ରଭାରୀ ପ୍ରତାପ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ସମସ୍ତେ ବଡ଼ ପରଦାରେ ଦେଖିଥିଲେ। ମଣ୍ଡଳ ସଭାପତି ଅଭୟ ସ୍ୱାଇଁ, ସନ୍ତୋଷ ସାହୁ, ସୁରେଶ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗତିରାଉତ ପାଟଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଗଣେଶ ଭସାଣି ସରିଲା
### ୨୨୧ ମୂର୍ତ୍ତି ବିସର୍ଜନ

କଟକ,୨୯।୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସହରରେ ରବିବାର ତୃତୀୟ ପର୍ଯ୍ୟାୟ ଗଣେଶ ଭସାଣି ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ମୂର୍ତ୍ତି ବିସର୍ଜନ ପାଇଁ କାଠଯୋଡ଼ି ଓ ମହାନଦୀର ୧୮ରୁ ଊର୍ଦ୍ଧ୍ୱ ସ୍ଥାନରେ ଅସ୍ଥାୟୀ ପୋଖରୀ ଖୋଳାଯାଇଥିଲା। ବିଭିନ୍ନ ମଣ୍ଡପରୁ ପ୍ରାୟ ୨୨୧ ଗଣେଶ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା। ପୂର୍ବାହ୍ନ ୯ଟାରୁ ବିଭିନ୍ନ କ୍ଲବ ପକ୍ଷରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ରାତି ୧୦ଟାରେ ବ୍ୟାଣ୍ଡ୍‌ବାଜା ବନ୍ଦ ହୋଇଥିଲା। କେବଳ ଢୋଲ ଓ ଘଣ୍ଟ ବଜାଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କ୍ଲବଗୁଡିକ ପକ୍ଷରୁ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସହରରେ ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଡିସିପି ଅନିଲ ମିଶ୍ର ବିଭିନ୍ନ ଅଞ୍ଚଳ ବୁଲି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ କଟକରେ ୧ହଜାରରୁ ଅଧିକ ସ୍ଥାନରେ ଗଣେଶ ପୂଜା କରାଯାଇଥିଲା। ବିଭିନ୍ନ କ୍ଲବ ପକ୍ଷରୁ ବାହାରିଥିବା ଶୋଭାଯାତ୍ରାରେ ସାଉଣ୍ଡ, ଲାଇଟ୍ ଓ ଆକର୍ଷଣୀୟ ଆଲୋକସଜ୍ଜା ସହରକୁ ଆଲୋକମୟ କରିଥିଲା।

### ୧ରୁ ଶାରଦୀୟ ନାଟ୍ୟ ଉତ୍ସବ

କଟକ,୨୯।୯(କାର୍ତ୍ତିକ ସାହୁ)

ଅଗ୍ରଣୀ ନାଟ୍ୟାନୁଷ୍ଠାନ ଆରୋହଣ ପକ୍ଷରୁ ପ୍ରଥମଥର ପାଇଁ ଦୁଇଦିନିଆ ଶାରଦୀୟ ନାଟ୍ୟ ଉତ୍ସବ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଅକ୍ଟୋବର ୧ରୁ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ ନାଟ୍ୟକାର ଡା. ଶୈଳେଶ୍ୱର ନନ୍ଦଙ୍କ ରଚିତ ନାଟକ 'ବୋପାରାଣ ଡିଙ୍ଗିଗିଁ' ମଞ୍ଚସ୍ଥ ହେବ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଗାଳ୍ପିକ ସୂର୍ଯ୍ୟ ତ୍ରିପାଠୀଙ୍କ ଗଳ୍ପର ନାଟ୍ୟରୂପ ଦେଇଥିବା ପୀୟୂଷ ରଞ୍ଜନ ପରିଡ଼ାଙ୍କ ନାଟକ 'ଶେଷ ସନ୍ତକ' ପ୍ରଦର୍ଶିତ ହେବ। ଏହି ନାଟକ ଦ୍ୱୟର ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଇ. ପ୍ରୀତିରଞ୍ଜନ ମିଶ୍ର। ଏହି ନାଟକରେ ବହୁ ବିଶିଷ୍ଟ କଳାକାର ଭାଗନେବେ ବୋଲି ଆରୋହଣର ସଭାପତି ଡା. ଶୈଳେଶ୍ୱର ନନ୍ଦ ସୂଚନା ଦେଇଛନ୍ତି।


ରବିବାର ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଶୋଭାଯାତ୍ରାରେ ଦେବୀଗଡ଼ା କାଠଯୋଡି ନଦୀତଟକୁ ନିଆଯାଉଛି।

## 'ସଂସ୍କୃତିର ପ୍ରଚାରକ ଥିଲେ ଗୌରୀକୁମାର ବ୍ରହ୍ମା'

କଟକ,୨୯।୯ (କାର୍ତ୍ତିକ ସାହୁ)

କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଗୌରୀକୁମାର ବ୍ରହ୍ମାଙ୍କ ଶ୍ରାଦ୍ଧବାର୍ଷିକୀ ଖାନ୍‌ନଗରସ୍ଥିତ ସମିତି ସଭାଗୃହରେ ରବିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଡ. ପ୍ରଫୁଲ୍ଲ କୁମାର ଦାଶ କହିଛନ୍ତି, ଓଡ଼ିଶାର ବିଭବମୟ ସଂସ୍କୃତିର ପ୍ରଚାରକ ଥିଲେ ଗୌରୀକୁମାର ବ୍ରହ୍ମା। ଏଥିରେ ସମ୍ମାନିତ ଅତିଥି ଭାବେ ଭାଗବତ ଶୁକ୍ଳ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ଦେଇଥିଲେ। ବିଚିତ୍ରାନନ୍ଦ ମିଶ୍ର, ନରସିଂହ ମହାପାତ୍ର, ରବୀନ୍ଦ୍ରନାଥ ପଣ୍ଡା, ନିବାସ ଚନ୍ଦ୍ର ମିଶ୍ର, ବୈଷ୍ଣବ ପରିଡ଼ାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଅଶ୍ୱିନୀ ସେଠୀ ଧନ୍ୟବାଦ ଦେଇଥିଲେ।

## ବିଶ୍ୱବିଦ୍ୟାଳୟ ଗବେଷଣା କେନ୍ଦ୍ର ଭାବେ ଘୋଷଣା ହେଲା ଏସ୍‌ସିବି ବାୟୋକେମେଷ୍ଟ୍ରି ବିଭାଗ

କଟକ,୨୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)ର ବାୟୋକେମେଷ୍ଟ୍ରି ବିଭାଗକୁ ବିଶ୍ୱବିଦ୍ୟାଳୟ ଗବେଷଣା କେନ୍ଦ୍ର ଭାବେ ଘୋଷଣା କରାଯାଇଛି। ଏଥିସହ ଅସ୍ଥିସଲ୍ୟ ବିଭାଗରେ ଫେଲୋସି ପାଠ୍ୟକ୍ରମ ଯୋଡ଼ାଯାଇଛି। ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ରାଜ୍ୟ ବାୟୋକେମେଷ୍ଟ୍ରି ସଂଘର ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ ଯୋଗଦେଇ ଏହି ଘୋଷଣା କରିଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାୟୋକେମେଷ୍ଟ୍ରି ସଂଘ ସଭାପତି ତଥା ଏସ୍‌ସିବି ବାୟୋକେମେଷ୍ଟ୍ରି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ପ୍ରତିମା ସାହୁ, ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର ବି. ଦାସ, ପ୍ରଫେସର ପି.କେ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶୋଭାଯାତ୍ରାରେ ସଚେତନତା

ଭୁବନେଶ୍ୱର,୨୯।୯(ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଭୁବନେଶ୍ୱରର ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ରବିବାର ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପକ୍ଷରୁ ଏକ ମେଗା ୱାକାଥନ (ସଚେତନତା ଶୋଭାଯାତ୍ରା)ର ଆୟୋଜନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ ଗୋଲକ ପ୍ରସାଦ ମହାପାତ୍ର ଏବଂ ଓଡ଼ିଆ ଅଭିନେତ୍ରୀ ବିଦୁସ୍ମିତା ଦାସ ମନ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ଗ୍ରୁପ ଅଫ ହସ୍ପିଟାଲ୍‌ସର ଅଧ୍ୟକ୍ଷ ଡା. ସୁବ୍ରତ ଜେନା ଏବଂ ଏମଡି ଡା. ମାୟା ଗନ୍ତାୟତ ପ୍ରମୁଖ ଯୋଗ ଦେଇ ସୁସ୍ଥ ରହିବା ପାଇଁ ସଚେତନତା ରହିବା ସାଙ୍ଗକୁ ନୀତି ନିୟମ ପାଳନ କରିବାକୁ ମତବ୍ୟକ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ରବିବାର ବିଶ୍ୱ ହୃଦୟ ଦିବସ ଉପଲକ୍ଷେ ଏକ ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଅଶ୍ୱିନୀ ଗ୍ରୁପ ଅଫ ହସ୍ପିଟାଲ୍‌ସର ଡାକ୍ତର, ନର୍ସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବିଶ୍ୱ ହୃଦୟ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଅତ୍ୟଧିକ ମୋବାଇଲ ବ୍ୟବହାର ମାନସିକ ସନ୍ତୁଳନ ବିଗାଡୁଛି

କଟକ,୨୯।୯(କାର୍ତ୍ତିକ ସାହୁ)



ମୈତ୍ରୀ ସରଣୀସ୍ଥିତ ଦି ୟୁନିଭର୍ସଠାରେ ଅନୁଷ୍ଠିତ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ ଆନୁକୂଲ୍ୟରେ ଦି ୟୁନିଭର୍ସ ଦ୍ୱାରା ଏକ ମାନସିକ ସ୍ୱାସ୍ଥ୍ୟ ସମ୍ମିଳନୀ କଟକ ମୈତ୍ରୀସରଣୀସ୍ଥିତ ଅନୁଷ୍ଠାନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡା. ସୁଦର୍ଶନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମନସ୍ତତ୍ତ୍ୱବିତ୍ ଡ. ଶମିତା ମହାପାଟ ଯୋଗଦେଇ କହିଛନ୍ତି, ବ୍ୟସ୍ତବହୁଳ ଜୀବନରେ ଆମେ ଜାଣତରେ ବା ଅଜାଣତରେ ସୂକ୍ଷ୍ମଦିଗଗୁଡ଼ିକୁ ଓ ନିଜକୁ ଅଣଦେଖା କରିଥାଉ। ଏହା ଆମର ମାନସିକ ସନ୍ତୁଳନକୁ ବିକ୍ଷିପ୍ତ କରିଥାଏ। ମାନସିକ ସନ୍ତୁଳନରେ ସୁଧାର ଆଣିବାକୁ ହେଲେ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାଜତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଡ. ବିକ୍ରମ କିଶୋରୀ ମିଶ୍ର କହିଛନ୍ତି, ଆତ୍ମହତ୍ୟା ବଢ଼ି ଚାଲିଛି। ଏଥିପାଇଁ ପାରିବାରିକ ଅବହେଳା, ପାରିବାରିକ ଇତିହାସ, ପରିବେଶ ଓ ଜିନ୍‌ଗତ ଦୋଷ ଦାୟୀ। ହାଇଟେକ୍ ଭେଷଜ ମହାବିଦ୍ୟାଳୟର ମାନସିକ ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ପ୍ରଫେସର ତୋଫାନ ପତି ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ଆକସ୍ମିକ ଦୁର୍ଘଟଣା, ସୁନାମି, ପ୍ରଳୟଙ୍କରୀ ବାତ୍ୟା, ଯୁଦ୍ଧ ବିଭୀଷିକା ଆଦି ମାନସିକ ଅସନ୍ତୁଳନ ଘଟାଇଥାଏ ବୋଲି ଦର୍ଶାଇଥିଲେ। ସେହିପରି ସୋସିଆଲ ମିଡିଆ, ଅତ୍ୟଧିକ ମୋବାଇଲ ବ୍ୟବହାର ମାନସିକ ସନ୍ତୁଳନ ବିଗାଡ଼ି ଦେବାର ଘଟଣାକ୍ରମ ମଧ୍ୟ ବର୍ଣ୍ଣନା କରିଥିଲେ। ମାନସିକ ସ୍ୱାସ୍ଥ୍ୟ ଠିକ୍ ନ ଥିଲେ ସୁଦ୍ଧା ଆମେ ଡାକ୍ତରଙ୍କ ପରାମର୍ଶ ନେଇ ନ ଥାଉ। ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଅଣାୟତ୍ତ ହୋଇଯାଇଥାଏ। ଗର୍ଭ ଧାରଣ ସମୟରେ ମା'ଙ୍କ ଶାରୀରିକ ସ୍ୱାସ୍ଥ୍ୟ ସହିତ ମାନସିକ ସ୍ୱାସ୍ଥ୍ୟ ଠିକ୍ ରହିବା ଉଚିତ। ମାନସିକ ସ୍ୱାସ୍ଥ୍ୟର ପ୍ରଭାବ ମଧ ଗର୍ଭସ୍ଥ ଶିଶୁ ଉପରେ ପଡ଼ିଥାଏ। ଜଣେ ଅବସାଦଗ୍ରସ୍ତ ମା'ର ଶିଶୁ ମାନସିକ ସ୍ତରରେ ଦୁର୍ବଳ ହେବାର ଅଧିକ ଆଶଙ୍କା ଥାଏ। ସେହିପରି ଡା. ସୁଦର୍ଶନ ପଟ୍ଟନାୟକ କହିଛନ୍ତି, ସୁଷମ ଖାଦ୍ୟ ଓ ଆଧ୍ୟାତ୍ମିକ ଜୀବନଶୈଳୀ ଆମର ସୁସ୍ଥ ଓ ନିରାମୟ ଜୀବନର ମାଧ୍ୟମ ହେବା ଉଚିତ୍। ଆଇନଜୀବୀ ଗୁରୁ ମହାନ୍ତି, ଡା. କୃପାସିନ୍ଧୁ ପଣ୍ଡା, ଡ. ପ୍ରମୋଦ କୁମାର ମହାପାତ୍ର, ଅନସ୍ୱୟା ମିଶ୍ର, ଚିତ୍ତରଞ୍ଜନ ପାଣିଗ୍ରାହୀ, ଚିତ୍ତରଞ୍ଜନ ମହାନ୍ତି, ଜୟନ୍ତ କୁମାର ଦାସ, ନମିତା ମହାନ୍ତି, ଜୟକୃଷ୍ଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଲିପିକା ପଟ୍ଟନାୟକ ଓ ଡା. ପ୍ରଜ୍ଞା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ଅତିଥି ପରିଚୟ ଓ କିଶୋର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ।

## ସଂକ୍ଷେପରେ

### ନନ୍ଦନକାନନ: ୧୫ ଶାବକ ଜନ୍ମ, କଇଁଛ ମୃତ

ତ୍ରିଶୂଳିଆ,୨୯।୯(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଗୋଟିଏ ଦିନରେ ୪ ପ୍ରଜାତିର ପଶୁପକ୍ଷୀ ୧୫ ଶାବକ ଜନ୍ମ ଦେଇଥିବାରୁ କର୍ତ୍ତୃପକ୍ଷ, କର୍ମଚାରୀଙ୍କ ମଧ୍ୟରେ ଖୁସି ଖେଳିଯାଇଛି। ସୂଚନାଯୋଗ୍ୟ, ଗତ ଶନିବାର ପ୍ରାଣୀ ଉଦ୍ୟାନର ୬୭ ନଂ.(ଗ) ଖୁଆଡ଼ରେ ରହୁଥିବା ମାଈ କୃଷ୍ଣସାର ମୃଗ ଗୋଟିଏ ଶାବକ ଜନ୍ମ ଦେଇଛି। ୬୮ ନଂ. (ଖ) ଖୁଆଡ଼ରେ ରହୁଥିବା ୪ ମାଈ ଚିତ୍ରା ହରିଣ ୪ ଶାବକ ଜନ୍ମ ଦେଇଛନ୍ତି। ସେହିପରି ପକ୍ଷୀଶାଳର ୯ ନଂ. (କ) ଖୁଆଡ଼ରେ ବିଲି ଶୁଆଙ୍କ ୫ ଅଣ୍ଡାରୁ ୫ ଶାବକ ଓ ଫିଞ୍ଚ ପକ୍ଷୀଙ୍କ ୫ ଅଣ୍ଡାରୁ ୫ ଶାବକ ଜନ୍ମ ହୋଇଥିବା ନନ୍ଦନକାନନ କର୍ତ୍ତୃପକ୍ଷ ସନତ କୁମାର କହିଛନ୍ତି। ସମସ୍ତ ମା' ଓ ଶାବକ ସୁସ୍ଥ ଥିବା ଜଣାପଡ଼ିଛି। ସେହିଭଳି ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସରୀସୃପ ଉଦ୍ୟାନରେ ରହୁଥିବା ଏକ କଇଁଛର ରବିବାର ମୃତ୍ୟୁ ଘଟିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। କଇଁଛ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି। କିଛିଦିନ ହେବ କଇଁଛଟି ସିଟି ଡିଭିଜନରୁ ଉଦ୍ଧାର ହୋଇ ପ୍ରାଣୀଉଦ୍ୟାନକୁ ଆସିଥିଲା। ଅସୁସ୍ଥ ଥିବାରୁ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା କରୁଥିଲେ। ରବିବାର ତା'ର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।

### ଗୋଟିଏ ରାତିରେ ୩ ଚୋରି

ବାରଙ୍ଗ,୨୯।୯
(ଲିଙ୍ଗରାଜ ରାଉତ)

ଗତ କିଛିଦିନ ହେବ ବାରଙ୍ଗ ଥାନା ଅଞ୍ଚଳରେ ଦୁର୍ବୃତ୍ତଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଶନିବାର ରାତିରେ ୩ଟି ଜାଗାରୁ ଚୋରିକରି ଦୁର୍ବୃତ୍ତମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ପ୍ରକାଶ ଯେ, ବାରଙ୍ଗ ଥାନା ଅଧୀନ ଫକୀରପଡ଼ା ଗ୍ରାମରେ ଶନିବାର ରାତିରେ ୨ଟି ଜାଗାରୁ ୨ଟି ପାଣିପମ୍ପ୍ ଚୋରି ହୋଇଛି। କୃଷ୍ଣଚନ୍ଦ୍ର ମିଶ୍ର ନାମକ ଜଣେ ଯୁବକ ଘରଭଡ଼ା ନେଇ ସେଇ ଗ୍ରାମରେ ନୂଆକରି ନିଜର ଘର ତିଆରି କରୁଛନ୍ତି। ଘରେ ଲାଗିଥିବା ପାଣି ପମ୍ପ୍ ଚୋରି ହୋଇଯାଇଥିବା ସେ ରବିବାର ସକାଳେ ଜାଣିବାକୁ ପାଇଥିଲେ। ଏହା ପରେ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟ ଜଣଙ୍କର ଚୋରି ହୋଇଥିବା ପାଣି ପମ୍ପ୍ ବିଷୟରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସେହିଭଳି ଶନିବାର ରାତିରେ କୁହ୍ନେଇପଡ଼ା ଗ୍ରାମର ଏକ ଘରେ କେହି ନ ଥିବା ସୁଯୋଗରେ ଘରର ତାଲା ଭାଙ୍ଗି ଚୋରି ହୋଇଥିବା ପୋଲିସ ପାଖରେ ଖବର ପହଞ୍ଚିଥିବାବେଳେ ଘର ମାଲିକ ନ ଥିବାରୁ ଅଭିଯୋଗ ହୋଇ ନ ଥିବା ଜଣାପଡୁଛି। ଅନ୍ୟପଟେ ଗୋଟିଏ ରାତିରେ ୩ଟି ଜାଗାରୁ ଚୋରି ହେବା ପରେ ପୋଲିସର ଚିନ୍ତା ବଢ଼ିଯାଇଛି।

# ମହାପ୍ରସାଦ ମାନ ଯାଞ୍ଚକୁ ବିରୋଧ

ପୁରୀ,୨୯।୯(ଅଜିତ୍ କୁମାର ମହାନ୍ତି)

## ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିରୋଧୀ: ସୁଆର ମହାସୁଆର ନିଯୋଗ



ତିରୁପତି ମନ୍ଦିରରେ ଲଡ୍ଡୁ ପ୍ରସାଦରେ ଅପମିଶ୍ରିତ ଘିଅ ବ୍ୟବହାର ହେଉଥିବା ଅଭିଯୋଗ ପରେ ଶ୍ରୀମନ୍ଦିରରେ ମହାପ୍ରସାଦ ଓ ଦୀପରେ ଅପମିଶ୍ରିତ ଘିଅ ବ୍ୟବହାର ହେଉଥିବା ନେଇ ଆଶଙ୍କା ପ୍ରକାଶ ପାଇଛି। ମହାପ୍ରସାଦ ଓ ଘିଅର ମାନ ଯାଞ୍ଚ କରାଯିବ ବୋଲି ଦୁଇ ଦିନ ତଳେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ତେବେ ମହାପ୍ରସାଦ ଯାଞ୍ଚକୁ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ବିରୋଧ କରାଯାଇଛି। ମହାପ୍ରସାଦ ଯାଞ୍ଚ କରାଯିବା ହେଉଛି ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିରୋଧୀ। ତେଣୁ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଗ୍ରହଣ କରାଯିବ ନାହିଁ ବୋଲି ସୁଆର ମହାସୁଆର ନିଯୋଗ କହିଛି।

ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି, ମହାପ୍ରସାଦର ମାନ ଯାଞ୍ଚ କରିବା ପାଇଁ ଶ୍ରୀମନ୍ଦିରରେ ରୋଷପାଇକ, ତଲୁଛ, ଭିତରଛ, ରୋଷନାୟକ, ଅମିନ ମହାସୁଆର ଆଦି ରହିଛନ୍ତି। ମହାପ୍ରସାଦ ପ୍ରସ୍ତୁତିରେ ବ୍ୟବହୃତ ହେଉଥିବା ସାମଗ୍ରୀର ମାନ ଯାଞ୍ଚ କରିବା ହେଉଛି ପ୍ରଶାସନର ଦାୟିତ୍ୱ। ପ୍ରଶାସନ ଯଦି ଶ୍ରୀମନ୍ଦିରକୁ ଉତ୍ତମ ସାମଗ୍ରୀ ପଠାଇବ, ତେବେ ଭଲ ମହାପ୍ରସାଦ ମିଳିବ। ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରସାଦ ତଦାରଖ ନିମନ୍ତେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ନିୟୋଜିତ କରାଯାଇଆସୁଛି। ମହାପ୍ରଭୁଙ୍କୁ ଭୋଗ ଲାଗିହେବା ପରେ ମହାପ୍ରସାଦରେ ପରିଣତ ହୋଇଥାଏ। ମହାପ୍ରସାଦ କୈବଲ୍ୟ ପାଲଟିଯାଏ। ମହାପ୍ରସାଦ କାଣିଚାଏ ମିଳିଗଲେ, ମହାପୁଣ୍ୟ ମିଳିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ମହାପ୍ରସାଦ ହେଉଛି କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆସ୍ଥା ଓ ଭକ୍ତିର ପ୍ରତୀକ। ମହାପ୍ରଭୁଙ୍କଠାରେ ଲାଗି ହୋଇଥିବା ମହାପ୍ରସାଦର ମାନ ଯାଞ୍ଚ ନେଇ ଚିନ୍ତା କରିବା ମହାପାପ। ଆଇନ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ନିନ୍ଦନୀୟ। ମହାପ୍ରସାଦ ପ୍ରସ୍ତୁତି ପୂର୍ବରୁ ଶ୍ରୀମନ୍ଦିରକୁ ଯାଉଥିବା ଚାଉଳ, ପନିପରିବା, ଘିଅ ଏବଂ ଅନ୍ୟ ସାମଗ୍ରୀର ଯାଞ୍ଚକୁ କଡ଼ାକଡ଼ି କରାଯାଉ। କିନ୍ତୁ ମହାପ୍ରଭୁଙ୍କୁ ଲାଗିହେବା ପରେ ମହାପ୍ରସାଦର ଯାଞ୍ଚ କଦାପି ଗ୍ରହଣୀୟ ନୁହେଁ। ସରକାର ନିଯୁକ୍ତ କରୁଥିବା ଫୁଡ୍ ସେଫ୍ଟି ଅଫିସରମାନେ ବାସି ଅବଢ଼ା, ବାସି ପିଠା ସମେତ ମହାପ୍ରସାଦ ପ୍ରସ୍ତୁତିରେ ବ୍ୟବହାର ହେବାକୁ ଯାଉଥିବା କଞ୍ଚା ସାମଗ୍ରୀର ଯାଞ୍ଚ କରିପାରିବେ। ସେହିପରି ସୂପକାରମାନେ ଘିଅ ପ୍ରସ୍ତୁତ କରି ନ ଥାନ୍ତି। ମାର୍କେଟରୁ ଯେଉଁ ଘିଅ ଶ୍ରୀମନ୍ଦିରକୁ ଯାଇଥାଏ, ତାହାକୁ ବ୍ୟବହାର କରି ମହାପ୍ରସାଦ ପ୍ରସ୍ତୁତ କରାଯାଇଥାଏ। ପ୍ରଶାସନ ଯଦି ଠିକ୍ ଘିଅ ଭିତରକୁ ଛାଡ଼ିବ ତେବେ ଭଲ ଜିନିଷ ପ୍ରସ୍ତୁତ ହେବ। ଭଲ ଘିଅ ପାଇଁ ଗୋଶାଳାର ମଧ୍ୟ ଆବଶ୍ୟକତା ରହିଛି। ଭକ୍ତମାନେ ମହାପ୍ରସାଦକୁ ଶୁଖାଇ ବହୁଦିନ ପର୍ଯ୍ୟନ୍ତ ନିର୍ମାଲ୍ୟ ରୂପେ ପାଇଥାନ୍ତି। ମହାପ୍ରସାଦ ସହିତ ଭକ୍ତଙ୍କ ଭାବାବେଗ ଜଡ଼ିତ। ମହାପ୍ରସାଦର ମାନ ପରୀକ୍ଷା କରିବା ଜଗନ୍ନାଥଙ୍କୁ ଅପମାନ ସଦୃଶ। ତେଣୁ ଆଇନମନ୍ତ୍ରୀ ତାଙ୍କ ମନ୍ତବ୍ୟରୁ ଓହରିବା ଆବଶ୍ୟକ। ଅପରପକ୍ଷେ ଶ୍ରୀମନ୍ଦିର ବାହାରେ ଅନେକ ଦୋକାନରେ ବିଭିନ୍ନ ତେଲରେ ଖଜା ପ୍ରସ୍ତୁତ ସହ ପ୍ରସାଦ କହି ଭକ୍ତଙ୍କୁ ବିକ୍ରି କରାଯାଉଛି। ଶ୍ରୀମନ୍ଦିରରେ ପ୍ରସ୍ତୁତ ହେଉଥିବା ଭୋଗ ବାହାରେ ବିକ୍ରି କରାଯାଇପାରିବନାହିଁ ବୋଲି ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି। ମାତ୍ର ପ୍ରଶାସନର ଅବହେଳା ଯୋଗୁ ବାହାରେ ଭକ୍ତଙ୍କୁ ମହାପ୍ରସାଦ କହି ଖଜା ବିକ୍ରି କରାଯାଉଛି। ଏହାକୁ ପ୍ରଶାସନ ଟ୍ୟାଗ୍ ଦେଉ, ଯାହାର ଦରକାର ସେ ଶ୍ରୀମନ୍ଦିରରୁ ଖଜା ନେଇ ଦୋକାନରେ ବିକ୍ରି କରନ୍ତୁ। ଫଳରେ ଭକ୍ତମାନେ ଉଚିତ ଭୋଗ ପାଇପାରିବେ। ଦୋକାନଗୁଡ଼ିକରେ ବିକ୍ରି ହେଉଥିବା ଖଜାର ମାନ ଯାଞ୍ଚ କରାଯାଉ ବୋଲି ପଦ୍ମନାଭ କହିଛନ୍ତି। ଉଲ୍ଲେଖ ଥାଉ କି, ଅନେକ ଭକ୍ତ ଓ ସେବାୟତ ମଧ୍ୟ ମହାପ୍ରସାଦ ମାନ ଯାଞ୍ଚକୁ ନାପସନ୍ଦ କରିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରବିବାର ଅନୁଷ୍ଠିତ ତ୍ରୟୋଦଶ ଜୟକିରଣ ସମ୍ମାନ ପ୍ରଦାନ ଉତ୍ସବରେ ସମ୍ମାନିତ ବ୍ୟକ୍ତିତ୍ୱଙ୍କ ସହ ଅତିଥି।

## ଆଶାଲତା ଦାଶଙ୍କୁ ଜୟକିରଣ ସମ୍ମାନ

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଜୟକିରଣ ଟ୍ରଷ୍ଟ ପକ୍ଷରୁ ତ୍ରୟୋଦଶ ଜୟକିରଣ ସମ୍ମାନ ପ୍ରଦାନ ଉତ୍ସବ ରବିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବିଧାୟକ ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଓ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଅତିଥିଭାବେ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀ ଦମ୍ପତି ପୂର୍ବତନ ବିଧାୟକ ସ୍ୱର୍ଗତ ଜୟକୃଷ୍ଣ ମହାନ୍ତି ଓ ପୂର୍ବତନ ବିଧାୟିକା ସ୍ୱର୍ଗତ କିରଣଲେଖା ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ଜୟକିରଣ ଟ୍ରଷ୍ଟ ଅନେକ ସାମାଜିକ କାର୍ଯ୍ୟକ୍ରମ କରୁଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ସମାଜସେବୀ ଆଶାଲତା ଦାଶଙ୍କୁ 'ଜୟକିରଣ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ନିରଞ୍ଜନ ପାତ୍ରଙ୍କୁ 'ଗୁରୁ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ସମର୍ପିତ ସମ୍ମାନ' ଦିଆଯିବା ସହ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କୁ 'ଗୁରୁ ଗଙ୍ଗାଧର ପ୍ରଧାନଙ୍କୁ ସମର୍ପିତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ସୁମିତ୍ରା ଜେନା ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ କହିଥିବାବେଳେ ଅନ୍ୟତମ ସଦସ୍ୟ ସ୍ତମ୍ଭକାର ପ୍ରହ୍ଲାଦ ସିଂ ବକ୍ତବ୍ୟ ରଖିଥିଲେ। ଗୁରୁ ଗୋପାଳଚନ୍ଦ୍ର ପଣ୍ଡା ଓ ଗୁରୁ ସଚ୍ଚିକାନ୍ତ ନାୟକଙ୍କ ସ୍ୱର ସଂଯୋଜନାରେ ଜାତୀୟ କବି ବୀର କିଶୋରଙ୍କ ରଚିତ ବୀର ଗୀତି ପରିବେଷଣ କରାଯାଇଥିଲା। ଏହାକୁ ପରିବେଷଣ କରିଥିଲେ ଡ. ମିତାଲି ଚିନାରା, ସଚ୍ଚିକାନ୍ତ ନାୟକ, ସଙ୍ଗୀତା ପଣ୍ଡା ଓ ରୂପକ ପରିଡ଼ା। ଶ୍ରୀନିବାସ ଓ ଅଗ୍ନିମିତ୍ରଙ୍କ ନିର୍ଦ୍ଦେଶନାରେ 'ଶିବାଗ୍ନି' କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ଆତ୍ମିକ ସଙ୍ଗୀତ 'ଅନ୍ତଃଧ୍ୱନି' ପରିବେଷଣ କରାଯାଇଥିଲା।



କଣ୍ଠଶିଳ୍ପୀମାନେ ବୀର ଗୀତି ପରିବେଷଣ କରୁଛନ୍ତି।

## ମା', ନାବାଳିକା ଝିଅଙ୍କୁ ଧକ୍କା ଦେଲା କାର୍, ୩ ଅଟକ

ବାରଙ୍ଗ/ତ୍ରିଶୂଳିଆ୨୯।୯(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅଧୀନ ଗୋଡ଼ିସାହି ଗାଁରେ ଜଣେ ମହିଳା ଓ ତାଙ୍କ ୭ ବର୍ଷୀୟ ଶିଶୁ କନ୍ୟାଙ୍କୁ ଏକ ବୋଲେରୋ ଧକ୍କା ଦେବାରୁ ଦୁହେଁ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଛନ୍ତି। ବୋଲେରୋରେ ଥିବା ୫ ଜଣଙ୍କ ମଧ୍ୟରୁ ଗ୍ରାମବାସୀ ୩ ଜଣଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି। ଗୋଡ଼ିସାହି ଫାଣ୍ଡି ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟ ୨ ଜଣ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ତେବେ ଯୁବକମାନେ ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ, ରବିବାର ରାତିରେ ଗ୍ରାମରେ ଭସାଣି ଥିବାବେଳେ ପ୍ରକାଶ ବେହେରାଙ୍କ ସ୍ତ୍ରୀ ରାଜଶ୍ରୀ ବେହେରା ଓ ଝିଅ ତନ୍ୟାଶ୍ରୀ ବେହେରା ଏବଂ ସ୍ଥାନୀୟ ଲୋକେ ଭସାଣି ଦେଖିବାକୁ ରାସ୍ତା ଉପରେ ଅପେକ୍ଷା କରିଥିଲେ। ସେହି ସମୟରେ ଏକ ବୋଲେରୋ (ଓଡ଼ି ୦୨– ସିଡବ୍ଲୁ –୦୯୦୬) ବାରଙ୍ଗ ପଟୁ ଦ୍ରୁତଗତିରେ ଆସୁଥିବାବେଳେ ମା', ଝିଅଙ୍କୁ ଗୋଡ଼ିସାହି ପାଖରେ ଧକ୍କା ଦେଇଥିଲା। ପରେ ଆଉ ୨ଟି ବାଇକ୍‌କି ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ସେମାନେ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଗାଡ଼ିଟି ଭାରସାମ୍ୟ ହରାଇ ନିକଟ ଏକ ଗହିରା ବିଲ ଭିତରକୁ ପଶି ଯାଇଥିଲା। ଏହି ସମୟରେ ଗ୍ରାମବାସୀ ୩ ଜଣ ଯୁବକଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ।

# ଗ୍ରାମାଞ୍ଚଳରୁ ହିଁ କୃଷକ ସଶକ୍ତ, ଆତ୍ମନିର୍ଭରଶୀଳ

## ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ପକ୍ଷରୁ କୃଷି କନ୍‌କ୍ଲେଭ୍

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)




ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମ୍ମାନ ପ୍ରଦାନ କରୁଛନ୍ତି।

କୃଷି ଆମ ଅର୍ଥନୀତିର ମାନଦଣ୍ଡ। ରାଷ୍ଟ୍ରର ବିକାଶ ଦିଗରେ କୃଷି ଓ କୃଷକଙ୍କ ପ୍ରାଥମିକତାକୁ ଅଣଦେଖା କରାଯାଇ ନ ପାରେ। କୃଷି ଓ କୃଷକର ବିକାଶ ଗ୍ରାମାଞ୍ଚଳରୁ ହିଁ ଆରମ୍ଭ ହୋଇଥାଏ। ଏହା ସେମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିଥାଏ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ କୃଷିରତ ମହିଳା ଅନୁସନ୍ଧାନ କେନ୍ଦ୍ର(ସିୱା)ଠାରେ 'କୃଷି କନ୍‌କ୍ଲେଭ ୨୦୨୪' ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ମଲ୍ଲିକ କୃଷି ଓ କୃଷକଙ୍କ ବିକାଶ ଓ କୃଷି ଷ୍ଟାର୍ଟଅପ୍ ସମ୍ପର୍କରେ କହିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ଲାଭ ଶେଷ ମୁଣ୍ଡରେ ଥିବା ଚାଷୀଟିଏ ଯେପରି ପାଇପାରିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ପୂର୍ବତନ ରାଜ୍ୟସଭା ସଦସ୍ୟ ସୁଜିତ୍ କୁମାର, ମେୟର ସୁଲୋଚନା ଦାସ, ସୋରଡ଼ାର ବିଧାୟକ ନୀଳମଣି ବିଶୋୟୀ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସିୱାର ନିର୍ଦ୍ଦେଶିକା ଡ. ମୃଦୁଳା ଦେବୀ, ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋର ଉପଦେଷ୍ଟା ସୌମ୍ୟଶ୍ରୀ ପାଣିଗ୍ରାହୀ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ସଫଳ କୃଷି ବୈଜ୍ଞାନିକ ଡ. ଶୁଭାଶିଷ ବଳ, ସଫଳ ଚାଷୀ ବରଦା ପ୍ରସନ୍ନ ରାଉତ, ସୁଜନ ମୁଦୁଲି, ସଂଯୁକ୍ତା କର, ସଫଳ ଜୈବ ଚାଷୀ ନଟବର ଷଡ଼ଙ୍ଗୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

କୃଷକ, କୃଷି ବୈଜ୍ଞାନିକ, ମହିଳା ଚାଷୀମାନେ ଅଂଶଗ୍ରହଣ କରି କୃଷି ଓ କୃଷକର ବିକାଶ ଦିଗରେ ଆଲୋଚନା କରିଥିଲେ। ଜଳବାୟୁ ପରିବର୍ତ୍ତନ ଓ କୃଷି, ସଫଳତା ପଥେ ଶ୍ରୀଅନ୍ନ, ବିକଶିତ ଓଡ଼ିଶା ଗଠନରେ ମହିଳା ଓ ଷ୍ଟାର୍ଟଅପ୍ ତଥା ମତ୍ସ୍ୟ ସମ୍ପଦର ବିକାଶ ଓ ମତ୍ସ୍ୟ ଚାଷୀ ଉପରେ ୪ଟି ବୈଷୟିକ ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ କୃଷି, କୃଷକ ଓ ଯୁବକଙ୍କ ସମନ୍ୱୟ ଓ ସମାଗ୍ରିକ ବିକାଶ ଉପରେ ଆଲୋଚନା କରାଯାଇଥିଲା। ଉତ୍ସବରେ ମାଣ୍ଡିଆ ରାଣୀ ରାଇମତି ଘିଉରିଆ ଯୋଗଦେଇ ତାଙ୍କ ମାଣ୍ଡିଆ ଚାଷ ଅଭିଜ୍ଞତା ଉପସ୍ଥିତ ବୁଦ୍ଧିଜୀବୀ ଓ କୃଷକଙ୍କୁ ବଖାଣିଥିଲେ। ଆଗାମୀ ଦିନରେ ଏପରି କୃଷି କନ୍‌କ୍ଲେଭ ଆୟୋଜନ କରାଯାଇ କୃଷକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଗ୍ରାମାଞ୍ଚଳରେ ଏହାକୁ ପ୍ରସାର କରିବା ଦିଗରେ ଚେଷ୍ଟା କରିବୁ ବୋଲି ଏହାର ନିର୍ଦ୍ଦେଶିକା ଡି. ସ୍ୱାତୀ କହିଛନ୍ତି। ଏଥିସହ ବିଭିନ୍ନ ଅଧିବେଶନରେ ମଧ୍ୟ ଚାଷୀ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଶ୍ୟାମଳ ସୁବର୍ଣ୍ଣ ପତ୍ରିକାର ଗ୍ରୁପ୍ ଏଡିଟର ଡି. ଶୁଭମ୍, ମିହିର ରାଉତ, ଶୁଭଶ୍ରୀ ସାହୁ, ଜଗଦାନନ୍ଦ ପ୍ରଧାନ, ବିଶ୍ୱଜିତ ସାହୁ, ଅମନଜିତ ସାହୁ, ବଳରାମ ସେନାପତି, ଭି ସାଇରାଜ, ସବ୍ୟସାଚୀ ପରିଡ଼ା, ସମ୍ବିତ ସୌରଭ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସର୍ବେଶ୍ୱର



@ ନିରଞ୍ଜନ



@ ପ୍ରୀତମ



@ ଲକ୍ଷ୍ମୀଧର



@ ସବ୍ୟସାଚୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସୂର୍ଯ୍ୟମନ୍ଦିର ବୁଲିଲେ ଆମେରିକା ରାଷ୍ଟ୍ରଦୂତ



କୋଣାର୍କ,୨୯।୯
(ଜ୍ୟୋତିରାଜ ମହାନ୍ତି)

ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ଏରିକ୍ ମାଇକେଲ୍ ଗରସେଟ୍ଟି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ଶନିବାର ପୁରୀ ଯାଇ ଶ୍ରୀମନ୍ଦିର ପରିଦର୍ଶନ କରିବା ସହ ସମୁଦ୍ର ସ୍ନାନର ମଜା ନେଇଥିଲେ। ଗରସେଟ୍ଟି ରବିବାର ପୂର୍ବାହ୍ନରେ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିଲେ। ସେ ଏଠାରେ ପହଞ୍ଚିବା ପରେ ପ୍ରଥମେ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଗାଇଡ୍ ବିଶେଶ୍ୱର ଦାଶ ତାଙ୍କୁ ସୂର୍ଯ୍ୟମନ୍ଦିର ବୁଲାଇ ଦେଖାଇବା ସହ ମନ୍ଦିରର ଐତିହ୍ୟ ଓ ଐତିହାସିକ ତଥ୍ୟ ସମ୍ପର୍କରେ ବୁଝାଇଥିଲେ। ମନ୍ଦିରର ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ସେ ଉଲ୍ଲସିତ ହେବା ସହ ବିସ୍ମୟ ପ୍ରକାଶ କରିଥିଲେ। ରାଷ୍ଟ୍ରଦୂତଙ୍କ ଏହି ଗସ୍ତ ସମୟରେ ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ତାଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୁଢ଼ାକେନ୍ଦୁଆଠାରେ ରବିବାର ଆୟୋଜିତ ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ (ବାମରୁ) ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଭାଜପାର ଜିଲା ସଭାପତି ଗୌତମ ରାୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମବାୟ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରଦୀପ କୁମାର ବଳସାମନ୍ତ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ଭାଜପା ଜିଲା ମହିଳା ସଭାନେତ୍ରୀ ବବିତା ମଲ୍ଲିକ।



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମୀ ଓ ଜନସାଧାରଣ।

# ଖୁବ୍‌ଶୀଘ୍ର ବୋର୍ଡ, ନିଗମ ଅଧ୍ୟକ୍ଷ ନିଯୁକ୍ତି: ମନମୋହନ

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)



ମନମୋହନ ସାମଲ

ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ବୋର୍ଡ ଓ ନିଗମରେ ଅଧ୍ୟକ୍ଷ ପଦବୀରେ ନିଯୁକ୍ତି କରାଯିବ। ଭାଜପାର ସଦସ୍ୟତା ଅଭିଯାନ ଶେଷ ହେବା ପରେ ଏହି ପଦଗୁଡ଼ିକରେ ନିଯୁକ୍ତି ଦିଆଯିବ। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏହି ସୂଚନା ଦେଇଛନ୍ତି। ମନମୋହନ କହିଛନ୍ତି, ତାଙ୍କ ଦଳର ସରକାରକୁ ଏବେ ୧୦୦ ଦିନ ପୂରିଛି। ଏହି ସମୟ ଭିତରେ ଶପଥ ଗ୍ରହଣ ଦିନ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ପୂରଣ କରାଯାଇଛି। ସରକାର ଶପଥ ନେବାର ୮ ଘଣ୍ଟା ଭିତରେ ଜଗନ୍ନାଥଙ୍କ ଚାରି ଦ୍ୱାର ଖୋଲାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସୁଭଦ୍ରା ଯୋଜନା ଆରମ୍ଭ କରାଯାଇଛି। ରତ୍ନଭଣ୍ଡାର ଖୋଲିଥିବା ବେଳେ ଖୁବ୍‌ଶୀଘ୍ର ଗଣତି ଆରମ୍ଭ ହେବ। ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା କରିବାକୁ ତାଙ୍କ ସରକାର ନୀତିଗତ ନିଷ୍ପତ୍ତି ନେଇଛି। ଗୋଟିଏ ଗୋଟିଏ କରି ସବୁ କାର୍ଯ୍ୟକ୍ରମ କରାଯାଉଛି। ସେ ଆହୁରି କହିଛନ୍ତି, ଏବେ ଦଳର ସଦସ୍ୟତା ଅଭିଯାନ ଶେଷ ପର୍ଯ୍ୟାୟରେ ଅଛି। ଏହା ସରିବା ପରେ ପରେ ନିଗମ ଓ ବୋର୍ଡ ଚଳାଇବାକୁ ଉପଯୁକ୍ତ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯିବ। ଏନେଇ ଖୁବ୍‌ଶୀଘ୍ର ଆମେ ନିଷ୍ପତ୍ତି ନେବୁ। ଏଥିପାଇଁ ଦଳୀୟ ଓ ମନ୍ତ୍ରୀସ୍ତରରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ବୋର୍ଡ ଓ ନିଗମ ଦାୟିତ୍ୱରେ ଅଭିଜ୍ଞ ତଥା ପ୍ରମୁଖ ବ୍ୟକ୍ତିବିଶେଷ, ଟେକ୍ନିକାଲ ବ୍ୟକ୍ତି, ବୈଜ୍ଞାନିକ, ଏକ୍ସ-ସର୍ଭିସମ୍ୟାନଙ୍କୁ ସାମିଲ କରିବାକୁ ଯୋଜନା କରାଯାଇଛି। ଏଥିପାଇଁ ପଲିସି ପ୍ଲାନିଂ ହୋଇ ସେହି ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ ରବିବାର ସୁଦ୍ଧା ୧୦ ବର୍ଷ ପୂରଣ ହୋଇଛି। ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଏବେ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ପାଲଟିଛି। ସାଧାରଣ ଲୋକଙ୍କ ଅସାଧାରଣ କାର୍ଯ୍ୟ ଓ ସାମର୍ଥ୍ୟ ଲୋକଲୋଚନକୁ ଆଣିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ ତାଙ୍କ ୧୧୪ ତମ 'ମନ୍ କୀ ବାତ୍' ସଂସ୍କରଣରେ ସାନ୍ତାଳୀ ଭାଷାର ପ୍ରଚାର ଓ ପ୍ରସାର ପାଇଁ ମୟୂରଭଞ୍ଜର ଯୁବକ ରାମଜିତ୍ ଟୁଡୁଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନମୋହନ ସାମଲ ନିଜ ମାତୃଭାଷା ସାନ୍ତାଳୀ ଭାଷାକୁ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଲୋକଙ୍କ ପାଖକୁ ଆଣିଥିବା ରାମଜିତ୍ ଟୁଡୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭୁବନେଶ୍ୱରସ୍ଥିତ ଏକ ଘରୋଇ କଲେଜରେ ମନମୋହନ ସାମଲ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ଶୁଣିଥିଲେ।

# ହରିୟାଣା ବିଜୟ ସଂକଳ୍ପ ଯାତ୍ରା କରିବେ ରାହୁଲ

ଚଣ୍ଡିଗଡ଼, ୨୯।୯



ରାହୁଲ ଗାନ୍ଧୀ

ହରିୟାଣା ବିଧାନସଭା ନିର୍ବାଚନରେ ଭାଜପାଠାରୁ କ୍ଷମତା ଛଡ଼ାଇ ନେବା ପାଇଁ କଂଗ୍ରେସ ଜୋର୍‌ଦାର ଉଦ୍ୟମ ଜାରି ରଖିଛି। ରାହୁଲ ଗାନ୍ଧୀ ସୋମବାରଠାରୁ ତାଙ୍କ ପ୍ରଚାରର ଦ୍ୱିତୀୟ ଚରଣରେ ହରିୟାଣା ବିଜୟ ସଂକଳ୍ପ ଯାତ୍ରା ଅବସରରେ ବିଭିନ୍ନ ଜିଲାରେ ପ୍ରଚାର କରିବେ। ତାଙ୍କ ସହ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ସାମିଲ ହୋଇପାରନ୍ତି। ସୋମବାର ରାହୁଲ ଅମ୍ବାଲା ଜିଲାର ନାରାୟଣ ଗଡ଼ରେ ପ୍ରଚାର କରିବା ସହ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ଏହା ପରେ ବିଜୟ ସଂକଳ୍ପ ଯାତ୍ରା ଯମୁନାନଗର ଜିଲା ଏବଂ ଅମ୍ବାଲାର ମୁଲ୍ଲାନା ଅତିକ୍ରମ କରି ସନ୍ଧ୍ୟାରେ କୁରୁକ୍ଷେତ୍ରର ଥାନେସାରଠାରେ ରାହୁଲ ଏକ ସଭା କରିବେ। ଅକ୍ଟୋବର ୫ରେ ନିର୍ବାଚନ ହେବାକୁ ଥିବାବେଳେ ୩ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ରାହୁଲଙ୍କ ଯାତ୍ରା ଜାରି ରହିବ। ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡା, କୁମାରୀ ସେଲ୍‌ଜାଙ୍କ ସମେତ ରାଜ୍ୟ କଂଗ୍ରେସ ନେତାମାନେ ସାମିଲ ହେବେ ବୋଲି ଜଣାପଡ଼ିଛି।

# ପ୍ରକାଶ କରାତ୍ ସିପିଏମ୍ ପଲିଟବ୍ୟୁରୋ, କେନ୍ଦ୍ରୀୟ କମିଟି କୋଅର୍ଡିନେଟର

ନୂଆଦିଲ୍ଲୀ, ୨୯।୯



ପ୍ରକାଶ କରାତ୍

ସିପିଆଇ(ଏମ୍)ର ବରିଷ୍ଠ ନେତା ପ୍ରକାଶ କରାତ୍‌ଙ୍କୁ ଦଳ ପଲିଟ୍‌ବ୍ୟୁରୋ ଏବଂ କେନ୍ଦ୍ରୀୟ କମିଟିର କୋଅର୍ଡିନେଟର କରାଯାଇଛି। ଆସନ୍ତାବର୍ଷ ଏପ୍ରିଲରେ ୨୪ତମ ପାର୍ଟି କଂଗ୍ରେସ ଅନୁଷ୍ଠିତ ହେବାକୁ ଥିବାବେଳେ ସେ ପର୍ଯ୍ୟନ୍ତ ଅନ୍ତରୀଣ ବ୍ୟବସ୍ଥା ସ୍ୱରୂପ କରାତ କୋଅର୍ଡିନେଟର ରହିବେ। ସେପ୍ଟେମ୍ବର ୧୨ରେ ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ପରଲୋକ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। କରାତ ଦଳର ସର୍ବବରିଷ୍ଠ ନେତା ଏବଂ ସେ ୨୦୦୫ରୁ ୨୦୧୫ ଏହାର ସାଧାରଣ ସମ୍ପାଦକ ଥିଲେ।

୧୯୪୮ ଫେବୃଆରୀ ୭ରେ ମ୍ୟାନ୍‌ମାରରେ ଜନ୍ମିତ କରାତ ଚେନ୍ନାଇରେ ଶିକ୍ଷା ଶେଷ ପରେ ରାଜନୀତିରେ ସ୍ନାତକୋତ୍ତର ଶିକ୍ଷା ପାଇଁ ବ୍ରିଟେନ ଯାଇଥିଲେ। ଏହି ସମୟରେ ସେ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ। ୧୯୭୦ରେ ଭାରତ ଫେରି ସେ ଜେଏନ୍‌ୟୁରେ ଯୋଗଦେବା ସହ ସିପିଆଇ(ଏମ୍) ନେତା ଏ.କେ. ଗୋପାଳନଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ)ର ଅନ୍ୟତମ ପ୍ରତିଷ୍ଠାତା କରାତ ୧୯୭୪ରୁ ୧୯୭୯ ପର୍ଯ୍ୟନ୍ତ ଏହାର ଅଧ୍ୟକ୍ଷ ଥିଲେ। ସେ ସିପିଆଇ(ଏମ୍) ଦିଲ୍ଲୀ କମିଟିର ସମ୍ପାଦକ ହେବା ସହ ୧୯୮୫ରେ ଦଳର କେନ୍ଦ୍ରୀୟ କମିଟିକୁ ନିର୍ବାଚିତ ହୋଇ ୧୯୯୨ରେ ପଲିଟ୍‌ବ୍ୟୁରୋ ସଦସ୍ୟ ହୋଇଥିଲେ।



ହରିୟାଣା ବିଧାନସଭା ନିର୍ବାଚନ ପାଇଁ କର୍ନାଲରେ ରବିବାର ଆୟୋଜିତ ଭାଜପା ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ଓ ଦଳୀୟ ନେତାମାନେ।

# ରାହୁଲ ମିଛର ମେଶିନ୍: ଶାହା

ଗୁରୁଗ୍ରାମ/କର୍ନାଲ, ୨୯।୯

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ 'ମିଛର ମେଶିନ୍' ହୋଇଥିବାରୁ ତାଙ୍କ ମୁହଁରୁ ସବୁବେଳେ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ସମ୍ପର୍କରେ ମିଛ କଥା ବାହାରୁଛି ବୋଲି ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମାଲୋଚନା କରିଛନ୍ତି। ହରିୟାଣା ବିଧାନସଭା ନିର୍ବାଚନକୁ ୫ ଦିନ ବାକି ଥିବାବେଳେ ଗୁରୁଗ୍ରାମ ଓ କର୍ନାଲରେ ଭାଜପା ସଭାକୁ ସମ୍ବୋଧିତ କରି ଶାହା କହିଛନ୍ତି, ବିରୋଧୀ ଦଳ ନେତା ରାହୁଲ ସେନାରେ ଅଗ୍ନିବୀରଙ୍କ ନିଯୁକ୍ତିକୁ ନେଇ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଛନ୍ତି। ସେନାରେ ଭର୍ତ୍ତି ହେଉଥିବା ପ୍ରତି ୧୦ ଯବାନଙ୍କ ମଧ୍ୟରୁ ଜଣେ ହରିୟାଣାରୁ ଯାଇଥାନ୍ତି। ଇନ୍ଦିରା ଗାନ୍ଧୀଙ୍କଠାରୁ ନେଇ ମନମୋହନ ସିଂଙ୍କ ପର୍ଯ୍ୟନ୍ତ କୌଣସି କଂଗ୍ରେସୀ ପ୍ରଧାନମନ୍ତ୍ରୀ 'ୱାନ୍ ର୍‍ୟାଙ୍କ ୱାନ୍ ପେନ୍‌ସନ' ଦିଗରେ କାର୍ଯ୍ୟ କଲେ ନାହିଁ। କିନ୍ତୁ ମୋଦି ସରକାର କ୍ଷମତାକୁ ଅସିବା ପରେ ୨୦୧୫ରେ ଯବାନଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କଲେ।

ଶାହା ଆହୁରି କହିଛନ୍ତି, ରାହୁଲଙ୍କ ନିର୍ବାଚନୀ ଗ୍ୟାରେଣ୍ଟି ଏକ କ୍ରପର, ଯାହାକି ହିମାଚଳ ପ୍ରଦେଶ ଓ କର୍ନାଟକରେ ପ୍ରମାଣିତ ହୋଇଛି। କଂଗ୍ରେସ ଏହି ୨ ରାଜ୍ୟରେ କ୍ଷମତାକୁ ଆସିବା ପରେ ରାହୁଲ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିର ଅନୁପାଳନ କରୁନାହିଁ। କ୍ରପର୍ କାଟିନେବା ଭଳି ପ୍ରତିଶ୍ରୁତି କମି କମି ଯାଉଛି।

# ରଙ୍ଗବଦଳା ରାଜନୀତିରୁ ମୁଖ୍ୟମନ୍ତ୍ରୀ କ୍ଷାନ୍ତ ରୁହନ୍ତୁ: ବିଜେଡି

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)

ଯାଜପୁର ବଡ଼ଚଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଡିକୁ ଟାର୍ଗେଟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ପାଲଟା ଜବାବ ଦେଇ ବିଜେଡି ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ କହିଛନ୍ତି, ନଗଡ଼ା ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ ବିଭ୍ରାନ୍ତ କରୁଛନ୍ତି। ରଙ୍ଗବଦଳା ରାଜନୀତିରୁ ମୁଖ୍ୟମନ୍ତ୍ରୀ କ୍ଷାନ୍ତ ରୁହନ୍ତୁ। ଦେଶରେ ଭାଜପା ଶାସିତ ରାଜ୍ୟ ଗୁଜରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ବିହାର ଓ ଉତ୍ତରପ୍ରଦେଶର ତଥ୍ୟ ସାଙ୍ଗକୁ ପୋଷଣ କ୍ଷେତ୍ରରେ ଜାତୀୟ ହାରର ତଥ୍ୟ ଉପସ୍ଥାପନ କରିଛନ୍ତି। ଜାତୀୟ ହାର ସାଙ୍ଗକୁ ଏହିସବୁ ଭାଜପା ଶାସିତ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ବେଶ୍ ଭଲ। ସେହିପରି ନଗଡ଼ାର ବିକାଶ ପାଇଁ ନବୀନ ସରକାର ନେଇଥିବା ବିଭିନ୍ନ ପଦକ୍ଷେପର ତାଲିକା ଦେଖାଇ କହିଛନ୍ତି, ନଗଡ଼ା ତଳେ ନବୀନ ୨୦୦ ପିଲାଙ୍କ ଲାଗି ଏକ ହଷ୍ଟେଲ ନିର୍ମାଣ କରିସାରିଛନ୍ତି। ତାହାକୁ ତୁରନ୍ତ ଉଦ୍‌ଘାଟନ କରନ୍ତୁ। ଫଳରେ ନଗଡ଼ାର ପିଲା ଉପକୃତ ହେବେ। ସେହିପରି ଯାଜପୁରକୁ ୩ଟି ପରିବାର ଲୁଟି ଖାଇଛନ୍ତି ବୋଲି ମୋହନ ମାଝୀଙ୍କ ବକ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେଉଁ ୩ଟି ପରିବାର ଲୁଟିଛନ୍ତି ସେ କଥା ମୁଖ୍ୟମନ୍ତ୍ରୀ କୁହନ୍ତୁ ବୋଲି ସୁଲତା ପ୍ରଶ୍ନ କରିଛନ୍ତି।

# ୨ରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)

ଗାନ୍ଧୀ ଜୟନ୍ତୀଠାରୁ ବିଜେଡି ଦୁଇଟି ପର୍ଯ୍ୟାୟରେ ଜନସମ୍ପର୍କ ପଦଯାତ୍ରା ଅଭିଯାନ ଆରମ୍ଭ କରିବ। ଏହି ବିଷୟରେ ଦଳ ପକ୍ଷରୁ ନୂତନ ଭାବେ ତିଆରି ହୋଇଥିବା କମିଟି, ରାଜ୍ୟର ସମସ୍ତ କାର୍ଯ୍ୟକର୍ତ୍ତା, ବିଧାୟିକା/ବିଧାୟକ ପ୍ରାର୍ଥୀ, ବ୍ଲକ ଓ ନଗର କର୍ମକର୍ତ୍ତାଙ୍କ ସହିତ ନିର୍ବାଚନମଣ୍ଡଳୀର ନେତାଙ୍କୁ ଜନସମ୍ପର୍କ ପଦଯାତ୍ରା ସମ୍ପର୍କରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଚିଠି ଲେଖି ସୂଚନା ଦେଇଛନ୍ତି। ୧୫ ଦିନ ଧରି ଏହି ପଦଯାତ୍ରା କରାଯିବ। ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୨ରୁ ଆରମ୍ଭ ହୋଇ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପୁଣି ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ୨ୟ ପର୍ଯ୍ୟାୟ ଜନସମ୍ପର୍କ ପଦଯାତ୍ରା ଅଭିଯାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ୯ ସମିତି ସଭ୍ୟାସଭ୍ୟ ଭାଜପାରେ ସାମିଲ

## କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପାଇଁ ଅଡୁଆ ବଢ଼ିଲା

କୁଜଙ୍ଗ, ୨୯।୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ୯ ଜଣ ସମିତି ସଭ୍ୟାସଭ୍ୟ ରବିବାର ରାତିରେ ବିଜେଡି ଛାଡ଼ି ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଏହା ଦ୍ୱାରା ଭାଜପା ସଦସ୍ୟ ସଂଖ୍ୟା ୧୨ରେ ପହଞ୍ଚିଛି। ଫଳରେ ୨୮ ସଦସ୍ୟ ବିଶିଷ୍ଟ ପଞ୍ଚାୟତ ସମିତିର ଅଧ୍ୟକ୍ଷାଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ନିର୍ବାଚନ ପୂର୍ବରୁ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ତ୍ରିଲୋଚନ ତରାଇଙ୍କ ନେତୃତ୍ୱରେ ଜିରୋ ପଏଣ୍ଟସ୍ଥିତ ଭାଜପା କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏଥିରେ ଯୋଗଦେଇ ଉତ୍ତରୀୟ ପକାଇ ସମସ୍ତଙ୍କୁ ଦଳରେ ସାମିଲ କରିବା ସହ ସ୍ୱାଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସମ୍ପଦ କହିଥିଲେ, ଭାଜପା ନିର୍ବାଚିତ ପ୍ରତିନିଧିମାନଙ୍କୁ ସବୁବେଳେ ସମ୍ମାନ ଦିଏ ଓ ସ୍ୱାଧୀନ ଭାବେ କାମ କରିବାର ସୁଯୋଗ ଦିଏ। ବିଗତ ସରକାରରେ ପାରାଦୀପରେ ମାଫିଆରାଜ ଚାଲିଥିଲା। ପାରାଦୀପ ପୌରାଞ୍ଚଳଠାରୁ କୁଜଙ୍ଗ ବ୍ଲକ ପର୍ଯ୍ୟନ୍ତ ଯେଉଁମାନେ ବିଜେଡିର ନେତୃତ୍ୱ ନେଉଛନ୍ତି ସେମାନଙ୍କ ମଧ୍ୟରେ ହତ୍ୟାକାରୀ ଓ ମାଫିଆ ରହିଛନ୍ତି। ଭାଜପାରେ ସାମିଲ ହୋଇଥିବା ସଭ୍ୟାସଭ୍ୟମାନେ ହେଲେ କୁଜଙ୍ଗ ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ନାୟକ, ମଙ୍ଗରାଜପୁର ସମିତି ସଭ୍ୟା ପଙ୍କଜିନୀ ତରାଇ, ଗୋରଡ ସମିତିସଭ୍ୟା ମେନକା ପରିଡ଼ା, ଭୂତମୁଣ୍ଡାଇ ସମିତି ସଭ୍ୟ କେଦାର ମାଝି, ଗରେଇ ସମିତି ସଭ୍ୟା ଦୀପ୍ତିମୟୀ ପଣ୍ଡା, ବଗଦିଆ ସମିତି ସଭ୍ୟ ପବିତ୍ର ସେଠୀ, ପାଟପୁର ସଭ୍ୟ ଜ୍ୟୋତି ପ୍ରକାଶ ପାଣି, ଗଣ୍ଡକିପୁର ସମିତିସଭ୍ୟା ବିଳିନା ସାମଲ ଓ ବାଲିଆ ସଭ୍ୟ ହପିନା ଦାସ। ସଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ସମାବେଶରେ ଭାଜପା ଜିଲା ସମ୍ପାଦକ ତପନ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଭାଜପାରେ ସାମିଲ ହୋଇଥିବା ସମିତି ସଭ୍ୟାସଭ୍ୟମାନେ।

# ସଂଗଠନ ମଜଭୁତ କରିବାକୁ ଆହ୍ୱାନ

ରସୁଲପୁର, ୨୯।୯(ରଞ୍ଜିତ ରାଉତ)

ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀର ରସୁଲପୁର ବ୍ଲକ ଶାଖା ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ରବିବାର ସନ୍ଧ୍ୟାରେ କୁଆଖିଆସ୍ଥିତ ଏସ୍‌କେ ଲଜିଂ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଦଳର ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, କର୍ମୀମାନେ ନେତା ତିଆରି କରନ୍ତି, ମାତ୍ର ନେତାଙ୍କ ପାଖରେ କର୍ମୀ ସ୍ଥାୟୀ ହୋଇ ନ ଥାଆନ୍ତି। ସଂଗଠକ ଓ ସକ୍ରିୟ କର୍ମୀ ଦଳର ଶକ୍ତି, ସେମାନେ ଦଳକୁ ଯେମିତି ପରିଚାଳନା କରିବେ ସେହି ଆଧାରରେ ଦଳ ଚାଲିବ। ଦଳରେ ଗୋଷ୍ଠୀ କନ୍ଦଳକୁ ପ୍ରଶ୍ରୟ ଦିଆଯିବନାହିଁ। ସମସ୍ତେ ଏକାଠି ହୋଇ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶକୁ ପ୍ରତିଷ୍ଠିତ କରିବା ପାଇଁ କାମ କରିବାକୁ ସେ ଉପସ୍ଥିତ ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ଓ ନେତୃମଣ୍ଡଳୀଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଯାଜପୁର ପୌରାଧକ୍ଷ ଭବପ୍ରକାଶ ଦାସ, ଯୁବନେତା ପ୍ରତାପ ମହାନ୍ତି, ତାରକେଶ୍ୱର ମହାନ୍ତି, ମନୋଜ ରାଉତ ଓ ଚନ୍ଦ୍ରଶେଖର ସାମଲ ପ୍ରମୁଖ ଯୋଗଦେଇଥିଲେ। ରସୁଲପୁର ବ୍ଲକରୁ କୋରେଇ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ନରସିଂହପୁର, ମୁଗୁପାଳ, ବାହାଦଲାପୁର, ଭୋଟକା, ଗନ୍ଧଣ, ବଡ଼କଇଞ୍ଛି, ଟିକରପଡ଼ା, ପହଁଗା, ଲକ୍ଷ୍ମୀନଗର ଆଦି ପଞ୍ଚାୟତର ଜନପ୍ରତିନିଧି, ଛାମୁଆ ସଂଗଠକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିଜେଡି ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ନଭେମ୍ବର ୨



କୁଆଖିଆସ୍ଥିତ ଏସ୍‌କେ ଲଜିଂ ସମ୍ମିଳନୀ କକ୍ଷରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓ ଅନ୍ୟମାନେ।

## କୋରେଇ ବିଜେଡିର ସାଙ୍ଗଠନିକ ବୈଠକ

ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ବିଭିନ୍ନସ୍ଥାନରେ ପଦଯାତ୍ରା ଅନୁଷ୍ଠିତ ହେବ। ଏଥିରେ ନେତା ଓ କର୍ମୀ ଗାଁ ବୁଲି ରାଜ୍ୟରେ ଚାଲିଥିବା ଭାଜପା ସରକାରଙ୍କ ବିଫଳତା ଓ ପୂର୍ବର ନବୀନ ସରକାରଙ୍କ ଶାସନ କାଳରେ କାର୍ଯ୍ୟକାରୀ କରାଯାଇଥିବା ଲୋକାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ବୁଝାଇବେ। ଏହାଛଡ଼ା ପଞ୍ଚାୟତର ସଂଗଠନକୁ ମଜଭୁତ କରି ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳ କିପରି ତା'ର ପ୍ରଭାବକୁ ବଜାଇ ରଖିପାରିବ ସେ ଦିଗରେ ପ୍ରୟାସ କରାଯିବ। ଏଥିପାଇଁ ସମସ୍ତେ ମତାନ୍ତର ମନାନ୍ତରକୁ ଭୁଲି ଏକ ହୋଇ କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

# ବିଳାସପୂର୍ଣ୍ଣ କାର ନିର୍ମାତାଙ୍କ ପାର୍ବଣ ଉପହାର

ଭୁବନେଶ୍ୱର,୨୯।୯

ଚଳିତ ପାର୍ବଣ ପୂର୍ବରୁ ବିଳାସପୂର୍ଣ୍ଣ କାର ନିର୍ମାତାଗୁଡିକଙ୍କ ପକ୍ଷରୁ ଫେଷ୍ଟିଭ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ପାର୍ବଣ ଋତୁରେ ଗାଡି ବ୍ରିକି ବୃଦ୍ଧି ପାଇଁ ଆକର୍ଷଣୀୟ ଅଫର ଓ ଆଖିଦୃଶିଆ ଇଏମଆଇ ଭଳି ସୁବିଧା ଗ୍ରାହକଙ୍କୁ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ବ୍ୟାପକ ପାର୍ବଣ ଉପହାର ମଧ୍ୟ ପ୍ରଦାନ ପାଇଁ ଯୋଜନା କରିଛନ୍ତି। ଅପରପକ୍ଷରେ ବିଳାସପୂର୍ଣ୍ଣ କାର ବ୍ରାଣ୍ଡ ଗୁଡିକର ବିକ୍ରି ମାନ୍ଦା ପଡିଯାଇଥିଲାବେଳେ ବ୍ରିକି ଅଭିବୃଦ୍ଧିରେ ସୁଧାର ଆଣିବା ପାଇଁ ଏଭଳି ଏକ ଆକର୍ଷଣୀୟ ଅଫର ଆଶାୟୀ ଗ୍ରାହକମାନଙ୍କୁ ଯୋଗାଇ ଦେବାକୁ ବିଳାସପୂର୍ଣ୍ଣ କାର କମ୍ପାନୀଗୁଡିକ ପକ୍ଷରୁ ଯୋଜନା କରାଯାଇଥିବା ଅଟୋ ଶିଳ୍ପ ପକ୍ଷରୁ ଆକଳନ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଅଡି, ମର୍ସିଡିଜ, ବିଏମଡବ୍ଲ୍ୟୁ ଭଳି ଭାରତର ବିଳାସପୂର୍ଣ୍ଣ କାର ବଜାରର ପ୍ରମୁଖ ଲିଡରମାନେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଉପରୋକ୍ତ ଯୋଜାନା କରିଛନ୍ତି।

ସେହିଭଳି ଅଡି ଇଣ୍ଡିଆର ମୁଖ୍ୟ ବଲବୀର ସିଂହ ଧୀଲନ କହିଥିଲେ, ଆମେ ଏହି ପାର୍ବଣରେ ଆକର୍ଷଣୀୟ ଅଫର ସାଙ୍ଗକୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛୁ। ଏପରିକି ୧୦୦ ଦିନିଆ ଅଭିଯାନରେ ଏକ ଲକ୍ଷ ଗାଡି ବିକ୍ରି କରିବାକୁ ଆକଳନ କରିଛୁ। ଏପରିକି ବ୍ରାଣ୍ଡର ଲୋକପ୍ରିୟ ମଡେଲଗୁଡିକ ଉପରେ ଆକର୍ଷଣୀୟ ଅଫର, ରିହାତି ଓ ଉପହାର ଭଳି ଅନେକ ସୁବିଧା ଯୋଗାଇ ଦିଆଯିବ।

ସେହିପରି ମର୍ସିଡିଜ ବେଞ୍ଜ ଇଣ୍ଡିଆର ଏମଡି ତଥା ସିଇଓ ସନ୍ତୋଷ ଆୟାର କହିଥିଲେ, ଆମେ ଆମର ସ୍ୱତନ୍ତ୍ର ଅଭିଯାନ 'ଡିଡିସି' ଜରିଆରେ ଆଶାୟୀ ଗ୍ରାହକଙ୍କୁ ଆକର୍ଷଣୀୟ ଉପହାର ଓ ସୁବିଧା ପ୍ରଦାନ କରୁଛୁ।

## ଭାରତରେ କଲିନାନ୍ ସିରିଜ୍-୨ର ଶୁଭାରମ୍ଭ



ବିଶ୍ୱର ପ୍ରିମିୟମ କାର୍ ବ୍ରାଣ୍ଡ୍ ରୋଲ୍‌ସ-ରୟସ୍ ମୋଟର କାର୍‌ସ (ଆର୍‌ଆର୍‌ଏମ୍‌ସି)ର ବହୁ ପ୍ରତୀକ୍ଷିତ ମଡେଲ ତଥା କଲିନାନ୍ ସିରିଜ ୨ର ଅନାବରଣ ହୋଇଥିଲାବେଳେ ଭାରତରେ ଏହାର ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏପରିକି ଭାରତର କଲିନାନ୍ ସିରିଜ୨ର ଶୁଭାରମ୍ଭ ଏସିଆ-ପାସିଫିକ ଅଞ୍ଚଳରେ ବ୍ରାଣ୍ଡ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାର ପ୍ରତିନିଧିତ୍ୱ କରୁଛି ବୋଲି ଆର୍‌ଆର୍‌ଏମ୍‌ସିର ଏସିଆ-ପାସିଫିକ୍ ରିଜିଓନାଲ ଡାଇରେକ୍ଟର ଇରେନ ନିକ୍କିନ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ୨୦୧୮ରେ ଏହାର ପ୍ରଥମ ଶୁଭାରମ୍ଭ ପରଠାରୁ ଏହି ଉଲ୍ଲେଖନୀୟ ମୋଟର କାର୍ ଯୁବପିଢ଼ି ଓ ଗ୍ରାହକଙ୍କ ଅଧିକ ବିବିଧ ଗୋଷ୍ଠୀକୁ ଆକର୍ଷିତ କରିଛି ଏବଂ ଆଜି କଲିନାନ ହେଉଛି ଏହି ସିରିଜର ପୋର୍ଟଫୋଲିଓରେ ସର୍ବାଧିକ ଚାହିଦା ଥିବା ରୋଲ୍‌ସ-ରୟସ୍ କାର୍ ବୋଲି କୁହାଯାଉଛି।

# ପିଜିଆଇର ଏମ୍‌ଏସ୍ ଧୋନି ସିଗ୍‌ନେଚର କଲେକ୍ସନ

ଭୁବନେଶ୍ୱର,୨୯।୯



ପ୍ଲାଟିନମ ଗିଲ୍‌ଡ ଇଣ୍ଟରନ୍ୟାଶନାଲ ବା ପିଜିଆଇ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ସୁକ୍ଷ୍ମ କାରିଗରିରେ ନିର୍ମିତ ମେନ୍ ଅଫ ପ୍ଲାଟିନମ୍ ଏମ୍‌ଏସ୍ ଧୋନି ସିଗ୍‌ନେଚର କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତୀୟ କ୍ରିକେଟ ଜଗତର କିମ୍ବଦନ୍ତୀ ଏମ୍‌ଏସ୍ ଧୋନିଙ୍କ ପ୍ରେରଣାଦାୟୀ ମୂଲ୍ୟବୋଧକୁ ଏହା ଶାଶ୍ୱତ କରୁଛି। ଏହି ସ୍ୱତନ୍ତ୍ର କଲେକ୍ସନରେ ଭରପୂର ଡିଜାଇନ ରହିଛି, ଯାହା ଧୋନିଙ୍କର ଅନନ୍ୟ ଷ୍ଟାଇଲ ଏବଂ ଚମତ୍କାର ଯାତ୍ରାକୁ ପ୍ରତିଫଳିତ କରିବା ସହିତ ତାଙ୍କର ଅତୁଳନୀୟ ବ୍ୟକ୍ତିତ୍ୱ ଓ ମହାନତାକୁ ପ୍ରତିପାଦିତ କରୁଛି।

୯୫% ଶୁଦ୍ଧ ପ୍ଲାଟିନମ୍‌ରେ ପ୍ରସ୍ତୁତ ମେନ୍ ଅଫ ପ୍ଲାଟିନମ୍‌ର ଏହି କଲେକ୍ସନ ସ୍ୱଚ୍ଛ, ଦମଦାର ଲାଇନ ଏବଂ ଏହାର ମୂଳରେ ଅତି ସୂକ୍ଷ୍ମ ଭାବରେ ପ୍ରସ୍ତୁତ କରାଯାଇଛି।

ଏ ସମ୍ପର୍କରେ ପିଜିଆଇ ଇଣ୍ଡିଆର ଏମଡି ବୈଶାଳୀ ବାନାର୍ଜୀ କହିଛନ୍ତି, ଏହି ଅନନ୍ୟ କଲେକ୍ସନରେ ଏମ୍‌ଏସ୍ ଧୋନିଙ୍କ ସହିତ ସହଭାଗିତା କରିବା ଏକ ସୌଭାଗ୍ୟ ଓ ଗୌରବର ବିଷୟ ହୋଇଛି। ଏହି କଲେକ୍ସନରେ ପ୍ରତ୍ୟେକଟି ପିସ୍ ତାଙ୍କର ସିଗ୍‌ନେଚର ବହନ କରୁଛି, ଏହାକୁ ବାସ୍ତବିକ ସ୍ୱତନ୍ତ୍ର କରି ଗଢି ତୋଳୁଛି। ଏହା ଏଭଳି ଏକ ଭାଗୀଦାରି ଯାହା ଅତି ସୁନ୍ଦର ଜୁଏଲେରି ସୃଷ୍ଟି କରିବାର ଊର୍ଦ୍ଧ୍ୱରେ-ଏହା ଆମର ବ୍ରାଣ୍ଡ୍‌କୁ ଗୁଣବତ୍ତା ସହିତ ସମ୍ମିଶ୍ରିତ କରିବା ହୋଇଛି, ଯାହା ବାସ୍ତବରେ ଧୈର୍ଯ୍ୟ, ମଜଭୁତପଣ ଏବଂ ନେତୃତ୍ୱ ଭଳି ଆମ ଗ୍ରାହକମାନଙ୍କ ସହିତ ବାସ୍ତବରେ ମେଳ ଖାଉଛି। ଏମଏସ୍ ଧୋନିଙ୍କ ସହିତ ଏହି ସହଯୋଗିତା ଜରିଆରେ ଆମର ଦୃଢ଼ ବିଶ୍ୱାସ ଯେ ଆମେ ପ୍ଲାଟିନମ୍ ପ୍ରତିନିଧିତ୍ୱ କରୁଥିବା ମୂଲ୍ୟବୋଧକୁ ଅଧିକ ସୁଦୃଢ଼ କରିପାରିବୁ ଏବଂ ଦୀର୍ଘସ୍ଥାୟୀ ସଫଳତାର ପ୍ରତୀକ ଭାବରେ ଏହାର ଗରିମାକୁ ପୁନଃ ଉପରକୁ ଉଠାଇପାରିବୁ।

# ଟିପିସିଓଡିଏଲକୁ ସ୍କଚ୍ ଆୱାର୍ଡ

ଭୁବନେଶ୍ୱର,୨୯।୯

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ବା ଟିପିସିଓଡିଏଲ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତର ସମ୍ମାନ 'ସ୍କଚ୍ ଆୱାର୍ଡ' ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ ଆୟୋଜିତ ୯୯ତମ ସ୍କଚ୍ ଶିଖର ସମ୍ମିଳନୀରେ ଟିପିସିଓଡିଏଲ୍‌କୁ ସ୍କଚ୍ ଆୱାର୍ଡ-୨୦୨୪ ପ୍ରଦାନ କରାଯାଇଛି। ଟିପିସିଓଡିଏଲ୍‌ର ଅତ୍ୟାଧୁନିକ ପଦକ୍ଷେପକୁ ସ୍ୱୀକୃତିସ୍ୱରୂପ 'ଅନ୍‌ଲାଇନ୍ ପେମେଣ୍ଟ ପାଇଁ ଡିଜିଟାଲୀକରଣ'କୁ ଗୋଲ୍ଡ ଆୱାର୍ଡ ଏବଂ 'ପ୍ରୋକ୍ୟୁର୍‌ମେଣ୍ଟ ପ୍ରକ୍ରିୟାର ଡିଜିଟାଲାଇଜେଶନ୍' ପାଇଁ ରୌପ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ଡିଜିଟାଲ ବିଦ୍ୟୁତ୍ ଦେୟରେ ୫ଗୁଣା ବୃଦ୍ଧି ସହିତ ଗ୍ରାହକ ସେବାରେ ଉନ୍ନତି ଆଣିଛି। ପ୍ରୋକ୍ୟୁର୍‌ମେଣ୍ଟର ଡିଜିଟାଲାଇଜେଶନ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିଥିବାବେଳେ ସମୟକୁ ଯଥେଷ୍ଟ ହ୍ରାସ କରିଛି ଏବଂ ବାର୍ଷିକ ଏକ ଟନ୍‌ରୁ ଅଧିକ କାର୍ବନ ନିର୍ଗମନ ହ୍ରାସକରି ଦୀର୍ଘସ୍ଥାୟୀ ପରିବେଶ ଗଠନରେ ଯୋଗଦାନ କରିଛି। ଏ ସମ୍ପର୍କରେ ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଏହି ସମ୍ମାନଜନକ ସ୍ୱୀକୃତି ନବସୃଜନ, ଗ୍ରାହକ ସେବାରେ ଉନ୍ନତି ଏବଂ ପରିଚାଳନା ଗତ ଦକ୍ଷତା ବୃଦ୍ଧି ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପରିକି ନିଷ୍ଠା ଏବଂ କଠିନ ପରିଶ୍ରମ ପାଇଁ ଆମେ ଏହି ସମ୍ମାନ ପାଇଛୁ। ସେହିଭଳି ଡିଜିଟାଲ ରୂପାନ୍ତରଣର ଯାତ୍ରା ଜାରି ରଖି ଆମେ ଏକ ଦୀର୍ଘସ୍ଥାୟୀ ପରିବେଶ ଗଠନ ଲକ୍ଷ୍ୟରେ ଆଗକୁ କାମ ଜାରି ରଖିବୁ।

ଗ୍ରାହକ ସେବା ମାନରେ ଉନ୍ନତି ଆଣିବା ଏବଂ ପ୍ରୋକ୍ୟୁର୍‌ମେଣ୍ଟରେ ଆଧୁନିକ ପ୍ରକ୍ରିୟା ଆପଣାଇବାରେ ଟିପିସିଓଡିଏଲ ଉଲ୍ଲେଖନୀୟ ସଫଳତା, ୟୁଟିଲିଟିର ପରିଚାଳନାରେ ପରିବର୍ତ୍ତନ ଆଣିବା ସହିତ ଡିଜିଟାଲ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରି ସମଗ୍ର ଅଞ୍ଚଳରେ ଦୀର୍ଘସ୍ଥାୟୀ ପରିବେଶ ଗଠନର ପ୍ରୟାସକୁ ଆଗେଇ ନେଉଛି।

# ଅଲ୍ ଓଡ଼ିଶା ସେଲ୍ଫ ଫାଇନାନ୍‌ସିଂ କଲେଜ ସଂଘର ବାର୍ଷିକ ସମ୍ମିଳନୀ




ଭୁବନେଶ୍ୱର,୨୯।୯ (ଅଭୟ ଦାଶ)

ଅଲ୍ ଓଡ଼ିଶା ସେଲ୍ଫ ପାଇନାନ୍‌ସିଂ କଲେଜର ବାର୍ଷିକ ସମ୍ମିଳନୀ ଭୁବନେଶ୍ୱରର ହୋଟେଲ୍ ପୁଷ୍ପକ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାଧାରଣ ସଭା ଓ ବାର୍ଷିକ ସମ୍ମିଳନୀରେ ୧୩୫ କଲେଜର ପ୍ରତିନିଧମାନେ ଯୋଗ ଦେଇଥିଲେ। ଏହି ଅବସରରେ ସଂଘର ପୁରୁଣା ଦାବି ବିଷୟରେ ବିସ୍ତୃତ ଆଲୋଚନା ସହିତ ଉକ୍ତ ଦାବିକୁ କିପରି ସୁଦୃଢ଼ ଭାବେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ସେ ନେଇ ମଧ୍ୟ ସମ୍ମିଳନୀରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

ସେହିଭଳି ନୂତନ ଭାବେ ନିର୍ବାଚିତ ହୋଇଥିବା ସଂଘର ସଭାପତି ସୁବାସ ଚନ୍ଦ୍ର ଦାସ, ଉପସଭାପତି ସଞ୍ଜୟ ସାହୁ, ସମ୍ପାଦକ ପ୍ରଦୀପ ପୃଷ୍ଟି, ସହ ସମ୍ପାଦକ ବିଷ୍ଣୁ ଦାସ ଓ ମୁକେଶ ଚୌବେ ଏବଂ କୋଷାଧ୍ୟକ୍ଷ ସ୍ୱାଗତ ଶେଖର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଂଘର ଉପଦେଷ୍ଟା ତ୍ରିଦେବ୍ ବେହେରା, କେ.ସି. ମହାନ୍ତି, ମନୋଜ ପାଢ଼ୀ, ଅମରିଶ ଦାସ ଏବଂ ଫକୀର କର୍ଣ୍ଣ ପ୍ରମୁଖ ସମ୍ପ୍ରତି ଅନୁଷ୍ଠାନର ସଫଳତା ବିଷୟରେ ପରିପ୍ରକାଶ କରିଥିଲାବେଳେ ଆଗାମୀ ଭବିଷ୍ୟତରେ ସଂଘର ନୂତନ ରୂପରେଖ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ବିଶଦ୍ ଭାବେ ଚର୍ଚ୍ଚା କରାଯାଇଥିଲା। ଏପରିକି ନୂତନ ଶିକ୍ଷାନୀତି ବିଷୟରେ ତ୍ରିଦେବ୍ ବେହେରା ଏବଂ ଅମରିଶ ଦାସ ବିସ୍ତୃତ ଭାବେ ଆଲୋକପାତ (ସମ୍ପୂର୍ଣ୍ଣ ବ୍ୟାଖ୍ୟା) କରିଥିଲେ।

# ୨୧୦୦୦ ଛାତ୍ରୀଙ୍କୁ ଛାତ୍ର ବୃତ୍ତି ଦେବ ମାଲାବାର

ଭୁବନେଶ୍ୱର,୨୯।୯

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମାଲାବାର ଗ୍ରୁପ୍‌ର ଅଗ୍ରଣୀ ବ୍ରାଣ୍ଡ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ବହୁ ପ୍ରତୀକ୍ଷିତ 'ଛାତ୍ର ବୃତ୍ତି' କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇର ଭାରତ ଡାଇମଣ୍ଡ ବୋର୍ସ ବିକେସିଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାଲାବାର ଜାତୀୟ ସ୍କଲାରଶିପ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏପରିକି ବାଳିକାମାନଙ୍କ ଶିକ୍ଷାକୁ ସମର୍ଥନ କରିବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିବଦ୍ଧତାକୁ ଏହା ଦର୍ଶାଉଛି। ସେହିଭଳି ଏହି କାର୍ଯ୍ୟକ୍ରମକୁ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପୀୟଷ ଗୋୟଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାଲାବାର ଗ୍ରୁପ୍‌ର ଇଣ୍ଡିଆ ଅପରେଶନ ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ ଏବଂ ମାଲାବାର ଗ୍ରୁପ୍‌ର ଉପାଧକ୍ଷ ଅବଦୁଲ ସଲାମ କେପିଙ୍କ ସମେତ ଗ୍ରୁପ୍‌ର ଶୀର୍ଷ ନେତୃତ୍ୱ ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତ ବର୍ଷ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଦ୍ୱାରା ସମଗ୍ର ଭାରତରେ ୨୧,୦୦୦ରୁ ଅଧିକ ଛାତ୍ରୀଙ୍କ ଶିକ୍ଷା ସହାୟତା କରିବା ପାଇଁ ୧୬ କୋଟି ଟଙ୍କା ପ୍ରଦାନ କରାଯିବାର ଯୋଜନା କରାଯାଇଛି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମପି ଅହମ୍ମଦ କହିଥିଲେ, ଶିକ୍ଷା ହେଉଛି ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ଏପରିକି ଆମର ଛାତ୍ରବୃତ୍ତି କାର୍ଯ୍ୟକ୍ରମ ହେଉଛି, ମାଲାବାର ଗ୍ରୁପ୍‌ର ଗଭୀର ମୂଳ ବିଶ୍ୱାସର ପ୍ରତ୍ୟକ୍ଷ ପ୍ରତିଫଳନ। ଶିକ୍ଷା ସୁଯୋଗ ଦ୍ୱାରା ଖୋଲିଥାଏ ଏବଂ ଜୀବନକୁ ପରିବର୍ତ୍ତନ କରିଥାଏ। ଆମେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରତିବନ୍ଧକ ହଟାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଯାହାଦ୍ୱାରା ସେମାନେ ସେମାନଙ୍କର ଶିକ୍ଷାଗତ ଆକାଂକ୍ଷାକୁ ପୂରଣ କରିପାରିବେ ଏବଂ ସମାଜ ପାଇଁ ଅର୍ଥପୂର୍ଣ୍ଣ ଯୋଗଦାନ କରିପାରିବେ।

# ଟିବିବିଡି-୨୪ ପ୍ରାରମ୍ଭରେ ୩୩ କୋଟିରୁ ଅଧିକ ଉପଭୋକ୍ତା ପରିଦର୍ଶନ

ଭୁବନେଶ୍ୱର,୨୯।୯

ଦେଶର ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ 'ଫ୍ଲିପ୍‌କାର୍ଟ'ର ବହୁ ପ୍ରତୀକ୍ଷିତ ଦ ବିଗ୍ ବିଲିୟନ ଡେଜ୍ (ଟିବିବିଡି)ର ୧୧ତମ ସଂସ୍କରଣ ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ଫ୍ଲିପ୍‌କାର୍ଟ ଭିଆଇପି ଏବଂ ପ୍ଲସ୍ ଗ୍ରାହକଙ୍କ ପାଇଁ ୟର୍ଲି ଆକ୍ସେସ୍ ୨୦୨୪ସେପ୍ଟେମ୍ବର ୨୬ରୁ ଆରମ୍ଭ ହୋଇଥିଲାବେଳେ ୟର୍ଲି ଆକ୍ସେସ ଏବଂ ପ୍ରଥମ ଦିନର ଗ୍ରାହକ ଭିଜିଟକୁ ମିଶାଇ ପ୍ଲାଟଫର୍ମରେ ଏହି ସଂଖ୍ୟା ୩୩ କୋଟିରୁ ଅଧିକ ଉପଭୋକ୍ତା ପରିଦର୍ଶନ କରିଥିବା ରେକର୍ଡ କରାଯାଇଛି। ଏ ସମ୍ପର୍କରେ ଫ୍ଲିପକାର୍ଟର ଉପାଧକ୍ଷ (ଗ୍ରୋଥ୍ ବିଭାଗ) ହର୍ଷ ଚୌଧୁରୀ କହିଛନ୍ତି, ପ୍ରତି ବର୍ଷ ଦେଶର ପାର୍ବଣ ଋତୁରେ ଦ ବିଗ୍ ବିଲିୟନ ଡେଜ୍ ସହ ନୂତନ ଅଭିଯାନ ଆରମ୍ଭ ହୋଇଥାଏ, ଯାହା କେବଳ ଏକ ସପିଂ ଫେଷ୍ଟିଭାଲଠାରୁ ଅଧିକ କିଛି ଦେଇଥାଏ।

# ପ୍ରଥମ ତ୍ରୈମାସରେ ଦାବି ସମାଧାନ ଅନୁପାତ ୯୯.୩୫%

ଭୁବନେଶ୍ୱର,୨୯।୯

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନସ୍ୟୁରାନ୍ସ ୯୯.୩୫%ର ଦାବି ସମାଧାନ ଅନୁପାତ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀର ହାରାହାରି ଦାବି ସମାଧାନ ସମୟ ମାତ୍ର ୧.୨ ଦିନ ଥିଲାବେଳେ ଏହି ସମୟ ମଧ୍ୟରେ କମ୍ପାନୀ ଦ୍ୱାରା ସମାଧାନ ହୋଇଥିବା ମୃତ୍ୟୁ ଦାବି ମୋଟ ମୂଲ୍ୟ ୩୮୧.୨୪ କୋଟି ଟଙ୍କା ଥିଲା। ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନସ୍ୟୁରାନ୍ସର ସିଓଓ (ସିଏସ୍) ଅମିଷ ବ୍ୟାଙ୍କର କହିଛନ୍ତି, ଜୀବନ ବୀମା ହେଉଛି ଏକ ଉତ୍ପାଦ, ଯାହା ରୋଜଗାରକ୍ଷମ ସଦସ୍ୟଙ୍କ କ୍ଷତି ହେଲେ ପରିବାରର ଆର୍ଥିକ ନିରାପତ୍ତାକୁ ବୀମା ସୁନିଶ୍ଚିତ କରିଥାଏ।

## ଫୁର୍‌ସତ୍




# 'ସ୍ତ୍ରୀ ୨'ର ରେକର୍ଡ ଭାଙ୍ଗିଲା 'ଦେବରା ପାର୍ଟ ୧'

ହାଇଦ୍ରାବାଦ

ଜୁନିୟର ଏନ୍‌ଟିଆର୍‌ଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଦେବରା ପାର୍ଟ ୧' ଶୁକ୍ରବାର ମୁକ୍ତିଲାଭ କରିଛି। ଆରମ୍ଭରୁ ହିଁ ଏହି ଚଳଚ୍ଚିତ୍ରକୁ ଦର୍ଶକ ବେଶ୍ ପସନ୍ଦ କରିବାରେ ଲାଗିଛନ୍ତି, ଯାହାଫଳରେ ଏହା ବକ୍ସ ଅଫିସ୍‌ରେ ମଧ୍ୟ ଧମାଲ୍ ମଚାଇବାରେ ଲାଗିଛି। କେବଳ ଘରୋଇ ବକ୍ସ ଅଫିସରେ ନୁହେଁ ବରଂ 'ଦେବରା ପାର୍ଟ ୧' ବିଶ୍ୱବ୍ୟାପୀ ମଧ୍ୟ ରେକର୍ଡ ବ୍ୟବସାୟ କରିବା ଆରମ୍ଭ କରିଛି। ରିଲିଜ୍ ହେବାର ମାତ୍ର ୨ ଦିନ ମଧ୍ୟରେ 'ଦେବରା ପାର୍ଟ ୧' ୨୦୦ କୋଟି ଫିଲ୍ମ କ୍ଲବ୍ ତାଲିକାରେ ପ୍ରବେଶ କରିଛି। ରବିବାର ବିଭିନ୍ନ ରିପୋର୍ଟ ଅନୁଯାୟୀ, ପ୍ରଥମ ୨ ଦିନରେ 'ଦେବରା ପାର୍ଟ ୧' ବିଶ୍ୱବ୍ୟାପୀ ୨୧୨ କୋଟି ଟଙ୍କାର ବ୍ୟବସାୟ କରିଛି। କେବଳ ଶୁକ୍ରବାର ଏହା ୧୫୭ କୋଟି ସଂଗ୍ରହ କରିଥିବା ବେଳେ ଶନିବାର ଏହି ଫିଲ୍ମ ବିଶ୍ୱବ୍ୟାପୀ ୫୫ କୋଟି ଟଙ୍କାର ବ୍ୟବସାୟ କରିଛି। ଏହାସହ 'ଦେବରା ପାର୍ଟ ୧' ଚଳିତ ବର୍ଷର ସବୁଠୁ ସଫଳ ଚଳଚ୍ଚିତ୍ର 'ସ୍ତ୍ରୀ ୨'ର ରେକର୍ଡକୁ ଭାଙ୍ଗିବାରେ ମଧ୍ୟ ସଫଳ ହୋଇଛି। ଚଳିତ ବର୍ଷ ଅଗଷ୍ଟ ୧୫ରେ 'ସ୍ତ୍ରୀ ୨' ଫିଲ୍ମ ରିଲିଜ୍ ହୋଇଥିବାବେଳେ ଏହା ପ୍ରଥମ ୨ ଦିନରେ ବିଶ୍ୱବ୍ୟାପୀ ୧୩୦.୦୫ କୋଟି ଟଙ୍କାର ବ୍ୟବସାୟ କରିଥିଲା।

# ନର୍ସଙ୍କ ଚିତ୍ର ଆଙ୍କିଲେ ରୋଗୀ

ନୂଆଦିଲ୍ଲୀ




ପ୍ରାଞ୍ଜଳୀ ଚଭନ ନାମ୍ନୀ ଜଣେ ଡିଜିଟାଲ ଆର୍ଟିଷ୍ଟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଯୋଗୁ ଏକ ହସ୍ପିଟାଲରେ କିଛି ଦିନ ପାଇଁ ଭର୍ତ୍ତି ହୋଇଥିଲେ। ସେ ଏହି ଅବସରରେ ତାଙ୍କର ଯତ୍ନ ନେଉଥିବା ନର୍ସଙ୍କୁ ଖୁସି କରାଇବାକୁ ଚାହିଁଥିଲେ। ଡାକ୍ତରଖାନାର ବିଛଣାରେ ପଡ଼ି ଚିକିତ୍ସିତ ହେଉଥିବା ସମୟରେ ପ୍ରାଞ୍ଜଳୀ ନିଜ ଟ୍ୟାବ୍‌ରେ ଉକ୍ତ ନର୍ସଙ୍କର ଏକ ଅବିକଳ ଡିଜିଟାଲ୍ ଫଟୋ ପ୍ରସ୍ତୁତ କରିଥିଲେ। ନିଜର ଅବିକଳ ଚିତ୍ରକୁ ଦେଖି ନର୍ସ ଜଣଙ୍କ ଖୁସିରେ ବିଭୋର ହୋଇ ଉଠିଥିଲେ।

# ପ୍ରତିବନ୍ଧକ ଦୂର କରେ ଭାଷା

ପ୍ରତିବର୍ଷ ୩୦ ସେପ୍ଟେମ୍ବରରେ ବିଶ୍ୱ ଅନୁବାଦ ଦିବସ ପାଳନ କରାଯାଇଥାଏ। ଚଳିତବର୍ଷ ଏହାର ଥିମ୍ ରହିଛି, 'ଅନୁବାଦ ସଂରକ୍ଷଣର ଏକ କଳା, ସ୍ୱଦେଶୀ ଭାଷା ପାଇଁ ନୈତିକ ଏବଂ ଭୌତିକ ଅଧିକାର'। ଏହି ଥିମ୍ ଅଧୀନରେ କପିରାଇଟ, ତଥ୍ୟ ସଂଗ୍ରହ ଏବଂ ଅନୁବାଦିତ କାର୍ଯ୍ୟଗୁଡ଼ିକର ବ୍ୟବହାର ସମ୍ବନ୍ଧୀୟ ନୈତିକ ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯିବ। ଦୁନିଆରେ ୬,୫୦୦ରୁ ଅଧିକ କଥିତ ଭାଷା ଅଛି। ଭାଷା ପ୍ରତିବନ୍ଧକକୁ ଦୂର କରିବା ଏକ ଆହ୍ୱାନ। ଅନୁବାଦକମାନେ ଏହାକୁ ସହଜ କରନ୍ତି। ଅନୁବାଦ ଏବଂ ବ୍ୟାଖ୍ୟା ଦୁଇଟି ଭିନ୍ନ ଜିନିଷ। ଅନୁବାଦ ଲିଖିତ ଶବ୍ଦ ସହିତ ଜଡ଼ିତ। ବ୍ୟାଖ୍ୟା କଥିତ ଶବ୍ଦ ସହିତ ଜଡ଼ିତ।

ଯଦି କୌଣସି ବହି କିମ୍ବା ରିପୋର୍ଟକୁ ଅନ୍ୟ ଭାଷାରେ ଅନୁବାଦ କରିବାକୁ ପଡ଼ିବ, ତେବେ ଜଣେ ଅନୁବାଦକ ଆବଶ୍ୟକ। ଅନୁବାଦକମାନେ କଥିତ ସୂଚନା ନିଅନ୍ତି ଏବଂ ଏହାକୁ ଅନ୍ୟ ଭାଷାରେ ବୁଝାଇବାରେ ସାହାଯ୍ୟ କରନ୍ତି। ଅନୁବାଦ କେବଳ ଅନ୍ୟ ଭାଷା ଜାଣିବା ନୁହେଁ, ବରଂ ଅନୁବାଦକମାନେ ସଂସ୍କୃତିକୁ ବୁଝିବା ଜରୁରୀ। ବ୍ୟକ୍ତିବିଶେଷ ପରସ୍ପରକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବାବେଳେ ଅନୁବାଦ ଏବଂ ଅନୁବାଦକ ଉଭୟ ଜରୁରୀ। ପାଶ୍ଚାତ୍ୟ ଦେଶରେ ଏକ ନୂତନ ବ୍ୟବସାୟ ଆରମ୍ଭ କରିବାବେଳେ ସେମାନେ ଏକ ବଡ଼ ପରିବର୍ତ୍ତନ କରନ୍ତି। ଏହି ଅନୁବାଦ ଡାକ୍ତରଖାନାର ରୋଗୀ, ବିଦ୍ୟାଳୟର ଛାତ୍ର ଏବଂ ବିଦେଶରେ କାର୍ଯ୍ୟ କରୁଥିବା ଖବରକାଗଜ ସାମ୍ବାଦିକମାନଙ୍କୁ ମଧ୍ୟ ସାହାଯ୍ୟ କରେ।

ଆବଶ୍ୟକତା ହେତୁ ଅନୁବାଦ ଏବଂ ଅନୁବାଦକଙ୍କ ଚାହିଦା ବହୁତ ଅଧିକ। ଯୁକ୍ତରାଷ୍ଟ୍ରରେ ଅନୁବାଦ ଏବଂ ଅନୁବାଦକଙ୍କ ପାଇଁ ଚାକିରି ୨୦୨୪ ସୁଦ୍ଧା ୨୯ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ସର୍ବାଧିକ ଚାହିଦା ଭାଷାଗୁଡ଼ିକରେ ସ୍ପାନିସ, ରୁଷିଆ, ଫରାସୀ ଏବଂ ଜର୍ମାନ ଅନ୍ତର୍ଭୁକ୍ତ। ଅନ୍ୟ ଭାଷା ଯାହାର ଚାହିଦା ବଢ଼ିବାରେ ଲାଗିଛି ତାହା ହେଲା ଆରବୀ, ଚାଇନିଜ, ଜାପାନିଜ, ହିନ୍ଦୀ ଏବଂ କୋରିଆନ।




## ବିଶ୍ୱ ଅନୁବାଦ ଦିବସର ଇତିହାସ

ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଟ୍ରାନ୍ସଲେଟର୍ସ (ଏଫ୍‌ଆଇଟି) ୧୯୫୩ରେ ପ୍ରତିଷ୍ଠା ହେବା ଦିନରୁ ଅନୁବାଦ ଦିବସ ପାଳନ କରିଆସୁଛି। ୧୯୯୧ରେ ଫିଟ୍ ଏକ ଆନୁଷ୍ଠାନିକ ଭାବରେ ସ୍ୱୀକୃତିପ୍ରାପ୍ତ ଅନ୍ତର୍ଜାତୀୟ ଅନୁବାଦ ଦିବସ ଚାହୁଁଥିଲା। ୨୦୧୭ ପର୍ଯ୍ୟନ୍ତ ଏହା ନୁହେଁ ଯେ, ମିଳିତ ଜାତିସଂଘ ସେପ୍ଟେମ୍ବର ୩୦କୁ ଅନ୍ତର୍ଜାତୀୟ ଅନୁବାଦ ଦିବସ ଭାବରେ ଘୋଷଣା କରିଛି।

ସେପ୍ଟେମ୍ବର ୩୦ ଅନୁବାଦର ପୃଷ୍ଠପୋଷକ ସେଣ୍ଟ୍ ଜେରୋମଙ୍କୁ ଉତ୍ସର୍ଗ କରାଯାଇଛି। ସେଣ୍ଟ୍ ଜେରୋମ ବାଇବେଲ୍‌ର ଅନେକ ଅଂଶ ଲାଟିନ ଏବଂ ହିବ୍ରୁରୁ ଗ୍ରୀକ୍ ଭାଷାରେ ଅନୁବାଦିତ ହୋଇଛି। ୩୦ ସେପ୍ଟେମ୍ବର ୪୨୦ ଖ୍ରୀଷ୍ଟାବ୍ଦରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଉଛି।

# ୧୨ ବର୍ଷରେ ଥରେ ଫୁଟୁଛି ଦୁର୍ଲଭ ଫୁଲ



ଚେନ୍ନାଇ

ତାମିଲନାଡୁ କ୍ୟାଡର୍ ଆଇଏଏସ୍ ତଥା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁପ୍ରିୟା ସାହୁ ତାଙ୍କ ଏକ୍ସ' ଆଇଡିରେ କିଛି ଦୁର୍ଲଭ ପ୍ରଜାତିର ଫୁଲ ଗଛଗୁଡ଼ିକର ଫଟୋ ଶେୟାର କରିଛନ୍ତି। ପୋଷ୍ଟର କ୍ୟାପ୍‌ଶନ୍‌ରେ ସୁପ୍ରିୟା ଲେଖିଛନ୍ତି, ଏହା ହେଉଛି ତାମିଲନାଡୁର ନୀଳଗିରି ପର୍ବତରେ ପ୍ରତି ୧୨ ବର୍ଷକୁ ଥରେ ଫୁଟୁଥିବା ଦୁର୍ଲଭ 'ନୀଳକୁରିଞ୍ଜି' ଫୁଲ। ପ୍ରତି ୧୨ ବର୍ଷର ଚକ୍ରରେ କେବଳ ଥରୁଟିଏ ଏହି ଫୁଲ ଫୁଟିଥାଏ ବୋଲି ସୁପ୍ରିୟା କହିଛନ୍ତି। ଏହା ଦେଖିବାକୁ ନୀଳ ରଙ୍ଗର ହୋଇଥିବାରୁ ଏହାର ନାମ 'ନୀଳକୁରିଞ୍ଜି' ରଖାଯାଇଛି। ଚଳିତ ବର୍ଷ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କଞ୍ଜରଭେଶନ୍ ଅଫ୍ ନେଚର୍ (ଆଇୟୁସିଏନ୍) ଦ୍ୱାରା ନୀଳକୁରିଞ୍ଜି ଫୁଲକୁ ବିପଦପୂର୍ଣ୍ଣ ପ୍ରଜାତିର ରେଡ୍ କାଟେଗୋରି ତାଲିକାରେ ସାମିଲ କରାଯାଇଛି। ତେଣୁ ରାଜ୍ୟ ସରକାର ନୀଳକୁରିଞ୍ଜି ଫୁଲର ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯିବା ସହ ଏହାକୁ ବଞ୍ଚାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଥିବା ସେ କହିଛନ୍ତି।

**ବାଇକ୍ ଟ୍ରାକ୍ଟର ମୁହାଁମୁହିଁ, ୨ ମୃତ**

ଉଦଳା,୨୯।୯(ସନ୍ତୋଷ କୁମାର ବାଛିନି): ମୟୂରଭଞ୍ଜ ଜିଲା ଉଦଳା ଥାନା କୁଟଲିଂ ରାଇସ୍ ମିଲ୍ ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ବାଇକ ସହ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ଫଳରେ ବାଇକରେ ଥିବା ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ କୁଟଲିଂ ଗ୍ରାମର ଭାଦ ହେମ୍ବ୍ରମ ଓ ରାମେଶ୍ୱର ହେମ୍ବ୍ରମ। ଘଟଣା ପରେ ଟ୍ରାକ୍ଟରଟି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଟ୍ରାକ୍ଟର ଡ୍ରାଇଭର ସମେତ ଟ୍ରାକ୍ଟରରେ ଥିବା ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଘଟଣାକୁ ନେଇ କିଛି ସମୟ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା।

# ସମବାୟ ସମିତି ସଶକ୍ତୀକରଣ ଲାଗି ଆଜିଠୁ ୨ ଦିନିଆ ଜାତୀୟ ସମୀକ୍ଷା ବୈଠକ

**ଯୋଗଦେବେ ୨୮ ରାଜ୍ୟ ଓ ୪ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରତିନିଧି**

ଭୁବନେଶ୍ୱର,୨୯।୯(ସୁନିତ୍ ମିଶ୍ର)

ସମବାୟ ସମିତିର ସଶକ୍ତୀକରଣ ପାଇଁ ଦୁଇ ଦିନିଆ ଜାତୀୟସ୍ତରୀୟ ସମୀକ୍ଷା ବୈଠକ ସୋମବାରଠାରୁ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆରମ୍ଭ ହେବ। ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ଶାସନ ସଚିବ ତଥା ମୁଖ୍ୟ ଅତିଥି ଆଶିଷ ଭୁଟାନୀ ଏବଂ ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏହାର ଉଦ୍‌ଘାଟନ କରିବେ। ଏହି ଅବସରରେ ବୟନିକା-ଉତ୍କଳିକା-ସେରିଫେଡ୍(ଅମ୍ଳାନ) ପକ୍ଷରୁ ଏକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ସମସ୍ତ ୨୮ ରାଜ୍ୟ ଓ ୪ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଯୋଗଦେବେ। ଏହି ଅବସରରେ ସମବାୟ ସମିତିଗୁଡ଼ିକର ସଶକ୍ତୀକରଣ ପାଇଁ ମାନସମନ୍ଥନ ହେବ। ଦେଶରେ ୨ ଲକ୍ଷ ନୂତନ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି, ପ୍ରାଥମିକ ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମବାୟ ସମିତି ଗଠନ ଉପରେ ଆଲୋଚନା କରାଯିବ। ସାଧାରଣ ଲୋକଙ୍କ ନିକଟରେ ଉନ୍ନତମାନର ସେବା ପହଞ୍ଚାଇବା ପାଇଁ ପ୍ରାଥମିକ କୃଷି ସମବାୟ ସମିତିର ସଶକ୍ତୀକରଣକୁ ପ୍ରାଧାନ୍ୟ ଦିଆଯିବ। ପାକ୍ସକୁ ଅଧିକ ସଶକ୍ତ କରିବା ପାଇଁ କ୍ଷୀର, ମାଛ, ଗୋଦାମ, ସୁଲଭ ମୂଲ୍ୟ ଦୋକାନ, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ଏଲ୍‌ପିଜି ଗ୍ୟାସ ସିଲିଣ୍ଡର, ପାଣି ବଣ୍ଟନ ଆଦି କାର୍ଯ୍ୟସହ ସଂଯୋଗ କରାଯିବା ପ୍ରସ୍ତାବ ରହିଛି। ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରତି ପଞ୍ଚାୟତରେ ଗଠିତ ପାକ୍ସ କାମ କରିବ। ସମୀକ୍ଷା ବୈଠକରେ ସବୁ ରାଜ୍ୟ ଓ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକର ମତାମତ ନିଆଯାଇ ଏହି ବାବଦରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯିବ। ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକର କମ୍ପ୍ୟୁଟରୀକରଣ କରି ଜାତୀୟ ସମବାୟ ଡାଟା ବେସ୍, ଜାତୀୟ ସମବାୟ ନୀତି ଏବଂ ସମବାୟ ଷ୍ଟାକ୍ ସହିତ ଲିଙ୍କ୍ କରିବା ଦିଗରେ ଆଲୋଚନା ହେବ। ଭାରତ ସରକାରଙ୍କ ବିଭିନ୍ନ ପ୍ରୟାସ ସହିତ ସମନ୍ୱୟ ରକ୍ଷାକରି ପ୍ରାଥମିକ କୃଷି ସମବାୟ ସମିତିଗଡ଼ିକୁ ସୁଦୃଢ଼ୀକରଣ କରିବା ନିମନ୍ତେ ପରାମର୍ଶ ନିଆଯିବ। ସମବାୟ ମଧ୍ୟରେ ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଜାତୀୟ ସମବାୟ ଏକ୍ସପୋର୍ଟସ୍ ଲିମିଟେଡ୍, ଜାତୀୟ ସମବାୟ ଅର୍ଗାନିକ୍ସ ଲିମିଟେଡ୍, ଭାରତୀୟ ବୀଜ ସମବାୟ ସମିତି ଲିମିଟେଡ୍, ଜାତୀୟ କୃଷି ସମବାୟ ମାର୍କେଟିଂ ଫେଡେରେଶନ୍ ଓ ଜାତୀୟ ସମବାୟ ଉପଭୋକ୍ତା ସଂଘ ଲିମିଟେଡଙ୍କର ଭୂମିକା ବିଷୟରେ ବିସ୍ତୃତ ଆଲୋଚନା କରାଯିବ।

# ଗ୍ରାହକଙ୍କୁ ଶୋଷଣ କରୁଥିବା ବ୍ୟବସାୟୀ, ଶିଳ୍ପସଂସ୍ଥା ଉପରେ ଚଢ଼ାଉ ହେବ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

**ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପୂର୍ବ ପ୍ରାନ୍ତ ସୁବର୍ଣ୍ଣ ଜୟନ୍ତୀ ସମାରୋହ**

କଟକ,୨୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ଠକାମିର ଶିକାର ହେବେନି ଗ୍ରାହକ। ଉଚିତ୍ ମୂଲ୍ୟରେ ସେମାନେ ଜିନିଷ ପାଇବେ। ରାଜ୍ୟରେ ଗ୍ରାହକଙ୍କୁ ଶୋଷଣ କରୁଥିବା ବ୍ୟବସାୟୀ ଓ ଶିଳ୍ପ ସଂସ୍ଥା ଉପରେ ଆଗାମୀ ଦିନରେ ଚଢ଼ାଉ ହେବ। ଏଥିରେ ସମ୍ପୃକ୍ତ କୌଣସି ବ୍ୟବସାୟୀଙ୍କୁ ଛଡ଼ାଯିବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶା ପୂର୍ବ ପ୍ରାନ୍ତର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ କହିଛନ୍ତି, ରାଜ୍ୟରେ କାର୍ଯ୍ୟରତ ଅନେକ ଘରୋଇ ହସ୍ପିଟାଲ ରୋଗୀଙ୍କୁ ଆର୍ଥିକ ଶୋଷଣ କରୁଛି। ସ୍ୱାସ୍ଥ୍ୟକାର୍ଡ ଆଳରେ ମନଇଚ୍ଛା ଅର୍ଥ ନେଉଛି। ଆଗାମୀ ଦିନରେ ଘରୋଇ ହସ୍ପିଟାଲଗୁଡ଼ିକ କେଉଁ ରୋଗର ଚିକିତ୍ସା ପାଇଁ କେତେ ଅର୍ଥ ନେବେ ସେ ସମ୍ପର୍କରେ ଏକ ବୋର୍ଡରେ ଉଲ୍ଲେଖ କରିବେ। ଲୋକଙ୍କ ସୁବିଧା ପାଇଁ ଆଗାମୀ ଦିନରେ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ୫୮ ଶୀତଳ ଭଣ୍ଡାର କାର୍ଯ୍ୟକାରୀ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏଥିସହ ରାଜ୍ୟ ଓ ଜିଲାସ୍ତରୀୟ ଗ୍ରାହକ ପରିଷଦ ଗଠନ କରିବାକୁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଏହି ପରିଷଦରେ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ସରକାର ସାମିଲ କରିବେ। ପାର୍ବଣ ସମୟରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ଦୋକାନରେ ଚଢ଼ାଉ କରାଯିବ। ଏଥିପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯାଞ୍ଚବେଳେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ପ୍ରମାଣ ମିଳିଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଶେଷକରି ଦୁଗ୍ଧ ଜାତୀୟ ସାମଗ୍ରୀ ଉପରେ ନଜର ରହିବ ବୋଲି ପାତ୍ର କହିଛନ୍ତି।

ସେହିପରି ମୁଖ୍ୟବକ୍ତା ଭାରତୀୟ ଗ୍ରାହକ ପଞ୍ଚାୟତର କେନ୍ଦ୍ରୀୟ ସମ୍ପାଦକ ଅରୁଣ ଦେଶପାଣ୍ଡେ କହିଛନ୍ତି, ଏହି ସଙ୍ଗଠନ ରାଷ୍ଟ୍ର, ସମାଜ ଓ ଗ୍ରାହକଙ୍କ ହିତ ପାଇଁ କାର୍ଯ୍ୟ କରୁଛି। ଏଥିରେ ପୂର୍ବତନ ରାଜ୍ୟ ସମ୍ପାଦକ ସୌମେନ୍ଦ୍ର ଜେନା, ପୂର୍ବକ୍ଷେତ୍ର ପ୍ରଭାରୀ ସହ ସଙ୍ଗଠକ ମନ୍ତ୍ରୀ ବଦ୍ରିନାରାୟଣ ମହାରଣା, ସୁବର୍ଣ୍ଣ ଜୟନ୍ତୀ ଆବାହକ ଡ. ଜୟଶ୍ରୀବାଳା ମଲ୍ଲିକ, ରାଜ୍ୟର କେନ୍ଦ୍ର ସଭାପତି ଦୀପକ ମହାନ୍ତି, ପୂର୍ବ ପ୍ରାନ୍ତର ସଭାପତି ଦୀନବନ୍ଧୁ ମହାରଣା ଯୋଗଦେଇଥିଲେ। ପଞ୍ଚାୟତର ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ବେହୁରା ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ସଂଯୋଗ ସାମନ୍ତରାୟଙ୍କ ନେତୃତ୍ୱରେ ପାୟଲ୍ ସଙ୍ଗୀତ ସଂସ୍କାର କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ଆଇନଜୀବୀ କୌସ୍ତୁଭ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ପ୍ରଧାନ, ସ୍ନେହାଶିଷ ପଟ୍ଟନାୟକ, ସଞ୍ଜୟ ପଟ୍ଟନାୟକ, ମିଳନ ଦତ୍ତ, ଶିବଶଙ୍କର ରାଉତ, ତାପସ ଦ୍ୱିବେଦୀ, ସୁଶାନ୍ତ ଦେ, ଜଗନ୍ନାଥ ମହାନ୍ତି, ଜୟରାମ ସାହୁ, ଦୀପେଶ ଗୋହିଲି ଉପସ୍ଥିତ ଥିଲେ।



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟମାନେ।

# ଛାତିଏ ପାଣିରେ ପଶି ମୃତଦେହ ସତ୍କାର ପାଇଁ ନେଲେ ପରିବାର



ମୃତକଙ୍କ ପରିବାର ଓ ସାହିବାସୀ କେନାଲରେ ମୃତଦେହକୁ ନେଇ ଯାଉଛନ୍ତି।

ଉମରକୋଟ, ୨୯।୯ (ସନ୍ତୋଷ ଶତପଥୀ)

ଶ୍ମଶାନକୁ ଯିବା ପାଇଁ ରାସ୍ତା ନାହିଁ। କେନାଲ ଭିତରେ ଛାତିଏ ପାଣିରେ ପଶି ମୃତଦେହକୁ ସତ୍କାର ପାଇଁ ନେଲେ ପରିବାର, ସମ୍ପର୍କୀୟ ଓ ସାହିବାସୀ। ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳର ୮ ନମ୍ବର ୱାର୍ଡରେ ଏଭଳି ଦେଖିବାକୁ ମିଳିଛି।

ସୂଚନାନୁଯାୟୀ ୮ ନମ୍ବର ୱାର୍ଡର ଜଣେ ବୃଦ୍ଧାଙ୍କ ରବିବାର ମୃତ୍ୟୁ ହୋଇଛି। ଏହି ୱାର୍ଡ ଦେଇ ଭାସ୍କେଲ ଡ୍ୟାମର କେନାଲ ଯାଇଛି। କେନାଲ ଆର ପଟେ ଶ୍ମଶାନ ରହିଛି। ଶ୍ମଶାନକୁ ଯିବାକୁ ରାସ୍ତା ନ ଥିବାରୁ ପରିବାର, ସମ୍ପର୍କୀୟ ସାହିବାସୀ ବାଧ ହୋଇ କେନାଲରେ ଛାତିଏ ପାଣିରେ ପଶି ମୃତଦେହ ସତ୍କାର ପାଇଁ ଶ୍ମଶାନକୁ ନେଇଥିଲେ। ୮ ନମ୍ବର ୱାର୍ଡବାସୀ ସ୍ଥାନୀୟ ପ୍ରଶାସନ ଓ ଜିଲାପାଳଙ୍କ ଜନ ଶୁଣାଣିରେ ଉକ୍ତ କେନାଲ ଉପରେ ବ୍ରିଜ ଓ ଶ୍ମଶାନକୁ ରାସ୍ତା ତିଆରି ପାଇଁ ନିବେଦନ କରିଥିଲେ ମଧ୍ୟ ଏଯାଏ କିଛି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। ତୁରନ୍ତ ପ୍ରଶାସନ କେନାଲ ଉପରେ ଏକ ପୋଲ ଓ ଶ୍ମଶାନରେ ଏକ ବିଶ୍ରାମ ଗୃହ ତିଆରି କରିବାକୁ ଦାବି ହେଉଛି। ଏ ନେଇ ପୌରାଧ୍ୟକ୍ଷା ରାଧା ଭଦ୍ରାଙ୍କୁ ପଚାରିବାରୁ ଭାସ୍କେଲ ଡ୍ୟାମ୍ କର୍ତ୍ତୃପକ୍ଷଙ୍କୁ ସାହି ବାସିନ୍ଦାଙ୍କ ଦାବି ସମ୍ପର୍କରେ ଜଣାଇ ଦିଆଯାଇଛି। ସେମାନେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

# ସ୍ଥିତି ଅନୁଧ୍ୟାନ କଲେ ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିନିଧି ଦଳ

**କାଳିମେଳାରେ ଡିପ୍‌ଥେରିଆ ବ୍ୟାପିବା ଘଟଣା**

କାଳିମେଳା,୨୯।୯(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଚିତ୍ରାଙ୍ଗପଲ୍ଲୀ ଗ୍ରାମରେ ଡିପ୍‌ଥେରିଆ ରୋଗ ଦେଖାଦେଇଛି। ପ୍ରାୟ ୧୨ ଦିନ ମଧ୍ୟରେ ଜଣେ ଶିଶୁର ମୃତ୍ୟୁ ହୋଇଥିବା ବେଳେ ଜଣେ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ଚିତ୍ରାଙ୍ଗପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ୮ ଛାତ୍ର ଶୁକ୍ରବାର ହଠାତ୍ ଅସୁସ୍ଥ ହୋଇ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଇସୋଲେଶନରେ ଚିକିତ୍ସିତ ହେଉଛନ୍ତି। ଏହି ରୋଗରେ ଶିଶୁମାନେ ଅଧିକ ଆକ୍ରାନ୍ତ ହେଉଛନ୍ତି। ଥଣ୍ଡା ଜ୍ୱର, ଗଳା ଫୁଲି ବ୍ୟଥା ହେବା, ଗଳା ଶୁଖିଯିବା, ଶରୀର ବ୍ୟଥା ହେବା ଓ ଛିଙ୍କ ଲକ୍ଷଣ ଦେଖାଯାଉଛି। ଖବର ଜଣାପଡିବା ପରେ ରବିବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧି ଦଳ ଚିତ୍ରାଙ୍ଗପଲ୍ଲୀ ଗ୍ରାମକୁ ଯାଇ ସେଠାରେ ଥିବା ହଷ୍ଟେଲ ପରିଦର୍ଶନ ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହା ସହ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାରେ ଚିକିତ୍ସିତ ହେଉଥିବା ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲେ। ରାଜ୍ୟର ଦୁଇ ଟିକାକରଣ ଅଧିକାରୀ ତାପସ ପାତ୍ର, ଅନିଲ ପଟ୍ଟନାୟକ ଓ କୋରାପୁଟ ଡବ୍ଲ୍ୟୁଏଚ୍‌ଓ ମେଡିକାଲ ଅଫିସର ଡି. ମୋସମ ମାନା ସ୍ଥିତି ଅନୁଧ୍ୟାନ କରିଛନ୍ତି। ରୋଗ ସମ୍ପର୍କରେ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ପ୍ରତିନିଧି ଦଳ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୀନବନ୍ଧୁ ମହାନନ୍ଦଙ୍କଠାରୁ ତଥ୍ୟ ସଂଗ୍ରହ କରିଛନ୍ତି। ଏଥିସହ ଏହି ରୋଗ କାହିଁକି ବ୍ୟାପିଲା ସେ ନେଇ କାରଣ ଖୋଜିଛନ୍ତି।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

**୩ ମାସରେ ୩ ଜୀବନ ନେଲାଣି ନରହନ୍ତା ଦନ୍ତା**

ଯୋଡ଼ା,୨୯।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରି ସେକ୍ସନ ଅନ୍ତର୍ଗତ ଖଜୁରୀଡ଼ିହି ଗ୍ରାମ ନିକଟରେ ରବିବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଉକ୍ତ ଗ୍ରାମର ଗୌରଚରଣ ନାୟକ(୪୫)। ଦନ୍ତା ହାତୀଟି ଅଞ୍ଚଳରେ ଉତ୍ପାତ ଚଳାଇଥିବା ବେଳେ ୩ ମାସ ମଧ୍ୟରେ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଗୌରଚରଣଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଉପୁଜିଛି।

ସୂଚନା ଅନୁଯାୟୀ, ଗୌରଚରଣ ଭୋର ସମୟରେ ଗ୍ରାମ ନିକଟ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିଲେ। ମିତ୍ତଲ କମ୍ପାନୀର ୫ ନଂ. ଗେଟ୍ ସମ୍ମୁଖରେ ସେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ସେଠାରେ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ଗୌରଚରଣଙ୍କ ମୃତ୍ୟୁ ଘଟିଥିଲା। ହାତୀଟି ପୂର୍ବରୁ ଅଞ୍ଚଳରେ ଉପଦ୍ରବ କରୁଥିବା ବେଳେ ବନ ବିଭାଗ ଘଉଡ଼ାଇବାରେ ବିଫଳ ହୋଇଛି। ଫଳରେ ଉକ୍ତ ହାତୀ ଆକ୍ରମଣରେ ଗୌରଚରଣଙ୍କୁ ମିଶାଇ ୩ ଜଣଙ୍କ ଜୀବନ ଗଲାଣି। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏ ନେଇ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ଲୋକେ ବନ ବିଭାଗ କର୍ମଚାରୀଙ୍କୁ ଘେରିଥିଲେ। ବାମେବାରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ବାମେବାରି ଫରେଷ୍ଟର ରାଜେନ୍ଦ୍ର ଜେନା କହିଛନ୍ତି, ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦନ୍ତା ଆକ୍ରମଣରେ ନିକଟରେ ୩ ଜଣଙ୍କ ଜୀବନହାନି ଘଟିଛି। ତେବେ ଏ ନେଇ ବନ ବିଭାଗ କ'ଣ ପଦକ୍ଷେପ ନେବାକୁ ଯାଉଛି ବୋଲି ପ୍ରଶ୍ନରେ, ଉପରିସ୍ଥ ଅଧିକାରୀମାନେ ଯାହା ନିଷ୍ପତ୍ତି ନେବେ ତାହାକୁ ପାଳନ କରାଯିବ ବୋଲି ସେ କହିଥିଲେ।

## ଦନ୍ତା ଆକ୍ରମଣରେ ବୃଦ୍ଧା ମୃତ

ବଡ଼ଗାଁ,୨୯।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ ଗ୍ରାମ ବନ୍ଧୁପଡ଼ାରେ ଦନ୍ତା ଆକ୍ରମଣରେ ରବିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ବୃଦ୍ଧା ହେଲେ ମାଗଦାଲି(୭୦)। ସୂଚନାଯୋଗ୍ୟ, ରବିବାର ସକାଳେ ଏକ ଦନ୍ତା ସିଆଁମାଲ ଗ୍ରାମ ପଟୁ ଆସି ବନ୍ଧୁପଡ଼ା ଗାଁ ଭିତରକୁ ପଶିଯାଇଥିଲା। ଗୋଠଛଡ଼ା ଦନ୍ତା ଚାର୍ସେଲ ବାର୍ଲଙ୍କ ଘର ଭାଙ୍ଗି ଭିତରେ ପଶିଲା ପରେ ଘର ବେଢ଼ାରେ ବସିଥିବା ତାଙ୍କ ମା' ମାଗଦାଲିଙ୍କୁ ଆକ୍ରମଣ କରିଥିଲା। ବୃଦ୍ଧାଙ୍କ ୨ ହାତ ଭାଙ୍ଗି ଯିବା ସହିତ ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ବଡ଼ଗାଁ ଡାକ୍ତରଖାନା ଓ ପରେ ସୁନ୍ଦରଗଡ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଛୁଆହାତୀର ମୃତଦେହ ଠାବ

ହାଟଡ଼ିହୀ/ ଛେନାପଦି,୨୯।୯ (ଶୁଭକାନ୍ତ ନାୟକ/ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହଦଗଡ଼ ହସ୍ତୀ ଅଭୟାରଣ୍ୟର ଚକ୍ରତୀର୍ଥ ନିକଟରୁ ଏକ ଛୁଆ ମାଈହାତୀର ମୃତଦେହ ଠାବ ହୋଇଛି। ହାତୀର ବୟସ ପ୍ରାୟ ୫ ବର୍ଷ ହେବ। ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନ ଥିବା ବେଳେ ହାତୀଙ୍କ ମଧ୍ୟରେ ମାଡ଼ଗୋଳ କିମ୍ବା ରୋଗ ଦ୍ୱାରା ମାଈହାତୀର ମୃତ୍ୟୁ ଘଟିଥିବା ନେଇ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

ସୂଚନା ଅନୁଯାୟୀ, ଛୁଆହାତୀଟିର ମୃତଦେହ ଉକ୍ତ ଅଞ୍ଚଳରେ ୨ ଦିନ ହେବ ପଡ଼ିଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ବନ ବିଭାଗ ଖବର ପାଇ ଶନିବାର ରାତିରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ରବିବାର ଡିଏଫ୍‌ଓଙ୍କ ସମେତ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ମୃତଦେହ ଜବତ କରିଥିଲେ। ଘସିପୁରା ଭେଟେରିନାରି ଡାକ୍ତର ସରୋଜ କୁମାର ମହାନ୍ତି, ଆନନ୍ଦପୁରରୁ ସର୍ଜନ ଆସିଷ୍ଟାଣ୍ଟ ଭାଗ୍ୟଶ୍ରୀ ଓଝା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ଟେଷ୍ଟିଂ ରିପୋର୍ଟ ପାଇଁ ମୃତ ମାଈହାତୀର ଆବଶ୍ୟକ ଅଙ୍ଗ ଲ୍ୟାବକୁ ପଠାଯାଇଛି। ଆନନ୍ଦପୁର ଡିଏଫଓ ଅଭୟ ଦଳେଇ କହିଛନ୍ତି, ବର୍ତ୍ତମାନ କିଛି କହିହେବ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ସୂଚନାଯୋଗ୍ୟ, ନିକଟ ଅତୀତରେ ସୋସୋ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଏକ ଦନ୍ତା ହାତୀକୁ କରେଣ୍ଟ ଲଗାଇ ମାରି ଦେଇଥିଲେ। ଅପରପକ୍ଷେ ୨୦୨୪ ହାତୀ ଗଣନା ଅନୁସାରେ ଅଭୟାରଣ୍ୟରେ ମୋଟ ୨୪ ହାତୀ ଥିଲେ। ୨୦୨୪-୨୦୨୫ ବର୍ଷରେ ୨ଟି ହାତୀ ମୃତ୍ୟୁବରଣ କରିଛନ୍ତି। ପୁଣି ଏକ ହାତୀର ମୃତ୍ୟୁ ଘଟିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଷକା କଡ଼ି**
**ମନେ ପଡୁଥିବ ଘଡ଼ିକି ଘଡ଼ି।**

ସମବୟସ୍କା ଦୁଇ ତରୁଣୀ ପରସ୍ପର ମଧ୍ୟରେ ମିତ୍ରତା ଗଢ଼ିବାକୁ ଯାଇ ଓଷକା ବସିଥାନ୍ତି। ଏହା ସଙ୍ଗାତ, ସହି ଓ ମିତର ଅନ୍ୟରୂପ ହୋଇଥାଏ। ଏହି ଭାବରେ ଦୁହେଁ ପରସ୍ପରକୁ ସ୍ମରଣ କରିଥାନ୍ତି। ଦୁଇ ବାନ୍ଧବୀଙ୍କ ମଧ୍ୟରେ ବନ୍ଧୁତାକୁ ବାନ୍ଧି ରଖିବା ନେଇ ଦୃଢ଼ ପ୍ରତିଶ୍ରୁତି ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଷେଇତିର ମନ ନାହିଁ**
**ଘଣ୍ଟି ବଜାଉ କାହିଁ ପାଇଁ ?**

ପୂଜା ବା ଓଷାବ୍ରତକୁ ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହ ପାଳନ କରାଯିବା ଉଚିତ। ଭକ୍ତିଭାବ ବିନା ଲୋକଦେଖାଣିଆ ପୂଜାବ୍ରତ କରିବାରେ ମୂଲ୍ୟ କିଛି ମିଳୁ ନ ଥିବାବେଳେ ପୂଜା ପ୍ରତି ମନ ବଳାଇଥିବା ବ୍ୟକ୍ତିର ଅନାଗ୍ରହ ଭାବ ପ୍ରଦର୍ଶନ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମୁଖ୍ୟ ମନ୍ଦିର ଉପରେ ପଦ୍ମ-ଆକୃତି ମୁଣ୍ଡିପଥର ଥିଲା ବିଶ୍ୱ-ବିସ୍ମୟ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟରେ ଓଡ଼ିଶା

- କୋଣାର୍କରେ ଥିଲା ନଅଟି ଭଣ୍ଡାରଘର
- ପ୍ରତିବର୍ଷ ଭଣ୍ଡାରଘର ହିସାବ ପାଇଁ ଲାଗୁଥିଲା ୧୨ଦିନ

ପୂର୍ବ ସଂଖ୍ୟାରେ ଆମେ ଅରୁଣସ୍ତମ୍ଭ ନିର୍ମାଣ ପ୍ରସଙ୍ଗ ଆଲୋଚନା କରିଥିଲୁ। ପ୍ରସଙ୍ଗକ୍ରମେ 'ରାଜକୋଷ' ତଥା ଭଣ୍ଡାରଘର କଥା ଲେଖିଥିଲୁ। ରାଜକୋଷ ପାଇଁ ଗଜପତି ଓ ପାଟମହାଦେଈ ସତର୍କ ଦୃଷ୍ଟି ରଖିଥିଲେ। କାରଣ ନିର୍ମାଣକାର୍ଯ୍ୟରେ ଯେପରି ବାଧା ସୃଷ୍ଟି ନ ହେଉ। ରାଜକୋଷ ପାଇଁ ଭଣ୍ଡାରଘର ନିର୍ମାଣ ହୋଇଥିଲା। ରାଜକୋଷ ବୋଲି ଆମେ ଯାହା ବୁଝୁ... ତା' ପାଇଁ ଏତେ ଭଣ୍ଡାର ଗୃହ କାହିଁକି! ତା' ରହସ୍ୟ ଭିତରକୁ ଆମେ ପ୍ରବେଶ କରିବା ପରେ ଦେଖିଲୁ କେବଳ ରାଜ ପ୍ରଶାସନ ନୁହେଁ, ଓଡ଼ିଆ ଜାତି ମନ୍ଦିର ନିର୍ମାଣ ପାଇଁ କେତେ ସତର୍କ ଥିଲା। ସେତେବେଳର କୋଣାର୍କରେ କେବଳ ସୁନା- ରୁପା- କଉଡ଼ି- ମୁଦ୍ରା ରଖିଦେଲେ ଯେ କାମ ଆଗେଇଯିବ ତା' ନୁହେଁ, ଖାଇବା ଜିନିଷଠାରୁ ଶଗଡ଼ଗାଡ଼ି, ଜିନିଷ ପର୍ଯ୍ୟନ୍ତ ଓଡ଼ିଆ ଜାତି ଭଣ୍ଡାରଘରେ ସାଇତି ରଖିଥିଲା।

ବିଶାରଦମାନଙ୍କୁ ତାଙ୍କ ପାଉଣା ଦିଆଯାଉଥିଲା-

ରାଜକୋଷ ପାଇଁ ଗୋଟିଏ ଭଣ୍ଡାରଘର ଜରୁରୀ। ମାତ୍ର ରାଜକୋଷ ବୃଦ୍ଧି ପାଇବା ପରେ ଚାରୋଟି ଭଣ୍ଡାରଘର ନିର୍ମାଣ ହୋଇଥିଲା। ପୁଣି ପାଞ୍ଚୋଟି ଭଣ୍ଡାରଘର ନୂଆ ନିର୍ମାଣ ହେଲା। ରାଜକୋଷର ଚିକିନିଖି ହିସାବ ରଖାଯାଉଥିଲା। ପ୍ରତିବର୍ଷ ସୁନିଆଁ ନବବର୍ଷ ପୂର୍ବରୁ ବୀରବର ପଟ୍ଟନାୟକ ଓ ଯଦୁ ସାଆନ୍ତ ଭଣ୍ଡାର ହିସାବପତ୍ର କରି ସୁନିଆଁ ଦିନ ଗଜପତିଙ୍କୁ ଜଣାଉଥିଲେ। ଏଥିରୁ ଗଜପତି ଜାଣିପାରୁଥିଲେ ତହବିଲରେ କ'ଣ କ'ଣ କେତେ ପରିମାଣର ଗଚ୍ଛିତ ଅଛି। ଭଣ୍ଡାର ତନଖି ପାଇଁ ସେ ଦୁଇଜଣ ପାଲିଙ୍କିରେ ଯା'ଆସ କରୁଥିଲେ।

ଏଥିରୁ ସ୍ପଷ୍ଟ ହେଉଥିଲା- କେତେ ଓଳିଆ ଧାନ ଅଛି, କେତେ ଓଳିଆ ଚାଉଳ, ବିରି, ମୁଗ ଅଛି। କେତେ ଲୁଗାପଟା, କେତେ ଘିଅ, କେତେ ରାଶିତେଲ, କେତେ କତା ଦଉଡ଼ି, ଝୁଣାବସ୍ତା କେତେ ଅଛି।



ଭଣ୍ଡାରଘରେ ରହି ପୂଜିତ ଶ୍ରୀସୂର୍ଯ୍ୟନାରାୟଣଙ୍କ ଛାୟା ପ୍ରତିକୃତି। ମନ୍ଦିର ନିର୍ମାଣ ପରେ ମୂଳବିଗ୍ରହ ମହୋଦଧିରେ ବିସର୍ଜିତ।

ବଡ଼ ମାଢ଼ ସୁନା, ସାନ ମାଢ଼ ସୁନା, ବାଦଶାହା ରୁପା ଟଙ୍କା, ଗେଡ଼ିମୁଦ୍ରା, କେତେ ତୋଳା କୁରୁଜାତକ ସୁନା ଗଚ୍ଛିତ ଅଛି। ସେତିକି ନୁହେଁ, ଘୋଡ଼ାସାଜ, କେତେ ଲୁହା ସାମଗ୍ରୀ, କେତେ ଦୋ-ମୁହାଁ ମଶାଲ, କେତେ କାଠି ମଶାଲ ରହିଛି, ସେଥିପାଇଁ ନଜର ରଖାଯାଉଥିଲା। ଗୋଟିଏ ଭଣ୍ଡାରଘରେ ପୁରାତନ ସୂର୍ଯ୍ୟମନ୍ଦିରର ପଥର ବିଗ୍ରହ ବି ରହି ପୂଜା ପାଉଥିଲେ। ଏହି ବିଗ୍ରହଙ୍କୁ କେଶରୀ ବଂଶର ରାଜା ପୁରନ୍ଦର କେଶରୀ ପ୍ରତିଷ୍ଠା କରିଥିଲେ। ଶ୍ରୀପଦ୍ମକେଶର ମନ୍ଦିର ସମ୍ପୂର୍ଣ୍ଣ ନିର୍ମାଣ ହେବାପରେ ଏହି ବିଗ୍ରହଙ୍କୁ ଶୋଭାଯାତ୍ରାରେ ନିଆଯାଇ ମହୋଦଧିରେ ବିସର୍ଜନ କରାଯାଇଥିଲା। ଆମେ ଏସବୁ ଆଲୋଚନା ଏଇଥିପାଇଁ କରୁଛେ ଯେ ସମସ୍ତ ଦିଗକୁ ଦୃଷ୍ଟି ଦିଆଯାଇଥିଲା। ନିର୍ମାଣ କାର୍ଯ୍ୟରେ ବାଧା ନ ଆସୁ। ବଢ଼େଇ ଓ କମାରଙ୍କ ହତିଆରଠାରୁ ଆରମ୍ଭ କରି ହାତୀ ଅଙ୍କୁଶ ପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଭାବରେ ସଜଡ଼ା ହୋଇ ରହୁଥିଲା।

କେବଳ ଏତିକି ନୁହେଁ, କେତେ ପଥର ଆସିଲା, କେତେ ଖୋଦେଇ ଚାଲିଛି, କେଉଁ ପଥର କେଉଁଠି ସାଇତା ହୋଇଛି, କାମ ହେଲା କେତେ, ବଳକା ପଥର ଠିକ୍ ଅଛି କି ନାହିଁ ତନ୍ନ ତନ୍ନ କରି ଯାଞ୍ଚ ହେଉଥିଲା। ଜଣାପଡ଼ିବ କେଉଁଠି କେତେ ଆଉ ଆବଶ୍ୟକ। କେତେ ସତର୍କ ହୋଇ କାର୍ଯ୍ୟ ଚାଲିଥିଲା ଏଥିରୁ ଆମେ ବୁଝିପାରିବା। କେବଳ ଫୁଲାଫାଙ୍କିଆ ଭାବରେ ମନ୍ଦିର ନିର୍ମାଣ ହେଉଥିଲେ ଶିଳ୍ପୀ ସଫଳ ହୋଇପାରି ନ ଥାନ୍ତେ। ଭଣ୍ଡାରଘର ହିସାବ ୧୨ ଦିନ ଲାଗିଥିଲା। ହିସାବ ଫର୍ଦ୍ଦ ନେଇ ହିସାବ ନିରୀକ୍ଷକ ସୁନିଆଁ ପୂର୍ବରୁ ପୁରୁଷୋତ୍ତମ କ୍ଷେତ୍ରକୁ ଫେରି ଯାଇଥିଲେ। ଗଜପତିଙ୍କୁ ଅବଗତ କରାଇବାକୁ ପଡ଼ିବ।

ମନ୍ଦିର ନିର୍ମାଣ କାମ ଅଗ୍ରଗତି କରୁଥାଏ। ଏହାପରେ ଆରମ୍ଭ ହୋଇଥିଲା ଦକ୍ଷିଣପଟ ନିଶା ମନ୍ଦିର। ଅନନ୍ତ ମହାରଣା ୪୦ଜଣ ଶିଳ୍ପୀଙ୍କୁ ନେଇ ଚୁକ୍ତି ସମ୍ପନ୍ନ କରିଥିଲେ। ଚାଳିଶ ମାଢ଼ ସୁନା ନେବେ। ଉତ୍ତରପଟ ନିଶା ମନ୍ଦିର ନିର୍ମାଣ ପାଇଁ ଚାଳିଶ ମାଢ଼ ସୁନା ନେଇ ଚୁକ୍ତି କରିଥିଲେ ରାମ ମହାପାତ୍ର। ପଶ୍ଚିମପଟ ନିଶା ମନ୍ଦିର ଦାୟିତ୍ୱ ନେଇଥିଲେ ଗୋବିନ୍ଦ ମହାପାତ୍ର। ନିଶା ମନ୍ଦିରର ଦୁଆରଗୁଡ଼ିକ ଯାଉଁଳି କବାଟ ଥିଲା। କବାଟ ବନ୍ଦ କରିଦେଲେ ଦେଖାଯିବ ପଦ୍ମଫୁଲଟିଏ। କବାଟ ଶିଳ୍ପୀ ଅଲଗା ଥିଲେ ନିଶା ମନ୍ଦିର ଶିଳ୍ପୀଙ୍କଠାରୁ। ପଥର ସନ୍ଧି ଜାବ ଦିଆଯାଇଥିଲା କରାଳ ଓ ପଥରଗୁଣ୍ଡକୁ ନେଇ।

ଏହାପରେ ଓଡ଼ିଆ ଶିଳ୍ପୀ ବିଶ୍ୱର ବିସ୍ମୟ କଳାକୃତି ଆରମ୍ଭ କରିଥିଲେ। ସେ କଳାକୃତି ମୁଖ୍ୟ ମନ୍ଦିରର ଛାତରେ 'ମୁଣ୍ଡିପଥର' ଖଞ୍ଜିବା। ମାପ ଦେଲେ ଶିବେଇ ସାମନ୍ତରାୟ। କୁଣ୍ଡାପଥରରେ ନିର୍ମାଣ ହୋଇଥିଲା 'ମୁଣ୍ଡିପଥର'। କୁଣ୍ଡାପଥରଗୁଡ଼ିକୁ ପଲିସି କରାଗଲା। ସବୁ ପଥର ପାଞ୍ଚହାତ ଲମ୍ବର। ମୁଣ୍ଡିପଥର ଛତା ଆକୃତିରେ ଲାଗିବ। ଉଚ୍ଚତା ରହିବ ଦୁଇହାତ। ଚାରିପଟ ବୁଲି ଖଞ୍ଜା ହେବ। ଖଞ୍ଜା ହେବା ପରେ ଦେଖାଯିବ ଠିକ୍ ଏକ ପଦ୍ମଫୁଲ ପରି। କମ୍ କଥା ନୁହେଁ... ଓଡ଼ିଆ ଶିଳ୍ପୀ ଏଥିରେ ସଫଳ ହୋଇଥିଲା।

ଦେଖିବାଲୋକ ଦଣ୍ଡେ ଅଟକି ଯାଉଥିଲା ଏଇ କଳାକୃତି ପାଖରେ। ଦଶହରା ଦିନ ମୁଣ୍ଡିପଥର ପୂଜା ହୋଇଥିଲା। ପୂଜା ପରେ ସମସ୍ତ ପଥରକୁ ମୁଖ୍ୟ ମନ୍ଦିର ପରିକ୍ରମା କରାଯାଇଥିଲା। ପୂଜାର ଆଚାର୍ଯ୍ୟ ହୋଇଥିଲେ ନରସିଂହ ରାଜଗୁରୁ। କର୍ତ୍ତା ହେଲେ ସୂତ୍ରଧର। ବେଦପୁର ମହାଜନ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ସମସ୍ତେ ନୂତନ ବସ୍ତ୍ର ଧାରଣ କରିଥିଲେ। ପୂଜା ପଥର ଫାଁସିକାଠ ଦ୍ୱାରା ଉପରକୁ ନିଆଗଲା ଆଶ୍ୱିନ ମାସ ତ୍ରୟୋଦଶୀ ଦିନ। କାମ ପ୍ରତି ଥିଲା ନିଷ୍ଠା। ପୂଜା ହେଲା ଆତ୍ମବିଶ୍ୱାସ ବଢ଼ାଇବା ପାଇଁ। ସଫଳ ହେଲେ ଶିବେଇ ସାମନ୍ତରା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନର ଏଜିଏମ୍




ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର, ୨୯।୯ (ବିଜୟ ରଣା)**

ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ (ଓଏଏ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) କଟକସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନର ସଭାପତି ଡକ୍ଟର ଜି.ଏସ୍. ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତିଗଣ ଦୁଲାଲ ଚନ୍ଦ୍ର ପ୍ରଧାନ, ନଳିନୀ କୁମାର ଦାସ, ଡକ୍ଟର ଫନାର୍ଦନ ଦାଶ, ତାପସ କୁମାର ରାୟ ଚୌଧୁରୀ, ରଘୁନନ୍ଦନ ପାଢ଼ୀ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, ସହକାରୀ ସମ୍ପାଦକ ବିଭୂତି ଭୂଷଣ ପଣ୍ଡା ଓ ରବିଶଙ୍କର ପ୍ରତିହାରୀଙ୍କ ସମେତ ସମସ୍ତ ଜିଲା ଆଥ୍‌ଲେଟିକ୍ ଆସୋସିଏଶନଗୁଡ଼ିକର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ୪୭ କୋଟି ଟଙ୍କାର ବଜେଟ ଅନୁମୋଦନ ଲାଭ କରିଥିଲା। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗ କ୍ରମେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଏବଂ ନ୍ୟାଶନାଲ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଯଥାକ୍ରମେ ଅକ୍ଟୋବର ୭ରୁ ୯ ଏବଂ ଅକ୍ଟୋବର ୨୫ରୁ ୨୯ ପର୍ଯ୍ୟ ହେବ ବୋଲି ଆଶୀର୍ବାଦ ବେହେରା ବୈଠକରେ ସୂଚନା ଦେଇଥିଲେ। ଏହି ଅବସରରେ କିଟ୍ ଦ୍ୱାରା ଡକ୍ଟୋରେଟ୍ ଉପାଧି ଲାଭ କରିଥିବା ଆଶୀର୍ବାଦ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସାଧାରଣ ସମ୍ପାଦକ ଅଭିଜିତ ପାଲ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଅମିତ ରୋହିଦାସଙ୍କୁ ଏକ ମେମେଣ୍ଟୋ ପ୍ରଦାନ କରିଥିଲେ।

# ୮୬ ଡେକ୍‌ରେ ମିଳିବ ବିଶ୍ୱସ୍ତରୀୟ ସୁବିଧା

**ବେଙ୍ଗାଲୁରୁ, ୨୯।୯ (ପି.ଟି.)**

ବେଙ୍ଗାଲୁରୁ ସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ ପରିସରରେ ବିଶ୍ୱସ୍ତରୀୟ ସୁବିଧାର ଆରମ୍ଭ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)। ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବରେ ଏହାକୁ ନାମିତ କରାଯାଇଥିବା ବେଳେ

### ଏନ୍‌ସିଏରେ ୩ ନୂତନ ଗ୍ରାଉଣ୍ଡ ଉଦ୍‌ଘାଟିତ

ଏଥିରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଅନ୍ତର୍ଜାତୀୟ ସ୍ତରର ୩ଟି ନୂତନ ଗ୍ରାଉଣ୍ଡ ରହିଥିବା ବେଳେ ଏହା ମଧ୍ୟରେ ମୋଟ ୮୬ ଡେକ୍ ରହିଛି। ବିଶ୍ୱର ଯେ କୌଣସି ସ୍ଥାନରେ ଥିବା ପିଚ୍‌ରେ ଖେଳିବାର ଅଭିଜ୍ଞତା ଏଠାରେ ଭାରତୀୟ ଖେଳାଳିଙ୍କୁ ମିଳି ପାରିବ ବୋଲି ସମ୍ପାଦକ ଜୟ ଶାହା କହିଛନ୍ତି। ଏହା ଦ୍ୱାରା ଦେଶର କୌଣସି ପିଚ୍ ହେଉ କି ବିଦେଶର କୌଣସି ପିଚ୍ ଖେଳାଳି ମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ।

ଗ୍ରାଉଣ୍ଡ ଏରେ ୮୫ ୟାର୍ଡ ବାଉଣ୍ଡ୍ରି ରହିଥିବା ବେଳେ ମୁମ୍ବାଇ ଲାଲ ମାଟିରେ ଏହାର ୧୩ଟି ପିଚି ତିଆରି ହୋଇଛି। ରେଡ୍ ସଏଲ୍ ପିଚ୍ ସାଧାରଣତଃ ପେସ୍ ଓ ବାଉନ୍ସ ପ୍ରଦାନ କରିଥାଏ। ବର୍ଡର-ଗାଭାସ୍କର ସିରିଜ୍ ପୂର୍ବରୁ ଭାରତୀୟ ଦଳ ପାଇଁ ଏଠାରେ ଅଭ୍ୟାସ କରିବାର ଭଲ ସୁଯୋଗ ରହିଛି। ଏହା ସହ ଏହି ଗ୍ରାଉଣ୍ଡରେ ହେରିଙ୍ଗବୋନ୍ ଡ୍ରେନେଜ ସିଷ୍ଟମ ରହିଥିବା ବେଳେ ଏହା ବର୍ଷ ପରେ ଗ୍ରାଉଣ୍ଡକୁ ଶୀଘ୍ର ଶୁଖିବାରେ ସାହାଯ୍ୟ କରିଥାଏ।






ସେଣ୍ଟର ଅଫ୍ ଏକ୍ସଲେନ୍ସିରେ ଭିଭିଏସ୍ ଲକ୍ଷ୍ମଣ। ଜୟ ଶାହା ଓ ରୋଜର ବିନ୍ନିଙ୍କ ସହ ଉପସ୍ଥିତି ଅନ୍ୟ ଅତିଥି ଉଦ୍‌ଘାଟନ ଅବସରରେ।

ଗ୍ରାଉଣ୍ଡ ବି ଓ ସିରେ ୧୧ଟି ଲେଖାଏ ପିଚ୍ ରହିଥିବା ବେଳେ ଏହାର ବାଉଣ୍ଡ୍ରି ଲମ୍ବ ୭୫ ୟାର୍ଡ ରହିଛି। ଗ୍ରାଉଣ୍ଡ ବିରେ ମଣ୍ଡ୍ୟାରୁ ଆସିଥିବା ମାଟିରେ ପ୍ରସ୍ତୁତ କରାଯାଇଥିବା ବେଳେ ଓଡ଼ିଶାର କଳାହାଣ୍ଡିରୁ ଯାଇଥିବା ବ୍ଲାକ୍ କଟନ୍ ସଏଲରେ ପ୍ରସ୍ତୁତ ହୋଇଛି ଗ୍ରାଉଣ୍ଡ ସିର ପିଚ୍। ଏନ୍‌ସିଏରୁ ପରବର୍ତ୍ତୀ ପିଢିର କ୍ରିକେଟର ମାନେ ବାହାରିବା ପୂର୍ବରୁ ସେମାନଙ୍କୁ ସମସ୍ତ ପ୍ରକାର କଣ୍ଡିସନ ସହ ଅଭ୍ୟସ୍ତ କରାଇବା ଏହି ସେଣ୍ଟର ଅଫ୍ ଏକ୍ସଲେନ୍ସର ଲକ୍ଷ୍ୟ ବୋଲି କହିଛନ୍ତି ଶାହା। ୪୦ ଏକର ଅଞ୍ଚଳରେ ପରିବ୍ୟାପ୍ତ ଏହା ମଧ୍ୟରେ ୪୫ଟି ଆଉଟଡୋର୍ ନେଟ୍ ପିଚ୍ ମଧ୍ୟ ରହିଛି। ସେହିପରି ଫିଲ୍ଡିଂ ଅଭ୍ୟାସ ଓ ରନିଙ୍ଗ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯାଇଛି। ଏନ୍‌ସିଏ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ, ସଭାପତି ରୋଜର ବିନ୍ନି ଓ କୋଷାଧ୍ୟକ୍ଷ ରାଜୀବ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିଷ୍ଟା, ସତ୍ୟମ୍ ଚାମ୍ପିୟନ

**ଭୁବନେଶ୍ୱର, ୨୯।୯ (ବିଜୟ ରଣା)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ରୟାଲ ପବ୍ଲିକ ସ୍କୁଲ, କେଶୁରାର ମିଳିତ ଆନୁକୂଲ୍ୟରେ ୪ ରାଉଣ୍ଡ ବିଶିଷ୍ଟ ୧୦ ବର୍ଷରୁ କମ୍ ଓ ୧୨ ବର୍ଷରୁ କମ୍ ଓପନ ଚେସ୍ ଟୁର୍ନାମେଣ୍ଟ ରବିବାର ରୟାଲ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୨ବର୍ଷରୁ କମ୍ ବିଭାଗରେ ସତ୍ୟମ୍ ସ୍ୱରୂପ ସାହୁ ଓ ୧୦ବର୍ଷରୁ କମ୍ ବିଭାଗରେ ବିଜେଇଏମ୍ ସ୍କୁଲର କ୍ରିଷ୍ଟା ସାମଲ ଚାମ୍ପିୟନ ହୋଇଥିଲେ। ଏହାଛଡ଼ା ବିଭିନ୍ନ ବୟସବର୍ଗର ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ରୟାଲ ପବ୍ଲିକ ସ୍କୁଲର ପ୍ରିନ୍‌ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଡୁମୁଡୁମା ଶାଖା ଆକ୍ସିସ ବ୍ୟାଙ୍କ୍ ମ୍ୟାନେଜର ଶ୍ୱେତା ମିଶ୍ର, ରୟାଲ ପବ୍ଲିକ ସ୍କୁଲର ଭାଇସ୍ ପ୍ରିନ୍‌ସିପାଲ ପ୍ରଜ୍ଞା ପରିମିତା ସାହୁ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ।

# ଶ୍ରୀଲଙ୍କାର ଐତିହାସିକ ସିରିଜ୍ ବିଜୟ




ଟ୍ରଫି ସହ ଚାମ୍ପିୟନ ଶ୍ରୀଲଙ୍କା ଦଳର ଖେଳାଳି।

**ଗାଲେ, ୨୯।୯ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ଇନିଂସ ଓ ୧୫୪ ରନ୍‌ରେ ପରାସ୍ତ କରି ୨ ମ୍ୟାଚ୍ ବିଶିଷ୍ଟ ଘରୋଇ ସିରିଜ୍‌କୁ କ୍ଲିନ୍ ସୁଇପ୍ କରିଛି ଶ୍ରୀଲଙ୍କା। ପ୍ରଥମ ଇନିଂସରେ ୮୮ ରନ୍‌ରେ ସମସ୍ତ ଉଇକେଟ ହରାଇ ଫଲୋଅନ୍ ଡାକରା ପାଇଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୩୬୦ ରନ୍‌ରେ ଅଲଆଉଟ ହୋଇଥିଲା। ସିରିଜ୍‌ରେ ୧୮ ଉଇକେଟ ନେଇଥିବା ପ୍ରବାଥ ଜୟସୁରିୟା ପ୍ଲେୟର ଅଫ୍ ଦ ସିରିଜ୍ ଓ କାମିନ୍ଦୁ ମେଣ୍ଡିସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ୧୫ ବର୍ଷ ପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ଟେଷ୍ଟ ଜିତିଥିବା ବେଳେ ପ୍ରଥମ ଥର ସିରିଜ୍ ଜିତିବାରେ ସଫଳ ହୋଇଛି ଶ୍ରୀଲଙ୍କା।

କାମିନ୍ଦୁ ମେଣ୍ଡିସଙ୍କ ୧୮୨, ଦୀନେଶ ଚାନ୍ଦିମାଲଙ୍କ ୧୧୬ ଓ କୁଶାଲ ମେଣ୍ଡିସଙ୍କ ୧୦୬ ରନ୍ ବଳରେ ଶ୍ରୀଲଙ୍କା ପ୍ରଥମ

### ୧୫ ବର୍ଷ ପରେ ହାରିଲା ନ୍ୟୁଜିଲାଣ୍ଡ

ଇନିଂସରେ ୫ ଉଇକେଟରେ ୬୦୨ ରନ୍ କରି ଇନିଂସ ଘୋଷଣା କରିଥିଲା। ଜବାବରେ ପ୍ରବାଥ ଜୟସୁରିୟାଙ୍କ ବୋଲିଂ ସଫଳତା ବଳରେ ନ୍ୟୁଜିଲାଣ୍ଡ ମାତ୍ର ୮୮ ରନରେ ଅଲଆଉଟ ହୋଇଯାଇଥିଲା। ଶ୍ରୀଲଙ୍କା ଫଲୋଅନ୍ ଡାକରା ଦେଇଥିବା ବେଳେ ନ୍ୟୁଜିଲାଣ୍ଡ ୩୬୦ ରନ୍ କରିଥିଲା। ଦ୍ୱିତୀୟ ଇନିଂସରେ ନ୍ୟୁଜିଲାଣ୍ଡର ବ୍ୟାଟର ମାନେ ସାମାନ୍ୟ ଶୃଙ୍ଖଳିତ ବ୍ୟାଟିଂ କରିଥିଲେ ମଧ୍ୟ ଏହା ମ୍ୟାଚ୍ ବଞ୍ଚାଇବା ପାଇଁ ଯଥେଷ୍ଟ ନ ଥିଲା। ଉଇକେଟ କିପର ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୭୮ ରନ କରିଥିଲେ। ୯୯ ବଲ୍ ଖେଳିଥିବା ଫିଲିପ୍ସ ୬ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ୍ ସାଣ୍ଟନର ୬୭, ଡେଭନ୍ କନୱେ ୬୧ ଓ ଟମ୍ ବ୍ଲଣ୍ଡେଲ ୬୦ ରନ୍ ସ୍କୋର କରିଥିଲେ। ୧୧୫ ବଲ ଖେଳି ୬ ଚୌକା ଓ ୩ ଛକା ମାରିଥିବା ସାଣ୍ଟନର ଶେଷ ବ୍ୟାଟର ଭାବରେ ଆଉଟ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ପଦାର୍ପଣକାରୀ ସ୍ପିନର ନିଶାନ ପେରିସ୍ ଏକାକୀ ୬ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବାଥ ଜୟସୁରିୟା ୩ ଓ ଧନଞ୍ଜୟ ଡି ସିଲ୍‌ଭା ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ: ୬୦୨/୫(ଘୋଷଣା)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୮୮/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ୩୬୦/୧୦(ଗ୍ଲେନ୍ ଫିଲିପ୍ସ-୭୮, ମିଚେଲ୍ ସାଣ୍ଟନର-୬୭, ଡେଭନ୍ କନୱେ-୬୧, ଟମ୍ ବ୍ଲଣ୍ଡେଲ-୬୦, ନିଶାନ ପେରିସ୍-୬/୧୭୦, ପ୍ରବାଥ୍ ଜୟସୁରିୟା-୩/୧୩୯, ଧନଞ୍ଜୟ ଡି ସିଲ୍‌ଭା-୧/୨୮)।

# ୧୪ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୩୯ ପଦକ




ଉଦ୍‌ଯାପନୀ ଉତ୍ସବରେ ପଦକ ସହ ଓଡ଼ିଶା ଦଳର ସଫଳ ସନ୍ତରଣକାରୀ।

**ସମ୍ବଲପୁର, ୨୯।୯ (ବି.ଶଙ୍କର)**

ସାଇ ଏବଂ ଓଡ଼ିଶା ରାଜ୍ୟ ସନ୍ତରଣ ଆସୋସିଏଶନ ପକ୍ଷରୁ ଆୟୋଜିତ ଖେଲୋ ଇଣ୍ଡିଆର ଜୁନିୟର ମହିଳା ସନ୍ତରଣ ଜୋନ-୪ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ସହରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସମାରୋହ ହୋଇଥିଲା। ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସାଇ ହକି କୋଚ ରାକେଶ କୁମାର ସୁଖଦେବ ସମ୍ମାନିତ ଅତିଥି ଥିଲେ। ଓଡ଼ିଶାର ସନ୍ତରଣକାରୀ ଦିବ୍ୟାଙ୍କା ଦିବ୍ୟାଜୋତି ପ୍ରଧାନ ୪ଟି ସ୍ୱର୍ଣ୍ଣ

### ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ପ୍ରତିଯୋଗିତା

ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେ ପ୍ରଥମ ଦିନରେ ୩ ଏବଂ ଦ୍ୱିତୀୟ ଦିନରେ ଅନ୍ୟ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଦୁଇଦିନିଆ ଟୁର୍ନାମେଣ୍ଟରେ ଓଡ଼ିଶାର ସନ୍ତରଣକାରୀ ମୋଟ ୩୯ ପଦକ ହାସଲ କରିଛନ୍ତି। ଏଥିରେ ୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ ଏବଂ ୧୦ ବ୍ରୋଞ୍ଜ ପଦକ ରହିଛି। ରାଜ୍ୟ ସନ୍ତରଣ ସଂଘ ସାଧାରଣ ସମ୍ପାଦକ ଗୋଲାପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ, ଯୁଗ୍ମ ସଚିବ ଲକ୍ଷ୍ମୀଚନ୍ଦ୍ର ମହାକୁର ଏବଂ ରାଜୀବ ଲୋଚନ ଦାଶ ପ୍ରତିଯୋଗିତା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ ଏହି ଟୁର୍ନାମେଣ୍ଟର ବୈଷୟିକ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ରାଜେନ୍ଦ୍ର ମିଶ୍ର, ଆଶୁତୋଷ ନାୟକ, ମନୋଜ ବନଛୋର, ରାଙ୍କାନିଧି ସେଠ, କିଶୋର ଲୁହା, ଭୋଲାନାଥ ବିଶୋଇଙ୍କ ସମେତ ଅନ୍ୟ ବୈଷୟିକ ଅଧିକାରୀମାନେ ଚାମ୍ପିୟନଶିପକୁ କାର୍ଯ୍ୟକାରୀ କରିଥିଲେ।


# Classified Everyday 0674-2580101, 2549949



REAL ESTATE
SALE

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତାଥାଇ ଘରବାରି ପ୍ଲଟ୍ କିଣନ୍ତୁ- 6371200121. D-75994

Prime location Sthitiban Land for Sale Plot- 1 Location- Chandanpur Bypass Road, Area- 0.25 Decimal, Frontage to Road (N.H 316)- 120 ft., Plot- 2 Location- Chandanpur main market, Area- 0.30 Decimal, Frontage to Road (S.H)- 200 ft. Contact Number- 9337399239. D-1501

ନଖରା Grandbazar Oppositeରେ, Biswalapadaରେ, Sum Hospital ଘଙ୍ଗାପାଟଣାରେ 30' ରାସ୍ତା ଥାଇ plot କିଣନ୍ତୁ। 6372851880. D-71078

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486

Contact for complete house construction (simplex/ Duplex/ Triplex), interior design (modular Kitchen/TV Unit/wardrobe/ Ceiling) and home furniture (King Bed/Sofa/Dining Table/Center Table) by the experts only. Mplanets- 7008550473. D- 1468

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990. D-1506

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-1505




Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790

Full body massage experience, good looking therapist @ 999 (Bhubaneswar). 9078484455. D-1347

Newly open Jyoti SPA positively health benefits (Expert therapist). 8458067955. D-76157

AFFIDAVIT

By virtue of an affidavit before Notary Public, dtd. Aug. 09.2024, Prakash Chandra Parida has been changed her son name Umakanth Parida to Prince Parida, At- Loco Colony, Jatni, Khordha, Odisha for all purposes. D-1504

I, Summana Kumari Panda, D/o Late Muralidhar Panda resident of Plot No. 5D-902/5, Sector 9, CDA, Cuttack, PIN-753014, Odisha declare by this affidavit No.- 2090 on dated 27.09.2024 that now onwards I shall be known as Sumana Kumari Panda for all future purposes. D-1502

By virtue of an affidavit before Executive Magistrate,I Smt. Sony Agrawal, R/o Dherapada, P.O./ P.S.- Sonepur, Dist.- Subarnapur, Odisha, 767017 declare that I have changed my name from Naiya Agrawal to Sony Agrawal after got married to Gobind Ram Agrawal. Henceforth, I shall be known as Sony Agrawal for all purposes. D-1503

By an affidavit I Kirttimayee Kamila, W/o- Umakanta Kamila, At- PKDA Colony, Post.- Station Road, Dist.- Puri, PIN-752002. Hereby declare that my name has been wrongly recorded as Kritimayee Kamila in my son Debakanta Kamila's Birth Certificate Regd. No.-559/2009. Both Kritimayee Kamila and Kirttimayee Kamila is one person. Henceforth, I shall be known as Kirttimayee Kamila for all purposes. D-75610

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# କୃତ୍ରିମ ବୁଦ୍ଧିମତ୍ତା



ଡ. ଦେବାଶିଷ ମହାନ୍ତି

"ଅତି ସରଳ ଭାଷାରେ କହିଲେ କୃତ୍ରିମ ବୁଦ୍ଧିମତ୍ତା ବା artificial Inteligence (AI) କୌଣସି କମ୍ପ୍ୟୁଟର ପରି ଯନ୍ତ୍ରର ସାମର୍ଥ୍ୟ ବୃଦ୍ଧି କରି ମନୁଷ୍ୟ ମସ୍ତିଷ୍କ ପରି କିଛି ଜଟିଳ କାର୍ଯ୍ୟ କରିବା ପାଇଁ ସକ୍ଷମ କରିବା। ମାନବ ବୁଦ୍ଧିକୁ ଆମେ ପ୍ରାକୃତିକ ବୁଦ୍ଧିମତ୍ତା କହୁଥିବା ବେଳେ ମାନବ ଦ୍ୱାରା ଯନ୍ତ୍ରକୁ ପ୍ରଦତ୍ତ ବୁଦ୍ଧିମତ୍ତାକୁ କୃତ୍ରିମ ବୁଦ୍ଧିମତ୍ତା ବୋଲି କୁହାଯାଇଥାଏ। ଏହି ବୁଦ୍ଧିମତ୍ତା ଯୋଗୁ କୌଣସି ଯନ୍ତ୍ର ମଣିଷ ପରି କୌଣସି ଭାଷା ବୁଝିପାରେ, ଚିତ୍ରକୁ ଚିହ୍ନିପାରେ, କୌଣସି ସମସ୍ୟାର ସମାଧାନ କରିପାରେ ଓ ମନୁଷ୍ୟ ପରି ନିର୍ଣ୍ଣୟ ମଧ୍ୟ ନେଇପାରେ। ଏହା କମ୍ପ୍ୟୁଟରକୁ ଅନୁଭୂତିରୁ ଭାବିବା ଓ ଶିଖିବା ପରି ସାମର୍ଥ୍ୟ ପ୍ରଦାନ କରିବା ଅଟେ।"



ବୈଦ୍ୟୁତିକ ଗଣମାଧ୍ୟମ ଓ ଟିଭି, ଓଡ଼ିଶାରେ ପ୍ରଥମ ଥର ପାଇଁ ଲିଶା ନାମକ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ ଯନ୍ତ୍ର ମାନବକୁ ଖବର ପାଠିକା ଭାବରେ ଉପସ୍ଥାପିତ କଲା। ଏକ ଘରୋଇ ଚ୍ୟାନେଲରେ ଏହି ଖବର ଶୁଣୁ ଶୁଣୁ ମୋର ପିତା ଯେ କି ଜଣେ ବିଜ୍ଞାନ ଶିକ୍ଷକ ଥିଲେ କୌତୂହଳୀ ନଜରରେ ମୋ ଆଡକୁ ଅନାଇଲେ ଓ ପଚାରିଲେ ଆରେ ବୁବୁ, ଏ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ କ'ଣ? ସେଠାରେ ଉପସ୍ଥିତ ଥିବା ମୋ ପୁଅ ଓମ୍ ତାଙ୍କ କଥାରେ ତାଳ ଦେଇ କହିଲା, ହଁ ବାପା ଫେସ୍‌ବୁକ୍, ହ୍ୱାଟ୍ସଆପ ସବୁଆଡ଼େ ଖାଲି ଏହି କୃତ୍ରିମ ବୁଦ୍ଧିମତ୍ତାର ଚର୍ଚ୍ଚା। ମୋତେ ବି ଟିକେ ବୁଝେଇ ଦିଅ ଏହି କୃତ୍ରିମ ବୁଦ୍ଧିମତ୍ତା କ'ଣ? ସେମାନଙ୍କ ଉତ୍ସୁକତା ଦେଖି ମୁଁ ଏହି କୃତ୍ରିମ ବୁଦ୍ଧିମତ୍ତା ବିଷୟରେ ବର୍ଣ୍ଣନା କରିବାକୁ ଆରମ୍ଭ କଲି। ଅତି ସରଳ ଭାଷାରେ କହିଲେ, କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) କୌଣସି କମ୍ପ୍ୟୁଟର ପରି ଯନ୍ତ୍ରର ସାମର୍ଥ୍ୟ ବୃଦ୍ଧିକରି ମନୁଷ୍ୟ ମସ୍ତିଷ୍କ ପରି କିଛି ଜଟିଳ କାର୍ଯ୍ୟ କରିବା ପାଇଁ ସକ୍ଷମ କରିବା। ମାନବ ବୁଦ୍ଧିକୁ ଆମେ ପ୍ରାକୃତିକ ବୁଦ୍ଧିମତ୍ତା କହୁଥିବା ବେଳେ ମାନବ ଦ୍ୱାରା ଯନ୍ତ୍ରକୁ ପ୍ରଦତ୍ତ ବୁଦ୍ଧିମତ୍ତାକୁ କୃତ୍ରିମ ବୁଦ୍ଧିମତ୍ତା ବୋଲି କୁହାଯାଇଥାଏ। ଏହି ବୁଦ୍ଧିମତ୍ତା ଯୋଗୁ କୌଣସି ଯନ୍ତ୍ର ମଣିଷ ପରି କୌଣସି ଭାଷା ବୁଝିପାରେ, ଚିତ୍ରକୁ ଚିହ୍ନିପାରେ, କୌଣସି ସମସ୍ୟାର ସମାଧାନ କରିପାରେ ଓ ମନୁଷ୍ୟ ପରି ନିର୍ଣ୍ଣୟ ମଧ୍ୟ ନେଇପାରେ। ଏହା କମ୍ପ୍ୟୁଟରକୁ ଅନୁଭୂତିରୁ ଭାବିବା ଓ ଶିଖିବା ପରି ସାମର୍ଥ୍ୟ ପ୍ରଦାନ କରିବା ଅଟେ।

ଆଦିମ କାଳରୁ ପ୍ରକୃତି ଦ୍ୱାରା ପ୍ରଦତ୍ତ ବୁଦ୍ଧିମତ୍ତାକୁ ପ୍ରୟୋଗ କରି ମାନବ ନିଜ କାମକୁ ସହଜ କରିବା ପାଇଁ ବିଭିନ୍ନ ପ୍ରକାରର ଯନ୍ତ୍ର ସଂରଚନା କରି ଆସୁଅଛି। ପୁରାତନ ପ୍ରସ୍ତର ଯୁଗରୁ ଶିକାର ପାଇଁ ପ୍ରସ୍ତୁତ ପଥର ନିର୍ମିତ ହତିଆରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ଆସି କୃତ୍ରିମ ବୁଦ୍ଧିମତ୍ତାରେ ପହଞ୍ଚିଛି। ପ୍ରଥମେ ଶାରୀରିକ ଶ୍ରମକୁ ଲାଘବ କରିବା ପାଇଁ ମାନବ ବିଭିନ୍ନ ଯନ୍ତ୍ର ଉଦ୍ଭାବନ କରିଥିବା ବେଳେ ଗତ ଶତାବ୍ଦୀରେ ନିଜର ବୌଦ୍ଧିକ କର୍ମକୁ ସୁଗମ କରିବା ପାଇଁ ଯନ୍ତ୍ରମାନଙ୍କର ଉଦ୍ଭାବନ ଓ ବିକାଶ କରିବାରେ ଲାଗିପଡ଼ିଛି। ଏହି କ୍ରମରେ ଗତ ଶତାବ୍ଦୀରେ ଗଣନ ଯନ୍ତ୍ର ବା କାଲକୁଲେଟର ଓ କମ୍ପ୍ୟୁଟର ଉଦ୍ଭାବନ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ଆଜିକାଲି ସମାଜର ଅତି ସାଧାରଣ ଲୋକ ମଧ୍ୟ ଏହି କମ୍ପ୍ୟୁଟରର ଉପଯୋଗ ସ୍ମାର୍ଟ ଫୋନ, ସ୍ମାର୍ଟ ଟିଭି କିମ୍ବା ଲାପଟପ ମାଧ୍ୟମରେ କରିପାରୁଛନ୍ତି। ଏହି କ୍ରମରେ ଏହି ଶତାବ୍ଦୀରେ ଆଉ ଗୋଟାଏ ପାଦ ଆଗକୁ ଯାଇ ମଣିଷ କୃତ୍ରିମ ବୁଦ୍ଧିମତ୍ତାକୁ ବିକଶିତ କରି ବହୁ ଜଟିଳ କାର୍ଯ୍ୟକୁ ସହଜରେ ସମ୍ପନ୍ନ କରିବାକୁ ଚେଷ୍ଟିତ।

କୃତ୍ରିମ ବୁଦ୍ଧିମତ୍ତାର ଧାରଣା ଆଧୁନିକ ମନେ ହେଉଥିଲେ ମଧ୍ୟ ଆମେ ଯଦି ଭାରତୀୟ ପୁରାଣ ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ଅନୁସନ୍ଧାନ କରିବା ତେବେ ସ୍ୱୟଂଚାଳିତ ଯାନ ଯଥା ରାବଣର ପୁଷ୍ପକ ବିମାନ, ମନ୍ତ୍ର ଦ୍ୱାରା ନିୟନ୍ତ୍ରିତ ଅସ୍ତ୍ରଶସ୍ତ୍ର ଯଥା ମହାଭାରତ ଯୁଦ୍ଧରେ କର୍ଣ୍ଣ ଓ ଅର୍ଜୁନଙ୍କ ଦ୍ୱାରା ବ୍ୟବହୃତ ଦିବ୍ୟାସ୍ତ୍ର ତଥା ମୁଖକୁ ଚିହ୍ନି ପାରୁଥିବା ଯନ୍ତ୍ର ଯଥା ଦ୍ୱାରିକା ନଗରୀର ଫାଟକ ଯାହା କେବଳ ଦ୍ୱାରିକା ନାଗରିକଙ୍କ ମୁଖକୁ ଚିହ୍ନି ଭିତରକୁ ପ୍ରବେଶର ଅନୁମତି ପ୍ରଦାନ କରୁଥିବା ପରି ଚିତ୍ତାକର୍ଷକ ପ୍ରସଙ୍ଗ ମାନ ପାଇବା। ଯଦିଓ ଏହି ପ୍ରାଚୀନ କାହାଣୀଗୁଡ଼ିକ ଆମେ ଜାଣିଥିବା ବର୍ତ୍ତମାନର କୃତ୍ରିମ ବୁଦ୍ଧିମତ୍ତାକୁ ଠିକ୍ ଭାବରେ ପ୍ରତିଫଳିତ କରୁ ନ ଥିଲେ ମଧ୍ୟ ବୁଦ୍ଧିମାନ ଯନ୍ତ୍ର ଓ ଅତ୍ୟାଧୁନିକ ଉପକରଣ ପ୍ରସ୍ତୁତି ପାଇଁ ମାନବ କଳ୍ପନାର ଦୀର୍ଘଦିନର ଆକର୍ଷଣକୁ ସୂଚିତ କରେ। ଏହି ଆକର୍ଷଣ ଅତୀତର ସେହି କଳ୍ପନାକୁ ଆଜି କିଛି ପରିମାଣରେ ବାସ୍ତବତାରେ ପରିଣତ କରିଛି। ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତାର ବିବର୍ତ୍ତନକୁ ଚାରୋଟି ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମ ପିଢ଼ିର କୃତ୍ରିମ ବୁଦ୍ଧିମତ୍ତାକୁ ରିଆକ୍ଟିଭ ମେଶିନ ବୋଲି କୁହାଯାଏ। ଏହା ଏକ ସୀମିତ କୃତ୍ରିମ ବୁଦ୍ଧିମତ୍ତା, ଯାହାକି କେବଳ ତାକୁ ନିର୍ଦ୍ଦେଶ ଦିଆଯାଇଥିବା ଗୋଟାଏ କର୍ମକୁ ସୁଚାରୁ ରୂପେ ସମ୍ପନ୍ନ କରେ। ଆଇ ବି ଏମ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଡିପ୍ ବ୍ଲୁ ସୁପର କମ୍ପ୍ୟୁଟର, ଯାହା କି ୧୯୯୭ ମସିହାରେ ତତ୍କାଳୀନ ବିଶ୍ୱ ଚେସ୍ ବିଜେତା ଗ୍ୟାରି କାସ୍ପ୍ରୋଭଙ୍କୁ ହରାଇଥିଲା ଏହି ଶ୍ରେଣୀଭୁକ୍ତ। ଲିମିଟେଡ ମେମୋରି ଦ୍ୱିତୀୟ ପିଢ଼ିର କୃତ୍ରିମ ବୁଦ୍ଧିମତ୍ତା, ଯାହାକି ବର୍ତ୍ତମାନ ବହୁଳ ବ୍ୟବହୃତ ତଥା ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା। ଚାଟ ଜି ପି ଟି ତଥା ବର୍ତ୍ତମାନ ବ୍ୟବହୃତ ଅଧିକାଂଶ କୃତ୍ରିମ ବୁଦ୍ଧିମତ୍ତା ଏହି ଶ୍ରେଣୀଭୁକ୍ତ କୃତ୍ରିମ ବୁଦ୍ଧିମତ୍ତା। ଏହା ସମୟକ୍ରମେ ନିଜ ସ୍ମରଣ ଶକ୍ତିକୁ ନୂତନ ତଥ୍ୟ ସଂଗ୍ରହ କରି ବୃଦ୍ଧି କରିପାରେ। କୃତ୍ରିମ ବୁଦ୍ଧିମତ୍ତାର ଏହି ଶ୍ରେଣୀ ପାଇଁ ମେଶିନ ଲର୍ନିଂ ହେଉଛି ମୂଳଦୁଆ। ଏହି ପ୍ରକାର କୃତ୍ରିମ ବୁଦ୍ଧିମତ୍ତା ଷ୍ଟକ୍ ମାର୍କେଟର ପୁରୁଣା ତଥ୍ୟକୁ ବିଶ୍ଳେଷଣ କରି ଷ୍ଟକ୍ ମାର୍କେଟର ଧାରାର ପୂର୍ବାନୁମାନ କରିପାରେ। ମେଶିନ ଲର୍ନିଂର ଅନ୍ୟ ଏକ ପ୍ରକାର ହେଲା ଡିପ୍ ଲର୍ନିଂ। ଏହା ନିରପେକ୍ଷ ନେଟୱର୍କର ତିନି ବା ତଦ୍ଧିକ ସ୍ତରକୁ ବ୍ୟବହାର କରି ଜଟିଳ ତଥ୍ୟକୁ ବିଶ୍ଳେଷଣ କରିପାରେ। ତେଣୁ ମନୁଷ୍ୟର କଥିତ ନିର୍ଦ୍ଦେଶକୁ ମାନି କାର୍ଯ୍ୟ କରିପାରେ। ଆପଲ କମ୍ପାନୀର ସିରି, ଆମାଜନର ଆଲେକ୍ସା ଓ ଗୁଗଲ ଆସିଷ୍ଟାଣ୍ଟ ପରି ସ୍ୱରକୁ ଚିହ୍ନି ପାରୁଥିବା ସଫ୍ଟୱେର ଏହି ଶ୍ରେଣୀଭୁକ୍ତ। ନିରପେକ୍ଷ ନେଟୱର୍କଗୁଡ଼ିକ ହେଉଛି ଏହି ଶ୍ରେଣୀଭୁକ୍ତ କୃତ୍ରିମ ବୁଦ୍ଧିମତ୍ତାର ଅନ୍ୟ ଏକ ପ୍ରକାର, ଯାହା ମାନବ ମସ୍ତିଷ୍କର ପରସ୍ପର ସହିତ ସଂଯୁକ୍ତ ନ୍ୟୁରନ ଦ୍ୱାରା ଅନୁପ୍ରାଣିତ। ଏମାନେ ଉପରୋକ୍ତ କୃତ୍ରିମ ବୁଦ୍ଧିମତ୍ତାମାନଙ୍କଠାରୁ ଅଧିକ ମଣିଷ ମସ୍ତିଷ୍କ ପରି ତଥ୍ୟକୁ ବିଶ୍ଳେଷଣ କରିପାରନ୍ତି। ସାମାଜିକ ଗଣମାଧ୍ୟମ ଫେସବୁକ୍‌ରେ ଫଟୋରୁ ଜଣେ ବ୍ୟକ୍ତିଙ୍କୁ ଚିହ୍ନି ତାଙ୍କ ବନ୍ଧୁମାନଙ୍କ ସହିତ ଯୋଡ଼ି ପାରୁଥିବା ପ୍ରତିଛବି ଚିହ୍ନିବା ସଫ୍ଟୱେର ଏହି ଶ୍ରେଣୀଭୁକ୍ତ।

ତୃତୀୟ ପିଢ଼ିର କୃତ୍ରିମ ବୁଦ୍ଧିମତ୍ତା ହେଉଛି ଥିଓରି ଅଫ ମାଇଣ୍ଡ ବା କୃତ୍ରିମ ସାଧାରଣ ବୁଦ୍ଧିମତ୍ତା। ଏହି ପ୍ରକାରର କୃତ୍ରିମ ବୁଦ୍ଧିମତ୍ତା ଏପର୍ଯ୍ୟନ୍ତ ତିଆରି ହୋଇନାହିଁ କିନ୍ତୁ ଏହାର ପ୍ରସ୍ତୁତି ପାଇଁ ଜୋରଦାର ଗବେଷଣା ଚାଲିଛି। କଳ୍ପନା କରନ୍ତୁ ଏମିତି ଏକ ରୋବଟ, ଯାହା କି ସମାନ ଦକ୍ଷତା ସହିତ କବିତା ଲେଖି ପାରୁଥିବ, ଚେସ୍ ଖେଳୁଥିବ, ଗଣିତର ଜଟିଳ ପ୍ରଶ୍ନ ସମାଧାନ କରିପାରୁଥିବ ଓ ରୋଷେଇ କରିପାରୁଥିବ ଇତ୍ୟାଦି ଇତ୍ୟାଦି। ରୋବଟ ସିନେମାରେ ବୈଜ୍ଞାନିକ ବସିକରନ ଦ୍ୱାରା ପ୍ରସ୍ତୁତ ରୋବଟ ଚିଟିକୁ ଏହି ଶ୍ରେଣୀଭୁକ୍ତ କରିପାରିବା। ଚତୁର୍ଥ ପିଢ଼ିର କୃତ୍ରିମ ବୁଦ୍ଧିମତ୍ତା ହେଲା କୃତ୍ରିମ ଅସାଧାରଣ ବୁଦ୍ଧିମତ୍ତା ବା ଆତ୍ମସଚେତନ ବା ସେଲ୍ଫ ଆୱାର୍ ରୋବଟ। ଏହା ଏବେ କେବଳ ଆମ କଳ୍ପନାରେ ଅଛି। ଏହା ନିଜର ଅସ୍ତିତ୍ୱ ବିଷୟରେ ଅବଗତ ତଥା ଏହାର ମନୁଷ୍ୟ ପରି ବୌଦ୍ଧିକ ଓ ଆବେଗୀୟ ଗୁଣରେ ପରିପୂର୍ଣ୍ଣ। ଏହା ପ୍ରତ୍ୟେକ କ୍ଷେତ୍ରରେ ମାନବଠାରୁ ଅଧିକ ପ୍ରତିଭାଶାଳୀ ଓ ଶକ୍ତିଶାଳୀ ହୋଇପାରେ। ରୋବଟ ସିନେମାର ଦ୍ୱିତୀୟାର୍ଦ୍ଧରେ ପ୍ରଦର୍ଶିତ ଚିଟି-୨.୦ କୁ ଏହି ଶ୍ରେଣୀର ବୋଲି କଳ୍ପନା କରିପାରିବା। (କ୍ରମଶଃ...)

-ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଢେଙ୍କାନାଳ
ମୋ :୯୮୬୧୩୯୧୧୯୦

## ସ୍ମରଣଶକ୍ତି ବୃଦ୍ଧି କରେ ମହୁ



ମହୁରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ସକାଳେ ଖାଲି ପେଟରେ ଉଷୁମ ପାଣି ସହ ଲେମ୍ବୁ ରସ ଏବଂ ମହୁ ମିଶାଇ ପିଇଲେ ତାହା ଓଜନ କମାଇବାରେ ଅନେକାଂଶରେ ସହାୟକ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ସାଧାରଣତଃ ଥଣ୍ଡା, କାଶ ପାଇଁ ଏହା ବେଶ୍ ଉପକାରୀ। ବିଶେଷଭାବରେ ଏହା ରକ୍ତରେ ଶର୍କରା ଅଂଶକୁ ସନ୍ତୁଳିତ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ। ରକ୍ତହୀନତା ସମସ୍ୟା ସହ ଜଡ଼ିତ ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ରକ୍ତ ସଞ୍ଚାଳନକୁ ସକ୍ରିୟ କରିବାରେ ସାହାଯ୍ୟ କରିଥାଏ। ରକ୍ତଚାପ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

## ଭିଟାମିନ୍-ଡି'ର ଅଭାବ ହେଲେ...



ଆମ ଶରୀର ପାଇଁ ଭିଟାମିନ୍‌ର କେତେ ଆବଶ୍ୟକତା ରହିଛି ତାହା କହିବା ବାହୁଲ୍ୟ ମାତ୍ର। ବିଭିନ୍ନ ପ୍ରକାର ଖାଦ୍ୟରେ ଏଗୁଡ଼ିକ ଭରି ରହିଛି। ବିଶେଷଭାବରେ ଆମେ ନିୟମିତ ଖାଉଥିବା ଭାତ, ରୁଟି, ଡାଲି, ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ତଟକା ଫଳମୂଳ ହେଉଛି ଭିଟାମିନ୍‌ର ପ୍ରମୁଖ ଉତ୍ସ। ଶରୀର ପାଇଁ ଭିଟାମିନ୍ 'ଡି'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଏହାର ଅଭାବ ହୃତ୍‌ପିଣ୍ଡର କାର୍ଯ୍ୟଧାରାକୁ ପ୍ରଭାବିତ କରିବା ଆଶଙ୍କା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି ଯେ, ଭିଟାମିନ୍ 'ଡି'ର ଅଭାବ ସ୍ନାୟୁ ଉପରେ ମଧ୍ୟ ପଡ଼ିଥାଏ। ସ୍ନାୟୁ ଦୁର୍ବଳ ହେଲେ ତାହାର ପ୍ରଭାବ ହୃତ୍‌ପିଣ୍ଡର କାର୍ଯ୍ୟଧାରା ଉପରେ ପଡ଼ିଥାଏ। କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦିରେ ଭିଟାମିନ୍ 'ଡି' ପ୍ରଚୁର ପରିମାଣରେ ରହିଛି।

## ଜାଣି ରଖନ୍ତୁ...



● ବେଳେବେଳେ ଆମେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ବିଷୟରେ ଅବଗତ ଥିଲେ ବି ସେନେଇ ଠିକ୍ ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରି ନ ଥାଉ। ଏଭଳି ଭୁଲ୍ କଦାପି କରନ୍ତୁ ନାହିଁ। କୌଣସି ରୋଗର ପ୍ରାରମ୍ଭିକ ଲକ୍ଷଣ ଜାଣିବା ମାତ୍ରେ ସବୁବେଳେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ହିଁ ଚିକିତ୍ସିତ ହୁଅନ୍ତୁ।

● ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ତାହାକୁ ବର୍ଜନ କରନ୍ତୁ। କାରଣ ଏହା ଅଯଥାରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ଏ ନେଇ ନିଶା ନିବାରଣ ବିଶେଷଜ୍ଞଙ୍କ ସହ ପରାମର୍ଶ କରିପାରନ୍ତି।

● ଚଟପଟି ଏବଂ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏହାଦ୍ୱାରା ପେଟଜନିତ ରୋଗ ହେବାର ଆଶଙ୍କା ରହିଛି।

● ଯଦି ଆପଣ ଡାଇବେଟିସ୍ କିମ୍ବା ବ୍ଲଡ୍‌ପ୍ରେସର ସମସ୍ୟା ସହ ଜଡ଼ିତ ତେବେ ମନକୁ ମନ ଦୀର୍ଘ ସମୟ ଧରି ଔଷଧ ଆଦୌ ବନ୍ଦ କରନ୍ତୁ ନାହିଁ। କାରଣ ଏଗୁଡିକ କେବଳ ଔଷଧ ଦ୍ୱାରା ହିଁ ନିୟନ୍ତ୍ରଣରେ ରହିଥାଏ। ତା'ସହ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ।

● ନିଜର ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ଆପଣ ନିଜକୁ ଟେନ୍‌ସନ୍ ଏପରିକି ଅବସାଦଠାରୁ ଅନେକାଂଶରେ ଦୂରେଇ ରଖିପାରିବେ।

## ରକ୍ତଦାନ କରୁଥିଲେ...



ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା- ଏକଥା ସମସ୍ତେ ହୃଦୟଙ୍ଗମ କରିବା ଦରକାର। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ପଟରୁ ଏଭଳି ମହତ କାମ ପାଇଁ ହାତ ବଢ଼ାଇ ଥାଆନ୍ତି। ସେମାନଙ୍କ ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ମନରେ ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝି ନିଅନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

## ଡିପ୍ରେସନ୍ ଦୂର କରେ ସନ୍ତୁଳିତ ଖାଦ୍ୟ



ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ସନ୍ତୁଳିତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନର ଧାଁଧପଡ ଜୀବନରେ ଅନେକେ ଡିପ୍ରେସନ୍‌ର ଶିକାର ହେଉଛନ୍ତି। ଯଦି ଆପଣ ଏଭଳି ସମସ୍ୟା ସହ ଜଡ଼ିତ ତେବେ ଏଥିରୁ ମୁକୁଳିବାର ସହଜ ତଥା ସରଳ ଉପାୟ ଆପଣଙ୍କ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି? ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସନ୍ତୁଳିତ ଖାଦ୍ୟ ସାମିଲ କରନ୍ତୁ। ଏଭଳି ଖାଦ୍ୟ ଖାଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହିଥାଏ ଏବଂ ସେ ନିଜକୁ ଡିପ୍ରେସନରୁ କେତେକାଂଶରେ ଦୂରେଇ ନେବାରେ ସକ୍ଷମ ହୋଇଥାଆନ୍ତି। ଉପରୋକ୍ତ ତଥ୍ୟ ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି। ଏହି ସମୟରେ ସେମାନେ ଡିପ୍ରେସନ ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ଦେଇଥିଲେ। ପରିଶେଷରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ନିଜକୁ ଡିପ୍ରେସନଠାରୁ କେତେକାଂଶରେ ମୁକ୍ତ କରିବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟ ସୂଚନା

➤ଖାଇବା ସମୟରେ ଅଧିକ ସମୟ ଗପିବା କେତେକ ବ୍ୟକ୍ତିଙ୍କ ଅଭ୍ୟାସ। ତେବେ ଯେତେବେଳେ ଖାଉଛନ୍ତି ସେତେବେଳେ ଶାନ୍ତ ମନରେ ଖାଦ୍ୟ ଖାଇଲେ ଭଲ।

➤ଘରେ ଯଦି କିଛି ଅତ୍ୟାବଶ୍ୟକ ମେଡିସିନ୍ ରଖୁଛନ୍ତି ତେବେ ତାହାର ନାମ ଏବଂ ଏକ୍ସପାଏରି ତାରିଖ ଡାଏରିରେ ଟିପି ରଖନ୍ତୁ।

➤ମର୍ନିଂ ୱାକ୍ କରିବା ବେଳେ ଆବଶ୍ୟକତାଠାରୁ ଅଧିକ ସ୍ପିଡ୍‌ରେ ଚାଲନ୍ତୁ ନାହିଁ। ଏହି ସମୟରେ କିପରି ଚାଲିବେ ସେ ନେଇ ବ୍ୟାୟାମ ଏକ୍ସପର୍ଟ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



➤ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ଶରୀର ପାଇଁ ବେଶ୍ ଉପକାରୀ।

➤ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ଏବଂ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ। ଯଦି ଦୃଷ୍ଟିଶକ୍ତିଜନିତ କିଛି ସମସ୍ୟା ଅନୁଭବ କରୁଛନ୍ତି ତେବେ ସେ ବିଷୟରେ ଡାକ୍ତରଙ୍କୁ ଜଣାନ୍ତୁ।

➤କୌଣସି ସ୍ଥାନରେ ବସିବା ବେଳେ ସିଧା ବସନ୍ତୁ। ଏହି ସମୟରେ ଆପଣଙ୍କ ଅଣ୍ଟା ୯୦ ଡିଗ୍ରୀ ରହିବା ଭଲ। କାରଣ ଅଧିକ ସମୟ ଠିକ୍ ଭାବରେ ନ ବସିଲେ ତାହାର ପ୍ରଭାବ ଅଣ୍ଟା ଏବଂ ମେରୁଦଣ୍ଡ ଉପରେ ପଡ଼ିଥାଏ।

➤ପ୍ରତିଦିନ ରାତିରେ ଶୋଇବାକୁ ଯିବା ପୂର୍ବରୁ ଭଲ ଭାବରେ ଗୋଡ଼ହାତ ଏବଂ ମୁହଁ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

## ସୁସ୍ଥ ରହିବାର ସରଳ ଉପାୟ

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହାଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏସବୁଠାରୁ ନିଜକୁ ଦୂରେଇ ରଖିବା ପାଇଁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।



# ଧୋଇଗଲା ତୃତୀୟ ଦିନ ଖେଳ

କାନପୁର,୨୯।୯(ପି.ଟି.)

କାନପୁରରେ ଅନୁଷ୍ଠିତ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚର ଆଉ ଗୋଟିଏ ଦିନ ବର୍ଷାରେ ଧୋଇ ଯାଇଛି। ପ୍ରଥମ ଦିନରେ ବାଂଲାଦେଶ ୩ ଉଇକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିବା ବେଳେ ଲଗାତର ଦୁଇ ଦିନଧରି ଖେଳ ସମ୍ଭବ ହୋଇ ନାହିଁ। ବର୍ଷା

**ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ**

ବାଧାପ୍ରାପ୍ତ ପ୍ରଥମ ଦିନରେ ମାତ୍ର ୩୫ ଓଭରର ଖେଳ ସମ୍ଭବ ହୋଇଥିଲା। ମେଘୁଆ ପାଗ ରହିବା ନେଇ ପୂର୍ବାନୁମାନ ରହିଥିବା ବେଳେ ଭାରତ ୩ ଜଣ ପେସ୍ ବୋଲରଙ୍କ ସହ ଓହ୍ଲାଇଥିଲା। ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତିବା ସହ ବୋଲିଂ ନିଷ୍ପତ୍ତି ନେଇଥିଲେ।



କାନପୁର ଗ୍ରୀନ୍‌ପାର୍କର ଗ୍ରାଉଣ୍ଡକୁ ବର୍ଷା କାରଣରୁ ଘୋଡ଼ାଇ ରଖାଯାଇଛି।

ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ବାଂଲାଦେଶ ୩ ଉଇକେଟ ହରାଇ ୧୦୭ ରନ୍ କରିଥିଲା। ଲଗାତର ବର୍ଷା କାରଣରୁ ଦ୍ୱିତୀୟ ଓ ତୃତୀୟ ଦିନର ଖେଳ ସମ୍ଭବ ହୋଇ ନ ଥିଲା। ୮ଟି ଯାକ ସେଶନରେ ଗୋଟିଏ ବଲ୍ ପଡି ପାରି ନ ଥିବା ବେଳେ ଦୁଇ ଦିନର ଖେଳ ଧୋଇ ଯାଇଛି। ଆଉ ୨ ଦିନର ଖେଳ ବାକି ଥିବା ବେଳେ ଏହି ମ୍ୟାଚର ଫଳାଫଳ ଆସିବା ସମ୍ଭାବନା କ୍ଷୀଣ ରହିଛି। ମୋମିନୁଲ ହକ୍ ୪୦ ଓ ଭେଟେରାନ୍ ମୁଶଫିକୁର ରହିମ ୬ ରନ୍ କରି ଷ୍ଟମ୍ପ ଅପସାରଣ ଯାଏ ବ୍ୟାଟିଂ କରୁଛନ୍ତି। ଭାରତ ପକ୍ଷରୁ ଆକାଶ ଦୀପ୍ ୨ ଓ ଅଶ୍ୱିନ ୧ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୩୫ ଓଭରରେ ୧୦୭/୩ (ମୋମିନୁଲ ୪୦, ନଜମୁଲ-୩୧, ଶଦମାନ-୨୪, ଆକାଶ ଦୀପ୍-୨/୩୪, ରବିଚନ୍ଦ୍ରନ ଅଶ୍ୱିନ-୧/୨୨)।

# ସୂର୍ଯ୍ୟସ୍-କ୍ୟାପିଟାଲ୍ସ ମ୍ୟାଚ୍ ବାତିଲ

ଭୁବନେଶ୍ୱର,୨୯।୯
(ସରୋଜ ଜେନା)

ପ୍ରବଳ ବର୍ଷା ଓ ଓଦା ଆଉଟଫିଲ୍ଡ କାରଣରୁ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶାର ଲଗାତର ଦ୍ୱିତୀୟ ମ୍ୟାଚ୍ ବାତିଲ ହୋଇଛି। ଶୁକ୍ରବାର ମଣିପାଲ ଟାଇଗର୍ସ ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଥିଲା। ସମାନ ଭାବରେ

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍**

ରବିବାର ଖେଳାଯିବାକୁ ଥିବା ଇଣ୍ଡିଆ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ମଧ୍ୟ ଧୋଇ ଯାଇଛି। ଦୁଇ ଦିନ ଧରି ଲଗାଣ ବର୍ଷା କାରଣରୁ ଆଉଟ ଫିଲ୍ଡ ଶୁଖି ନ ଥିବା ବେଳେ ଗ୍ରାଉଣ୍ଡ ଷ୍ଟାଫଙ୍କ ଅକ୍ଲାନ୍ତ ପରିଶ୍ରମ ବିଫଳ ହୋଇଥିଲା। ମ୍ୟାଚ୍ ବାତିଲ ହେବା ଫଳରେ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି। ୩ ମ୍ୟାଚ୍‌ରୁ ୪ ପଏଣ୍ଟ ସହ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୩ ପଏଣ୍ଟ ହାସଲ କରିଛି କ୍ୟାପିଟାଲ୍ସ। କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ମଣିପାଲ ଟାଇଗର୍ସକୁ ୨ ରନ୍‌ରେ ପରାସ୍ତ କରିଥିଲା। ଟେବୁଲ ଟପ୍ପର ଥିବା ସଦର୍ନ ସୁପରଷ୍ଟାର୍ସ ବିପକ୍ଷରେ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ଅକ୍ଟୋବର ୨ ତାରିଖରେ ଏହାର ପରବର୍ତ୍ତୀ ମ୍ୟାଚ ଖେଳିବ।






# ଭାରତୀୟ ଶୁଟର ଜିତିଲେ ୨ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀ, ୨୯।୯ (ପି.ଟି.)

ପେରୁଠାରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ (ରାଇଫଲ/ ପିସ୍ତଲ/ ଶଟ୍‌ଗନ୍)ରେ ଭାରତୀୟ ଶୁଟରମାନେ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ

**ଜୁନିୟର ଶୁଟିଂ ବିଶ୍ୱ ଚାମ୍ପିୟନଶିପ୍**

ହାସଲ କରିପାରିଛି। ମାତ୍ର ବ୍ୟକ୍ତିଗତ କାଟେଗୋରି ଫାଇନାଲରେ ବିଳମ୍ବରେ ପହଞ୍ଚିଥିବାରୁ ୨ପଏଣ୍ଟ କାଟ ଖାଇବାରୁ ପଦକରୁ ବଞ୍ଚିତ ହେବାକୁ ପଡ଼ିଛି। ଜୁନିୟର ପୁରୁଷ ତ୍ରୟ ଉମେଷ ଚୌଧାରୀ, ପ୍ରଦ୍ୟୁମ୍ନ ସିଂ ଓ ମୁକେଶ ନେଲାଭାଲି ୧୦ ମିଟର ଏୟାର ପିସ୍ତଲରେ ୧୭୨୬ ପଏଣ୍ଟ ସହ ଟିମ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।



ସ୍ୱର୍ଣ୍ଣ ବିଜୟୀ ଭାରତୀୟ ପୁରୁଷ ଦଳ।

ଦ୍ୱିତୀୟ ସ୍ଥାନରେ ରହିଥିବା ରୋମାନିଆଠାରୁ ସେମାନେ ୧୦ ପଏଣ୍ଟ ଆଗରେ ରହିଥିଲେ। ଇଟାଲୀ ୧୭୦୭ ପଏଣ୍ଟ ସହ ବ୍ରୋଞ୍ଜ ପଦକ ଲାଭ କରିଥିଲା। ଫାଇନାଲରେ ବିଳମ୍ବରେ ରିପୋର୍ଟିଂ ପାଇଁ ୨ ପଏଣ୍ଟ ପେନାଲ୍ଟି ଯୋଗୁ ଚୌଧାରୀ ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ବ୍ୟକ୍ତିଗତ ବିଭାଗ କ୍ୱାଲିଫିକେଶନ ରାଉଣ୍ଡରେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଚୌଧାରୀ (୫୮୦ ଶଟ୍) ଓ ସିଂ (୫୭୮) ଫାଇନାଲରେ ଯଥାକ୍ରମେ ୭ମ ଓ ୮ମ ସ୍ଥାନ ପଦକ ଲାଭରୁ ବଞ୍ଚିତ ହୋଇଥିଲେ। ରୋମାନିଆର ଲୁକା ଜୋଲ୍‌ଡିଆ ସ୍ୱର୍ଣ୍ଣ ଜିତିଥିବା ବେଳେ ଚାଇନିଜ ତାଇପେର ହିଏ ହିଆଙ୍ଗ-ଚେନ୍ ରୌପ୍ୟ ପାଇଥିଲେ।

## ସୁଭାଷ ସଭାପତି, ପ୍ରସନ୍ନ ଜେନେରାଲ ସେକ୍ରେଟାରି

**ଭୁବନେଶ୍ୱର,୨୯।୯(ସରୋଜ ଜେନା):** ଇଷ୍ଟର୍ନ ଇଣ୍ଡିଆ ବଡି ବିଲ୍ଡିଂ ଆସୋସିଏଶନ ସାଧାରଣ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା, ଆସାମ, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ମଣିପୁର, ମେଘାଳୟ, ମିଜୋରାମର ପ୍ରତିନିଧି ଭାଗ ନେଇଥିଲେ। ମେଘାଳୟର ସୁଭାଷ ଚନ୍ଦ୍ର ପଲ୍ ସଭାପତି, ଓଡ଼ିଶାର ପ୍ରସନ୍ନ ମହାସୂପକାର ଜେନେରାଲ ସେକ୍ରେଟାରୀ ଭାବରେ ନିର୍ବାଚିତ ହୋଇଥିଲେ। ବିକାଶ ଚନ୍ଦ୍ର ପଟ୍ଟନାୟକ, ବାବୁଲି ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ କୋଷାଧ୍ୟକ୍ଷ, ସୁମିତ୍ରା ତ୍ରିପାଠୀ ଉପଦେଷ୍ଟା ଓ ତରୁଣ କୁମାର ଚାଟାର୍ଜୀ କାର୍ଯ୍ୟକାରୀ କମିଟି ସଦସ୍ୟ ନିର୍ବାଚିତ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ବୋରା ଓ ସୋଭନ ମୁଖାର୍ଜୀ ଉପ ସଭାପତି, ଜୟ ପ୍ରକାଶ ମହାନ୍ତି ସହ ସମ୍ପାଦକ, ଲାଲ ବାହାଦୂର ପାଶ୍ୱାନ ଓ ବିଜୟ କୁମାର ସାଂଗଠନିକ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି।

# ଧୂମଲ, ଅଭିଷେକ ପଦ ବଜାୟ ରଖିଲେ

ବେଙ୍ଗାଲୁରୁ, ୨୯।୯

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୯୩ ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ବେଙ୍ଗାଲୁରୁରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ପାଦକ ଜୟ ଶାହା ତାଙ୍କର ଉତ୍ତରାଧିକାରୀ ବାଛିବା ଲାଗି ପ୍ରକ୍ରିୟା ଆରମ୍ଭ କରିଦେବାକୁ ଅନୁରୋଧ

**ବିସିସିଆଇ ବାର୍ଷିକ ସାଧାରଣ ବୈଠକ**

କରିଥିଲେ। ନଭେମ୍ବର ଶେଷ ସପ୍ତାହରେ ଶାହା ତାଙ୍କ ପଦବୀରୁ ଓହରି ଯିବେ। ଡିସେମ୍ବର ୧ରେ ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚେୟାରମ୍ୟାନ ଭାବେ ନୂଆ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କ କାର୍ଯ୍ୟକାଳ ୩ ବର୍ଷ ରହିବ। ନୂଆ ସମ୍ପାଦକ ବାଛିବା ଏଜିଏମ୍ ଏଜେଣ୍ଡାରେ ସ୍ଥାନ ପାଇ ନ ଥିଲା। ତେବେ ପରବର୍ତ୍ତୀ ଉତ୍ତରାଧିକାରୀ କିଏ ହେବ ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଥିବା ପ୍ରକାଶ। ଚୟନ ପ୍ରକ୍ରିୟାରେ ଯଦି କେହି ଡାର୍କହର୍ସ ଉଭା ନ ହୁଅନ୍ତି ତେବେ ଯେଉଁ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଆଲୋଚନା ହେଉଛି ସେମାନଙ୍କ ମଧ୍ୟରେ ରହିଛନ୍ତି ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ ସଭାପତି ରୋହନ ଜେଟ୍‌ଲୀ, ବିସିସିଆଇ କୋଷାଧ୍ୟକ୍ଷ ଆଶିଷ ଶେଲାର, ଯୁଗ୍ମ ସମ୍ପାଦକ ଦେବଜିତ ସାଇକିଆ ଓ ଗୁଜରାଟ କ୍ରିକେଟ ଆସୋସିଏଶନ ସମ୍ପାଦକ ଅନୀଲ ପଟେଲ। ଏଜିଏମ୍‌ରେ ମୁଖ୍ୟତଃ ଆଇସିସି ବୈଠକ ପାଇଁ ଭାରତର ଦୁଇ ପ୍ରତିନିଧି ମନୋନୟନ କରିବା। ବର୍ତ୍ତମାନ ଶାହା ଆଇସିସି ବୋର୍ଡରେ ପ୍ରତିନିଧି ଅଛନ୍ତି। ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲକୁ ପୁନଃ ନିର୍ବାଚିତ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ପୂର୍ବତନ କ୍ରିକେଟର ଭି. ଚାମୁଣ୍ଡେଶ୍ୱରନାଥ ଇଣ୍ଡିଆନ କ୍ରିକେଟର୍ସ ଆସୋସିଏଶନ (ଆଇସିଏ) ଦ୍ୱାରା ଆଇପିଏଲ୍ ପରିଚାଳନା ପରିଷଦ ପାଇଁ ମନୋନୀତ ହୋଇଛନ୍ତି।



ସଞ୍ଜୟ ବେହେରା, ଅରୁଣ ସିଂ ଧୂମଲ ଓ ଅଭିଷେକ ଡାଲମିୟା।

## ଜୋନାଲ ଫର୍ମାଟରେ ଦୁଲୀପ ଟ୍ରଫି

ବୈଠକରେ ନିଆଯାଇଥିବା ଏକ ନିଷ୍ପତ୍ତି ଅନୁସାରେ ଦୁଲୀପ ଟ୍ରଫି ଆସନ୍ତାବର୍ଷ ପାରମ୍ପରିକ ଜୋନାଲ ଫର୍ମାଟ ସହ ଫେରିବ। ରାଜ୍ୟ ୟୁନିଟଗୁଡ଼ିକ ଏନେଇ ସହମତି ପ୍ରକାଶ କରିଛନ୍ତି। ଚଳିତ ସିଜନର ଦୁଲୀପ ଟ୍ରଫି ୪ଟି ଦଳ ଭାରତ 'ଏ', ଭାରତ 'ବି', ଭାରତ 'ସି' ଓ ଭାରତ 'ଡି'କୁ ନେଇ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଭାରତ 'ସି' କୁ ପରାସ୍ତ କରି ଭାରତ 'ଏ' ଚାମ୍ପିୟନ ହୋଇଥିଲା। ସାଧାରଣତଃ ୬ଟି ଦଳ ଯଥା କେନ୍ଦ୍ରାଞ୍ଚଳ, ପୂର୍ବାଞ୍ଚଳ, ଉତ୍ତରାଞ୍ଚଳ, ଦକ୍ଷିଣାଞ୍ଚଳ ଏବଂ ଉତ୍ତରପୂର୍ବାଞ୍ଚଳ ଦଳକୁ ନେଇ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥାଏ।

# ବିଜୟ ସହ କ୍ୱାର୍ଟରରେ ବରଗଡ଼

ବରଗଡ଼,୨୯।୯
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଓ ବରଗଡ଼ ଜିଲା କ୍ରୀଡା ସଂସଦର ମିଳିତ ଆୟୋଜନରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାରେ ରବିବାର ୨ଟି ମ୍ୟାଚ୍ ହୋଇଥିଲା। କେନ୍ଦୁଝର ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ହୋଇଥିବା ବେଳେ ମାଲକାନଗିରି ବିପକ୍ଷ ମ୍ୟାଚ୍ ବିଜୟୀ ହୋଇ ବରଗଡ଼ କ୍ୱାର୍ଟର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛି ।

କେନ୍ଦୁଝର ଓ ସମ୍ବଲପୁର ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ଟି ଅତି ସଂଘର୍ଷପୂର୍ଣ୍ଣ

**ଆନ୍ତଃ ଜିଲା ସାହାଣୀ କପ୍ ଫୁଟ୍‌ବଲ**

ହୋଇଥିଲା। ଉଭୟ ଦଳ ଶେଷ ପର୍ଯ୍ୟନ୍ତ ଚେଷ୍ଟା କରି ମଧ୍ୟ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ମ୍ୟାଚ୍‌ଟି ବିନା ଗୋଲରେ ଡ୍ର ଭାବେ ସମାପ୍ତ ହୋଇଥିଲା। ଖେଳକୁ ଜଗନ୍ନାଥ ମାଝୀ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ରୋଶନ ଖାଁ, ଶୁଭମ ପାତ୍ର ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ରାଜେନ୍ଦ୍ର ଭୁଏ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପ୍ରାକ୍ତନ ଫୁଟବଲ ଖେଳାଳି କୁମର ମାହାନା, ତେଜରାଜ ସରାଫ ଓ ହାରାଧନ ଭୋଇ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ଦଳର ଖେଳାଳି ସୁମନ ଓରାମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ।

ବରଗଡ ଓ ମାଲକାନଗିରି ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ବରଗଡ ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। ବରଗଡ ପକ୍ଷରୁ ଜିତୁ ମୁଦୁଲି, ପ୍ରଭାତ ଡନଶନା ଓ ବିବେକ ବାଗ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ମ୍ୟାଚ୍‌କୁ ସହଦେବ ମୁଟିନେ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଚକ୍ରଧର ଛତର ଓ ଜିତେନ୍ଦ୍ରୀୟ ଥନାପତି ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ନିତ୍ୟାନନ୍ଦ ମେହେର। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା କ୍ରୀଡା ସଂସଦର କାଉନସିଲ ସଦସ୍ୟ ଦିଲୀପ ସାଓଡ଼ିଆ, ପ୍ରାକ୍ତନ ଫୁଟବଲ ଖେଳାଳି କ୍ଷିତିପତି ପ୍ରଧାନ ଅତିଥି ଭାବେ ଯୋଗଦେଇ ବରଗଡ ଦଳର ଜନସନ ବାନ୍ଦ୍ରାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

## କ୍ୱାର୍ଟର ଫାଇନାଲରେ ମୟୂରଭଞ୍ଜ

ବାରିପଦା,୨୯।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ପଡିଆରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ ଓ ଓଡିଶା ଫୁଟବଲ ଆସୋସିଏଶନର ସହଯୋଗିତାରେ ଅନୁଷ୍ଠିତ ସାହାଣୀ କପ - ୨୦୨୪ର ୫ମ ଦିନ ଖେଳାଯାଇଛି। ପ୍ରଥମ ମ୍ୟାଚରେ ଅନୁଗୋଳ ୭-୦ ଗୋଲରେ ଭଦ୍ରକକୁ ପରାସ୍ତ କରିଥିଲା। ଫାଟୁ ଚରଣ ହେମ୍ବ୍ରମ, କୃଷ୍ଣଚନ୍ଦ୍ର ନାଏକ ଏବଂ ତ୍ରିନାଥ ଭାନୁ ନାୟକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନୁଗୋଳ ଦଳର ଅମୀୟ ପ୍ରଧାନ ହ୍ୟାଟ୍ରିକ ସହ ୪ ଗୋଲ ଦେଇ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ଭାବେ ଯୋଗ ଦେଇ ଦେବାଶିଷ ମହାନ୍ତି ଓ ଜୀତେନ୍ଦ୍ର ମହାନ୍ତି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଶ୍ରେଷ୍ଠ ଖେଳାଳିଙ୍କୁ ମହେଶ ଦାସ ସ୍ମୃତି ସମ୍ମାନରେ ୨ ହଜାର ଟଙ୍କା ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ।



ଅନୁଗୋଳ ଓ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଦ୍ୱିତୀୟ ମ୍ୟାଚରେ ମୟୂରଭଞ୍ଜ ୧-୦ ଗୋଲରେ ବୌଦ୍ଧକୁ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି । ହାମ୍ବିରା ହେମ୍ବ୍ରମ ଏକ ମାତ୍ର ଗୋଲ ସ୍କୋର କରିଥିଲେ। ବୌଦ୍ଧ ଦଳର ଗୋଲକିପର ସୁବ୍ରତ ମହାରଣା ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଶିବ ଶଙ୍କର ପଣ୍ଡା, ସେଖାବତ ଖାନ, ସୁଜିତ ରାଜହଂସ, ଲକ୍ଷ୍ମଣ ସେଠ ଖେଳ ପରିଚାଳନା କରିଥିବା ବେଳେ ସୁଭଦ୍ରା ହେମ୍ବ୍ରମ ମ୍ୟାଚ କମିଶନର କାର୍ଯ୍ୟ ତୁଲାଇଥିଲେ। ଅତିଥି ଭାବେ ଯୋଗ ଦେଇ ୧ ନଂ ୱାର୍ଡ କାଉନସିଲର ସୁକେଶିନୀ ସେଠି, କାଶୀନାଥ ରଣା, ପ୍ରଭାତ ନାୟକ ଓ ବିଶିଷ୍ଟ କ୍ରୀଡ଼ାବିତ ଓ କାଉନସିଲ ସଭ୍ୟ ଅମୀୟ କୁମାର ବଳ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ଅସିତ ପତି, ମୟୂରଭଞ୍ଜ କ୍ରୀଡା ସଂସଦର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସଂଘ ସମ୍ପାଦକ ଅମର କୁମାର ସେଠି, କୋଷାଧ୍ୟକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତକୁ ୨ ସ୍ୱର୍ଣ୍ଣ ସମେତ ୭ପଦକ

ନୂଆଦିଲ୍ଲୀ, ୨୯।୯(ପି.ଟି.)

ବ୍ରୁନେଇର ବନ୍ଦର ସେରି ବେଗାୱାନଠାରେ ୯ମ ବିଶ୍ୱ ଜୁନିୟର ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତର ଉଷୁ ଖେଳାଳିମାନେ ୭ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ତନ୍ମଧ୍ୟରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୪ ବ୍ରୋଞ୍ଜ ରହିଛି। ପ୍ରଥମ ଥର

**ଜୁନିୟର ଉଷୁ ବିଶ୍ୱ ଚାମ୍ପିୟନଶିପ୍**

ଭାରତୀୟ ଖେଳାଳି ଆର୍ଯ୍ୟନ ୪୮ ଓଜନ କାଟେଗୋରିରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଥିଲେ। ସେ ଏକ କଡ଼ା ମୁକାବିଲାରେ ଚାଇନିଜ ଖେଳାଳିଙ୍କୁ ହରାଇ ଦେଇଥିଲେ। ଭାରତୀୟ ଖେଳାଳି ସୌର୍ଯ୍ୟା ତାଙ୍କ ଇରାନୀୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଦେଶ ପାଇଁ ଆଉ ଏକ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ। ତାଓଲୁ ଜିଆନ ଶୁ ସି' ଗ୍ରୁପ୍ ଇଭେଣ୍ଟରେ ନାଙ୍ଗ ମିଙ୍ଗବି ବୋର୍ଫୁକାନଙ୍କୁ ଏକ ରୌପ୍ୟ ମିଳିଥିଲା। ଅନ୍ୟପକ୍ଷରେ ତନିଶ ନାଗର (୫୬କେଜି), ଅଭିଜିତ (୬୦କେଜି), ଦିବ୍ୟାଂଶୀ (୬୦କେଜି) ଓ ଯୁବରାଜ (୪୨କେଜି) ପ୍ରତ୍ୟେକେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଚାମ୍ପିୟନଶିପ୍‌ରେ ଏକ ୨୪ ଜଣିଆ ଭାରତୀୟ ଦଳ ଭାଗ ନେଇଥିଲେ।



ସ୍ୱର୍ଣ୍ଣ ପଦକ ବିଜୟିନୀ ସୌର୍ଯ୍ୟା (ମଝି)।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ